# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୮/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, July 8/2019 | ★★★★★★

୪୫ଶ ଭାଗ ୨୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଏଲିଟ୍ କ୍ଲବ୍‌ରେ ଶାହିଦ୍ କପୁର**

ଆମିର, ସଲମାନ୍ ଓ ଶାହରୁଖଙ୍କ ଭଳି ଶାହିଦ୍ କପୁର ଏବେ ଏଲିଟ୍ କ୍ଲବ୍‌ରେ ସ୍ଥାନ ପାଇଛନ୍ତି। ବିଶେଷକରି 'କବିର ସିଂ' ଫିଲ୍ମର ସଫଳତା ତାଙ୍କୁ ଏଭଳି ସ୍ଥିତିକୁ ଆଣିପାରିଛି। **୦୮**

**୧୯** **ରୌପ୍ୟ ଜିତିଲେ ସାଇନା ସାଲୋନିକା**

ଓଡ଼ିଆ ଚେସ୍ ପ୍ରତିଭା ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ୧୭ ବର୍ଷରୁ କମ୍ ଜାତୀୟ ବାଳିକା ଚେସ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଛନ୍ତି।



# ବାଚସ୍ପତିଙ୍କ କୋର୍ଟରେ ବଲ୍

**ବେଙ୍ଗାଲୁରୁ/ନୂଆଦିଲ୍ଲୀ,୭।୭**

କର୍ନାଟକରେ ଶାସକ କଂଗ୍ରେସ ଓ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମେଣ୍ଟର ବିଧାୟକମାନେ ଇସ୍ତଫା ଦେବା ପରେ ତେରମାସିଆ ସରକାର ଉପରେ ଘନକଳାବାଦଲ ଉଠିଛି। ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ରବିବାର ରାତିରେ ଆମେରିକାରୁ ଫେରିବା ପରେ ଏହି ସଙ୍କଟକୁ ଟାଳିବା ପାଇଁ ପ୍ରାଣପଣେ ଉଦ୍ୟମ ଚଳାଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ା ପୁଅ କୁମାରସ୍ୱାମୀଙ୍କୁ ଇସ୍ତଫା ନ ଦେଇ ଶକ୍ତିପରୀକ୍ଷାର ସମ୍ମୁଖୀନ ହେବାକୁ ପରାମର୍ଶ ଦେଇଛନ୍ତି। ବେଙ୍ଗାଲୁରୁସ୍ଥିତ ଏକ ହୋଟେଲରେ ମାରାଥନ୍ ବୈଠକ ଚାଲିଥିବାବେଳେ ସୋମବାର କ୍ୟାବିନେଟ ବୈଠକ ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ କୁମାରସ୍ୱାମୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଅନ୍ୟପକ୍ଷରେ ଭାଜପା ବାଚସ୍ପତିଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଥିବାବେଳେ କଂଗ୍ରେସ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ପରୋକ୍ଷରେ ଦାବି କରିଥିବା କୁହାଯାଉଛି। ଏହି ରାଜନୈତିକ ସଙ୍କଟରୁ କର୍ନାଟକରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି।

କର୍ନାଟକର ରାଜନୈତିକ ଘଟଣାକ୍ରମକୁ ନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ବେଙ୍ଗାଲୁରୁରେ ଡେରା ପକାଇ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର, ମନ୍ତ୍ରୀ ଡି.କେ. ଶିବକୁମାର ଏବଂ କେପିସିସି କାର୍ଯ୍ୟକାରୀ ସଭାପତି ଈଶ୍ୱର ଖଣ୍ଡରେଙ୍କ ସହ ଘନଘନ ବୈଠକ କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ମଙ୍ଗଳବାର ବିଧାୟକ ଦଳ ବୈଠକ ଡାକିଛନ୍ତି। ଇସ୍ତଫା ଦେଇଥିବା କଂଗ୍ରେସ ବିଧାୟକମାନେ ବୈଠକକୁ ନ ଆସିଲେ ଗମ୍ଭୀର ପରିଣାମ ଭୋଗିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଦିନେ ଦୁଇଦିନ ମଧ୍ୟରେ ଆହୁରି କେତେଜଣ ବିଧାୟକ ଇସ୍ତଫା ଦେବାକୁ ଯାଉଥିବାରୁ ଏହି ବୈଠକକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ସେପଟେ ମୁମ୍ବାଇର ଏକ ହୋଟେଲରେ ରହିଥିବା ଅସନ୍ତୁଷ୍ଟ ବିଧାୟକମାନେ ଇସ୍ତଫାପତ୍ର ପ୍ରତ୍ୟାହାର କରିବେ ନାହିଁ କି ବିଧାୟକ ଦଳ ବୈଠକରେ ଯୋଗଦେବେ ନାହିଁ ବୋଲି ରବିବାର ସ୍ପଷ୍ଟ କରିଛନ୍ତି। କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ମେଣ୍ଟ ଭାଙ୍ଗି ସରକାରର ପତନ ଘଟାଇବା ଲାଗି ଭାଜପା ଷଡ଼ଯନ୍ତ୍ର ରଚୁଛି। ମହମ୍ମଦ ବିନ୍ ତୋଗ୍‌ଲକ୍ ପରେ ନରେନ୍ଦ୍ର ମୋଦି ନାମରେ ସମାନ ପ୍ରକୃତିର ଆଉ ଜଣେ ବ୍ୟକ୍ତି ଆସିଛନ୍ତି ବୋଲି ଖାର୍ଗେ ଟୁଇଟ୍ କରିଛନ୍ତି। ସେହିପରି ତାଙ୍କୁ କର୍ନାଟକର ମୁଖ୍ୟମନ୍ତ୍ରୀ କରାଯିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଉଥିବା ଖବରକୁ ସେ ଖଣ୍ଡନ କରିଛନ୍ତି। ପ୍ରକାଶ ଯେ, କଂଗ୍ରେସର ୯ ଏବଂ ଜେଡିଏସ୍‌ର ୩ ବିଧାୟକ ଶନିବାର ବାଚସ୍ପତି କେ.ଆର. ରମେଶ କୁମାରଙ୍କୁ ଇସ୍ତଫା ଦେଇ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ଭେଟିବା ପରେ ମୁମ୍ବାଇ ଯାଇଥିଲେ। ଏହା ପୂର୍ବରୁ କଂଗ୍ରେସର ଆଉ ଜଣେ ବିଧାୟକ ମଧ୍ୟ ଇସ୍ତଫା ଦେଇଥିଲେ। ଫଳରେ ୨୨୪ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୧୧୮ ବିଧାୟକଙ୍କୁ ନେଇ ଚାଲିଥିବା ମେଣ୍ଟ ସରକାର ସଂଖ୍ୟାଲଘୁରେ ପରିଣତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏମାନଙ୍କ ଇସ୍ତଫା ଗୃହୀତ ହେଲେ ମେଣ୍ଟର ବିଧାୟକ ସଂଖ୍ୟା ୧୦୩କୁ ଖସିଯିବ। ଏଭଳି ସମୟରେ ଭାଜପା ବାଚସ୍ପତିଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ସୂଚନା ଦେଇଛନ୍ତି। ଶାସକ ମେଣ୍ଟର ବିଧାୟକଙ୍କ ଇସ୍ତଫା ପଛରେ ଭାଜପାର ହାତ ଥିବା ଅଭିଯୋଗକୁ ସେ ଖଣ୍ଡନ କରି ଦଳର କେନ୍ଦ୍ରୀୟ ନେତୃତ୍ୱ ଏହି ଘଟଣାକ୍ରମ ଉପରେ ତୀକ୍ଷ୍ଣ ନଜର ରଖିଥିବା କହିଛନ୍ତି।



ବି.ଏସ୍. ୟେଦୁରପ୍ପା



ଏଚ୍.ଡି. କୁମାରସ୍ୱାମୀ



ସିଦ୍ଧାରାମାୟା

**କର୍ନାଟକରେ ଛକାପଞ୍ଝା**

- ଭାଜପା ରଚିଛି ସରକାର ପତନର ଷଡ଼ଯନ୍ତ୍ର: କଂଗ୍ରେସ
- ସିଦ୍ଧାରାମାୟା ଓ କୁମାରସ୍ୱାମୀଙ୍କ କ୍ଷମତା ଲଢ଼େଇରୁ ସଙ୍କଟ: ଭାଜପା
- ଘନଘନ ବୈଠକ, ଶାସକ-ବିରୋଧୀ ଶିବିର ଚଳଚଞ୍ଚଳ
- ଖାର୍ଗେଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ କଂଗ୍ରେସର ସଙ୍କେତ

# ୯ରୁ ୩ଦିନ ପ୍ରବଳ ବର୍ଷା

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

- ସମୁଦ୍ର ଅଶାନ୍ତ ରହିବ
- ହୀରାକୁଦରେ ସର୍ବାଧିକ ବର୍ଷା ରେକର୍ଡ

ବିହାରର ପଶ୍ଚିମ ଭାଗ ଏବଂ ଦକ୍ଷିଣ ଛତିଶଗଡ଼ ଉପରେ ଥିବା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି। ଏହାସହ ଉତ୍ତର ପଶ୍ଚିମ ରାଜସ୍ଥାନରୁ ଉତ୍ତର ପୂର୍ବ ବଙ୍ଗୋପସାଗର ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ ସୃଷ୍ଟି ହୋଇଥିବାରୁ ଏହା ପ୍ରଭାବରେ ଓଡିଶାର କିଛି ସହରରେ ବର୍ଷା ଜାରି ରହିଛି। କିନ୍ତୁ ୯ ତାରିଖରୁ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଟ୍ରଫ୍ ଲାଇନ ଯେତେଦିନ ରହିବ ସେତେଦିନ ଓଡ଼ିଶାରେ ବର୍ଷା ହେବ। ଏହା ପ୍ରଭାବରେ ରବିବାର ହୀରାକୁଦରେ ସର୍ବାଧିକ ୧୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁରରେ ୫ ମିମି ଓ ମାଲକାନଗିରିରେ ୩ ମିମି ବର୍ଷା ରେକର୍ଡ ହୋଇଛି। ଏହାଛଡ଼ା ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ସୂଚନା ମିଳିଛି। କିନ୍ତୁ ସୋମବାର ବର୍ଷା କେଉଁଠି କେଉଁଠି ହେବ ସେନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୌଣସି ପୂର୍ବାନୁମାନ କରାଯାଇନାହିଁ। ତେବେ ୯ ତାରିଖ ଦିନ ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, କୋରାପୁଟ, ମାଲକାନଗିରିରେ ପ୍ରବଳ ବର୍ଷା ହେବ। ସେହିପରି ୧୦ ତାରିଖ ଦିନ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଜଗତସିଂହପୁର, ଭଦ୍ରକ, କଟକ, ଢେଙ୍କାନାଳ, ସୁନ୍ଦରଗଡ଼, ସମ୍ବଲପୁର ଏବଂ ୧୧ ତାରିଖରେ କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ସୋନପୁର, ବୌଦ୍ଧ, ଦେବଗଡ଼ ଓ ଅନୁଗୋଳ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।

# ପଦରୁ ଇସ୍ତଫା ଦେଲେ ମିଲିନ୍ଦ, ଜ୍ୟୋତିରାଦିତ୍ୟ

**ନୂଆଦିଲ୍ଲୀ,୭।୭(ପି.ଟି.)**

କଂଗ୍ରେସ ଦଳରେ ନେତୃତ୍ୱ ସଙ୍କଟ ଦେଖାଦେଇଥିବାବେଳେ ରବିବାର ମିଲିନ୍ଦ ଦେଓରା ଏବଂ ଜ୍ୟୋତିରାଦିତ୍ୟ ସିନ୍ଧିଆ ସାଂଗଠନିକ ପଦରୁ ଇସ୍ତଫା ଦେଇଛନ୍ତି। ମୁମ୍ବାଇ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଥିବା ମିଲିନ୍ଦ ଦଳକୁ କେନ୍ଦ୍ରୀୟ ସ୍ତରରେ ମଜଭୁତ କରିବା ଦିଗରେ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ମୁମ୍ବାଇରେ ଦଳର ଦେଖାଶୁଣା ପାଇଁ ୩ ଜଣ ବରିଷ୍ଠ ନେତାଙ୍କୁ ନେଇ ଏକ ଅସ୍ଥାୟୀ କମିଟି କରିବା ଲାଗି ସେ ସୁପାରିସ୍ କରିଛନ୍ତି। ଲୋକ ସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ରାଜନୈତିକ ବାସ୍ତବତା ବଦଳିଯାଇଛି। ଏବେ ସମୟର ଆବଶ୍ୟକତାକୁ ଚାହିଁ ବିଭିନ୍ନ ଭୂମିକା ନେବାକୁ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ମିଲିନ୍ଦ କହିଛନ୍ତି। ଜୁନ୍ ୨୬ରେ ସେ ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ସଭାପତି ପଦ ଛାଡିବା ପାଇଁ ଇଚ୍ଛାପ୍ରକାଶ କରିଥିଲେ।

ମିଲିନ୍ଦ ଇସ୍ତଫା ଦେବାର କିଛି ସମୟ ପରେ ଏଆଇସିସି ସାଧାରଣ ସମ୍ପାଦକ ପଦବୀରୁ ଜ୍ୟୋତିରାଦିତ୍ୟ ସିନ୍ଧିଆ ଇସ୍ତଫା ଦେଇଛନ୍ତି। ଲୋକ ସଭା ନିର୍ବାଚନରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ସେ ନିଜକୁ ଦାୟୀ କରିଛନ୍ତି। ତାଙ୍କ ଉପରେ ଆସ୍ଥା ରଖି ସାଧାରଣ ସମ୍ପାଦକ ଭାବେ ଦଳ ପାଇଁ କାର୍ଯ୍ୟ କରିବାର ସୁଯୋଗ ଦେଇଥିବାରୁ କଂଗ୍ରେସର କାମଚଳା ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।



ମିଲିନ୍ଦ ଦେଓରା



ଜ୍ୟୋତିରାଦିତ୍ୟ ସିନ୍ଧିଆ

# 'ଖୁବ୍‌ଶୀଘ୍ର ଆଉ ୩ ମେଡିକାଲ କଲେଜ'

**ସମ୍ବଲପୁର/ ଭୁବନେଶ୍ୱର, ୭।୭(ବ୍ୟୁରୋ)**

- ରାଜ୍ୟରେ ଆସିବ ନୂଆ ସ୍ୱାସ୍ଥ୍ୟ ନୀତି
- ବାହାରକୁ ଯିବେ ନାହିଁ ସରକାରୀ ଅର୍ଥରେ ପଢୁଥିବା ଛାତ୍ରୀଛାତ୍ର

ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୩ଟି ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ସୁନ୍ଦରଗଡ଼, ପୁରୀ ଓ ତାଳଚେରରେ ମେଡିକାଲ କଲେଜ ସ୍ଥାପନ କରିବାକୁ ରାଜ୍ୟ ସରକାର ସ୍ଥିର କରିଥିବା ରବିବାର ଦିନିକିଆ ସମ୍ବଲପୁର ଗସ୍ତରେ ଆସି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଥିଲେ ଯେ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ଦେଖାଦେଉଥିବା ସମସ୍ୟା ଦୂର ହେବ। ଏଥିସହ ରାଜ୍ୟରେ ଡାକ୍ତର ଅଭାବ ସମସ୍ୟା ମଧ୍ୟ ରହିବ ନାହିଁ। ଡାକ୍ତର ଅଭାବ ଏବେ ପ୍ରମୁଖ ସମସ୍ୟା ରହିଛି। ଏହି ସମସ୍ୟା ଦୂର କରିବାକୁ ଏବେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଆସନ୍ତା ୨ ବର୍ଷ ମଧ୍ୟରେ ଖାଲିଥିବା ଡାକ୍ତର ପଦବୀ ପୂରଣ ହେବ। ରାଜ୍ୟରେ ଖୁବ୍ ଶୀଘ୍ର ନୂଆ ସ୍ୱାସ୍ଥ୍ୟ ନୀତି ଲାଗୁ ହେବ। ଏହି ନୀତି ଅନୁସାରେ ସରକାରଙ୍କ ଅର୍ଥରେ ପଢୁଥିବା ଡାକ୍ତରୀ ଛାତ୍ରୀଛାତ୍ର ରାଜ୍ୟ ବାହାରକୁ ଯିବେ ନାହିଁ। ପାଠପଢ଼ା ସରିବା ପରେ ଏହି ଛାତ୍ରୀଛାତ୍ର ପ୍ରଥମେ ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଡାକ୍ତରଖାନାର ସମସ୍ୟା ଦୂର କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭିନ୍ନ ମେଡିକାଲ କଲେଜରେ ସମୀକ୍ଷା ବୈଠକ କରି ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯାଉଛି। ସମ୍ବଲପୁର ଭିମସାର ମେଡିକାଲ କଲେଜରେ ଆସନ୍ତା ୧୦ ତାରିଖରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ ବୋଲି ଦାସ କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଗଙ୍ଗାଧର ମେହେର କଲେଜର ୭୫ତମ ପ୍ରତିଷ୍ଠା ଦିବସ ରବିବାର ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ପାଳନ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

# ଆଜିଠାରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

**କଟକ ଅଫିସ,୭।୭**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ସୋମବାରଠାରୁ ଆରମ୍ଭ ହେବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ସମାନ ଦିନରେ ଆରମ୍ଭ ହେଉଛି। ପରୀକ୍ଷା ପରିଚାଳନା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ କହିଛନ୍ତି। ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୮ରୁ ୧୪ ତାରିଖ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ୧୨୨ଟି ପରୀକ୍ଷା କେନ୍ଦ୍ରରେ ୨୭,୬୧୬ ଜଣ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀ ଓ ୫୫ଟି ପରୀକ୍ଷା କେନ୍ଦ୍ରରେ ୯୦୩୩ଜଣ ପରୀକ୍ଷାର୍ଥୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବେ। ପରୀକ୍ଷା ପ୍ରତିଦିନ ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ହେବ। କେବଳ ଗଣିତ ପରୀକ୍ଷା ନିମନ୍ତେ ୧୫ମିନିଟ ଅଧିକ ସମୟ ଦିଆଯିବ।

**ଆଜିର ସମ୍ପାଦକୀୟ**

**ସୁନ୍ଦର ବଜେଟ**

**ଆଜିର ମନ୍ତବ୍ୟ**

"କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଜମିଜମା ସମ୍ପର୍କିତ ଆଇନର ସରଳୀକରଣ କରିବା ଆବଶ୍ୟକ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**କିଛି ତଥ୍ୟ**

ଗତମାସରେ ଦେଶରେ କମ୍ ମୌସୁମୀ ବର୍ଷା କାରଣରୁ ଅଦ୍ୟାବଧି ଖରିଫ ଶସ୍ୟ ରୋପଣ ୨୭% ହ୍ରାସ ପାଇ ୨୩୪.୩୩ ଲକ୍ଷ ହେକ୍ଟର ହୋଇଛି।

-ଭାରତୀୟ ପାଣିପାଗ ବିଭାଗ


NECC NATIONAL EGG CO-ORDINATION COMMITTEE | 07.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 92 | 148 | 158 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 89 | 144 | 154 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


# 'ବିଜେଡି, ଭାଜପା ମଧ୍ୟରେ ମ୍ୟାଚ୍ ଫିକ୍ସିଂ'

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

**ପାଟକୁରା ନିର୍ବାଚନ**

- ତାରାଙ୍କ ଅଭିଯୋଗକୁ ଖଣ୍ଡନ କଲେ ବିଜୟ
- କ୍ୟାବିନେଟ୍ ମନ୍ତ୍ରୀ, ବିଧାୟକଙ୍କୁ ପଞ୍ଚାୟତୱାରି ଦାୟିତ୍ୱ
- ଅତନୁ ସବ୍ୟସାଚୀଙ୍କୁ ଅଣଦେଖା
- ଜଣେ ମନ୍ତ୍ରୀ-ଜଣେ ବିଧାୟକଙ୍କ ନିୟନ୍ତ୍ରଣରେ ନିର୍ବାଚନ

ପାଟକୁରା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରଠୁ ଜୋର ଧରିଲାଣି ପ୍ରଚାର। ୩ ପ୍ରମୁଖ ଦଳର ନେତାମାନେ ପ୍ରଚାର ମଇଦାନକୁ ଓହ୍ଲାଇ ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ଅନୁକମ୍ପା ଭୋଟ ହାତେଇବାକୁ ଗୁରୁତ୍ୱ ଦେଉଥିବା ବେଳେ ଭାଜପା ସ୍ୱାଭିମାନର ନାରା ଦେଇ ଭୋଟରଙ୍କୁ ନିଜ ସପକ୍ଷକୁ ଆଣିବାକୁ ଚେଷ୍ଟା ଜାରି ରଖିଛି। ସେପଟେ କଂଗ୍ରେସ ମଧ୍ୟ ଉଭୟ ବିଜେଡି ଓ ଭାଜପା ମଧ୍ୟରେ ଭିତିରି ବୁଝାମଣାକୁ ଟାର୍ଗେଟ କରି ପାଟକୁରା ବିକାଶକୁ ପ୍ରମୁଖ ପ୍ରସଙ୍ଗ କରିଛି। ରବିବାର କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଉଭୟ ଭାଜପା ଓ ବିଜେଡି ମଧ୍ୟରେ ମ୍ୟାଚ ଫିକ୍ସିଂ ହୋଇଥିବା କହିଛନ୍ତି। ସେ କହିଛନ୍ତି ଯେ, ସଦ୍ୟ ସମାପ୍ତ ରାଜ୍ୟ ସଭା ନିର୍ବାଚନରେ ବିଜେଡି ଯେଭଳି ଭାଜପାକୁ ଗୋଟେ ଆସନ ଛାଡ଼ିଦେଲା, ସେଥିରୁ ଉଭୟ ଦଳ ପାଟକୁରାରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ କରୁଥିବା ଜଣାପଡୁଛି। ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ଏକପ୍ରକାର ବୋକା ବନାଯାଉଛି। ବିଜୟ ବାବୁ ବିଧାନସଭାକୁ ନ ଆସନ୍ତୁ ବୋଲି ବିଜେଡି ଏବଂ ନବୀନ ପଟ୍ଟନାୟକ ଚାହୁଁଥିବା ତାରା କହିଛନ୍ତି। ତାରାଙ୍କ ଏଭଳି ମନ୍ତବ୍ୟ ଉପରେ ବିଜୟ ମହାପାତ୍ର କହିଛନ୍ତି ଯେ, ପାଟକୁରାରେ ସ୍ୱାଭିମାନର ଲଢ଼େଇ ହେଉଛି। କଂଗ୍ରେସ ପାଟକୁରାରୁ ଏମିତି କେତେ ଭୋଟ ପାଇଥାଏ ଯେ, ତାରା ଏପରି କହୁଛନ୍ତି। ବିଜେଡି ଏବଂ ଭାଜପା ନିଜ ନିଜ ବାଟରେ ନିର୍ବାଚନ ଲଢୁଥିବା ବିଜୟ କହିଛନ୍ତି।

ଅପରପକ୍ଷରେ ପଞ୍ଚମଥର ପାଇଁ ଶାସନ କ୍ଷମତାକୁ ଆସିଥିବା ବିଜେଡି ପାଟକୁରା ଆସନକୁ କୌଣସି ପ୍ରକାର ହାତଛଡା କରିବାକୁ ଚାହୁଁନାହିଁ। ଦଳ ବିଧାନସଭାରେ ୧୧୨ ଆସନ ପାଇଥିଲେ ସୁଦ୍ଧା ପାଟକୁରା ପାଇଁ ଦଳ ପକ୍ଷରୁ ରାତିଦିନ ଏକ୍ କରି ଦିଆଯାଇଛି। ତେଣୁ ଦଳୀୟ ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲଙ୍କ ବିଜୟ ପାଇଁ ବହୁ ନେତା, ବିଧାୟକ ଏବଂ ରାଜ୍ୟ ମନ୍ତ୍ରିପରିଷଦର ସଦସ୍ୟ ସେଠାରେ ଯାଇ ଡେରା ପକାଇଛନ୍ତି। ଆଶ୍ଚର୍ଯ୍ୟର କଥା, ଏଥିପାଇଁ ଏକ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯାଇଛି। ଜଣେ ଜଣେ ଟାଣୁଆ ଏବଂ ପ୍ରଭାବଶାଳୀ ବିଧାୟକଙ୍କୁ ଗୋଟିଏ କିମ୍ବା ଦୁଇଟି ପଞ୍ଚାୟତ ଦାୟିତ୍ୱ ପ୍ରଦାନ କରାଯାଇଛି। ସଚିବାଳୟର ମନ୍ତ୍ରୀ କରିଡର ଛାଡ଼ି ଏକାଧିକ ମନ୍ତ୍ରୀ ପାଟକୁରାରେ ପ୍ରବାସ କରୁଥିବା ଲକ୍ଷ୍ୟ କରାଯାଉଛି। ବିଜେଡି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଡେରାବିଶ ବ୍ଲକର ୨୬ଟି ପଞ୍ଚାୟତକୁ ମନ୍ତ୍ରୀ ଅରୁଣ ସାହୁ ଏବଂ ସଞ୍ଜୟ ଦାସବର୍ମାଙ୍କ ମଧ୍ୟରେ ଭାଗ ବଣ୍ଟାଯାଇଛି। ଅରୁଣ ୧୨ଟି ଏବଂ ସଞ୍ଜୟ ୧୪ଟି ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି। ସେହିପରି ପଞ୍ଚାୟତୱାରି ମଧ୍ୟ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ଏକାଧିକ ମନ୍ତ୍ରୀ, ବିଧାୟକ ଏବଂ ଦଳୀୟ ବରିଷ୍ଠ କାର୍ଯ୍ୟକର୍ତ୍ତା ଏହି ପଞ୍ଚାୟତ ଦାୟିତ୍ୱ ତୁଲାଉଛନ୍ତି। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ସଞ୍ଜୀବ ମଲ୍ଲିକ, ପ୍ରଶାନ୍ତ ଜଗଦ୍ଦେବ, ରାଜକିଶୋର ଦାସ, ଉମା ସାମନ୍ତରାୟ, ବ୍ରଜ ପ୍ରଧାନ ପ୍ରମୁଖ ୨ଟି ଲେଖାଏଁ ପଞ୍ଚାୟତର ଦାୟିତ୍ୱ ନେଇଛନ୍ତି। ସେହିଭଳି ମନ୍ତ୍ରୀ ରଘୁନନ୍ଦନ ଦାସ, ସମୀର ଦାଶ, ବିଜେଡି ନେତା ଜନ୍ମେଞ୍ଜୟ ଲେଙ୍କା, ରାଜୁ ଦାସ, ସୁବାସ ସିଂ, ପ୍ରଫୁଲ୍ଲ ସିଂ ଏବଂ ମୁକ୍ତିକାନ୍ତ ମଣ୍ଡଳ ୨ଟି ଲେଖାଏ ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ଅନୁରୂପ ଭାବେ ଗରଦପୁର ବ୍ଲକର ପୂର୍ଣ୍ଣାଙ୍ଗ ଦାୟିତ୍ୱ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ☞ପୃଷ୍ଠା-୪




OWNER'S PRIDE
COIR INDIA
SINCE 1952

# COIR INDIA

A COMPLETE FURNISHING HOUSE

98, Kharavel Nagar behind Keshari Talkies, Bhubaneswar-01

Door Mats
Mattings
Carpet
Wall to Wall
Mattress
Furnishings
Home Decor
Bed sheets

**Odisha's Most Trusted Furnishing Distribution House**
**DISPLAY CENTRE of All Brands for Dealers & Customer Visit**

## GRAND OPENING on 8th July 2019



Premium Range Includes
Individual Pocketed Springs | Strong Rebonded Foam | Firm Bonnell Springs

SPRING AIR®
AMERICA'S MOST PREFERRED MATTRESS
Refresh | Revitalize | Re-energize | Regain

India's Largest Selling International Mattress brand

Ensuring Stress free sleep across the World

THE MATTRESS ZONE
3rd Exclusive Store in Bhubaneswar

An Exclusive showroom at HINDUSTAN COIR, Bhubaneswar

WELSPUN FLOORING



CARPET TILES
CLICK N LOCK TILES



GREENS
BROADLOOM CARPETS







*For Dealership Enquiry Please Contact:*

SPRING AIR: 9861116671, WELSPUN FLOORINGS: 9938305353
SPACES: 7873200003, HUSH: 9337461363.

For All Other Brands: 8249891839
Head Office: Plot No.-5, Kharavel Nagar, Unit-3
Near Keshari Talkies, Bhubaneswar-01

Contact No. 0674-2392839, 32, Mob: 9437162722, 8917560870
Mail ID: coirindiaodisha@gmail.com

Hush | OBSESSIONS | UROTURF | METROTURF | natura | nexsoft | Comfort | TIME | EXCEL | KADAM | LIVIN | OBEETEE



ହରିୟାଣାର ଗୁରୁଗ୍ରାମରେ ଜଣେ ଡାକ୍ତରଙ୍କୁ ହତ୍ୟା କରାଯିବା ଘଟଣାରେ କର୍ନାଲ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗତ ଶନିବାର ଏହି ୩ ଅଭିଯୁକ୍ତ ଏକ ବାଇକ୍‌ରେ ଆସି ଡାକ୍ତର ରାଜୀବ ଗୁପ୍ତାଙ୍କୁ ସେକ୍ଟର-୧୬ ଚୌକଠାରେ ଗୁଳିକରି ହତ୍ୟା କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରୁ ପଠାନ ନାମକ ଜଣେ ବ୍ୟକ୍ତି ଡାକ୍ତର ଗୁପ୍ତାଙ୍କ ହସ୍ପିଟାଲରେ ଡାୟାଲିସିସ୍ ଅପରେଟରଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ନିକଟରେ ଦାୟିତ୍ୱହୀନତା ଯୋଗୁ କାର୍ଯ୍ୟରୁ ବିଦା କରାଯାଇଥିଲା ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ଆଜି ସରିବ ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖା

**ଭୁବନେଶ୍ୱର, ୭।୭(ବ୍ୟୁରୋ):** ଯୁକ୍ତ୨ ପ୍ରଥମ ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ସୋମବାର ଶେଷ ହେବ। ପ୍ରଥମ କଟ୍ ଅଫ୍‌ରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ସନ୍ଧ୍ୟା ୫ଟା ମଧ୍ୟରେ ନାମ ଲେଖାଇପାରିବେ। ଯେଉଁ ଛାତ୍ରୀଛାତ୍ରମାନେ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଛନ୍ତି ସେମାନଙ୍କ ତାଲିକା ୯ ତାରିଖ ସନ୍ଧ୍ୟା ୫ଟାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ୧୩ ତାରିଖ ସନ୍ଧ୍ୟା ୬ଟାରେ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ଏଥିରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ୧୫ରୁ ୧୭ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ନାମ ଲେଖାଇ ପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ଛାତ୍ରୀଛାତ୍ରମାନେ ନାମ ଲେଖାଇଥିବେ ୧୭ ତାରିଖ ଦିନ ସେମାନଙ୍କ ତାଲିକା ପ୍ରକାଶ ପାଇବ। ସେହିପରି ସିଟ୍ ଖାଲି ରହିଲେ ୨୦ତାରିଖ ଦିନ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ୨୫ରୁ ୨୭ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ନାମ ଲେଖାଇପାରିବେ। ଆସନ୍ତା ୨୯ ତାରିଖରେ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

### ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ପଢ଼ିବେ କ୍ୟାନସର ରୋଗ ସମ୍ପର୍କିତ ପାଠ

**କଟକ ଅଫିସ,୭।୭:** ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଫିଜିକ୍ସର ଛାତ୍ରୀଛାତ୍ର କ୍ୟାନସର ରୋଗ ସମ୍ପର୍କରେ ପାଠ ପଢ଼ିବେ। ଯେଉଁମାନେ ମେଡିକାଲ ଫିଜିକ୍ସ ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି ସେମାନେ ୧ ବର୍ଷ ପାଇଁ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରରେ ଇଣ୍ଟର୍ନଶିପ କରିବେ। ଏହି ପାଠ୍ୟକ୍ରମ ୩ ବର୍ଷିଆ ହୋଇଥିବା ବେଳେ ୨ ବର୍ଷ ବିଶ୍ୱବିଦ୍ୟାଳୟରେ ଓ ଗୋଟିଏ ବର୍ଷ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରରେ ଇଣ୍ଟର୍ନଶିପ କରିବେ। ଏଥିପାଇଁ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ର ସହିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

# କାଦୁଅ ରାସ୍ତାରେ ଧାନ ରୋଇଲେ ଗ୍ରାମବାସୀ

**ମାଲକାନଗିର,୭।୭ (ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ଗ୍ରାମକୁ ପକ୍କା ରାସ୍ତା ଏବଂ ଗ୍ରାମ ଭିତରେ ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର ମାଲକାନଗିରି ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏହାର ସୁଫଳ ଲୋକଙ୍କୁ ମିଳୁନାହିଁ। ଜିଲାର ୭ଟି ଗ୍ରାମର ଗ୍ରାମବାସୀ ଦୀର୍ଘ ବର୍ଷ ହେଲା ରାସ୍ତା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ମାଲକାନଗିରି ଜିଲା ପୌର ପରିଷଦ ଠାରୁ ମାତ୍ର ୫ କିଲୋମିଟର ଦୂରରେ ଥିବା ଏମ.ଭି-

## ପ୍ରଶାସନ ଶୁଣିଲାନି

୧୧୧, ତାଲଗୁଡା, ପରଜାଗୁଡା, କେନ୍ଦୁଗୁଡା, ରିଜାରିଗୁଡା, ଭିମାରାଙ୍ଗେଣି ଓ ମୁଶା ଗ୍ରାମବାସୀ ରାସ୍ତା ଯୋଗୁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାର ପ୍ରତିବାଦରେ ରବିବାର ଗ୍ରାମବାସୀ କାଦୁଅ ରାସ୍ତାରେ ଧାନ ରୋଇ ପ୍ରତିବାଦ ଜଣାଇଛନ୍ତି।

ଖବରରୁ ଜଣାପଡିଛି ମାଲକାନଗିରି ଜୟପୁର ମୁଖ୍ୟ ରାସ୍ତାଠାରୁ ମାତ୍ର ୨ କିଲୋମିଟର ଏମ.ଭି-୧୧୧ ଗ୍ରାମର ନଦୀବନ୍ଧ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ଗ୍ରାମାବାସୀଙ୍କ ସହ ସତୀଗୁଡା କନ୍ୟାଶ୍ରମର ଛାତ୍ରୀ ଏବଂ ଅବିଭାବକମାନେ ଯାତାୟାତ କରନ୍ତି। ମୁଖ୍ୟ ରାସ୍ତାଠାରୁ ୪ କିଲୋମିଟର ଦୂରରେ ଥିବା ସତୀଗୁଡା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳିକୁ ବର୍ଷର ସବୁ ସମୟରେ ପର୍ଯ୍ୟଟକମାନେ ସତୀଗୁଡା ନଦୀ ବନ୍ଧ ଦେଇ ଯାତାୟାତ କରନ୍ତି। ଫଳରେ ନଦୀବନ୍ଧର ପିଚୁ ନଷ୍ଟ ହୋଇ ଅନେକ ସ୍ଥାନରେ ଗାତ ହୋଇଯାଇଥିବାରୁ ସେହି ରାସ୍ତାରେ ଆଉ ଯାତାୟାତ କରିବା ସମ୍ଭବ ହେଉନାହିଁ। ସତୀଗୁଡା ଜଳଭଣ୍ଡାରର ବଳକା ଜଳ ନିଷ୍କାସନ ଏମ.ଭି -୧୧୧ ଓ ତାଲଗୁଡ଼ା ମଝିରେ ହେଉଥିବାରୁ ୨୦୦୯ରେ ଗ୍ରାମୀଣ ଉନ୍ନୟନ ବିକାଶ ସଂସ୍ଥା ୯ ଲକ୍ଷ ଟଙ୍କା ବ୍ୟୟରେ ଜଳ ନିଷ୍କାସନ ନାଳ ଉପରେ ଏକ ବ୍ରିଜ୍ ତିଆରି ହୋଇଥିଲା। ବର୍ଷା ଦିନେ ବ୍ରିଜ୍ ରାସ୍ତା ସହ ଉପରୋକ୍ତ ଗ୍ରାମଗୁଡିକୁ ଯିବା ଲାଗି ରହିଥିବା ରାସ୍ତା କାଦୁଅ ହୋଇଯାଇଥାଏ। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଲୋକେ ମାଲକାନଗିରି ସହରକୁ ଯାତାୟାତ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ରାସ୍ତା ନିର୍ମାଣ ପାଇଁ ପୂର୍ବତନ ଏମପି, ବିଧାୟକ, ଜିଲାପାଳ ଏବଂ ରାସ୍ତା ନିର୍ମାଣକାରୀ ସଂସ୍ଥାକୁ ଅନେକ ଥର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସିନ୍ଧ୍ରିମାଳର ପୂର୍ବତନ ସରପଞ୍ଚ ଘାସିରାମ ନାୟକ କହିଛନ୍ତି। ଏ ଦିଗରେ ପ୍ରଶାସନ ପଦକ୍ଷେପ ନ ନେବାରୁ ଏହାର ପ୍ରତିବାଦରେ ରବିବାର ଗ୍ରାମବାସୀ ସେହି ରାସ୍ତାର ବ୍ରିଜ୍ ଉପରେ ଥିବା କାଦୁଅରେ ଧାନ ରୋଇ ନିଜ ପ୍ରତିବାଦ ଜଣାଇଛନ୍ତି। ଜିଲା ପ୍ରଶାସନ ତୁରନ୍ତ ରାସ୍ତା ନିର୍ମାଣ ନେଇ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ୭ଟିଯାକ ଗ୍ରାମର ଗ୍ରାମବାସୀ ଜୟପୁର-ମାଲକାନଗିରି ମୁଖ୍ୟ ରାସ୍ତା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବେ ବୋଲି ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



**ଅଭିନବ ପ୍ରତିବାଦ:** ପୋଲ ଉପରେ ଜମି ରହିଥିବା କାଦୁଅରେ ଗ୍ରାମବାସୀ ଧାନ ରୋଉଛନ୍ତି।

## ମା' ସାତଭଉଣୀ ଇଡିସିକୁ ବିଜୁ ପଟ୍ଟନାୟକ ପୁରସ୍କାର

**ଗଣିଆ,୭।୭(ଡି.ଏନ୍.ଏ.)**

୭୦ତମ ବନମହୋତ୍ସବ ସପ୍ତାହର ଅନ୍ତିମ ଦିବସ ରବିବାର ନୟାଗଡ଼ ଜିଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳ ଅନ୍ତର୍ଗତ ମୁଦୁଲିଗାଡିଆ ଗ୍ରାମର ମା' ସାତଭଉଣୀ ଇଡିସି (ପରିବେଶ ବିକାଶ ସମିତି)କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଅନୁଗୋଳ ଜିଲାର ଡେରଜଙ୍ଗ ଡ୍ୟାମ୍ ପରିସରରେ ଆୟୋଜିତ ସର୍କଲସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ, ଜିଲାପାଳ ମନୋଜ କୁମାର ମହାନ୍ତି ଓ ଏସ୍‌ପି ମିତ୍ରଭାନୁ ମହାପାତ୍ର ଅତିଥି ଭାବେ ଯୋଗଦେଇ ଏହି ଇଡିସିକୁ ପୁରସ୍କୃତ କରିଥିଲେ। ସଭାପତି ସୁମନ୍ତ କୁମାର ଦାସ ଓ ସଭ୍ୟା ମଞ୍ଜୁଲତା ବେହେରା ଅତିଥିଙ୍କଠାରୁ ମାନପତ୍ର ସହ ୨୦ହଜାର ଟଙ୍କାର ଚେକ୍ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ବିଗତ ୪ବର୍ଷ ଧରି ମା' ସାତଭଉଣୀ ପରିବେଶ ବିକାଶ ସମିତି ଜଙ୍ଗଲ ଓ ପରିବେଶ ସୁରକ୍ଷା ସହ ବଡମୂଳ ମଙ୍ଗାନାସୀଠାରେ ଥିବା ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର ସାତକୋଶିଆ ସ୍ୟାଣ୍ଡ ରିସର୍ଟକୁ ସୁପରିଚାଳନା କରିଆସିଛି। ସାତକୋଶିଆ ସ୍ୟାଣ୍ଡ ରିସର୍ଟକୁ ଉନ୍ନତମାନର ପରିଚାଳନା କରି ଏହି ସମିତି ଗତ ଆର୍ଥିକ ବର୍ଷରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ କରି ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରି ଉଦାହରଣ ସୃଷ୍ଟି କରିଥିଲା।

## ଏସ୍‌ସିବିରେ ଶ୍ରୀକାନ୍ତ ମୋହତା

**କଟକ ଅଫିସ, ୭।୭:** ରୋଜଭ୍ୟାଲି ଚିଟ୍‌ଫଣ୍ଡ ଲିଙ୍କ୍‌ରେ ସିବିଆଇ ହାତରେ ଗିରଫ ହୋଇଥିବା ପଶ୍ଚିମବଙ୍ଗର ଫିଲ୍ମ ନିର୍ମାତା ଶ୍ରୀକାନ୍ତ ମୋହତା ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ମୁଣ୍ଡରେ ସମସ୍ୟା ରହିଥିବା ଜଣାପଡ଼ିଛି। ମୋହତା ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରୁ ଏସ୍‌ସିବିକୁ ସ୍ଥାନାନ୍ତର ହୋଇ ଆସିଛନ୍ତି। ମେଡିସିନ ବିଭାଗର ସହଯୋଗୀ ପ୍ରଫେସର ଡା. ଶ୍ରୀପ୍ରସାଦ ମହାନ୍ତିଙ୍କ ୟୁନିଟ୍‌ରେ ସେ ଚିକିତ୍ସିତ ହେଉଛନ୍ତି। ମୋହତାଙ୍କ ମୁଣ୍ଡରେ ସିଟି ସ୍କାନ କରାଯିବା ପରେ ସାମାନ୍ୟ ସମସ୍ୟା ଥିବା କଥା ଡା. ମହାନ୍ତି କହିଛନ୍ତି। ସୂଚନାଥାଉ କି, ଶ୍ରୀକାନ୍ତଙ୍କୁ ଗତ ଜାନୁୟାରୀରେ ସିବିଆଇ ଗିରଫ କରିଥିଲା। ଚିଟ୍‌ଫଣ୍ଡ କମ୍ପାନୀ ରୋଜଭ୍ୟାଲି ସହିତ ଶ୍ରୀକାନ୍ତଙ୍କ ଫିଲ୍ମ ସଂସ୍ଥାର ଲିଙ୍କ ଥିବା ଅଭିଯୋଗରେ ଗିରଫ କରାଯାଇଥିଲା। ଗିରଫ ପରେ ସେ ଭୁବନେଶ୍ୱରର ଝାରପଡ଼ା ଜେଲ୍‌ରେ ଥିଲେ। ତେବେ ଝାରପଡ଼ା ଜେଲ୍‌ରୁ ଗତ ଶନିବାର ତାଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ପରେ ତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି।

# ନିଖୋଜ ୮ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା କୋଷ୍ଟଗାର୍ଡ

**ପାରାଦୀପ,୭।୭(ସ୍ୱ.ପ୍ର.)**

- ୧୧ ଦିନ ଧରି ସମୁଦ୍ରରେ ଫସି ରହିଥିଲେ
- ଇଞ୍ଜିନ ଖରାପ ଥିବାରୁ ଅଚଳ ହୋଇପଡ଼ିଥିଲା ବୋଟ୍

ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ଦୀର୍ଘ ୧୧ ଦିନ ଧରି ସମୁଦ୍ରରେ ନିଖୋଜ ଥିବା ୮ ମତ୍ସ୍ୟଜୀବୀଙ୍କ ସହ ଏକ ମାଛଧରା ବୋଟ୍‌କୁ ଉଦ୍ଧାର କରିଛି। ଯୋହନ ଡେଭୁଡୁ ନାମକ ଏହି ମାଛଧରା ବୋଟ୍ (ରେଜିଷ୍ଟ୍ରେଶନ ନଂ.ଆଇଏନ୍‌ଡି-ଏପି-ଇ୨-ଏମଏମ-୭୩୫)ରେ ୮ଜଣ ମତ୍ସ୍ୟଜୀବୀ ଗତ ଜୁନ୍ ୨୧ ତାରିଖରେ ସମୁଦ୍ରକୁ ମାଛ ମାରିବାକୁ ଯାଇଥିଲେ। ତେବେ ଜୁନ୍ ୨୬ ତାରିଖରୁ ସେମାନଙ୍କ ସହ ବୋଟ୍ ମାଲିକଙ୍କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଉକ୍ତ ବୋଟ୍‌ର ଇଞ୍ଜିନ ଖରାପ ହୋଇଯିବାରୁ ତାହା ଅଚଳ ହୋଇପଡିଥିଲା। ଏ ସମ୍ପର୍କରେ ବୋଟ୍ ମାଲିକ ମତ୍ସ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କୁ ଜଣାଇବା ପରେ ଗତ ୫ ତାରିଖରେ ଭାରତୀୟ ତଟରକ୍ଷୀ ବାହିନୀ ପାରାଦୀପ ମୁଖ୍ୟାଳୟକୁ ଅବଗତ କରାଯାଇଥିଲା। ଏହା ପରେ ଉକ୍ତ ମାଛଧରା ବୋଟକୁ ଠାବ କରାଯିବା ସହ ୬ ତାରିଖରେ ତଟରକ୍ଷୀ ବାହିନୀର ପାଟ୍ରୋଲିଂ ଜାହାଜ ଆଇସିଜିଏସ୍ ସରୋଜିନୀ ନାଇଡୁ ଯାଇ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ, ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଇଥିଲା। କୂଳରେ ପହଞ୍ଚିବା ପରେ ରବିବାର ସେମାନଙ୍କୁ ମତ୍ସ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କୁ ହସ୍ତାନ୍ତର କରାଯାଇଛି।

ADMISSION GUIDANCE FOR 2019-20
NIIS INSTITUTE OF INFORMATION SCIENCE & MANAGEMENT
Permitted by Govt. of Odisha & Affiliated to Utkal University
BBA
BCA
B.Sc. (ITM)
B.Sc. (Biotech)
B.Sc. (Comp.Sc.)
B.A.(Hons) (Economics, English, Pol. Sc., Psychology & Sociology)
B.Sc.(Hons) (Physics, Chemistry, Maths, Zoology, Botany)
B.Com.(Hons) (Accounting & Management)
SPECIAL FEATURES
❖ Expert & Experienced Faculty members
❖ Flexible Fees Structure & Employebility Training
❖ E-Library with DELNET
❖ Scholarship for SC & ST Students
❖ Separate Furnished Hostel both Boys & Girls
For more details: SARADA VIHAR, MADANPUR, BHUBANESWAR - 752054
Visit us: www.niisinst.com / www.niisgroup.org / Email: niisadmission2019@gmail.com
Mob.: 9778899990 / 9778899991 / 9040004375 / 9438767679 / 9348233984
NIIS also offers : MBA, MCA, M.Com.(F&C), MPMIR, MSW & M.Sc. (Comp.Sc.)




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Accessories and features shown may not be part of standard fitment. Always wear a helmet while riding a two wheeler. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.heromotocorp.com. *As per cumulative dispatch numbers as on September, 2018. *Terms & Conditons apply. #Both exchange and loyalty benefit cannot be availed on a single purchase. This offer is applicavle only on Hero Scooters. For more information contact your nearest Hero dealership.

HeroFinCorp. HeroMotoCorp.com HeroMotoCorpLimited HeroMotoCorpIndia TheHeroMotoCorp HeroMotoCorp

INDIA'S FIRST 5 YEAR WARRANTY* *Conditions apply

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର:** ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. **ବାଲେଶ୍ୱର:** ନୀଲମ ହୀରୋ - 7799766393. **ବାରିପଦା :** ଆଦିତ୍ୟ ହୀରୋ - 7799766370. **ଭଦ୍ରକ :** ସଞ୍ଜୀବ ହୀରୋ - 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ - 7799766362. **କଟକ:** ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. **ଜଗତସିଂହପୁର:** ତ୍ରିଶୂଳ ହୀରୋ - 7799766383. **ଯାଜପୁର ରୋଡ:** ସୌମିକ ହୀରୋ - 7799766410. **ଜଳେଶ୍ୱର:** ସାଇ ହୀରୋ - 7799766407. **ଜଟଣୀ:** ବିଶାଳ ହୀରୋ - 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ - 7799766360. **ନୟାଗଡ଼:** ଭଗବତୀ ହୀରୋ - 7799766417. **ପୁରୀ:** ସଞ୍ଜୀବ ହୀରୋ - 06752-255881, 8448389695. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ - 253841, 9438757377. **ବାଲୁଗାଁ:** ମହାମୟୀ ମୋଟର୍ସ - (06756) 250280. **ଯାଜପୁର:** ଆୟୁଷ ଅଟୋମୋବାଇଲ୍ସ - 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ - 221083. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ - 221511. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍ସ - 252725. **ପାରାଦୀପ:** ପ୍ରଦୀପ ମୋଟର୍ସ - 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ - 220430. **ପିପିଲି:** ଶ୍ରୀରାମ ମୋଟର୍ସ - 240687. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. **ରାହାମା:** ଶରଳା ଅଟୋମୋବାଇଲ୍ସ - 248001, 248002. **ରାଇରଙ୍ଗପୁର:** ଜା ସାକନରୀ ମୋଟର୍ସ - 7008906387. **ସୋରୋ:** ଟୁଇଙ୍କିଲ ମୋଟର୍ସ - 221711, 9337375571.

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ଅଲିସ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହୋଟେଲ ମାଲିକଙ୍କୁ ଗଳାକାଟି ହତ୍ୟା

- ହତ୍ୟାକାଣ୍ଡରେ ଅସାମାଜିକ ଗୋଷ୍ଠୀଙ୍କ ସମ୍ପୃକ୍ତି ସନ୍ଦେହ
- ମୃତକଙ୍କ ସ୍ତ୍ରୀ, ଶାଶୁ ଥାନାରେ ଅଟକ
- ଶଳା ଓ ଶଳା ଭାଉଜ ଫେରାର

**କୋରେଇ,୭ା୭(ସ୍ୱ.ପ୍ର.)**

ଯାଜପୁର ଜିଲା ଏସ୍‌ପି ଅଫିସ୍‌ଠାରୁ ମାତ୍ର ୨୦୦ ମିଟର ଦୂର ପାଣିକୋଇଲି ବଜାରରେ ଥିବା ଏକ ହୋଟେଲରୁ ପୋଲିସ ରବିବାର ସକାଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ହୋଟେଲ ମାଲିକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ସ୍ଥାନୀୟ ପାଣିକୋଇଲି ଗ୍ରାମର ରବୀନ୍ଦ୍ର ସାହୁ। ଶନିବାର ବିଳମ୍ବିତ ରାତିରେ କେହି ରବୀନ୍ଦ୍ରଙ୍କ ଗଳାକାଟି ହତ୍ୟା କରିଥିବା ଅନୁମାନ କରାଯାଉଛି। ରବୀନ୍ଦ୍ରଙ୍କ ଭାଇ ଗୋବିନ୍ଦ ଥାନାରେ ଖବର ଦେବା ପରେ ପାଣିକୋଇଲି ଥାନାଧିକାରୀ ଓ ଯାଜପୁରରୋଡ ଏସ୍‌ଡିପିଓ କେଦାରନାଥ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୨୨/୧୯) ରୁଜୁ କରିଛି। ଏହି ହତ୍ୟାକାଣ୍ଡରେ ଏକ ଅସାମାଜିକ ଗୋଷ୍ଠୀର ହାତ ଥିବା ଗୋବିନ୍ଦ ପୋଲିସକୁ କହିଥିବାବେଳେ ପୋଲିସ ରବୀନ୍ଦ୍ରଙ୍କ ସ୍ତ୍ରୀ ଜୁମା ଓ ଶାଶୁଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏଥିସହ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାବେଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପାରିବାରିକ ଅଶାନ୍ତି ନେଇ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ହତ୍ୟାକାଣ୍ଡ ସ୍ଥଳରୁ ଏକ ଛୁରି ଓ ରବୀନ୍ଦ୍ରଙ୍କ ରକ୍ତଭିଜା ଲୁଗା ଜବତ କରିଛି। ଏହି ଘଟଣାରେ ତାଙ୍କ ଶଳା ଓ ଶଳାଭାଉଜ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଥିବାବେଳେ ସେମାନେ ଫେରାର ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ କିଛିଦିନ ଧରି ରବୀନ୍ଦ୍ର ନିଜ ପରିବାରକୁ ଛାଡି କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ସହିତ ମିଳାମିଶା କରୁଥିଲେ। ସେମାନଙ୍କ ସହ ମିଶି ନିଶା ସେବନ କରୁଥିବା ତାଙ୍କ ସମ୍ପର୍କୀୟ ସୂଚନା ଦେଇଛନ୍ତି। ତେବେ ପୂର୍ବରୁ ରବୀନ୍ଦ୍ର ଯୌତୁକ ନିର୍ଯାତନା ମାମଲାରେ କିଛିଦିନ ପାଇଁ ଜେଲ ଯାଇଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଥିବାବେଳେ ଚୋରା ନିଶା ବ୍ୟବସାୟୀଙ୍କ ହାତ ଥିବା ନେଇ ମଧ୍ୟ ପାଣିକୋଇଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ସେନାରେ ଅପବ୍ୟବହାର ହେଉଛି ବିକଳାଙ୍ଗ ପେନ୍‌ସନ୍ ସ୍କିମ୍

**ନୂଆଦିଲ୍ଲୀ,୭ା୭**

ସେନାରେ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ପେନ୍‌ସନ୍ ସ୍କିମ୍ ଅପବ୍ୟବହାର ଚାଲିଛି। ବହୁ ସଂଖ୍ୟାରେ ଅଧିକାରୀ ଓ ଯବାନ ଲଢ଼େଇ ନ କରି ଅନ୍ୟ କାରଣରୁ ଭିନ୍ନକ୍ଷମ ହେଉଥିଲେ ସୁଦ୍ଧା ଏହାର ଫାଇଦା ନେଉଛନ୍ତି। କର୍ତ୍ତବ୍ୟରତ ଅବସ୍ଥାରେ ଦିବ୍ୟାଙ୍ଗ ହେବା କ୍ଷେତ୍ରରେ ହିଁ ଯବାନଙ୍କୁ ଭିନ୍ନକ୍ଷମ ପେନସନ ମିଳିବାର ବ୍ୟବସ୍ଥା ରହିଛି। ଏହି ପେନ୍‌ସନ ଉପରେ ଆୟକର ଛାଡ଼ ସୁବିଧା ମିଳେ। ଏହାର ଲାଭ ନେଇ ସେନାଧିକାରୀ ଓ ଯବାନ ନିଜକୁ ଭିନ୍ନକ୍ଷମ ଦର୍ଶାଇ ପେନସନ ପାଇଁ ଆବେଦନ କରୁଛନ୍ତି। ଏହା ଉପରେ କଟକଣା ଲଗାଇବାକୁ ଯାଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଛି। ଏଣିକି ଦିବ୍ୟାଙ୍ଗ ପେନସନ ଉପରେ ଟିକସ ଲାଗିବ ବୋଲି ସର୍କୁଲାରରେ କୁହାଯିବା ପରେ ଝଡ଼ ଉଠିଛି। ସେନାର ଅବସରପ୍ରାପ୍ତ ଅଧିକାରୀ ଓ ଯବାନ ସର୍କୁଲାରକୁ ବିରୋଧ କରିଛନ୍ତି। ସଂସଦରେ ମଧ୍ୟ ସରକାରଙ୍କୁ ବିରୋଧୀ ଦଳ ଏହି ପ୍ରସଙ୍ଗରେ ଘେରିଛନ୍ତି।

ଦିବ୍ୟାଙ୍ଗ ପେନସନ ସ୍କିମ୍ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏକ ଟୁଇଟ୍ କରିବା ପରେ ଏହାକୁ ନେଇ ସ୍ଥଳସେନା ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଅର୍ଥମନ୍ତ୍ରୀ ତାଙ୍କ ଟୁଇଟ୍‌ରେ ଭିନ୍ନକ୍ଷମ ପେନସନ ସ୍କିମ୍‌ରେ ଟିକସ ବସାଇବା ଲାଗି ସେନାର ଚାହୁଁଛି ବୋଲି ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ସ୍ଥଳସେନା

## ଅନ୍ୟ କାରଣରୁ ଭିନ୍ନକ୍ଷମ ହେଲେ ଟିକସ ଲାଗିବ

ସୋସିଆଲ ମିଡିଆ ଜରିଆରେ କହିଛି ଯେ, ଲାଇଫ୍‌ଷ୍ଟାଇଲରେ ପରିବର୍ତ୍ତନ କାରଣରୁ ରୋଗଗ୍ରସ୍ତ ହୋଇ ଭିନ୍ନକ୍ଷମ ହେଉଥିବା ସୈନ୍ୟବାହିନୀର ବହୁ ଅଧିକାରୀ, ଯବାନ ବିକଳାଙ୍ଗ ସ୍କିମ୍‌ର ଅପବ୍ୟବହାର କରି ଫାଇଦା ଉଠାଉଥିବା ଦେଖାଯାଇଛି। ଲଢ଼େଇରେ ସମ୍ପୃକ୍ତ ରହି ଭିନ୍ନକ୍ଷମ ହେଉଥିବା ଯବାନ ଓ ଅଧିକାରୀଙ୍କ ପ୍ରତି ଭାରତୀୟ ସ୍ଥଳସେନା ଚିନ୍ତାଶୀଳ। ତେଣୁ ସେମାନଙ୍କୁ ଅତିରିକ୍ତ ଆର୍ଥିକ ସହାୟତା ଦିଆଯିବା ଆବଶ୍ୟକ। ନିୟମ ଅନୁଯାୟୀ ସେମାନେ ଭିନ୍ନକ୍ଷମ ପେନସନ ପାଇଁ ହକ୍‌ଦାର। କିନ୍ତୁ ଅନ୍ୟ କାରଣରୁ ନିଜର ଭିନ୍ନକ୍ଷମ ହେଉଥିବା ଯବାନ ଓ ଅଧିକାରୀଙ୍କୁ ଦିବ୍ୟାଙ୍ଗ ପେନସନ ଦିଆଯାଇପାରିବ ନାହିଁ। ଦେଶରେ ସେନାକୁ ଏବେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଏହି ଧାରା ଚିନ୍ତାଜନକ ସ୍ତରରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଗତ ୨ ବର୍ଷରେ ସ୍ଥଳସେନାରୁ ପ୍ରାୟ ୨୦୦୦ ଅଫିସର ଦିବ୍ୟାଙ୍ଗ ପେନସନ ପାଇଁ ଆବେଦନ କରିଛନ୍ତି। ଏହି ଘଟଣା ଲୋକସଭାରେ ଉଠିବା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମାମଲାର ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ଅଧ୍ୟକ୍ଷ ପି.ସି. ମୋଦି ରବିବାର କହିଛନ୍ତି ଯେ,ଜୁନ୍ ୨୪ରେ ଜାରି କରାଯାଇଥିବା ସର୍କୁଲାର ପୂର୍ବଘୋଷିତ ନୀତିକୁ ସ୍ପଷ୍ଟ କରୁଛି। ଦେଶ ପାଇଁ ଲଢ଼େଇ କରୁଥିବା ସୈନ୍ୟଙ୍କ ପ୍ରତି ଆମର ସମ୍ମାନ ରହିଛି। ବାସ୍ତବ କ୍ଷେତ୍ରରେ ଲଢ଼େଇ କରି ଶାରୀରିକ ଭାବେ ଭିନ୍ନକ୍ଷମ ହେଲେ ଏହି ସ୍କିମ୍ ଲାଗୁ ହେବାରେ ଅସୁବିଧା ନାହିଁ। କିନ୍ତୁ ବିଗତ କିଛି ବର୍ଷ ହେଲା ଏହି ସ୍କିମ୍‌ର ଦୁରୁପଯୋଗ ହେଉଥିବା ନେଇ ଡାଟା ଆନାଲିଟିକ୍ସରୁ ଜଣାପଡିଛି। ନୂଆ ସର୍କୁଲାର ଉପରେ ସ୍ପଷ୍ଟୀକରଣ ଦେଇ ପ୍ରମୋଦ କୁମାର କହିଛନ୍ତି ଯେ, ଲଢ଼େଇ ଯୋଗୁ ଭିନ୍ନକ୍ଷମ ହେଲେ ସମ୍ପୃକ୍ତ ଯବାନଙ୍କ ଦିବ୍ୟାଙ୍ଗ ପେନ୍‌ସନ୍ ଉପରେ ଟିକସ ଲାଗିବ ନାହିଁ। ପୂର୍ବରୁ ସିବିଡିଟି ପକ୍ଷରୁ ୧୩ ନମ୍ବର ସର୍କୁଲାର ଜାରି କରାଯାଇ ଏହା ଦର୍ଶାଯାଇସାରିଛି। ଏହା ଜାରି ହେବା କ୍ଷଣି ଏହାକୁ ଯୁଦ୍ଧ ଫେରନ୍ତା ତଥା ଦିବ୍ୟାଙ୍ଗ କାରଣରୁ ଅଦିନରେ ଅବସର ନେଇଥିବା ସୈନ୍ୟ ବିରୋଧ କରିଛନ୍ତି। ସେମାନେ ସୋସିଆଲ ମିଡିଆ ଜରିଆରେ ନିଜର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସୂଚନାଥାଉ କି, ପ୍ରତିରକ୍ଷା ବାହିନୀର ୩ ବିଭାଗର ଯବାନଙ୍କୁ ଭିନ୍ନକ୍ଷମ ହେବା କ୍ଷେତ୍ରରେ ସ୍ୱତନ୍ତ୍ର ପେନ୍‌ସନ୍‌ର ବ୍ୟବସ୍ଥା ରହିଛି। ସେମାନଙ୍କ ର୍‍ୟାଙ୍କ୍ ଓ ଭିନ୍ନକ୍ଷମ ମାତ୍ରା ଆଧାରରେ ପେନ୍‌ସନ ଦିଆଯାଇଥାଏ। ଏହା ଉପରେ ସେମାନଙ୍କୁ ଟିକସ ଛାଡ଼ ସୁବିଧା ମିଳେ।

## ବିଜେଡି, ଭାଜପା...

ପ୍ରଥମ ପୃଷ୍ଠାରୁ...

ଏହି ବ୍ଲକ ଅଧୀନ ୧୮ଟି ପଞ୍ଚାୟତର ଦାୟିତ୍ୱକୁ ପୁନର୍ବାର ୯ ନେତାଙ୍କ ମଧ୍ୟରେ ଭାଗ କରାଯାଇଛି। ଏମାନଙ୍କ ମଧ୍ୟରେ ଜଣେ କ୍ୟାବିନେଟ୍ ମନ୍ତ୍ରୀ, ୬ ବିଧାୟକ ଏବଂ ଦୁଇଜଣ ଛାମୁଆ ସଙ୍ଗଠକ ରହିଛନ୍ତି। ମାର୍ଶାଘାଇ ବ୍ଲକର ୭ଟି ପଞ୍ଚାୟତ ଦାୟିତ୍ୱ ବିଜେଡି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏବଂ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ପ୍ରଦାନ କରିଛି। ଅନ୍ୟ ବ୍ଲକ ପରି ୭ଟି ପଞ୍ଚାୟତକୁ ୪ ଜଣ ନେତାଙ୍କ ମଧ୍ୟରେ ବଣ୍ଟାଯାଇଛି। ହେଲେ ଏତେସବୁ ମଧ୍ୟରେ ପାଟକୁରାର ପୂର୍ବତନ ବିଧାୟକ ତଥା ମହାକାଳପଡ଼ାରୁ ପ୍ରତିନିଧିତ୍ୱ କରୁଥିବା ଅତନୁ ସବ୍ୟସାଚୀ ନାୟକଙ୍କୁ କୌଣସି ନିର୍ଦ୍ଦିଷ୍ଟ ଦାୟିତ୍ୱ ମିଳିନାହିଁ। କେବଳ କେନ୍ଦ୍ରାପଡ଼ା ଜିଲାରୁ ପ୍ରତିନିଧିତ୍ୱ କରୁଥିବାରୁ ତାଙ୍କୁ ସଭାସମିତିକୁ ଡକାଯାଉଥିବା କୁହାଯାଉଛି। ବିଜେଡି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଦଳରେ ସକ୍ରିୟ ଥିବା ଗୋଷ୍ଠୀଟି ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବଙ୍କ ରାଜନୈତିକ ପତିଆରା ହ୍ରାସ କରିବାକୁ ଚାହୁଁଛି। ତେଣୁ କୌଶଳ କରି ଉଭୟଙ୍କୁ ଅଣଦେଖା କରିବା ପାଇଁ ଗୋଟି ଚାଳନା କରାଯାଉଥିବା ଜଣାପଡିଛି। ଉପକୂଳ ଓଡ଼ିଶାର ଏକ ଆସନରୁ ୩ଥର ଜିତିଥିବା ଜଣେ ବିଧାୟକ ଏବଂ ଜନୈକ କ୍ୟାବିନେଟ୍ ମନ୍ତ୍ରୀ ଏସବୁ ଚକ୍ରାନ୍ତର ସୂତ୍ରଧର ବୋଲି ଆଲୋଚନା ହେଉଛନ୍ତି।

ଅପରପକ୍ଷରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ବିଜୟ ମହାପାତ୍ର ଦଳୀୟ ସଙ୍ଗଠନ ଅପେକ୍ଷା ନିଜ ସମର୍ଥକଙ୍କୁ ଆୟୁଧ କରି ପ୍ରଚାର କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଟକୁରାରେ ବିଜୟଙ୍କ ବିଜୟ ନିଶ୍ଚିତ ବୋଲି କହିଛନ୍ତି। ଦଳପକ୍ଷରୁ ବହୁ ନେତା ପାଟକୁରାରେ ବିଜୟଙ୍କ ପାଇଁ ପ୍ରଚାର କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ସେହିପରି କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରଚାର କରିଛନ୍ତି।

### ଝାରସୁଗୁଡ଼ା ବିମାନବନ୍ଦରରେ ସେବା ବାଧାପ୍ରାପ୍ତ

# ବାରମ୍ବାର ବିମାନ ବାତିଲକୁ ନେଇ ଅସନ୍ତୋଷ

- ଖୁବ୍‌ଶୀଘ୍ର ସେବା ସ୍ୱାଭାବିକ ହେବ
- ଆଇଏଲ୍‌ଏସ୍ ଯନ୍ତ୍ର ଲଗାଯିବାକୁ ପ୍ରକ୍ରିୟା ଚାଲିଛି
- ଟୁଇଟ୍ କଲା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ



**ଭୁବନେଶ୍ୱର, ୭ା୭(ବ୍ୟୁରୋ)**

ଖରାପ ପାଗ ଯୋଗୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ବିମାନ ସେବା ବନ୍ଦ ହୋଇଯାଇଛି। ଗତମାସରେ ମଧ୍ୟ ଅନେକ ବିମାନ ବାତିଲ ହୋଇଥିଲା। କଲିକତା, ହାଇଦ୍ରାବାଦ, ଦିଲ୍ଲୀ, ରାୟପୁର, ଭୁବନେଶ୍ୱର ଯିବାକୁ ଥିବା ବିମାନ ବାରମ୍ବାର ବାତିଲ ହେଉଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିମାନସେବାକୁ ନେଇ ଅଭିଯୋଗ ଆସିବା ପରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ ମାଧ୍ୟମରେ ଏନେଇ ସ୍ପଷ୍ଟ କରାଯାଇଛି। ସମସ୍ୟାର ସମାଧାନ ପାଇଁ ଇନ୍‌ଷ୍ଟ୍ରୁମେଣ୍ଟ ଲାଣ୍ଡିଂ ସିଷ୍ଟମ(ଆଇଏଲ୍‌ଏସ୍) ଯନ୍ତ୍ର ଲଗାଯିବା ପ୍ରକ୍ରିୟା ଜାରି ରହିଛି ଓ ଡିଭିଓଆର୍ ଡିଏମ୍‌ଇ ପ୍ରୋସିଜିଓର ଚାଲିଛି। ଖୁବ୍‌ଶୀଘ୍ର ଝାରସୁଗୁଡା ବିମାନବନ୍ଦରକୁ ବିମାନ ଚଳାଚଳ ସ୍ୱାଭାବିକ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଗୋଟିଏ ସପ୍ତାହ ହେବ ସ୍ପାଇସ୍‌ଜେଟ୍ ଓ ଆଲିଆନ୍ସ ଏୟାର ବିମାନ ଝାରସୁଗୁଡ଼ା ବିମାନବନ୍ଦରରେ ଅବତରଣ ଓ ଉଡ଼ାଣ କରିନାହିଁ। ଦିଲ୍ଲୀ, କଲିକତା, ହାଇଦ୍ରାବାଦ, ରାୟପୁର ଓ ଭୁବନେଶ୍ୱରକୁ ଏହି ବିମାନ ଯାତ୍ରା କରିଥାଏ। ବିମାନ ଉଡ଼ାଣ ବନ୍ଦ ରହିଥିବାରୁ ପ୍ରତିଦିନ ଯାତ୍ରୀମାନେ ବିମାନବନ୍ଦର ଆସି ଅପେକ୍ଷା କରି ଫେରିଯାଉଛନ୍ତି। ପାଗ ଖରାପ ଯୋଗୁ ବିମାନ ବାତିଲ ହେଉଥିବା ଘୋଷଣା କରାଯାଉଛି। ଏହାଦ୍ୱାରା ଝାରସୁଗୁଡ଼ା ବିମାନବନ୍ଦର ପ୍ରତି ଭରସା ଓ ବିଶ୍ୱାସ ତୁଟିଯାଉଛି। ଏ ନେଇ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ କୁମାର ଚୌହାନ କହିଛନ୍ତି, ବହୁତ ଶୀଘ୍ର ଏ ସମସ୍ୟାର ସମାଧାନ ହୋଇଯିବ। ଆଇଏଲ୍‌ଏସ୍ ଯନ୍ତ୍ର ଲଗାଯିବା ପରେ ପାଗ ଖରାପ ଯୋଗୁ ବିମାନ ଦିଗ ପରିବର୍ତ୍ତନ କରିବା ଓ ଅବତରଣ କରିବାରେ କୌଣସି ଅସୁବିଧା ହେବ ନାହିଁ।

ସୂଚନାଯୋଗ୍ୟ, ୨୦୧୮ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିମାନବନ୍ଦରକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଏୟାର ଓଡ଼ିଶା ବିମାନ ସେବା ପ୍ରଦାନ କରିଥିଲା। ସେତେବେଳେ ଝାରସୁଗୁଡ଼ାରୁ କେବଳ ଭୁବନେଶ୍ୱରକୁ ବିମାନ ଉଡ଼ାଣ ହେଉଥିଲା। କିନ୍ତୁ କିଛିଦିନ ଚାଲିବା ପରେ ଏୟାର ଓଡ଼ିଶା ସେବା ବନ୍ଦ କରିଦେଇଥିଲା। କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱର ସହ ନେଇ ଝାରସୁଗୁଡା ବିମାନବନ୍ଦରକୁ ପୁଣି ଚାଲୁ କରିବା ପାଇଁ ପଦକ୍ଷେପ ନେଇଥିଲେ। ଗତ ମାର୍ଚ୍ଚ ୩୧ରେ ସ୍ପାଇସ୍ ଜେଟ୍ ଓ ଜୁନ୍ ୬ରେ ଆଲିଆନ୍ସ ଏୟାର ବିମାନ ସେବା ପ୍ରଦାନ ଆରମ୍ଭ କରିଥିଲା।

ରୋଗଣା ମା'ଙ୍କୁ ଜାଳିଦେବା ଘଟଣା

## ଅଭିଯୁକ୍ତ ପୁଅ କୋର୍ଟ ଚାଲାଣ

**ବଲାଙ୍ଗୀର ଅଫିସ/ ପାଟଣାଗଡ/ ବେଲପଡା, ୭ା୭ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ରାଡବାହାଲ ଗାଁରେ ଶଯ୍ୟାଶାୟୀ ବୃଦ୍ଧା ମା'ଙ୍କ ଦେହରେ କିରୋସିନ ଢାଳି ଜିଅନ୍ତା ପୋଡିଦେବା ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ ସନ୍ତୋଷ ଖର୍ସେଲ (୪୨)ଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପାରିବାରିକ ବିବାଦକୁ କେନ୍ଦ୍ରକରି ଶନିବାର ଭୋର ୫ଟାରେ ସନ୍ତୋଷ ତାଙ୍କ ବାପା ରୁଷି ଖର୍ସେଲ (୮୦)ଙ୍କୁ ମାଡ ମାରିଥିଲେ । ବାପାଙ୍କୁ ମାଡ ମାରିବା ଦେଖି ଶଯ୍ୟାଶାୟୀ ରୋଗଣା ମା' ଆଶାମତୀ (୭୫) ଏପରି ନ କରିବାକୁ ପୁଅକୁ ବାରଣ କରିଥିଲେ । ଏହାପରେ ବାପା ଋଷି ବିବାଦର ସମାଧାନ ପାଇଁ ଗାଁର ଭଦ୍ର ବ୍ୟକ୍ତିଙ୍କୁ ଡାକିବାକୁ ଯାଇଥିଲେ । ଏତିକି ବେଳେ ଉନ୍ମତ୍ତ ସନ୍ତୋଷ ଶଯ୍ୟାଶାୟୀ ରୋଗଣା ମା'ଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ । ଫଳରେ ନିଆଁରେ ଜିଅନ୍ତା ଜଳି ଯାଇଥିଲେ ଆଶାମତୀ । ଗ୍ରାମର କେତେକ ଲୋକ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ହେଲେ ସେତେବେଳକୁ ଆଶାମତୀଙ୍କ ମୃତ୍ୟୁ ଘଟିସାରିଥିଲା। ଏଭଳିକାଣ୍ଡ ଭିଆଇବା ପରେ ଅଭିଯୁକ୍ତ ସନ୍ତୋଷ ଫେରାର ହୋଇ ଯାଇଥିଲେ। ପରେ ପୋଲିସ ତାଙ୍କୁ ଧରି ପଚରାଉଚରା କରିଥିଲା ।


# classifieds Everyday 0674-2580101, 2549302

real estate

**SALE**

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66918

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66586

10,000sqft. IDCO land having factory and asbestos shed for immediate sale right on the Jagatpur Chowk, Cuttack. Contact: 9861307985. D-13268

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

**ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି Kurang Sasan sqft. 450/-, Hanspal NH-5 ରୁ 4k.m. ଦୂରରେ ଘରଉପଯୋଗୀ ଜମି Balianta ରେ sqft. 590/-, housing available at Chakeisiani/ Andharua. 9853289161, 8917267426.** D-66920

construction

2 BHK flat 1121 sqft (41.73 Lakhs) and 3 BHK 1709 sqft (63.60 Lakhs) at KALARAHANGA near Patia Bigbazar. Contact- 9937404044. D-13308

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and ayurvedic full body massage by smart therapist: 9114402304. D-66587

Experience full body massage with us (ex-pert). Call: 7377048581, 0674- 2597822. D-66589

Full body herbal massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Ayurvedic full body massage ladies/gents smart experts therapist. 9114697517. D-66917

**AFFIDAVIT**

By virtue of an affidavit sworn before Notary Public, Cuttack dtd. 10.08.2010 I, Suvasmita Pati changed my Surname from Pati to Dash. Henceforth I shall be known as Suvasmita Dash for all purposes. D-13311

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର କେନ୍ଦ୍ରରେ ଓ ରାଶିର ନବମରେ ଶନି ଆପଣଙ୍କୁ ମାଙ୍ଗଳିକ କାର୍ଯ୍ୟରେ ନିଯୁକ୍ତ କରାଇବ। ଆଜିର ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ଅଭିଳଷିତ ଫଳ ପାଇବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଅଶ୍ୱିନୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି।

**ବୃଷ** କେତେକ ବ୍ୟତିକ୍ରମ ଲାଗି ରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବାକୁ ବାଧ ହେବେ। ରୋହିଣୀ ନକ୍ଷତ୍ର ପାଇଁ ବନ୍ଧୁମାନଙ୍କ ସହାନୁଭୂତି ଲାଭ କରିବା ଫଳରେ ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନ ଘଟିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରିଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହେବ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବାର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ଜମିଜମା ସମ୍ପର୍କିତ ଚିନ୍ତା ବଢ଼ିପାରେ। ମୃଗଶିରା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ରକୁ ବ୍ୟସ୍ତବହୁଳ କରିପାରେ।

**କର୍କଟ** ଶୁଭଚନ୍ଦ୍ର ପ୍ରଭାବରୁ ଦୀର୍ଘଦିନର ସ୍ଥଗିତ କାମକୁ ଆରମ୍ଭ କରିବାର ସୁଯୋଗ ପାଇବେ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ସହ ସତର୍କତା ରକ୍ଷା କରିବା ଭଲ। ଅଶ୍ଳେଷା ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ସିଂହ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଚେଷ୍ଟା କରୁଥିବା କାମ, ଅର୍ଥ ସମ୍ପର୍କ ପ୍ରଭୃତି ପ୍ରତ୍ୟେକ ଦିଗରୁ ଶୁଭଫଳ ପାଇବେ। ଏକ ମାଙ୍ଗଳିକ ପରିବେଶରେ ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପୂର୍ବାଫାଲ୍‌ଗୁନୀ ସକାଶେ କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ସହକର୍ମୀଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ ।

**କନ୍ୟା** ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ କିମ୍ବା ପକେଟମାର ଦ୍ୱାରା ଧନହାନିର ସମ୍ଭାବନା ରହିଛି। ଗତକାଲିଠାରୁ ଚିନ୍ତା କରିଥିବା କାମଗୁଡିକ ଆଜି ପରିସ୍ଥିତିବଶତଃ ବାସ୍ତବରେ ଓଲଟା ହେବାରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ତଥା ଆଧ୍ୟାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ଶନିଙ୍କ ଦଶମ ଦୃଷ୍ଟିରେ ଚନ୍ଦ୍ର ରହିଥିବାରୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଗତି କରିବାକୁ ପଡିପାରେ। ଏପରି କି କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ଚିତ୍ରା ନକ୍ଷତ୍ର ପାଇଁ ବନ୍ଧୁମାନେ ଅସହଯୋଗ କରିପାରନ୍ତି। ଅବଶ୍ୟ କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ। ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା କାରଣରୁ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ଅନୁରାଧା ନକ୍ଷତ୍ର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହା କି ଆପଣଙ୍କ କଳ୍ପନା ବାହାରେ ଥିବା ପରି ମନେହେବ। ଜମିଜମା କାରଣକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇପାରେ।

**ଧନୁ** ପାପଗ୍ରହଙ୍କ କୁପ୍ରଭାବରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ହାତକୁ ନେଇଥିବା ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା କଷ୍ଟକର ହୋଇପାରେ। ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି। ଉତ୍ତରାଷାଢା ନକ୍ଷତ୍ର ସକାଶେ ପ୍ରିୟଜନମାନଙ୍କ ସହିତ ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହେବ।

**ମକର** ଆଜି ଭାଗ୍ୟସ୍ଥାନରେ ଚନ୍ଦ୍ର ଅଷ୍ଟମାଧିପତିଙ୍କ ନକ୍ଷତ୍ରସ୍ଥ ଯୋଗୁ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବା କଷ୍ଟକର ହୋଇପାରେ। ଅବଶ୍ୟ ନିଜ ପାଇଁ ଉପଭୋଗ୍ୟ ନ ହେଲେ ମଧ୍ୟ ଘରେ ବନ୍ଧୁ ମିଳନଜନିତ ଆମୋଦ ପ୍ରମୋଦର ସୁଅ ଛୁଟିବ। ପୂର୍ଣ୍ଣାଙ୍ଗ ହେବାକୁ ଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ।

**କୁମ୍ଭ** ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସଙ୍ଗକୁ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ସାମାନ୍ୟ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତ ହେବ। ଆନୁଷ୍ଠାନିକ କାମ, ସଭାସମିତି, ସତ୍‌ସଙ୍ଗ, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି କର୍ମମୁଖର ରହିପାରନ୍ତି। ଆକସ୍ମିକ ଭାବରେ ଅଫିସ୍‌ରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। କାର୍ଯ୍ୟହାନି କାରଣରୁ ଉତ୍ତରଭାଦ୍ରପଦ୍ ନକ୍ଷତ୍ର ହତାଶାବୋଧ କରିପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ସୋମବାର, ଶ୍ରୀମନ୍ଦିରରେ ହେରା ପଞ୍ଚମୀ, ଜୁଲାଇ ୮ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ବିଦ୍ୟାରମ୍ଭ, ଗୃହାରମ୍ଭ ଓ ଗୃହ ଓ ଦେବତା ପ୍ରତିଷ୍ଠା, ବ୍ରତୋପନୟନ ଓ ବିବାହ ପାଣିଗ୍ରହଣ ପାଇଁ ଉତ୍ତମ ଯୋଗ। ସକାଳ ଘ.୬।୫୦ମି. ମଧ୍ୟେ ଘ.୧।୦୫ମି. ଗତେ, ଘ.୨।୪୩ମି. ମଧ୍ୟେ ଅମୃତ ବେଳା। ଦିବା ଘ.୮।୨୮ମି. ଗତେ ଘ.୧୦।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା।

ପୃଥିବୀର କ୍ରମବିକାଶ ଧାରାରେ ମଣିଷର ଅତିମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବା ହେଉଛି ପ୍ରକୃତିର ଏକ ନିକଟବର୍ତ୍ତୀ ସମ୍ପାଦନ ବା କୃତିତ୍ୱ। ସେହିଠାରେ ହିଁ ରହିଛି ଆମର ନିୟତି। ଏବଂ ସେହିଠାରେ ହିଁ ରହିଛି ଆମ ମୁକ୍ତିର ଚାବିକାଠି– ଯାହା ପାଇଲେ ଆମେ ଆମର ଏହି ଅଭୀପ୍ସା ପରାୟଣ ଅଥଚ ସୀମାବଦ୍ଧ ଓ ବାଧାବିଘ୍ନ ସଂକୁଳ ଜୀବନରୁ ରକ୍ଷାପାଇବୁ।

–ଶ୍ରୀଅରବିନ୍ଦ



# ସୁନ୍ଦର ବଜେଟ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୧୯–୨୦ ଆର୍ଥିକବର୍ଷ ଲାଗି ଉପସ୍ଥାପନ କରିଥିବା ବଜେଟକୁ ନେଇ ଦୁଇ ଦିନ ହେବ ଢେର ଆଲୋଚନା ହେଲାଣି। ଇନ୍ଦିରା ଗାନ୍ଧୀଙ୍କ ପରେ ପୂର୍ଣ୍ଣକାଳୀନ ପ୍ରଥମ ମହିଳା ଅର୍ଥମନ୍ତ୍ରୀ ହୋଇଥିବା ସୀତାରାମନ୍ ବ୍ରିଫ୍‌କେସ୍ ବଦଳରେ 'ବହିଖାତା' ଧରି ସଂସଦ ଭବନକୁ ପ୍ରବେଶ କରିବାକୁ ପରମ୍ପରା ଭଙ୍ଗର ଏକ ଦୃଷ୍ଟାନ୍ତ ବୋଲି ଅଭିହିତ କରାଯାଉଛି। କେତେକେ ବଜେଟକୁ 'ନୂଆ ଭାରତ' ପାଇଁ ଏକ ଦିଗବାରେଣୀ କହୁଥିବା ବେଳେ ସମାଲୋଚକମାନେ ଏହାକୁ ଅସ୍ୱଚ୍ଛ ବଜେଟ କହିଲେଣି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରଙ୍କ ନିଷ୍ପତ୍ତିକୁ ଶାସକ ଦଳ ସମର୍ଥନ କରିଥାଆନ୍ତି ଓ ବିରୋଧୀ ଭିନ୍ନ ପ୍ରତିକ୍ରିୟା ଦେବା ସ୍ୱାଭାବିକ। ୫ ଜୁଲାଇର ବଜେଟ ଉପସ୍ଥାପନ ଶୈଳୀକୁ ଦେଖିଲେ ସୀତାରାମନ୍‌ଙ୍କ ଉଚ୍ଚାରଣ ଓ ବୁଝାଇବା ଶୈଳୀ ପ୍ରଶଂସନୀୟ ଥିବା କୁହାଯାଉଛି। ହେଲେ ସେହି ଉତ୍ସାହ ବଜେଟର ବିଷୟବସ୍ତୁରେ ସ୍ଥାନିତ ହୋଇ ନ ଥିବା ଅନେକେ ଅନୁଭବ କରିଛନ୍ତି। ପ୍ରତ୍ୟେକ ପଦକ୍ଷେପରେ ଅର୍ଥମନ୍ତ୍ରୀ ଯେଉଁ ଦିଗକୁ ସୂଚାଉଥିଲେ, ସେଥିରେ ଲମ୍ବା ସମୟର ଭିଜନ୍ ବା ଦୃଷ୍ଟିପଥ ପ୍ରତିଫଳିତ ହେଉଥିଲା। ଦେଖିବାକୁ ଗଲେ ଉପସ୍ଥାପିତ ବଜେଟ ଆସନ୍ତା ୨୦୨୦ ଫେବୃୟାରୀ ସୁଦ୍ଧା ଶେଷ ହେବ। ୭ ମାସର ଆୟୁଷ ରଖିଥିବା ଏହି ଖର୍ଚ୍ଚ ଅଟକଳ ବାସ୍ତବରେ ଗତଥରର ନିର୍ବାଚନୀ ଘୋଷଣାରେ ଭର୍ତ୍ତି ବଜେଟକୁ ସମ୍ଭାଳିବାରେ ଅଧିକ ଶକ୍ତି ପ୍ରୟୋଗ କରିଛି। ସେହିପରି ସାଧାରଣ ବଜେଟ ସହ ରେଲୱେ ବଜେଟ ମିଶ୍ରଣ ହୋଇଥିଲେ ହେଁ ରେଳର ବିଭିନ୍ନ କ୍ଷେତ୍ର ପାଇଁ ଅନୁଦାନ ଅଦ୍ୟାବଧି ଘୋଷଣା କରାଯାଇ ନାହିଁ। ସୀତାରାମନ୍ ବଜେଟ ଉପସ୍ଥାପନ ବେଳେ ବ୍ୟୟବରାଦର ତଥ୍ୟ ଆନେକ୍ସଚର ବା ସଂଯୁକ୍ତପତ୍ରରେ ରହିଥିବା ବାରମ୍ବାର କହୁଥିବା ଦେଖିବାକୁ ମିଳିଥିଲା। ବିଶ୍ଳେଷକଙ୍କ ମତରେ ଏନ୍‌ଡିଏ–୧ ସରକାରଙ୍କ ସଫଳତା ବଖାଣିବାରେ ବଜେଟର ୭୦ ପ୍ରତିଶତ ସମୟ ଯାଇଥିବା ବେଳେ ୩୦ ପ୍ରତିଶତ ଚଳିତ ବଜେଟ ସମ୍ପର୍କରେ ଉଲ୍ଲେଖ କରାଯାଇଛି।

ସମୀକ୍ଷକ କହିଲେଣି ଯେ, ଉପସ୍ଥାପିତ ବଜେଟ ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖାଯାଇ କରାଯାଇଛି। ସୁପର ରିଚ୍ ଅବା ଅତିଧନୀଙ୍କ ଉପରେ ଅଧିକ ଟିକସ ବସାଯାଇଥିବାରୁ ତାହା ଗରିବଙ୍କୁ ଖୁସି ଦେବ ବୋଲି ଚିନ୍ତାଧାରା ସୃଷ୍ଟି କରାଯାଇଛି। ସାଧାରଣରେ ଏକ ମାନସିକତା ରହିଛି ଯେ, ଧନୀ ସମାଜରୁ ସବୁକିଛି ନେଇଯାଉଥିବାରୁ ସେମାନଙ୍କ ଉପରେ ଅଧିକ ଟିକସ ବସିଲେ ଭଲ। ଅନ୍ୟପଟେ ଗାଁ, ଗରିବ ଏବଂ କୃଷକଙ୍କ ନାମ ନେଇ ଯୋଜନା ବା କାର୍ଯ୍ୟକ୍ରମ ଘୋଷଣା ହୋଇଗଲେ ସରକାରଙ୍କୁ ପ୍ରଶଂସା ମିଳିଥାଏ। କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ। ୨ କୋଟିରୁ ୫ କୋଟି ଏବଂ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରୁଥିବା ବ୍ୟକ୍ତିଙ୍କ ଉପରେ ବର୍ଦ୍ଧିତ ପ୍ରତିଶତ ଟିକସର ଅର୍ଥ ନୁହେଁ ସରକାରଙ୍କ ଆୟ ଯଥେଷ୍ଟ ବୃଦ୍ଧି ଘଟିବ। ସେହିପରି ଯଦି ଦେଖାଯାଏ, ମଧ୍ୟମ ଓ କ୍ଷୁଦ୍ର ବ୍ୟବସାୟୀ କିମ୍ବା ଉଦ୍ୟୋଗୀଙ୍କ ଆୟ ୨ରୁ ୫ କୋଟି ଟଙ୍କା ବା ତଦୂର୍ଦ୍ଧ୍ୱ ହେବା ଆଜିର ପରିସ୍ଥିତିରେ ଅସ୍ୱାଭାବିକ ନୁହେଁ। କିନ୍ତୁ ଏହି ପରିମାଣ ଆୟ କେବେହେଲେ ଲାଭ ବୋଲି କହିହେବ ନାହିଁ। ସେହି ସ୍ତରର ଉଦ୍ୟୋଗ ପାଇଁ ଏହି ପରିମାଣର ଲାଭ ତା'ର ଦୈନନ୍ଦିନ ଖର୍ଚ୍ଚରେ ବ୍ୟବହୃତ ହୋଇଥାଇପାରେ। ସେହିଭଳି ଉଦ୍ୟୋଗରେ ଅନେକ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଥାଏ। ଏଭଳି କ୍ଷେତ୍ରରେ ଉଦ୍ୟୋଗକୁ କିଭଳି ପ୍ରୋତ୍ସାହନ ଦିଆଗଲେ ଅର୍ଥନୈତିକ ଅଭିବୃଦ୍ଧି ଘଟିପାରିବ, ସେ ସଂକ୍ରାନ୍ତରେ ବଜେଟରେ ଅନୁଧ୍ୟାନ କରାଯାଇ ନାହିଁ। ଧନୀଙ୍କୁ ସରକାର ବିରୋଧ କରୁଛି ବୋଲି ଦର୍ଶାଯାଉଥିଲେ ହେଁ ପ୍ରକୃତରେ ବଡ଼ ଶିଳ୍ପପତିଙ୍କୁ ପ୍ରୋତ୍ସାହନ ଦିଆଯାଉଛି।

ଗାଁ ଓ ଗରିବ କଥାକୁ ଫେରିବା। ୨୦୨୨ ସୁଦ୍ଧା ସମସ୍ତଙ୍କୁ ବାସଗୃହ, ୨୦୨୪ ସୁଦ୍ଧା ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ, ମହିଳାମାନଙ୍କୁ ସଶକ୍ତ କରିବା ସକାଶେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟାଙ୍କୁ ୫ ହଜାର ଟଙ୍କା ଓଭରଡ୍ରାଫ୍ଟ ନେବାର ସୁଯୋଗ ସୃଷ୍ଟି କରାଯାଇଛି। ଆଜିର ସ୍ଥିତିରେ ବାସ୍ତବ ଦିଗକୁ ଦେଖିଲେ ମାତ୍ର ୫ ହଜାର ଟଙ୍କାରେ କୌଣସି ମହିଳା ଆର୍ଥିକ ଦୃଷ୍ଟିରୁ ସଶକ୍ତ ହେବା ଆଦୌ ସମ୍ଭବ ନୁହେଁ। ତେବେ ଏହିଭଳି କିଛି ସୁବିଧା ଦେବାକୁ ଯାଇ କେନ୍ଦ୍ର ସରକାର ଆର୍ଥିକ ଭରଣା ସକାଶେ ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଟିକସ ବଢ଼ାଇ ଦେଇଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ସମାଜର ପ୍ରତ୍ୟେକ ବର୍ଗଙ୍କ ଉପରେ ବୋଝ ପକାଇବା ପାଇଁ ଯଥେଷ୍ଟ। କାରଣ ପେଟ୍ରୋ ସାମଗ୍ରୀର ଦର ବଢ଼ିଲେ ସବୁକିଛି ବଢ଼ିଯାଇଥାଏ। ଉଲ୍ଲେଖଯୋଗ୍ୟ, ପେଟ୍ରୋଲ ଓ ଡିଜେଲ ଦର ଉପରେ ସରକାରଙ୍କ ନିୟନ୍ତ୍ରଣ ରହୁ ନ ଥିବାରୁ ଏହାକୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅଧୀନକୁ ଆଣିବା ଲାଗି ଦାବି ହେଉଥିଲା। ହେଲେ ତାହା ହୋଇପାରି ନାହିଁ। ବରଂ 'ବୋଝ ଉପରେ ନଳିତାବିଡ଼ା' ପରି ଏହା ଉପଭୋକ୍ତାଙ୍କ ଖର୍ଚ୍ଚ ବଢ଼ାଇ ଚାଲିବ।

ନିର୍ମଳାଙ୍କ ବଜେଟକୁ ଦେଖିଲେ, ତାଙ୍କ ଦୃଷ୍ଟିପତ୍ରରେ ସରକାରଙ୍କ ଜିଦ୍ ବଜାୟ ରଖିବା ଲାଗି କେତେକ ଦିଗକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ଜଣାପଡ଼ିଯାଉଛି। ଏଥିମଧ୍ୟରୁ 'ଆଧାର କାର୍ଡ' ଅନ୍ୟତମ। ବଜେଟରେ କୁହାଯାଇଛି ଯେ, ଆୟକର ଦାଖଲ ଲାଗି ପାନ୍ କାର୍ଡ ନ ଥିଲେ ମଧ୍ୟ ଆଧାର ନମ୍ବର ମାଧ୍ୟମରେ ତାହା କରାଯାଇପାରିବ। ୭ ଜୁଲାଇରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ପକ୍ଷରୁ କୁହାଯାଇଛି, ଯେଉଁ ବ୍ୟକ୍ତିଙ୍କର ଆଧାର କାର୍ଡ ଥିବ, ତାଙ୍କୁ ପାନ୍ କାର୍ଡ ସହଜରେ ମିଳିଯିବ। ଅର୍ଥାତ୍ ଆଧାରକୁ ସଶକ୍ତ କରିବା ଲାଗି ବଜେଟରେ ବ୍ୟବସ୍ଥା କରାଯାଇଛି। ସେହିପରି 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ଚିନ୍ତାଧାରା ପରି ବିଦ୍ୟୁତ୍‌ଶକ୍ତି କ୍ଷେତ୍ରରେ 'ଏକ ଦେଶ, ଏକ ଗ୍ରୀଡ୍' ବିଷୟ ବଜେଟରେ କୁହାଯାଇଛି। ହେଲେ ଏହାର ନକାରାତ୍ମକ ଦିଗକୁ ଦେଖିଲେ ଯୁଦ୍ଧ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଭଳି କୌଣସି ଘଟଣା ଘଟିଲେ, ସମ୍ପୂର୍ଣ୍ଣ ଦେଶ ଗୋଟିଏ ଗ୍ରୀଡ୍‌ରେ ଥିଲେ, ଅନ୍ଧାର ହୋଇଯିବା ଆଶଙ୍କା ରହିଛି। ସେଥିପାଇଁ ସବୁ ଅଞ୍ଚଳ ପାଇଁ ଭିନ୍ନ ଶକ୍ତିକେନ୍ଦ୍ର ଥିଲେ, ତାହା ଭବିଷ୍ୟତ ପାଇଁ ମଙ୍ଗଳମୟ। ଏଥିରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦୁର୍ବଳ ଶ୍ରେଣୀର ଉତ୍ଥାନ ଲାଗି ଚିନ୍ତା ପରିବର୍ତ୍ତେ ବିରାଟକାୟ ବ୍ୟବସାୟକୁ ସୁବିଧା ଦେବା ସହ ରାଜନୈତିକ ଉଦ୍ଦେଶ୍ୟ ପୂରଣ ଦିଗରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବଜେଟର ସାରାଂଶକୁ ଦେଖିଲେ ବୁଝିହେଉଛି ଯେ, କେନ୍ଦ୍ର ସରକାର ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବଜେଟ ପ୍ରସ୍ତୁତ କରିଛନ୍ତି। ଆଗାମୀ ୫ ବର୍ଷରେ ଭାରତୀୟ ଅର୍ଥନୀତି ୫ ଟ୍ରିଲିୟନ ଡଲାର ବା ୫ ଲକ୍ଷ କୋଟି ଡଲାରରେ ପହଞ୍ଚିବ ବୋଲି କୁହାଯାଇଛି। ହେଲେ ସେଭଳି ଅର୍ଥନୈତିକ ସ୍ଥିତିରେ ପହଞ୍ଚିବା ପାଇଁ ଆର୍ଥିକ ଦୃଷ୍ଟିକୋଣରୁ କୌଣସି ରୋଡ୍‌ମ୍ୟାପ୍ ବଜେଟରେ ପ୍ରଦାନ କରାଯାଇନାହିଁ। ଦେଖିବାକୁ ଗଲେ ଅଣଆର୍ଥିକ ପ୍ରସଙ୍ଗ ବଜେଟରେ ପ୍ରାଧାନ୍ୟ ଲାଭ କରିଛି।

# ଉତ୍କଳର ରାଜବଂଶ ଓ ବାଇଶି ପାହାଚ



ବୈକୁଣ୍ଠନାଥ ମିଶ୍ର

ଭୌମକର ବଂଶର ଶାସକମାନେ କଳିଙ୍ଗକୁ ଶାସନ କରୁଥିବା ସମୟରେ ସୋମବଂଶୀମାନେ କୋଶଳର ଶାସନକର୍ତ୍ତା ଥିଲେ। ନବମ ଶତାବ୍ଦୀର ଶେଷଭାଗରେ ଭୌମକର ଶାସନର ପତନ ଘଟିଲା ଓ ପ୍ରବଳ ପରାକ୍ରମୀ ସୋମବଂଶୀମାନେ ଓଡ଼ିଶା ଶାସନର ଭାଗ୍ୟବିଧାତା ସାଜିଲେ। ଏହି ବଂଶର ସୁଦକ୍ଷ ଶାସକ ଯଯାତିକେଶରୀ–୨ୟଙ୍କ ରାଜତ୍ୱ ସମୟରେ କଳିଙ୍ଗ, କଙ୍ଗୋଦ, ଉତ୍କଳ ଓ କୋଶଳର ମିଶ୍ରଣ ଘଟି ବୃହତ୍ ଓଡ଼ିଶା ଜନ୍ମନେଲା। ଆଗଙ୍ଗାଗୋଦାବରୀ ଶାସନକର୍ତ୍ତା ସାଜିଥିବା ସୋମବଂଶୀମାନେ ଖ୍ରୀଷ୍ଟୀୟ ୯ମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଶାସନ କରି ଓଡ଼ିଶାର ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିଥିଲେ। ଭାରତୀୟ ଉପମହାଦେଶରେ ଓଡ଼ିଶାର ସ୍ଥାନ ଅଦ୍ୱିତୀୟ ଥିଲା। ସୋମବଂଶୀ ଶାସକଙ୍କ ମଧ୍ୟରେ ଜନ୍ମେଜୟ–୧, ଯଯାତିକେଶରୀ–୧, ଯଯାତିକେଶରୀ–୨, ଧର୍ମନାଥ ଓ ଉଦ୍ୟୋତ କେଶରୀଙ୍କ ନାମ ଐତିହାସିକ ଦୃଷ୍ଟିକୋଣରୁ ଅତୀବ ଗୁରୁତ୍ୱପୂର୍ଣ୍ଣ। ସୋମବଂଶୀମାନେ ଥିଲେ ଶିବ ଉପାସକ। ଏହି ବଂଶର ରାଜା ଯଯାତିକେଶରୀ–୨ ଯାଜପୁରଠାରେ ଅଶ୍ୱମେଧ ଯଜ୍ଞ କରି ଯାଜପୁରକୁ ଓଡ଼ିଶାର ରାଜଧାନୀ କରିଥିଲେ। ସେ କାନ୍ୟକୁବ୍ଜରୁ ଦଶହଜାର ବ୍ରାହ୍ମଣ ଆଣି ଓଡ଼ିଶାରେ ସ୍ଥାୟୀ ବସତି ସ୍ଥାପନ କରାଇ ଆରାଧନାର ମାର୍ଗ ପ୍ରଶସ୍ତ କରିଥିଲେ। ଯଯାତିଙ୍କ କୀର୍ତ୍ତି ମଧ୍ୟରେ ଭୁବନେଶ୍ୱରର ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ଅନ୍ୟତମ, ଯାହାର ନିର୍ମାଣ କାର୍ଯ୍ୟ ତାଙ୍କ ସମୟରେ ଆରମ୍ଭ ହୋଇଥିଲା। ଏକାମ୍ର କ୍ଷେତ୍ରକୁ ମନ୍ଦିରମାଳିନୀ କରିବାରେ ସୋମବଂଶୀ ଶାସକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

ସୋମବଂଶୀ ରାଜାମାନଙ୍କ ବଂଶାନୁକ୍ରମିକ ଶାସନର ପୂର୍ଣ୍ଣଚ୍ଛେଦ ପଡ଼ିବା ପରେ ଉତ୍କଳରେ ଗଙ୍ଗ ସାମ୍ରାଜ୍ୟର ଭିତ୍ତିପ୍ରସ୍ତର ସ୍ଥାପିତ ହେଲା। ସୋମବଂଶୀମାନେ ପ୍ରବଳ ଶିବଭକ୍ତ ଥିଲେ। କିନ୍ତୁ ଗଙ୍ଗ ନରପତିମାନେ ଥିଲେ ବିଷ୍ଣୁଭକ୍ତ। ପ୍ରଗାଢ଼ ବିଷ୍ଣୁଭକ୍ତି ସେମାନଙ୍କୁ ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ଅନୁପ୍ରେରିତ କରିଥିଲା। ଗଙ୍ଗବଂଶର ପ୍ରତିଷ୍ଠାତା ଥିଲେ ପ୍ରଥିତଯଶା ଅନନ୍ତବର୍ମନ ଚୋଡ଼ଗଙ୍ଗଦେବ। ଚୋଡ଼ଗଙ୍ଗଦେବ ସ୍ୱକୀୟ ରଣକୌଶଳ ଓ ପ୍ରଗାଢ଼ ବୁଦ୍ଧିମତ୍ତା ଯୋଗୁ ଆଗଙ୍ଗାଗୋଦାବରୀ ବିସ୍ତୃତ ଉତ୍କଳ ରାଜ୍ୟର ସୀମାକୁ ସୁରକ୍ଷିତ ରଖିପାରିଥିଲେ। ଦ୍ୱାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଚୋଡ଼ଗଙ୍ଗଦେବ ପୁରୀ ଶ୍ରୀମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସର୍ବସମ୍ପଦର ଉତ୍ସ ତଥା ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର ଓ ଓଡ଼ିଆ ଜାତିର ଗର୍ବଗୌରବର ମୂକସାକ୍ଷୀ ଶ୍ରୀମନ୍ଦିର ଆଜି ତା'ର ପତିତପାବନ ନେତକୁ ଫରଫର ଉଡ଼ାଇ ମାନବ ଜୀବନର ସକଳ ଅବସାଦକୁ ଦୂରେଇଦେଉଛି। ଶ୍ରୀମନ୍ଦିରରେ ବିରାଜିତ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତି ଓଡ଼ିଶା ଭଳି ଏକ କ୍ଷୁଦ୍ର ରାଜ୍ୟରେ ଆବିର୍ଭୂତ ହୋଇ ଓଡ଼ିଆମାନଙ୍କୁ ବିଶ୍ୱ ଦରବାରରେ ଏକ ଗୌରବମୟ ପରିଚୟ ପ୍ରଦାନ କରିଛନ୍ତି। ଯେଉଁ ସମୟରେ ସମଗ୍ର ଭାରତବର୍ଷ ମୁସଲମାନ ଅପଶାସନରେ ଜର୍ଜରିତ ଓ ହିନ୍ଦୁମାନଙ୍କ ପବିତ୍ର ଉପାସନାସ୍ଥଳୀ ମଥୁରା, ବୃନ୍ଦାବନ ଓ କାଶୀକ୍ଷେତ୍ର ମୁସଲମାନ ଶାସକଙ୍କ କ୍ରୂର ଆକ୍ରମଣର ଶିକାର, ସେହି ସମୟରେ ଶ୍ରୀକ୍ଷେତ୍ର ତା'ର ସୁରକ୍ଷା ସୁନିଶ୍ଚିତ କରିପାରିଥିଲା। ଏହା ସମ୍ଭବ ହୋଇଥିଲା କେବଳ ଲୀଳାମୟଙ୍କର ଓଡ଼ିଆଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ଅନୁକମ୍ପା ଯୋଗୁ। ଶ୍ରୀକ୍ଷେତ୍ରର ଗରିମା ରକ୍ଷା କେବଳ ମାନବୀୟ କ୍ରିୟାର ଅଂଶବିଶେଷ ନୁହେଁ, ଏହା ସମ୍ପୂର୍ଣ୍ଣ ଦୈବୀ ଇଚ୍ଛାର ପ୍ରତିଫଳନ।

ଚୋଡ଼ଗଙ୍ଗ ଦେବଙ୍କ ପରେ ଗଙ୍ଗବଂଶର ଅନ୍ୟତମ ରାଜା ଅନଙ୍ଗଭୀମ ଦେବ ମନ୍ଦିରର ଚୂଡ଼ାନ୍ତ କାର୍ଯ୍ୟ ସମାପନ କରିଥିଲେ। ସେହି ବଂଶର ପରପିଢ଼ିର ରାଜା ଭାନୁଦେବ ଅପୁତ୍ରକ ଥିବାରୁ ଘୋର ମନସ୍ତାପ ମଧ୍ୟରେ କାଳାତିପାତ କରୁଥିଲେ। ଭାନୁଦେବଙ୍କ ରାଜତ୍ୱକାଳ ପରିବ୍ୟାପ୍ତ ଥିଲା ଖ୍ରୀ.ଅ. ୧୨୬୪ରୁ ୧୨୭୮ ପର୍ଯ୍ୟନ୍ତ। ସନ୍ତାନହୀନତାର ସନ୍ତାପରେ ଜର୍ଜରିତ ସମ୍ରାଟ ଭାନୁଦେବ ରାଜଗୁରୁଙ୍କ ପରାମର୍ଶ ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ନିକଟରେ ଆତ୍ମନିବେଦନ ସ୍ୱରୂପ ଅନ୍ନଜଳ ତ୍ୟାଗକରି ସାତଦିନ ପର୍ଯ୍ୟନ୍ତ ଧ୍ୟାନସ୍ଥ ହେଲେ। ସପ୍ତମ ରାତ୍ରିର ଚତୁର୍ଥ ପ୍ରହରରେ ଶ୍ରୀଜଗନ୍ନାଥ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ପ୍ରଭୁ ଯମେଶ୍ୱରଙ୍କ ଶରଣାପନ୍ନ ହେବାକୁ ଆଦେଶ କଲେ। ପ୍ରଭୁଙ୍କ ଆଜ୍ଞାନୁସାରେ ସମ୍ରାଟ୍ ଭାନୁଦେବ ଯମେଶ୍ୱରଙ୍କ ନିକଟରେ ଅନ୍ନଜଳ ପରିହାରପୂର୍ବକ ଭକ୍ତିପୂତ ଚିତ୍ତରେ ଧ୍ୟାନମଗ୍ନ ହେଲେ। ପ୍ରଭୁ ଯମେଶ୍ୱର ପ୍ରସନ୍ନ ହୋଇ ସପ୍ତମ ରାତ୍ରିରେ ସମ୍ରାଟ୍‌ଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ପୁତ୍ରସନ୍ତାନ ପ୍ରାପ୍ତିର ବରଦାନ କଲେ। ଯଥାସମୟରେ ରାଣୀଙ୍କ ଗର୍ଭରୁ ପୁତ୍ର ସନ୍ତାନଟିଏ ଜାତହେଲା। ନବଜାତକ ଶିଶୁଟିର ତେଜରେ ସମଗ୍ର ରାଜପ୍ରାସାଦ ଅଲୌକିକ ଉଜ୍ଜ୍ୱଳ ରଶ୍ମିରେ ଉଦ୍ଭାସିତ ହେଲା। ରାଜା ଓ ରାଣୀଙ୍କର ମନ ଆନନ୍ଦରେ ନାଚି ଉଠିଲା। ମହାଆଡ଼ମ୍ବରରେ ପୁତ୍ରର ନାମକରଣ ଉତ୍ସବ ଅନୁଷ୍ଠିତ ହେଲା। ପାତ୍ର, ମନ୍ତ୍ରୀ, ରାଜଗୁରୁ, ସେନାପତି ଓ ରାଜନଅର ସହିତ ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କ ଯୋଗଦାନରେ ରାଜପ୍ରାସାଦ ଉତ୍ସବମୁଖର ହୋଇଉଠିଲା। ମାତ୍ର ନାମକରଣ ଉତ୍ସବର ସମସ୍ତ ସରସତା ନିମିଷକେ ମଳିନ ପଡ଼ିଗଲା, ଯେତେବେଳେ ରାଜଜ୍ୟୋତିଷ ଦୁଃଖାତିଶଯ୍ୟରେ ପ୍ରକାଶ କଲେ ଯେ, ରାଜକୁମାରଙ୍କର ଆୟୁଷ ମାତ୍ର ବାଇଶି ବର୍ଷ। ରାଜାଙ୍କ ମୁଣ୍ଡରେ ସତେ ଯେପରି ବଜ୍ରପାତ ହେଲା।

ରାଜଗୁରୁଙ୍କ ପରାମର୍ଶ ଅନୁସାରେ ଇଷ୍ଟପ୍ରାଣ ସମ୍ରାଟ୍ ଭାନୁଦେବ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ପୁନର୍ବାର ଶରଣାପନ୍ନ ହେଲେ। ଶ୍ରୀଜଗନ୍ନାଥ ଅନ୍ତର୍ଯ୍ୟାମୀ। ସେ ସ୍ୱପ୍ନରେ ସମ୍ରାଟ୍‌ଙ୍କୁ ଆଦେଶ କଲେ, ତୁମେ ମୋ ମନ୍ଦିରର ପ୍ରବେଶ ପଥରେ ବାଇଶିଗୋଟି ପାହାଚ ନିର୍ମାଣ କର। ମୋତେ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନଙ୍କର ପଦରଜରେ ବାଇଶି ପାହାଚ ପବିତ୍ରିତ ହେବ ଏବଂ ତଦ୍ୱାରା ତୁମ ପୁତ୍ରର ରିଷ୍ଟ ଖଣ୍ଡନହେବ ଓ ସେ ଦୀର୍ଘଜୀବୀ ହେବେ। ସମ୍ରାଟ୍ ଭାନୁଦେବ ବାଇଶି ପାହାଚ ନିର୍ମାଣରେ ମନପ୍ରାଣ ଢାଳିଦେଲେ। ନାନା ବାଧାବିଘ୍ନ ସତ୍ତ୍ୱେ ବାଇଶି ପାହାଚ ନିର୍ମାଣ କାର୍ଯ୍ୟ ସମାପ୍ତ ହେଲା। କିମ୍ବଦନ୍ତୀ କହେ ବାଇଶି ପାହାଚ ନିର୍ମାଣ ସମୟରେ ପାହାଚର ଠିକ୍ ମଧ୍ୟସ୍ଥଳରେ ଏକ ଗର୍ତ୍ତ ସୃଷ୍ଟି ହୋଇ ପ୍ରବଳ ଜଳ ଉଦ୍‌ଗୀର୍ଣ୍ଣ ହେବାକୁ ଲାଗିଲା। କୁହାଯାଏ ଉକ୍ତ ଗର୍ତ୍ତ ମହୋଦଧି ସହ ସଂଯୁକ୍ତ ଥିବାରୁ ଉଦ୍‌ବେଳିତ ସାମୁଦ୍ରିକ ତରଙ୍ଗ ଦ୍ୱାରା ଆନିତ ଜଳ ଫୁତ୍କାର ମାଧ୍ୟମରେ ଉପରକୁ ଆସି ନିର୍ମାଣାଧୀନ କାର୍ଯ୍ୟରେ ଘୋର ଅନ୍ତରାୟ ସୃଷ୍ଟି କଲା। ଶିଳ୍ପୀଙ୍କର ସମସ୍ତ ପ୍ରତିକାର ବ୍ୟର୍ଥ ହେଲା। ସମ୍ରାଟ୍ ହତୋତ୍ସାହ ହୋଇପଡ଼ିଲେ। ବାଇଶି ପାହାଚର ନିର୍ମାଣ ପୂର୍ଣ୍ଣାଙ୍ଗ ନ ହେଲେ ପୁତ୍ରର ଦୀର୍ଘଜୀବନ ସମ୍ଭାବନା ଫଳବତୀ ହୋଇପାରିବ ନାହିଁ। ରାଜଗୁରୁଙ୍କ ପରାମର୍ଶକ୍ରମେ ସମ୍ରାଟ୍ ବରୁଣ ଦେବତାଙ୍କ ଉଦ୍ଦେଶ୍ୟରେ ହୋମଯଜ୍ଞ ଓ ଉପାସନା କଲେ। ବରୁଣ ଦେବତା ସନ୍ତୁଷ୍ଟ ହେଲେ ଓ ଜଳ ଉଦ୍‌ଗିରଣ ବନ୍ଦ ହେଲା। ବାଇଶି ପାହାଚର ନିର୍ମାଣ କାର୍ଯ୍ୟ ଶେଷ ହେଲା। ବାଇଶି ପାହାଚ ଉପର ଦେଇ ଭକ୍ତମାନେ ଶ୍ରୀମନ୍ଦିରରେ ଦିଅଁ ଦର୍ଶନ କଲେ। ରାଜପୁତ୍ରଙ୍କ ରିଷ୍ଟ ଖଣ୍ଡନ ହେଲା ଓ ସେ ଦୀର୍ଘଜୀବନ ପ୍ରାପ୍ତ ହେଲେ। ରାଜପୁତ୍ର ଦୀର୍ଘଜୀବୀ ହେଲେ ସିନା, ସେ ଥିଲେ ଅତ୍ୟନ୍ତ ଦୁର୍ବଳ ଓ କାପୁରୁଷ। ଫଳରେ ପିତା ଭାନୁଦେବଙ୍କ ବିଚକ୍ଷଣ ସେନାଧ୍ୟକ୍ଷ କପିଳ ରାଉତରାୟ ନିଜକୁ କପିଳେନ୍ଦ୍ର ଦେବ ଘୋଷଣା କରି ସିଂହାସନ ଆରୋହଣ କଲେ। ସେ ଥିଲେ ସୂର୍ଯ୍ୟବଂଶୀ ଏବଂ ତାଙ୍କଠାରୁ ଉତ୍କଳରେ ଗଜପତି ଶାସନର ଅୟମାରମ୍ଭ ହେଲା।

ଆଉ କେତେଜଣ ଐତିହାସିକଙ୍କ ମତରେ ମନ୍ଦିରର ବହିସ୍ଥ ପାହାଚ କାଳକ୍ରମେ ଅପଭ୍ରଂଶ ହୋଇ ବାଇଶିପାହାଚ ନାମରେ ଲୋକମୁଖରେ ପ୍ରସିଦ୍ଧି ଅର୍ଜନ କରିଛି। ସେ ଯାହାହେଉ ବାଇଶି ପାହାଚ ନିର୍ମାଣ ଦ୍ୱାରା ରାଜପୁତ୍ର ଦୀର୍ଘଜୀବନ ପ୍ରାପ୍ତ ହୋଇଥିବାରୁ ଭକ୍ତମାନେ ବାଇଶି ପାହାଚରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରି ଆସୁଛନ୍ତି। ବିଶ୍ୱାସ ରହିଛି ବାଇଶି ପାହାଚରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କର ବୈକୁଣ୍ଠପ୍ରାପ୍ତି ହୋଇଥାଏ। ଶ୍ରୀମନ୍ଦିରର ଅନ୍ୟ ଅଂଶ ପରି ବାଇଶି ପାହାଚ ମଧ୍ୟ ଏକ ପବିତ୍ର ସ୍ଥାନ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ସାନବାବୁଙ୍କ ସଂରକ୍ଷଣ ନିୟମ



କମଳାକାନ୍ତ ଜେନା

ସୁନ୍ଦରଗଡ଼ କଲେଜରେ ଅଧ୍ୟାପନା କରିବା ସମୟରେ ସାନବାବୁ ମତେ ପଚାରିଲେ, ''ଆପଣ ଶକ୍ତି ସଂରକ୍ଷଣ ନିୟମ ପଢ଼ାନ୍ତି ପରା ?'' ମୁଁ କହିଲି, ''ହଁ, କଞ୍ଜରଭେଶନ୍ ଅଫ୍ ଏନର୍ଜି। ପଦାର୍ଥ ବିଜ୍ଞାନର ଏହା ଗୋଟେ ଗୁରୁତ୍ୱପୂର୍ଣ୍ଣ ବିଷୟ।'' ସେ କହିଲେ, ''ମୁଁ ତ ଆର୍ଟସ୍ ପଢୁଥିଲି। ଆପଣଙ୍କର ପାଠ ମୋ ମୁଣ୍ଡରେ ପଶିବନି। କିନ୍ତୁ ମୋର ବି ଗୋଟେ କଞ୍ଜରଭେଶନ୍ ନିୟମ ଅଛି, ଆପଣ ସହଜରେ ବୁଝିପାରିବେ।'' ମତେ ଲାଗିଲା, ସେ ମଜା କରୁଛନ୍ତି। ମୁଁ ହସିଦେଇ କହିଲି, ''ବଢ଼ିଆ କଥା।'' ତା'ପରେ ଆଗକୁ ବଢ଼ିଲି। ସେ ପଛରୁ ଡାକି କହିଲେ, ''ଆଜ୍ଞା, ମୋ ନିୟମଟା ନ ଶୁଣି ପଳେଇଗଲେ ଯେ ?'' ମୁଁ ଫେରିଆସି ପଚାରିଲି, ''ସତରେ ନା ମଜା କରୁଛନ୍ତି ? ଠିକ୍ ଅଛି, ତା'ହେଲେ ଆପଣଙ୍କ ସଂରକ୍ଷଣ ନିୟମଟା କୁହନ୍ତୁ।''

ସାନବାବୁ ପଚାରିଲେ, ''ଆପଣ ପଢ଼ିବା ସମୟରେ ବହୁତ ଲେଖୁଥିବେ ନିଶ୍ଚୟ ?'' ମୁଁ କହିଲି, ''ହଁ, କ୍ଲାସ୍‌ରେ ସାର୍‌ଙ୍କ ପାଠ ଟିପିନିଏ। ତା' ପରେ ଘରକୁ ଯାଇ ଗୋଟେ ଦୁଇଟା ବହିରେ ସେସବୁ ବିଷୟକୁ ପୁଣି ପଢ଼େ ଓ ନିଜର ନୋଟ୍ ଲେଖେ। ବହୁତ ଲେଖିଛି। କିନ୍ତୁ, ଆପଣ ଏକଥା କାହିଁକି ପଚାରିଲେ ?'' ସେ କହିଲେ, ''ମୋ ନିୟମଟା ଠିକ୍ ଅଛିକି ନାହିଁ ପରୀକ୍ଷା କରୁଥିଲି।'' ମୁଁ ଆଗ୍ରହର ସହିତ ପଚାରିଲି, ''କ'ଣ ଦେଖିଲେ ? ଆପଣଙ୍କ ନିୟମ ଠିକ୍ ଅଛି ?'' ସେ ଟିକିଏ ରହିଯାଇ କହିଲେ, ''ହଁ, ଠିକ୍ ଅଛି।'' ପୁଣି ଉତ୍କଣ୍ଠାର ସହିତ ପଚାରିଲି, ''ଆଚ୍ଛା, ଆପଣଙ୍କ ନିୟମଟା ଏବେ କୁହନ୍ତୁ।''ସାନବାବୁ କହିଲେ, ''ମୁଁ ମାଟ୍ରିକ୍ ପରୀକ୍ଷା ଦେବା ପୂର୍ବରୁ ବାପା ଅନେକ ଥର କହିଥିଲେ ଯେ ମନ ଦେଇ ପାଠ ନ ପଢ଼ିଲେ ଜୀବନରେ ବଡ଼ ହୋଇପାରିବିନି। ହେଲେ ମୋର ପଢ଼ାରେ ଆଦୌ ମନ ଲାଗୁ ନ ଥିଲା। ତେଣୁ ବାପାଙ୍କର ସେମିତି କଥା ଶୁଣି ମତେ ବିରକ୍ତ ଲାଗୁଥିଲା। ମୁଁ ସବୁଦିନ ସ୍କୁଲ ଯାଉଥିଲି ସତ, କିନ୍ତୁ ଘରକୁ ଫେରିଲା ପରେ ପାଠକଥା ଭୁଲିଯାଉଥିଲି। ପୁଣି ପରଦିନ ସ୍କୁଲକୁ ଗଲେ ବହି ଖୋଲା ହେଉଥିଲା। ଶେଷରେ ମାଟ୍ରିକ୍ ପରୀକ୍ଷାରେ ତୃତୀୟ ଶ୍ରେଣୀରେ ପାସ୍ କଲି ଏବଂ କଲେଜରେ ଆର୍ଟସ୍ ପଢ଼ିଲି। ମୁଁ ଆର୍ଟସ୍ ପଢ଼ିଲି ବୋଲି ବାପାଙ୍କର ମନଟା ଭାଙ୍ଗିଗଲା। ଆର୍ଟସ୍ ପାଠକୁ ସହଜ ବୋଲି ଭାବି କଲେଜରେ ପାଠ ନ ପଢ଼ି ସାଙ୍ଗ ଧରି ବୁଲିଲି। ହେଲେ ପରୀକ୍ଷା ବେଳକୁ ବଡ଼ କଷ୍ଟ ପାଇଲି। ବହୁ କଷ୍ଟରେ ଆଇଏ ଓ ବିଏ ପାସ୍ କଲି। ବିଏ ପାସ୍ ସାର୍ଟିଫିକେଟ୍ ଧରି ଅନେକ ଦିନ ବେକାର ବୁଲିଲା ପରେ କଲେଜ ଅଫିସରେ ଏଇ ଚାକିରିଟା ପାଇଲି। ସେତେବେଳକୁ ବାପା ନ ଥିଲେ। ଏମିତି ମୋ ଜୀବନର ସଂଘର୍ଷ ଭିତରେ ମୁଁ ଗୋଟେ ନୂଆ ନିୟମ ଆବିଷ୍କାର କଲି।''

ମୁଁ ପଚାରିଲି, ''ଆଚ୍ଛା, କଞ୍ଜରଭେଶନ୍ ନିୟମ ?'' ସେ କହିଲେ, ''ହଁ, ଲେଖିବା କାମରେ କଞ୍ଜରଭେଶନ୍।'' ମୁଁ ଆଶ୍ଚର୍ଯ୍ୟ ହେଲି। ସେ ବୁଝାଇଦେଲେ, ''ଯେଉଁମାନେ ପଢ଼ିବା ସମୟରେ ବହୁତ ଲେଖନ୍ତି, ସେମାନେ ବଡ଼ ହେଲେ ବଡ଼ ଚାକିରି କରନ୍ତି ଏବଂ କମ୍ ଲେଖନ୍ତି। କିନ୍ତୁ ଯେଉଁମାନେ ପଢ଼ିବା ସମୟରେ କମ୍ ଲେଖନ୍ତି, ସେମାନେ ଚାକିରି କଲେ ମୋ ପରି ବହୁତ ଲେଖନ୍ତି।'' ସାନବାବୁ ପୁଣି କହିଲେ, ''ଆଉ ଗୋଟେ ଛୋଟିଆ କଥା ବି ଶିଖିଛି। ଆପଣ ତାକୁ ଉପସିଦ୍ଧାନ୍ତ କହିପାରିବେ।'' ମୁଁ କହିଲି, ''ଆଚ୍ଛା, କରୋଲାରି (corollary)। ହଉ କୁହନ୍ତୁ।''

ସେ ବୁଝାଇଦେଲେ, ''ଯିଏ କଲେଜରେ ୭ ବର୍ଷ ସବୁ ଆମୋଦପ୍ରମୋଦଠାରୁ ଦୂରରେ ରହି କଷ୍ଟ କରି ପାଠ ପଢ଼ିବ, ସେ ୭୦ ବର୍ଷ ପର୍ଯ୍ୟନ୍ତ ଆରାମ କରିବ। ଆଉ ଯିଏ ସେହି ୭ ବର୍ଷ ପାଠ ନ ପଢ଼ି ଆରାମ କରିବ, ସେ ୭୦ ବର୍ଷ ପର୍ଯ୍ୟନ୍ତ କଷ୍ଟ ପାଉଥିବ।'' କହିଲି, ଆପଣଙ୍କ ନିୟମ ଓ ଉପସିଦ୍ଧାନ୍ତ ମୋ ମନକୁ ପାଇଲା। ପଚାରିଲି, କେବଳ ବହୁତ ଲେଖିଲେ କି ପଢ଼ିଲେ ଜଣେ ବଡ଼ମଣିଷ ହେଇଯିବ କି ? ସେ କହିଲେ, ''ବଢ଼ିଆ କଥାଟେ ପଚାରିଲେ। ଲେଖ, ପଢ଼, ଯାହା କର, ନିଜର ନିଷ୍ଠା ଓ ଏକାଗ୍ରତା ନ ଥିଲେ କିଛି ହୋଇପାରିବନି। ମୁଁ ଲେଖୁ ନ ଥିଲି, କି ମୋ ପଢ଼ାରେ ନିଷ୍ଠା ଓ ଏକାଗ୍ରତା ନ ଥିଲା। ତେଣୁ ମୋ ବାପାଙ୍କ ସ୍ୱପ୍ନକୁ ମୁଁ ସାକାର କରିପାରିଲି ନାହିଁ।''

ସାନବାବୁ ଠିକ୍ କହିଥିଲେ। ଖାଲି ପଢ଼ିଲେ କିମ୍ବା ଲେଖିଲେ ଜୀବନର ସ୍ୱପ୍ନକୁ ସାକାର କରିହେବନି। ଯାହା ବି କର, ନିଷ୍ଠା ଓ ଏକାଗ୍ରତା ଜରୁରୀ। କର୍ତ୍ତବ୍ୟରେ ନିଷ୍ଠା ଓ ଏକାଗ୍ରତା ମଣିଷକୁ ଅମର କରେ। ଠିକ୍ ଯେମିତି ଗୁସ୍ତଭ୍ ଆଇଫଲ୍‌ଙ୍କୁ ଫ୍ରାନ୍ସର ଆଇଫଲ୍ ଟାୱାର ଅମର କରିଦେଲା। ନକ୍‌ସାକାର ଗୁସ୍ତଭ୍ ୧୮୮୯ ମସିହାରେ ପ୍ୟାରିସରେ ପ୍ରସିଦ୍ଧ ବିଶ୍ୱ ପ୍ରଦର୍ଶନୀ ସକାଶେ ସାମୟିକ ଭାବରେ ପ୍ରବେଶଦ୍ୱାରରେ ଏକ ମିନାର ନିର୍ମାଣ କରିବାର ଦାୟିତ୍ୱ ନେଇଥିଲେ। କିନ୍ତୁ ତାହା ସାମୟିକ ହେଉ କି ସ୍ଥାୟୀ, ଗୁସ୍ତଭ୍ ସେହି ମିନାରକୁ ନିଷ୍ଠା ଓ ଏକାଗ୍ରତାର ସହିତ ଅଳଙ୍କୃତ କରୁଥିଲେ। ସମୟ ସହ ତାଳ ଦେଇ ଲୁହାର ସେହି ଜଟିଳ କୀର୍ତ୍ତି ମାତ୍ର ଦିନ କେଇଟା ପାଇଁ ମୁଣ୍ଡ ଟେକୁଥିଲା। ପ୍ରଦର୍ଶନୀ ଶେଷ ହେଲା। କିନ୍ତୁ ସୁଦୃଶ୍ୟ ମିନାର ସମଗ୍ର ଫ୍ରାନ୍ସ ପାଇଁ ପ୍ରତୀକ ଭାବରେ ସେମିତି ଛିଡ଼ା ହୋଇ ରହିଲା ଏବଂ ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟ ଭାବରେ ବର୍ଣ୍ଣିତ ହେଲା।

ସହକାରୀ ପ୍ରଫେସର, ଭଦ୍ରକ ଅଟୋନୋମସ କଲେଜ, ଭଦ୍ରକ, ମୋ–୯୪୩୯୫୦୧୬୫୧

## ଏଇ ଭାରତରେ

ନିଶାଦ୍ରବ୍ୟ ସେବନ ଖରାପ ଅଭ୍ୟାସ। ଏହି ବଦଭ୍ୟାସଠାରୁ ଦୂରେଇ ରହିଛନ୍ତି ଗୋଟିଏ ଗାଁର ବାସିନ୍ଦା। ହରିୟାଣାର ଶେଷ ମୁଣ୍ଡରେ ରାଜସ୍ଥାନକୁ ଲାଗିଥିବା ଗାଁ ହେଉଛି ଟିକଲା। ଏହି ଗାଁରେ କେହି କେବେ କୌଣସି ନିଶାଦ୍ରବ୍ୟ ସେବନ କରନ୍ତି ନାହିଁ। ଗାଁର ଲୋକସଂଖ୍ୟା ପ୍ରାୟ ୧୫ଶହ। କାହିଁ କେଉଁଦିନରୁ ଏଠାରେ ଲୋକେ କୌଣସି ନିଶାଦ୍ରବ୍ୟ ବ୍ୟବହାର କରନ୍ତି ନାହିଁ। ଏହା ବ୍ୟତୀତ ବାହାରୁ ଆସୁଥିବା ବ୍ୟକ୍ତିଙ୍କୁ ଗାଁରେ ପ୍ରବେଶ ପୂର୍ବରୁ ସେ ନିଶା ସେବନ କରନ୍ତି କି ନା ତାହା ପଚରାଯାଇଥାଏ। ସ୍ଥାନୀୟ ଲୋକଙ୍କ କହିବା କଥା ହେଉଛି ଏଠାରେ ବାବା ଭଗବାନ ଦାସଙ୍କ ମନ୍ଦିର ରହିଛି। ବାବା ଭଗବାନ ଦାସ କେବେ କୌଣସି ନିଶାଦ୍ରବ୍ୟ ବ୍ୟବହାର କରୁ ନ ଥିବା ବେଳେ ଅନ୍ୟମାନଙ୍କୁ ମଧ୍ୟ ଏହାଠୁ ଦୂରେଇ ରହିବାକୁ ପରାମର୍ଶ ଦେଉଥିଲେ। ବାବା ଜୀବିତ ଥିବା ସମୟରେ ଅନେକ ଅଲୌକିକ ଘଟଣା ଘଟିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କର ବାବାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରହିଛି। ଏହି ବିଶ୍ୱାସ ଯୋଗୁ ଟିକଲା ଗାଁର ଲୋକେ ଆଜି ବି ସବୁ ପ୍ରକାର ନିଶାଦ୍ରବ୍ୟଠାରୁ ଦୂରେଇ ରହିଛନ୍ତି। ବାସ୍ତବିକ ନିଶା ନିବାରଣ କ୍ଷେତ୍ରରେ ଟିକଲା ଗାଁ ନିଆରା ଉଦାହରଣ ସୃଷ୍ଟି କରିପାରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁଲାଇ ୧୯୯୪

- ସ୍ଲୋଭାକ ଗଣତନ୍ତ୍ର ଏବଂ ଭାରତ ମଧ୍ୟରେ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହଯୋଗ ଏବଂ ଉଭୟ ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରଣାଳୟ ସ୍ତରରେ ଦ୍ୱିପାକ୍ଷିକ ସମ୍ପର୍କ ଅବ୍ୟାହତ ରଖିବା ପାଇଁ ୨ଟି ଚୁକ୍ତି ସ୍ୱାକ୍ଷରିତ।
- ପାକିସ୍ତାନକୁ ୪ଟି ଡିଜେଲ ଇଲେକ୍ଟ୍ରିକ୍ ବୁଡ଼ାଜାହାଜ ବିକ୍ରୟ କରିବା ପାଇଁ ବ୍ରିଟେନର ପ୍ରସ୍ତାବ।

## ଚିରନ୍ତନୀ

ନବୀନ ପୂଜକ ରୂପେ ଏ ଧରାର ଥିଲ ଦିନେ ଧ୍ୟାନ
ଜନ୍ମିଥିଲ ଯେଣୁ ତା'ର ହୋଇ ଏକ ପୂତ ଅବଦାନ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | B | | A | | | | | | | | 1 | 9 |
| | 6 | | E | | 1 | | | | A | 5 | | | D | |
| 7 | | | | C | 6 | | | E | | 0 | | | B | |
| | A | D | | | | | | | | 4 | 2 | | | |
| | 1 | 0 | | 3 | | | | | | 6 | 8 | | C | E |
| | 0 | C | | 2 | | | | | | | 6 | | 9 | |
| | | | D | 7 | E | | | 2 | | | | 5 | | C |
| 9 | D | | | | | | 1 | 0 | 4 | | | | | 3 |
| | | | 1 | | B | | 5 | | | 3 | | 2 | 4 | |
| A | | | | 5 | | | | | | C | | B | | |
| | E | | A | | | | | | 1 | | | | | 6 |
| | B | 5 | 9 | | | | 2 | | | | | | 8 | |
| | 2 | 1 | | | 4 | | 8 | 9 | | | | 3 | 5 | |
| | 8 | | | 0 | | | | | | 2 | 3 | 7 | | |
| | 9 | | | | | | | 6 | | | B | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 5 | E | 4 | 9 | 1 | 2 | B | 7 | D | 0 | 6 | C | 3 | A |
| 9 | 3 | B | 7 | 0 | A | C | 4 | E | 8 | 5 | 2 | 6 | 1 | D |
| 1 | 6 | A | D | 2 | C | 9 | 0 | 5 | 4 | E | 3 | B | 7 | 8 |
| 4 | C | 0 | 3 | E | 8 | D | 1 | 6 | B | 7 | A | 2 | 9 | 5 |
| 7 | D | 2 | 6 | 5 | B | 8 | 3 | A | C | 9 | 1 | 0 | 4 | E |
| B | 2 | 1 | A | 4 | 9 | 7 | D | C | E | 3 | 8 | 5 | 0 | 6 |
| D | 9 | 8 | 1 | 3 | 0 | 6 | 5 | 2 | A | B | 7 | 4 | E | C |
| 5 | 4 | 3 | 8 | 7 | E | B | A | 0 | 1 | 6 | C | 9 | D | 2 |
| E | A | C | 2 | 6 | D | 1 | 9 | 3 | 0 | 4 | 5 | 7 | 8 | B |
| 6 | 0 | 7 | C | B | 5 | 4 | E | 8 | 2 | D | 9 | 3 | A | 1 |
| 2 | 1 | 9 | 5 | D | 7 | E | 6 | 4 | 3 | A | B | 8 | C | 0 |
| 0 | 7 | D | 9 | 8 | 4 | 5 | 2 | 1 | 6 | C | E | A | B | 3 |
| A | 8 | 6 | E | C | 2 | 3 | 7 | B | 9 | 1 | 0 | D | 5 | 4 |
| 3 | B | 5 | 0 | 1 | 6 | A | C | D | 7 | 8 | 4 | E | 2 | 9 |
| C | E | 4 | B | A | 3 | 0 | 8 | 9 | 5 | 2 | D | 1 | 6 | 7 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଗଣଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ

ମହାଶୟ,

ରାଜ୍ୟ ସରକାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଦୀର୍ଘଦିନରୁ ଶିକ୍ଷା ସହାୟକ ପଦବୀ ପୂରଣ କରିଆସୁଛନ୍ତି। ନିକଟରେ ଏହାର ନାମ ପରିବର୍ତ୍ତନ କରାଯାଇ କନିଷ୍ଠ ଶିକ୍ଷକ ରଖାଯାଇଛି। ମାସିକ ବେତନ ୭୪୦୦ ଟଙ୍କା ଓ ୩ ବର୍ଷ ପରେ କନିଷ୍ଠ ଶିକ୍ଷକର ମାନ୍ୟତା ମିଳିବା ସହିତ ମାସିକ ୯୨୦୦ ଟଙ୍କା ବେତନ ଦେବାର ନିୟମ ରହିଛି। ରାଜ୍ୟରେ ସମସ୍ତ ଜିଲାରେ ୩ ବର୍ଷ ଶିକ୍ଷା ସହାୟକ ରୂପେ କାର୍ଯ୍ୟ କରିବା ପରେ କନିଷ୍ଠ ଶିକ୍ଷକର ମାନ୍ୟତା ମିଳିବା ସହ ବର୍ଦ୍ଧିତ ବେତନ ପ୍ରଦାନ କରାଯାଉଛି। ମାତ୍ର ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ୨୦୧୪ ଓ ୨୦୧୫ ମସିହାରେ ନିଯୁକ୍ତି ପାଇଥିବା ଶିକ୍ଷା ସହାୟକମାନେ ୪/୫ ବର୍ଷ ପୂରଣ କରିଥିଲେ ମଧ୍ୟ କନିଷ୍ଠ ଶିକ୍ଷକର ମାନ୍ୟତା ମିଳିନାହିଁ କି ବର୍ଦ୍ଧିତ ବେତନ ମିଳୁନାହିଁ। ଯାହାଦ୍ୱାରା କଟକ, ପୁରୀ, ଗଞ୍ଜାମ, ନୟାଗଡ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଭଳି ଦୂରଦୂରାନ୍ତରୁ ନିଯୁକ୍ତି ପାଇଥିବା ଶିକ୍ଷା ସହାୟକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଗଣଶିକ୍ଷା ମନ୍ତ୍ରୀ ଉକ୍ତ ସମ୍ବେଦନଶୀଳ ବିଷୟ ପ୍ରତି ଧ୍ୟାନ ଦେବାକୁ ଅନୁରୋଧ।

ସୁଶାନ୍ତ କୁମାର ଜେନା, ଯାଜପୁର

### ଭଗ୍ନ ଅବସ୍ଥାରେ ଗାନ୍ଧୀ ମୂର୍ତ୍ତି

କପ୍ତିପଦା ମୟୂରଭଞ୍ଜ ଗାନ୍ଧୀଛକର ଗାନ୍ଧୀ ମୂର୍ତ୍ତିଟି ପୂରା ଭଗ୍ନ ଅବସ୍ଥାରେ। ଭିତର ରଡ୍ ଦେଖାଯାଉଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ।

ଜୟ ମୁର୍ମୁ, କଟୁରିଆ, ଧନଚତୁରୀ, ମୟୂରଭଞ୍ଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଜୁନ୍ ୩୦– ଚଳଚ୍ଚିତ୍ର ପ୍ରଯୋଜକ କେଶବ ଚନ୍ଦ୍ର ରାଉତଙ୍କର ୬୫ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ।

ଜୁଲାଇ ୧– ଆଫଗାନିସ୍ତାନର ରାଜଧାନୀ କାବୁଲରେ ତାଲିବାନ ଆତଙ୍କବାଦୀଙ୍କ ଆକ୍ରମଣରେ ୩୪ ଜଣଙ୍କ ମୃତ୍ୟୁ ଓ ୬୮ ଜଣ ଆହତ।

* ଜମ୍ମୁ–କଶ୍ମୀରରେ ରାଷ୍ଟ୍ରପତି ଶାସନ ଅବଧି ଆଉ ୬ ମାସ ବୃଦ୍ଧି କରାଯାଇଛି।

୨– ଲଗାଣ ବର୍ଷାରେ ମହାରାଷ୍ଟ୍ରରେ ୩୭ ଜଣଙ୍କ ମୃତ୍ୟୁ ଓ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

୪– ଗତ ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପାଇଁ ନିଜକୁ ଦାୟୀ କରି କଂଗ୍ରେସ ଅଧ୍ୟକ୍ଷ ପଦରୁ ରାହୁଲ ଗାନ୍ଧୀଙ୍କ ଇସ୍ତଫା। ନିଜ ଟୁଇଟର ଆକାଉଣ୍ଟରେ ସେ ଏହି ସୂଚନା ଦେଇଛନ୍ତି।

୫– ୨୦୧୮–୧୯ ଆର୍ଥିକ ସର୍ଭେ ରିପୋର୍ଟ ଅନୁଯାୟୀ ଜିଡିପି ୭% ରହିବ ବୋଲି ଆକଳନ କରାଯାଇଛି।

୬– ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଦ୍ୱାରା ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ।

## ସଂକ୍ଷେପରେ

### 'ବିକାଶ ପାଇଁ ବିଜେଡିକୁ ସମର୍ଥନ କର'

**ପାଟକୁରା, ୭।୭ (ଡି.ଏନ୍.ଏ.):** ପାଟକୁରାର ବିକାଶ ପାଇଁ ଏଥର ନିର୍ବାଚନରେ ବିଜେଡିକୁ ସମର୍ଥନ କରିବାକୁ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଭୋଟରଙ୍କୁ ନିବେଦନ କରିଛନ୍ତି। ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ବେଡ଼ାରୀଠାରେ ରବିବାର ବିଜେଡିର ଏକ କର୍ମୀ ସମାବେଶ ଆୟୋଜିତ ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥୀ ଅଗ୍ରୱାଲ ଯୋଗଦେଇ ତାଙ୍କୁ ବିପୁଳ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାବେଶରେ ରାଜ୍ୟ ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ସମ୍ପର୍କରେ ଆଲୋଚନା କରିବା ସହ ପାଟକୁରାରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ୨୦୧୯ ସାଧାରଣ ନିର୍ବାଚନରେ ପାଟକୁରାରେ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ପାଇଁ ଭୋଟ ଗ୍ରହଣ କରାଯାଇଥିବା ବେଳେ କେଉଁ କେଉଁ ପଞ୍ଚାତରେ ଭୋଟ କମିଥିଲା, ସେ ନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଣବ ବଳବନ୍ତରାୟ, ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ସୁଶାନ୍ତ ବେହେରା, ପ୍ରମିଳା ମଲ୍ଲିକ, ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ବିଜେଡି ବିଧାୟକ ସାବିତ୍ରୀ ଅଗ୍ରୱାଲ, ବିଜେଡି ନେତା ସଞ୍ଜୟ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ସରପଞ୍ଚ ଗୋକୁଳାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

### ୧୭ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେବ ବିଶ୍ୱସ୍ତରୀୟ
### ତାଲିକାରେ ଓଡ଼ିଶାର ନାହିଁ ସ୍ଥାନ

**ଭୁବନେଶ୍ୱର,୭।୭(ବ୍ୟୁରୋ):** କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୧୭ଟି ପ୍ରମୁଖ କୀର୍ତ୍ତିରାଜି ତଥା ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ କରିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ବଜେଟ ଉପସ୍ଥାପନ ବେଳେ ଏହି ସୂଚନା ଦେଇଥିଲେ। ହେଲେ ଆଶ୍ଚର୍ଯ୍ୟର ବିଷୟ ଯେ, ଓଡ଼ିଶାର କୌଣସି ଗୋଟିଏ ବି କୀର୍ତ୍ତିରାଜି ଏହି ତାଲିକାରେ ସ୍ଥାନ ପାଇନାହିଁ। ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଥିବା କୋଣାର୍କ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର ଅଥବା ରତ୍ନଗିରି, ଲଳିତଗିରି, ଉଦୟଗିରି ଭଳି ବୌଦ୍ଧଧର୍ମୀୟ ସ୍ଥାପତ୍ୟ ମଧ୍ୟ ସ୍ଥାନ ପାଇନାହିଁ। ଏହି ତାଲିକାରେ ଓଡ଼ିଶା ସ୍ଥାନ ନ ପାଇବା ଅନେକଙ୍କୁ ବ୍ୟଥିତ କରିଛି। ୧୨ ରାଜ୍ୟର ୧୭ଟି ଐତିହ୍ୟକୁ ଏହି ତାଲିକାରେ ସ୍ଥାନ ଦିଆଯାଇଛି। ସେଗୁଡ଼ିକ ହେଲା- ୟୁପିର ତାଜ୍‌ମହଲ ଓ ଫତେପୁର ସିକ୍ରୀ, ମହାରାଷ୍ଟ୍ରର ଅଜନ୍ତା ଓ ଏଲୋରା, ଦିଲ୍ଲୀର ହୁମାୟୁନ୍ ଟମ୍ବ, କୁତବ୍‌ମୀନାର ଏବଂ ଲାଲକିଲ୍ଲା, ଗୋଆର କ୍ଲୋଭା ସମୁଦ୍ରକୂଳ, ରାଜସ୍ଥାନର ଆମେର ଫୋର୍ଟ, ଗୁଜରାଟର ସୋମନାଥ ଏବଂ ଦୋଲାବିରା, ମଧ୍ୟପ୍ରଦେଶର ଖଜୁରାହୋ, କର୍ନାଟକର ହାମ୍ପି, ତାମିଲନାଡୁର ମହାବଳିପୁରମ୍, ଆସାମର କାଜିରଙ୍ଗା, କେରଳର କୁମାରକମ୍ ଏବଂ ବିହାରର ମହାବୌଦ୍ଧି। ଏହିସବୁ ପର୍ଯ୍ୟଟନସ୍ଥଳୀରେ ଘରୋଇ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରାଯିବ। ଦକ୍ଷତା ବିକାଶ, ସ୍ଥାନୀୟ ଲୋକଙ୍କୁ ରୋଜଗାର, ଅନ୍ୟ ପ୍ରମୁଖ ସହରଗୁଡିକ ସହ ଯୋଗାଯୋଗ ବ୍ୟବସ୍ଥା ଏବଂ ଭିତ୍ତିଭୂମିର ଉନ୍ନୟନ କରାଯିବ। ଚୟନ କରାଯାଇଥିବା ୧୭ଟି ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ଏକାଧିକ ସ୍ଥାନକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ କୀର୍ତ୍ତିରାଜିରେ ସ୍ଥାନ ଦିଆଯାଇସାରିଛି। କେନ୍ଦ୍ର ପକ୍ଷରୁ ଗୁଜରାଟର ସୋମନାଥ ମନ୍ଦିର ଏବଂ ବିହାରର ମହାବୌଦ୍ଧିକୁ ସ୍ଥାନ ମିଳିବାରେ କୌଣସି ଅସୁବିଧା ହୋଇନାହିଁ। ସେହିଦୃଷ୍ଟିରୁ ବିଚାର କଲେ ପୁରୀ ଶ୍ରୀମନ୍ଦିର ଏବଂ ଲଳିତଗିରି-ଉଦୟଗିରି-ରତ୍ନଗିରିକୁ ସ୍ଥାନ ମିଳିବା କଥା ବୋଲି କେତେକ ପର୍ଯ୍ୟଟନ ସମୀକ୍ଷକ ମତ ରଖିଛନ୍ତି।

## ■ ନଗର ଭାଜପାରେ ସୃଷ୍ଟି ହେଲା ଦୁଇ ଗୋଷ୍ଠୀ
# ସଭ୍ୟ ସଂଗ୍ରହ ଅଭିଯାନ ବେଳେ ଧସ୍ତାଧସ୍ତି

**କଟକ ଅଫିସ,୭।୭**

କଟକ ନଗର ଭାଜପାରେ ସୃଷ୍ଟି ହୋଇଛି ଦୁଇ ଗୋଷ୍ଠୀ। ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ମଞ୍ଚରେ ଏକତାର ମନ୍ତ୍ର କହୁଥିବା ନଗର ଭାଜପା ଅନ୍ତର୍ଦ୍ୱନ୍ଦ୍ୱ ଶେଷରେ ପଦାରେ ପଡ଼ିଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ନଗର ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପ୍ରଦେଶ ସଦସ୍ୟ ସହପ୍ରଭାରୀ ସାରଦା ଶତପଥୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହେଉଥିବାବେଳେ ଦୁଇ ଗୋଷ୍ଠୀ ଧସ୍ତାଧସ୍ତି ହୋଇଥିଲେ। ଏପରି କି ହଲ୍ ଭିତରେ ଚେୟାର ଭଙ୍ଗାରୁଜା ସହ ବ୍ୟାନର ମଧ୍ୟ ଚିରି ଦିଆଯାଇଥିଲା। ଜଣେ ପୂର୍ବତନ ସଦସ୍ୟଙ୍କ ଉପସ୍ଥିତିକୁ ନେଇ ଏଭଳି ସ୍ଥିତି ଉପୁଜିଛି ବୋଲି ଭାଜପାର ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି। ଏ ସମ୍ପର୍କରେ କଟକ ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ କୁହନ୍ତି, ଭାଜପାରେ କୌଣସି ଗୋଷ୍ଠୀ ତିଆରି ହୋଇନାହିଁ। କେତେଜଣ ବ୍ୟକ୍ତିବ୍ୟକ୍ତିଗତ ଆକ୍ରୋଶ ରଖି ଏହି ବୈଠକ ଭଣ୍ଡୁର କରିଛନ୍ତି। ଆଗାମୀ ଦିନରେ ଦଳରେ ଶୃଙ୍ଖଳା ଅବଲମ୍ବନ କରାଯାଇ ପୁର୍ନବାର ସଭ୍ୟ ସଂଗ୍ରହ ଅଭିଯାନ କରାଯିବ।



ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି।

ସନ୍ଧ୍ୟା ୫ଟାରେ ଟାଉନ୍‌ହଲରେ କଟକ ନଗର ଭାଜପା ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଥିଲା। କାର୍ଯ୍ୟକ୍ରମ ପୂର୍ବରୁ ସଭାଗୃହରେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ତଥା ଭାଜପାର ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ରଙ୍କ ସମେତ ଅନେକ କର୍ମୀ ଓ ନେତା ଉପସ୍ଥିତ ଥିଲେ। କିଛି ସମୟ ପରେ ଭାଜପାର ବରିଷ୍ଠ ନେତା ସମୀର ଦେ, ଦିଲ୍ଲୀପ ମଲ୍ଲିକ, ବିନୋଦ ଦାସ, ନୟନ ମହାନ୍ତି ପ୍ରମୁଖ ଟାଉନହଲ ନିକଟରେ ପହଞ୍ଚିଥିଲେ। ତେବେ ବୈଠକ ଗୃହରେ ଭାଜପାର ଜଣେ ବିତାଡ଼ିତ କର୍ମୀ ଉପସ୍ଥିତ ଅଛନ୍ତି ବୋଲି ଖବରପାଇ ଉପରୋକ୍ତ ବରିଷ୍ଠ ନେତାମାନେ ସଭାଗୃହକୁ ଯାଇ ନ ଥିଲେ। ବିତାଡ଼ିତ କର୍ମୀଙ୍କୁ ବୈଠକ ଗୃହରୁ ନ କାଢ଼ିଲେ ସଭା ଆଗେଇବ ନାହିଁ ବୋଲି ସେମାନେ ଅଡି ବସିଥିଲେ। ଯୁବମୋର୍ଚ୍ଚା ସଦସ୍ୟମାନେ ସଭାଗୃହକୁ ଯାଇ ସମ୍ପୃକ୍ତ କର୍ମୀଙ୍କୁ ବୈଠକରୁ ବାହାରିଯିବାକୁ କହିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଖଣ୍ଡଯୁଦ୍ଧ। ପୂର୍ବତନ କର୍ମୀ ଓ ଯୁବମୋର୍ଚ୍ଚାର ସଦସ୍ୟମାନେ ବାକ୍‌ଯୁଦ୍ଧ କରିବା ପରେ ଠେଲାପେଲା ହୋଇଥିଲା। ଏପରି କି କେତେଜଣ ସେଠାରେ ଚେୟାର ଭାଙ୍ଗିବା ସହ ବୈଠକ ନିମନ୍ତେ ଲାଗିଥିବା ବ୍ୟାନର ଚିରି ଦେଇଥିବା ଦେଖିବାକୁ ମିଳିଥିଲା। ସଭାଗୃହରୁ ପ୍ରକାଶ ମିଶ୍ର ବାହାରି ଯାଇଥିବାବେଳେ ଦୁଇ ଗୋଷ୍ଠୀ ଧସ୍ତାଧସ୍ତିରେ ଲାଗି ରହିଥିଲେ। ପରେ ବରିଷ୍ଠ ଭାଜପା ନେତାମାନଙ୍କୁ ନେଇ ସ୍ଥାନୀୟ ସର୍କିଟ ହାଉସରେ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରକାଶ ମିଶ୍ର କହିଛନ୍ତି, ବୈଠକରେ ଯୋଗଦେବାକୁ ଯାଇଥିଲି। ବିଶୃଙ୍ଖଳା କାହିଁକି ହେଲା ସେ ସମ୍ପର୍କରେ ଖବର ନାହିଁ। ଏ ବିଷୟରେ ଦଳର ଅନ୍ୟ ବରିଷ୍ଠ ନେତାମାନେ କହିପାରିବେ।

**ବିବାଦର ମୂଳମଞ୍ଜି ମୋକିମଙ୍କ ପାଇଁ ଭୋଟ୍ ଭିକ୍ଷା**

ଭାଜପାରେ ଦେଖାଦେଇଥିବା ଏହି ବିବାଦ ପଛରେ ଏକ ସାଂଘାତିକ ଅଭିଯୋଗ ରହିଛି। ବିତାଡ଼ିତ ହୋଇଥିବା ଭାଜପା ନେତା ଜଣଙ୍କ ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ସମର୍ଥନ କରିଥିଲେ ବୋଲି କେତେଜଣ ଭାଜପା ନେତା ଅଭିଯୋଗ କରିଛନ୍ତି। ନିର୍ବାଚନରେ ଲୋକସଭା ଲାଗି ଭୋଟ ପ୍ରକାଶ ମିଶ୍ରଙ୍କୁ ଦେଇ ବିଧାନସଭା ପାଇଁ ମୋକିମଙ୍କୁ ଭୋଟ ଦେବାକୁ ସେ କୁଆଡେ ଭାଜପା କର୍ମୀଙ୍କୁ ବୁଝାଉଥିଲେ। ନିର୍ବାଚନ ସମୟରେ ଏହା ଜଣାପଡିଥିଲେ ହେଁ ସେତେବେଳେ ସମସ୍ତେ ଚୁପ ରହିଥିଲେ ବୋଲି ଭାଜପା ନେତା ଜଣଙ୍କ କହିଛନ୍ତି।

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ସୋରଡ଼ା,୭।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଲାଠିପଡ଼ା ଅଞ୍ଚଳରେ ଡକାୟତି ଉଦ୍ୟମ କରୁଥିବା ୫ଜଣ ଡକାୟତଙ୍କୁ ପୋଲିସ ଶନିବାର ମଧ୍ୟରାତିରେ ଗିରଫ କରିଛି। ସେମାନେ ହେଲେ ଆଠଗଡ଼ ପାଟଣାର ଅକ୍ଷୟ ନାୟକ, ବଡ଼ ଆଗୁଳର ତନୁଜା ସ୍ୱାଇଁ, କବିସୂର୍ଯ୍ୟନଗରର ପପୁ ନାୟକ, ଗୁଣ୍ଡୁପଡ଼ାର ଅଜିତ କୁମାର ସ୍ୱାଇଁ, ଶତ୍ରୁଘ୍ନ ସ୍ୱାଇଁ। ଅନ୍ୟ ୩ଜଣ ଫେରାର୍ ହୋଇଯାଇଛନ୍ତି। ଥାନାଧିକାରୀ ପ୍ରଭାତ ସାହୁଙ୍କ ସୂଚନା ପ୍ରକାରେ, ଲାଠିପଡ଼ା ବିଦ୍ୟାଳୟ ପରିସରେ ଡକାୟତମାନେ ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇଁ ପୋଲିସ ପାଟ୍ରୋଲିଂ ଗାଡ଼ି ପହଞ୍ଚି ଚଢ଼ାଉ କରିଥିଲା। ସେଠାରୁ ଗୋଟିଏ ଦେଶୀ ବନ୍ଧୁକ, ୨ଟି ବୋମା, ୨ ଖଣ୍ଡା, ଗୋଟିଏ ହେଲ୍‌ମେଟ୍, ୨ଟି ଲୁହାରଡ଼ ଓ ୩ ମୋବାଇଲ ଜବତ ହୋଇଛି। ଏ ନେଇ ସୋରଡ଼ା ପୋଲିସ ନଂ. ୧୦୩/୧୯ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ରବିବାର ମଧ୍ୟାହ୍ନରେ କୋର୍ଟଚାଲାଣ କରିଛି। ଶତ୍ରୁଘ୍ନଙ୍କ ନାମରେ ଜଗନ୍ନାଥ ଥାନାରେ ୧୨ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ଥାନାଧିକାରୀ କହିଛନ୍ତି। ଚଢ଼ାଉରେ ଏସ୍‌ଆଇଏସ୍ କଣ୍ଠ ଗୋରିଙ୍କ ନେତୃତ୍ୱରେ ପୋଲିସ ଦଳ ସାମିଲ ଥିଲେ।

## ସୁନାନଦୀର ସୁରକ୍ଷା ପାଇଁ ଜଳମାନବଙ୍କ ଯୋଡ଼ା ଗସ୍ତ

**ଟାଟା କମ୍ପାନୀକୁ ଦେଲେ ଚେତାବନୀ**

**ଯୋଡ଼ା, ୭।୭(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡା ସହରର ଜୀବନରେଖା ସୁନାନଦୀ। ଏଥିରେ ବେଆଇନ୍ ବନ୍ଧ ନିର୍ମାଣ ଉପରେ ସମୀକ୍ଷା କରିବା ପାଇଁ ରମନ ମାଗସେସ୍ ପୁରସ୍କାରପ୍ରାପ୍ତ ଜଳମାନବ ଡ. ରାଜେନ୍ଦ୍ର ସିଂ ରବିବାର ଯୋଡା ଗସ୍ତ କରିଛନ୍ତି। ଯୋଡା ବ୍ଲକ ଭୂୟାଁରୋଇଡା ପଞ୍ଚାୟତର ଖଣ୍ଡବନ୍ଧ ନିକଟରେ ଥିବା ଟାଟା କମ୍ପାନୀର ଚୋରମାଲଦା ୧୦ନଂ ଖଣି ନିକଟସ୍ଥ ସୁନା ନଦୀ ଉପରେ ଟାଟା କମ୍ପାନୀ ନିର୍ମାଣ କରିଥିବା ବନ୍ଧ ନିକଟରେ ପହଞ୍ଚିଥିଲେ। ତାଙ୍କ ସହିତ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାଶ, ସଂଯୋଜକ ବିଜୟ ପ୍ରଧାନ, ଅନ୍ତର୍ଜାତୀୟ ବୁଡାଳି ସବୀର ବକ୍ସ, ସୁନାନଦୀ ଓ କାରୋ ନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ଅଶୋକ ଠକ୍କର, ସଦସ୍ୟ ଦେବକାନ୍ତ ଦାସ, କାହ୍ନୁ ଓରାମ୍ ପ୍ରମୁଖ ପହଞ୍ଚି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସୁନାନଦୀ ଉପରେ ଟାଟା କମ୍ପାନୀ ନିର୍ମାଣ କରିଥିବା ବେଆଇନ୍ ବନ୍ଧ ଉପରେ ପଚାରି ବୁଝିଥିଲେ। ଏହି ନଦୀର ସୁରକ୍ଷା ପାଇଁ ସେ ସ୍ଥାନୀୟ ଯୁବକମାନଙ୍କୁ ଆଗେଇ ଆସିବା ସହିତ ଏହାକୁ ତୀବ୍ର ବିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତେ ସଙ୍ଗଠିତ ହୋଇ ସୁନାନଦୀର ଜଳକୁ ରକ୍ଷା କରିବା ଲାଗି ଅଣ୍ଟା ଭିଡ଼ିବା ପାଇଁ କହିଥିଲେ। ଏଥିପାଇଁ ସେ ସମ୍ପୂର୍ଣ୍ଣ ରୂପେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଥିଲେ। ସେ ଗତ ୩୫ ବର୍ଷ ହେଲା ଦେଶର ନଦୀ ଗୁଡ଼ିକର ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ନିବେଦନ ପରେ ସେ ଭୁବନେଶ୍ୱରକୁ ଆସିଥିଲେ। ସେ ସରକାର କିମ୍ବା କମ୍ପାନୀଙ୍କ ବିନା ସହଯୋଗରେ ସ୍ଥାନୀୟ ଲୋକମାନଙ୍କ ଶକ୍ତି, ଏକତାରେ ଏହି କାର୍ଯ୍ୟ କରିପାରିଥିବା ଏବଂ ସୁନାନଦୀକୁ ମଧ୍ୟ ଲୋକମାନଙ୍କ ସହଯୋଗରେ ପୂର୍ଣ୍ଣ ସୁରକ୍ଷା ଦେଇପାରିବେ ବୋଲି ଉପସ୍ଥିତ ସ୍ଥାନୀୟ ଅଞ୍ଚଳବାସୀଙ୍କୁ କହିଥିଲେ। ଟାଟା କମ୍ପାନୀ ଯେଉଁଠାରେ ରହିଛି ସେଠାରେ ନଦୀର ହତ୍ୟା କରୁଛି। ତେଣୁ ସ୍ଥାନୀୟ ଆଦିବାସୀମାନେ ସଙ୍ଗଠିତ ହୋଇ କମ୍ପାନୀ ବିରୋଧରେ ଦୃଢ ସ୍ୱର ଉତ୍ତୋଳନ କରିବା ଲଗି ସିଂ ଚେତାବନୀ ଦେଇଥିଲେ। ଓଡିଶାରେ ଥିବା ନଦୀର ସୁରକ୍ଷା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଥିବା ଡ. ରାଜେନ୍ଦ୍ର ସିଂ ତାଙ୍କ ପ୍ରତିକ୍ରିୟାରେ ଗଣମାଧ୍ୟମକୁ କହିଥିଲେ। ଏନେଇ ଟାଟା କର୍ତ୍ତୃପକ୍ଷଙ୍କର କୌଣସି ମତାମତ ମିଳିପାରିନାହିଁ।

## ଫିଟ୍‌ନେସ୍ ନ ଥିବା ସ୍କୁଲ୍ ବସ୍ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

- ■ ରାଜଧାନୀରେ ୧୦୨ ବସ୍‌ରେ ଫିଟ୍‌ନେସ୍ ନାହିଁ
- ■ ୩୭ ବସ୍ ଚଳାଚଳ ବନ୍ଦକଲା ପରିବହନ ବିଭାଗ
- ■ ଆଗାମୀ ଦିନରେ ଅଟୋ ଓ ଅନ୍ୟଗାଡ଼ି ଯାଞ୍ଚ ହେବ



କୋମଳମତି ପିଲାଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ଘରୋଇ ସ୍କୁଲ୍ କର୍ତ୍ତୃପକ୍ଷ। ସ୍କୁଲ୍ ବସ୍‌ଗୁଡ଼ିକରେ ପିଲାଙ୍କୁ ଅତି ବିପଜ୍ଜନକ ଅବସ୍ଥାରେ ନେବା ଆଣିବା କରାଯାଉଛି। ପୂର୍ବରୁ ବହୁ ଅଭିଯୋଗ ହୋଇ ଆସୁଥିବାବେଳେ ନିକଟ ଅତୀତରେ ଅନେକ ଦୁର୍ଘଟଣା ମଧ୍ୟ ଘଟିଛି। ବିଳମ୍ବରେ ହେଲେ ମଧ୍ୟ ଏବେ ରାଜ୍ୟ ସରକାରଙ୍କ ଚେତା ପଶିଛି। ଘଟଣାକୁ ଗୁରୁତ୍ୱର ସହ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଫିଟନେସ୍ ସ୍କୁଲ ବସ୍‌ଗୁଡ଼ିକ ଉପରେ ଏଣିକି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ପରିବହନ ବିଭାଗ ନିୟମିତ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବ। ରାଜଧାନୀରେ ଗଡୁଥିବା ସ୍କୁଲ ବସ୍‌ଗୁଡ଼ିକ ମଧ୍ୟରୁ ୧୦୨ଟି ବସର ଫିଟ୍‌ନେସ ନ ଥିବା ଜଣାପଡ଼ିଛି। ସେଥିମଧ୍ୟରୁ ୩୭ଟି ବସ୍‌ର ଚଳାଚଳକୁ ପରିବହନ ବିଭାଗ ବନ୍ଦ କରିଦେଇଛି।

ଏ ସଂକ୍ରାନ୍ତରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, କୋମଳମତି ପିଲାଙ୍କ ଜୀବନ ସହ ସ୍କୁଲ କର୍ତ୍ତୃପକ୍ଷ ଖେଳ ଖେଳିବା ଉଚିତ ନୁହେଁ। ଫିଟ୍‌ନେସ୍ ନ ଥିବା ବସ୍ କିମ୍ବା ଛାତ୍ରୀଛାତ୍ରଙ୍କୁ ପରିବହନ କରୁଥିବା ଗାଡ଼ିକୁ କର୍ତ୍ତୃପକ୍ଷ ବ୍ୟବହାର କରିବା ବେଆଇନ। ଏଣିକି ଧରପଗଡ଼ କରାଯିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟିର ନିର୍ଦ୍ଦେଶ ଅନୁସାରେ ରାଜ୍ୟରେ ଥିବା ସମସ୍ତ ଜିଲାଗୁଡ଼ିକରେ ଏହି ନିୟମକୁ କିପରି ପାଳନ କରାଯାଉଛି ଓ କେତେ ଉଲ୍ଲଂଘନ ହୋଇଛି ସେ ନେଇ ରାଜ୍ୟ ସରକାର ରିପୋର୍ଟ ତଲବ କରିବେ। ସ୍କୁଲ ବସ୍ ଧରାପଗଡ଼ ପରେ ଅଟୋଗୁଡ଼ିକର ମଧ୍ୟ ଯାଞ୍ଚ କରାଯିବ। ଗୋଟିଏ ଅଟୋରେ ୬ ପିଲା ଯିବାର ନିୟମ ରହିଛି। ଅଟୋ ଚାଳକ ଅଧିକ ପିଲାଙ୍କୁ ନେଉଛନ୍ତି। ସେପଟେ ଲାଇସେନ୍ସ ନ ଥାଇ ଅଭିଭାବକମାନେ ପିଲାମାନଙ୍କୁ ଗାଡ଼ି ଚଳାଇବାକୁ ଦେଉଛନ୍ତି। ଏହା ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ନିର୍ଦ୍ଦେଶକୁ କଡ଼ାକଡ଼ି କରାଯିବ ବୋଲି ମନ୍ତ୍ରୀ ବେହେରା କହିଛନ୍ତି।


**OFFICE OF THE PRINCIPAL**
**S.C.S. (AUTONOMOUS) COLLEGE, PURI**

**No. 2392** **Date: 06.07.2019**

**ADMISSION NOTICE**

The last date of receipt of filed in Application form for admission into the 2 years B.A. B.Ed. & B.Sc. B.Ed./ 4 years Integrated B.A. B.Ed. & B.Sc. B.Ed. courses for the session 2019-20 is extended upto **5.00 PM of 18.07.2019.**

The application form alongwith the Information Brochure can be downloaded from the college website **www.scscollege.nic.in.**

**Principal,**
**S.C.S. (A) College, Puri**



**ODISHA STATE BEVERAGES CORPORATION LTD.**

(A Government of Odisha Undertaking)
**2nd Floor, Fortune Towers, Chandrasekharpur, Bhubaneswar-751023 (Odisha)**
CIN: U51228OR000SGC006372
Tel: 0674-2303972 (O), Email: osbcltd@gmail.com
Website: https://osbc.co.in

**APPLICATION FOR ENGAGEMENT OF ONE TECHNICAL CONSULTANT (CIVIL ENGINEER) FOR OSBC LTD.**

**No. CAD-165:-** Applications are invited from Retired Executive Engineer (Civil)/ Assistant Executive Engineer (Civil) Retd. for engagement as a full time Technical Consultant (Civil Engineer) for OSBC Ltd. on monthly consolidated fee basis for a period of one year.

Interested retired personnel may visit the official website of OSBC Ltd. i.e. https://osbc.co.in for details.

Last date of receipt of the resume/ application is 29.07.2019.

*Sd./- General Manager (Admn.)*

36003/11/0002/1920



**ଆଲ୍ଲାହାବାଦ ବ୍ୟାଙ୍କ**
**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

**ଡ଼ିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ରଣଦାତା ଭାବେ ଆଲ୍ଲାହାବାଦ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତାଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ | ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ,** ଠିକଣା-୧: ଘର ନଂ.-୪୦୫, ୪ର୍ଥ ମହଲା, ସେଣ୍ଟର ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସାରଣୀ, କୋଲ୍‌କାତା- ୭୦୦୦୦୧, ଠିକଣା-୨: ବ୍ଲକ ଏସି ୧୪୮, ତଳ ମହଲା, ସଲ୍ଟଲେକ୍ ସିଟି, ସେକ୍ଟର-୧, କୋଲ୍‌କାତା- ୭୦୦୦୬୪, **ଶ୍ରୀ ସୁନିଲ୍ କୁମାର ସାହ (ନିର୍ଦ୍ଦେଶକ/ଜାମିନ୍‌ଦାର),** ଏବଂ **ଶ୍ରୀମତୀ ରାଖି ସାହ (ନିର୍ଦ୍ଦେଶକ/ଜାମିନ୍‌ଦାର),** ଉଭୟଙ୍କ ଠିକଣା: ଗ୍ରାମ- ୩୫୭, ଗ୍ରୀନ୍ ହୋମ୍ସ, ପୋ- ଓନାପାଲାୟମ୍, ଥାନା: ଥୋଣ୍ଡା ମୁଥୁର, କୋଏମ୍ବାଟୋର, ତାମିଲନାଡୁ। | ଟ.୩,୦୦,୦୦,୦୦୦/- | ତା୨୪.୦୬.୨୦୧୯ ସୁଦ୍ଧା ଟ.୩,୦୫,୩୩,୭୨୬/- | ୨୫.୦୬.୨୦୧୯ | (୧) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୭୯, ପ୍ଲଟ ନଂ.-୯୮, ଏରିଆ- ଏ୦.୩୭ ଡିସିମିଲି। (୨) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୦, ପ୍ଲଟ ନଂ.-୨୧, ଏରିଆ- ଏ୦.୦୪ ଡିସିମିଲି, ପ୍ଲଟ ନଂ.-୬୨, ଏରିଆ- ଏ୦.୧୦ ଡିସିମିଲି, ପ୍ଲଟ ନଂ.-୬୩, ଏରିଆ- ଏ୦.୧୬ ଡିସିମିଲି, ପ୍ଲଟ ନଂ.-୬୪, ଏରିଆ- ଏ୦.୨୦ ଡିସିମିଲି, ପ୍ଲଟ ନଂ.-୬୫, ଏରିଆ- ଏ୦.୦୩ ଡିସିମିଲି, ପ୍ଲଟ ନଂ.-୭୧/୪୩୦, ଏରିଆ- ଏ୦.୦୨ ଡିସିମିଲି, ପ୍ଲଟ ନଂ.-୬୫/୪୩୧, ଏରିଆ- ଏ୦.୦୩ ଡିସିମିଲି, ପ୍ଲଟ ନଂ.-୬୨/୪୩୨, ଏରିଆ- ଏ୦.୧୦ ଡିସିମିଲି, ପ୍ଲଟ ନଂ.-୨୧/୪୨୮, ଏରିଆ- ଏ୦.୦୪ ଡିସିମିଲି, ପ୍ଲଟ ନଂ.-୨୧/୪୨୯, ଏରିଆ- ଏ୦.୦୨ ଡିସିମିଲି, ପ୍ଲଟ ନଂ.-୬୬, ଏରିଆ- ଏ୦.୦୮ ଡିସିମିଲି, ପ୍ଲଟ ନଂ.-୬୭, ଏରିଆ- ଏ୦.୦୬ ଡିସିମିଲି। (୩) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୧, ପ୍ଲଟ ନଂ.-୫୯, ଏରିଆ- ଏ୦.୦୬ ଡିସିମିଲି, ପ୍ଲଟ ନଂ.-୬୮, ଏରିଆ- ଏ୦.୨୨ ଡିସିମିଲି, ପ୍ଲଟ ନଂ.-୮୮, ଏରିଆ- ଏ୦.୬୪ ଡିସିମିଲି, ପ୍ଲଟ ନଂ.-୯୨, ଏରିଆ- ଏ୦.୧୫ ଡିସିମିଲି, ପ୍ଲଟ ନଂ.-୯୩, ଏରିଆ- ଏ୦.୨୫ ଡିସିମିଲି, ପ୍ଲଟ ନଂ.-୯୬, ଏରିଆ- ଏ୦.୨୪ ଡିସିମିଲି। (୪) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୮୨, ପ୍ଲଟ ନଂ.-୮୫/୪୫୮, ଏରିଆ- ଏ୦.୨୯ ଡିସିମିଲି। (୫) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୫, ପ୍ଲଟ ନଂ.-୭୩/୪୫୫, ଏରିଆ- ଏ୦.୨୦ ଡିସିମିଲି, ପ୍ଲଟ ନଂ.-୧୨୦/୪୫୬, ଏରିଆ- ଏ୦.୧୦ ଡିସିମିଲି, ପ୍ଲଟ ନଂ.-୧୨୨/୪୫୭, ଏରିଆ- ଏ୦.୩୪ ଡିସିମିଲି। (୬) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ୍- ଯାଜପୁର, ଥାନା- ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪, ପ୍ଲଟ ନଂ.-୮୭, ଏରିଆ- ଏ୦.୫୦ ଡିସିମିଲି। |

ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ **ତା ୨୫.୦୬.୨୦୧୯ ରିଖ**ରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୬.୦୭.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ,ଆଲ୍ଲାହାବାଦ ବ୍ୟାଙ୍କ**



**( ସ୍ୱତନ୍ତ୍ର ଟ୍ରେନ୍ )**

**ହବିବଗଞ୍ଜ-ପୁରୀ-ହବିବଗଞ୍ଜ ଏକ୍ସପ୍ରେସ୍ ସ୍ୱତନ୍ତ୍ର**

ଟ୍ରେନ୍ ନଂ. 01661 ହବିବଗଞ୍ଜ ଠାରୁ ତା.02.07.2019 ରୁ 30.07.2019 ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର
ଟ୍ରେନ୍ ନଂ. 01662 ପୁରୀ ଠାରୁ ତା.03.07.2019 ରୁ 31.07.2019 ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର

| ଟ୍ରେନ୍ ନଂ. 01661 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 01662 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 0720 (ମଙ୍ଗଳ) | ହବିବଗଞ୍ଜ | 1120 (ଗୁରୁ) | - |
| 0105 | 0110 | ସମ୍ବଲପୁର ସିଟି | 1700 | 1705 |
| 0845 (ବୁଧ) | - | ପୁରୀ | - | 1115 (ବୁଧ) |

**ପୁରୀ-ସାନ୍ତ୍ରାଗାଛି-ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଭଡ଼ା ସ୍ୱତନ୍ତ୍ର ଟ୍ରେନ୍**

ଟ୍ରେନ୍ ନଂ. 08403 ପୁରୀ ଠାରୁ ତା.05.07.2019 ରୁ 27.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର
ଟ୍ରେନ୍ ନଂ.08404 ସାନ୍ତ୍ରାଗାଛି ଠାରୁ ତା.06.07.2019 ରୁ 28.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର

| ଟ୍ରେନ୍ ନଂ. 08403 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08404 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 2125 (ଶୁକ୍ର) | ପୁରୀ | 0400 (ରବି) | - |
| 2300 | 2305 | ଭୁବନେଶ୍ୱର | 0110 | 0115 |
| 0645 (ଶନି) | - | ସାନ୍ତ୍ରାଗାଛି | - | 1910 (ଶନି) |

**ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ସାପ୍ତାହିକ ଏସି ସ୍ୱତନ୍ତ୍ର ଏକ୍ସପ୍ରେସ୍**

ଟ୍ରେନ୍ ନଂ. 08407 ଭୁବନେଶ୍ୱର ଠାରୁ ତା.04.07.2019 ରୁ 26.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର
ଟ୍ରେନ୍ ନଂ.08408 ସିକନ୍ଦରାବାଦ ଠାରୁ ତା.05.07.2019 ରୁ 27.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର

| ଟ୍ରେନ୍ ନଂ. 08407 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08408 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1320 (ଗୁରୁ) | ଭୁବନେଶ୍ୱର | 1715 (ଶନି) | - |
| 2025 | 2045 | ବିଶାଖାପାଟଣା | 1010 | 1030 |
| 0900 (ଶୁକ୍ର) | - | ସିକନ୍ଦରାବାଦ | - | 2130 (ଶୁକ୍ର) |

**କାଚେଗୁଡ଼ା-ବିଶାଖାପାଟଣା-କାଚେଗୁଡ଼ା ସାପ୍ତାହିକ ଏକ୍ସପ୍ରେସ୍ ସ୍ୱତନ୍ତ୍ର ଟ୍ରେନ୍**

ଟ୍ରେନ୍ ନଂ. 07148 କାଚେଗୁଡ଼ା ଠାରୁ ତା.07.07.2019 ରୁ 29.09.2019 ରିଖ ପର୍ଯ୍ୟନ୍ତ ପ୍ରତି ରବିବାର
ଟ୍ରେନ୍ ନଂ.07147 ବିଶାଖାପାଟଣା ଠାରୁ ତା.08.07.2019 ରୁ 30.09.2019 ରିଖ ପର୍ଯ୍ୟନ୍ତ ପ୍ରତି ସୋମବାର

| ଟ୍ରେନ୍ ନଂ. 07148 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 07149 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1845 (ରବି) | କାଚେଗୁଡ଼ା | 0630 (ମଙ୍ଗଳ) | - |
| 0630 (ସୋମ) | - | ବିଶାଖାପାଟଣା | - | 1945 (ସୋମ) |

**ସିକନ୍ଦରାବାଦ-କାମାକ୍ଷା-ସିକନ୍ଦରାବାଦ ସ୍ୱତନ୍ତ୍ର ଟ୍ରେନ୍**

ଟ୍ରେନ୍ ନଂ. 07149 ସିକନ୍ଦରାବାଦ ଠାରୁ ତା.05.07.2019 ରୁ 27.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର
ଟ୍ରେନ୍ ନଂ.07150 କାମାକ୍ଷା ଠାରୁ ତା.08.07.2019 ରୁ 30.09.2019 ରିଖ ପର୍ଯ୍ୟନ୍ତ ପ୍ରତି ସୋମବାର

| ଟ୍ରେନ୍ ନଂ. 07149 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 07150 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 0810 (ଶୁକ୍ର) | ସିକନ୍ଦରାବାଦ | 0915 (ବୁଧ) | - |
| 2005 | 2007 | ଦୁଭାଡ଼ା | 1803 | 1805 |
| 0340 | 0345 | ଭୁବନେଶ୍ୱର | 0935 | 0940 |
| 0820 (ରବି) | - | କାମାକ୍ଷା | - | 0542 (ସୋମ) |

**ସାନ୍ତ୍ରାଗାଛି-ଚେନ୍ନାଇ ସେଣ୍ଟ୍ରାଲ୍-ସାନ୍ତ୍ରାଗାଛି ସ୍ୱତନ୍ତ୍ର ଭଡ଼ା ସ୍ୱତନ୍ତ୍ର ଟ୍ରେନ୍**

ଟ୍ରେନ୍ ନଂ. 02841 ସାନ୍ତ୍ରାଗାଛି ଠାରୁ ତା.05.07.2019 ରୁ 27.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର
ଟ୍ରେନ୍ ନଂ.02842 ଚେନ୍ନାଇ ସେଣ୍ଟ୍ରାଲ୍ ଠାରୁ ତା.06.07.2019 ରୁ 28.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର

| ଟ୍ରେନ୍ ନଂ. 02841 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 02842 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1240 (ଶୁକ୍ର) | ସାନ୍ତ୍ରାଗାଛି | 1230 (ରବି) | - |
| 1945 | 1950 | ଭୁବନେଶ୍ୱର | 1520 | 1525 |
| 0303 | 0305 | ଦୁଭାଡ଼ା | 0740 | 0742 |
| 1520 (ଶନି) | - | ଚେନ୍ନାଇ ସେଣ୍ଟ୍ରାଲ୍ | - | 1820 (ଶନି) |

**ସମ୍ବଲପୁର-ବନସୱାଡ଼ି-ସମ୍ବଲପୁର ସାପ୍ତାହିକ ସ୍ୱତନ୍ତ୍ର ଭଡ଼ା ସ୍ୱତନ୍ତ୍ର ଟ୍ରେନ୍**

ଟ୍ରେନ୍ ନଂ. 08301 ସମ୍ବଲପୁର ଠାରୁ ତା.03.07.2019 ରୁ 25.09.2019 ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର
ଟ୍ରେନ୍ ନଂ. 08302 ବନସୱାଡ଼ି ଠାରୁ ତା.04.07.2019 ରୁ 26.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର

| ଟ୍ରେନ୍ ନଂ. 08301 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08302 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 0930 (ବୁଧ) | ସମ୍ବଲପୁର | 0635 (ଶନି) | - |
| 1540 | 1555 | ରାୟଗଡ଼ା | 2350 | 0005 |
| 1845 | 1905 | ବିଶାଖାପାଟଣା | 2100 | 2120 |
| 1330 (ଗୁରୁ) | - | ବନସୱାଡ଼ି | - | 2330 (ଗୁରୁ) |

**ଶାଲିମାର-ପୁରୀ-ସାନ୍ତ୍ରାଗାଛି ସ୍ୱତନ୍ତ୍ର ଟ୍ରେନ୍**

ଟ୍ରେନ୍ ନଂ. 08037 ଶାଲିମାର ଠାରୁ ତା.05.07.2019 ରୁ 27.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ତା. 12.07.2019 ବ୍ୟତୀତ
ଟ୍ରେନ୍ ନଂ.08038 ପୁରୀ ଠାରୁ ତା.06.07.2019 ରୁ 28.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଶନିବାର ତା. 13.07.2019 ବ୍ୟତୀତ

| ଟ୍ରେନ୍ ନଂ. 08037 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08038 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 2355 (ଶୁକ୍ର) | ଶାଲିମାର | - | - |
| - | - | ସାନ୍ତ୍ରାଗାଛି | 1000 (ରବି) | - |
| 1015 (ଶନି) | - | ପୁରୀ | - | 2355 (ଶନି) |

**ସିକନ୍ଦରାବାଦ-ଭୁବନେଶ୍ୱର-ସିକନ୍ଦରାବାଦ ଦ୍ୱି ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍**

ଟ୍ରେନ୍ ନଂ. 02784 ସିକନ୍ଦରାବାଦ ଠାରୁ ତା.03.07.2019 ରୁ 28.09.2019 ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର ଏବଂ ଶନିବାର
ଟ୍ରେନ୍ ନଂ.02783 ଭୁବନେଶ୍ୱର ଠାରୁ ତା.04.07.2019 ରୁ 29.09.2019 ରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର ଏବଂ ରବିବାର

| ଟ୍ରେନ୍ ନଂ. 02784 | | ↓ଷ୍ଟେସନ↑ | ଟ୍ରେନ୍ ନଂ.02783 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1230 | ସିକନ୍ଦରାବାଦ | 1400 | - |
| 0103 | 0105 | ଦୁଭାଡ଼ା | 0215 | 0220 |
| 0230 | 0245 | ବିଜୟନଗରମ୍ | 0035 | 0050 |
| 0930 | - | ଭୁବନେଶ୍ୱର | - | 1800 |

**କାଚେଗୁଡ଼ା-ବିଶାଖାପାଟଣା-ତିରୁପତି ସ୍ୱତନ୍ତ୍ର ଟ୍ରେନ୍**

ଟ୍ରେନ୍ ନଂ. 07016 କାଚେଗୁଡ଼ା ଠାରୁ ତା.02.07.2019 ରୁ 24.09.2019 ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର
ଟ୍ରେନ୍ ନଂ. 07479 ବିଶାଖାପାଟଣା ଠାରୁ ତା.03.07.2019 ରୁ 25.09.2019 ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର

| ଟ୍ରେନ୍ ନଂ. 07016 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 07479 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1845 (ମଙ୍ଗଳ) | କାଚେଗୁଡ଼ା | - | - |
| - | - | ତିରୁପତି | 0925 (ଗୁରୁ) | - |
| 0750 (ବୁଧ) | - | ବିଶାଖାପାଟଣା | - | 1905 (ବୁଧ) |

**ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ୍**

ଟ୍ରେନ୍ ନଂ. 08501 ବିଶାଖାପାଟଣା ଠାରୁ ତା.02.07.2019 ରୁ 24.09.2019 ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର
ଟ୍ରେନ୍ ନଂ.08502 ତିରୁପତି ଠାରୁ ତା.03.07.2019 ରୁ 25.09.2019 ରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର

| ଟ୍ରେନ୍ ନଂ. 08501 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08502 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 2300 (ମଙ୍ଗଳ) | ବିଶାଖାପାଟଣା | 0450 (ଗୁରୁ) | - |
| 0211 | 0213 | ରାଜମହେନ୍ଦ୍ରୀ | 0120 | 0122 |
| 1200 (ବୁଧ) | - | ସିକନ୍ଦରାବାଦ | - | 1630 (ବୁଧ) |

**ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ୍**

ଟ୍ରେନ୍ ନଂ. 08573 ବିଶାଖାପାଟଣା ଠାରୁ ତା.01.07.2019 ରୁ 30.09.2019 ରିଖ ପର୍ଯ୍ୟନ୍ତ ପ୍ରତି ସୋମବାର
ଟ୍ରେନ୍ ନଂ.08574 ତିରୁପତି ଠାରୁ ତା.02.07.2019 ରୁ 01.10.2019 ରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର

| ଟ୍ରେନ୍ ନଂ. 08573 | | ↓ଷ୍ଟେସନ↑ | ଟ୍ରେନ୍ ନଂ. 08574 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 2255 (ସୋମ) | ବିଶାଖାପାଟଣା | 0650 (ବୁଧ) | - |
| 0510 | 0520 | ବିଜୟୱାଡ଼ା | 2310 | 2325 |
| 1325 (ମଙ୍ଗଳ) | - | ତିରୁପତି | - | 1530 (ମଙ୍ଗଳ) |

**ପୂର୍ବ ତଟ ରେଳପଥ**
PR-212/K/19-20

Follow us on : www.facebook/@EASTCOASTRailway1 www.twitter/@eastcoastrail



ଭାରତରେ ୫.୨୮ ଲକ୍ଷ ପୋଲିସ ପଦବୀ ଖାଲି ପଡ଼ିଛି। ସେଥିରୁ କେବଳ ଉତ୍ତରପ୍ରଦେଶରେ ୧.୨୯ ଲକ୍ଷ ଖାଲିପଡ଼ିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ସବୁ ରାଜ୍ୟ ଲାଗି ମୋଟ ୨୩,୭୯,୭୨୮ ପୋଲିସ ପଦବୀ ମଞ୍ଜୁର ହୋଇଥିବାବେଳେ ୧୮,୫୧,୩୩୨ ପୋଷ୍ଟ ପୂରଣ ହୋଇପାରିଛି। ବିହାରରେ ୫୦ ହଜାରରୁ ଊର୍ଦ୍ଧ୍ୱ ପୋଲିସ ପଦବୀ ଖାଲି ରହିଥିବାବେଳେ ବିଭିନ୍ନ ରାଜ୍ୟ ସ୍ଥିତି ଏହିଭଳି ଥିବା ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି।

# ଅନିଶ୍ଚିତତାରେ ରାହୁଲଙ୍କ ଟିମ୍ ଭବିଷ୍ୟତ

## କଂଗ୍ରେସରେ ବହୁଛି ନୂଆ ହାୱା



**ନୂଆଦିଲ୍ଲୀ,୭।୭(ପି.ଟି.)**

ଲୋକ ସଭା ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ଏବଂ କ୍ରମାଗତ ଭାବେ ଅନେକ ନେତାଙ୍କ ଇସ୍ତଫା ପରେ ଦଳରେ ଏବେ ଭିନ୍ନ ହାୱା ବହୁଛି। ରାହୁଲ ଗାନ୍ଧୀଙ୍କ ଟିମ୍‌ରେ ପ୍ରମୁଖ ଭୂମିକାରେ ଥିବା ଆଗଧାଡ଼ିର ସଦସ୍ୟମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା କୁହାଯାଉଛି। ଦଳର ପରାଜୟ ପାଇଁ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରି ଅଧ୍ୟକ୍ଷ ପଦରୁ ରାହୁଲ ଇସ୍ତଫା ଦେବା ପରେ ତାଙ୍କର ଘନିଷ୍ଠମାନେ ପଦ ଛାଡିବା ଆରମ୍ଭ କରିଛନ୍ତି।

ରବିବାର ଏଆଇସିସି ସାଧାରଣ ସମ୍ପାଦକ ପଦରୁ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ମୁମ୍ବାଇ କଂଗ୍ରେସ ସଭାପତି ପଦରୁ ମିଳିନ୍ଦ ଦେଓରା ଇସ୍ତଫା ଦେଇଛନ୍ତି। ଉଭୟ ରାହୁଲଙ୍କର ଏକାନ୍ତ ବିଶ୍ୱସ୍ତ। ପୂର୍ବରୁ ଯୁବ କଂଗ୍ରେସ ସଭାପତି ପଦରୁ କେଶବ ଚନ୍ଦ୍ର ଯାଦବ ଏବଂ ଏଆଇସିସି ଅନୁସୂଚିତ ଜାତି ସେଲ୍‌ର ସଭାପତି ପଦରୁ ନୀତିନ ରାଉତ ଇସ୍ତଫା ଦେଇଥିଲେ। ରାହୁଲଙ୍କ ଅନ୍ୟ ଯେଉଁ ଅନୁଗତମାନେ ଇସ୍ତଫା ଦେଇଛନ୍ତି, ସେମାନେ ହେଲେ ତେଲେଙ୍ଗାନା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଉତ୍ତମ ରେଡ୍ଡୀ, ଗୋଆ କଂଗ୍ରେସ ସଭାପତି ଗିରୀଶ ଦୋଡନକର, ଦିଲ୍ଲୀ କଂଗ୍ରେସର କାର୍ଯ୍ୟକାରୀ ସଭାପତି ରାଜେଶ ଲିଲୋଥିଆ।ଏମାନଙ୍କ ବ୍ୟତୀତ ଆହୁରି ଅନେକ ନେତା ମଧ୍ୟ ଦଳୀୟ ପଦବୀ ତ୍ୟାଗ କରିଛନ୍ତି। କୌଣସି ଯୋଜନା ନ କରି ରାହୁଲ ହଠାତ୍ ଅଧ୍ୟକ୍ଷ ପଦ ଛାଡ଼ିବା ପରେ ତାଙ୍କ ଟିମ୍‌ର ସଦସ୍ୟମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଥିବା ଦଳ ଭିତରେ ଚର୍ଚ୍ଚା ହେଉଛି। ରାହୁଲଙ୍କୁ ଇସ୍ତଫା ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଅନୁରୋଧ କରିଆସୁଥିବା ଅଧିକାଂଶ ନେତାଙ୍କ ଭବିଷ୍ୟତ ତାଙ୍କ ଉପସ୍ଥିତି ଉପରେ ନିର୍ଭର କରୁଥିଲା। ଏବେ ସେମାନେ ସମ୍ପୂର୍ଣ୍ଣ ଦିଶାହୀନ ହୋଇପଡିଥିବା ଅନୁଭବ କରୁଛନ୍ତି। ଆଗକୁ କ'ଣ ହେଉଛି ତାହା ଦେଖିବାକୁ ବାକି ରହିଲା ବୋଲି ପଦ ଛାଡିଥିବା ଜଣେ ଯୁବ ନେତା କହିଛନ୍ତି।

ନୂଆ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ତାଙ୍କ ନେତୃତ୍ୱରେ ରାହୁଲଙ୍କ ଅନୁଗତ ନେତା କିପରି ଥଇଥାନ ହେବେ ତାହା ଜଣାପଡୁନାହିଁ। ବରିଷ୍ଠ ନେତା ଦଳର ମଙ୍ଗ ଧରିବା ସମ୍ଭାବନା ଥିବାରୁ ରାହୁଲଙ୍କ ଟିମ୍ ହାତବାନ୍ଧି ବସିଛି। ରାହୁଲଙ୍କ ଇସ୍ତଫା ପରେ ଯେତେଥର ବୈଠକ ବସି ଆଲୋଚନା ହୋଇଛି ସେଥିରେ କେବଳ ଦଳର ଭେଟେରାନ ଅହମ୍ମଦ ପଟେଲ, ଗୁଲାମ ନବୀ ଆଜାଦ, ମୋତିଲାଲ ଭୋରା, ଆନନ୍ଦ ଶର୍ମା, ଭୂପିନ୍ଦର ସିଂ ହୁଡା ସାମିଲ ହୋଇଛନ୍ତି। ପ୍ରାରମ୍ଭିକ ଆଲୋଚନାରେ ରାହୁଲଙ୍କ ଘନିଷ୍ଠମାନଙ୍କୁ ଦେଖିବାକୁ ମିଳୁନାହିଁ। ନୂଆ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟାରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଭାଗନେବେ ନାହିଁ ବୋଲି କହିସାରିଥିବାରୁ ତାଙ୍କ ସହଯୋଗୀମାନେ ଅନିଶ୍ଚିତତା ଅନୁଭବ କରୁଛନ୍ତି। ଦଳ ପାଇଁ ଚୂଡାନ୍ତ ନିଷ୍ପତ୍ତି ନେଉଥିବା କଂଗ୍ରେସ କାର୍ଯ୍ୟକାରୀ କମିଟିରେ ମୁଖ୍ୟତଃ ବରିଷ୍ଠମାନେ ହିଁ ଅଛନ୍ତି। କିଏ କଂଗ୍ରେସର ପରବର୍ତ୍ତୀ ଅଧ୍ୟକ୍ଷ ହେବ ତାହା ମଧ୍ୟ ସ୍ପଷ୍ଟ ହୋଇପାରୁ ନାହିଁ। ଯଦିଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଜଣେ ଯୁବ ନେତାଙ୍କୁ ଅଧ୍ୟକ୍ଷ କରାଯାଉ ବୋଲି ଯୁକ୍ତି ବାଢ଼ିଛନ୍ତି, ଏହାକୁ ବରିଷ୍ଠମାନେ ଗ୍ରହଣ କରିବା ଭଳି ଜଣାପଡୁନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଁ ଚାରିପାଖେ ବୁଲି ଆଇଲି**
**କେହି ନ କହିଲେ ବସ୍ ବୋଲି ।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସବୁ ସମ୍ପର୍କ ମୂଲ୍ୟହୀନ ଲାଗିଥାଏ। ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମରିଯାଏ। ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହତାଶାଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଉଛି।

**ଗଛ ଛାଇ ବୋଲି ବସିଲି**
**ଜାଦୁଆ ମୁହଁ ମୁଁ ଜାଣି ନ ଥିଲି**
**ସବୁ ଚାଦରକୁ ରସିଲି ।**

ଭଲକୁ ଆପଣାର କରିବାକୁ ଯାଇ ଭେଲ ପାଇଲେ ମନ ଖଟା ହୋଇଯାଏ। ରୂପଠାରୁ ଗୁଣର ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ ହୋଇଥାଏ। ଯୋଡ଼ି ଚୟନରେ ବାହ୍ୟ ସୌନ୍ଦର୍ଯ୍ୟରେ ଭଳିଯିବା ଉଚିତ ହେଉ ନ ଥିବା ସ୍ଥଳେ ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ଅନେକ ସମୟରେ ମନ୍ଦ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଇଣ୍ଡୋନେସିଆରେ ଭୂକମ୍ପ ସୁନାମି ସତର୍କତା ଜାରି

**ଜାକର୍ତ୍ତା,୭।୭ :** ଇଣ୍ଡୋନେସିଆରେ ରବିବାର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତିବ୍ରତା ୬.୯ ରହିଛି। ତେବେ କ୍ଷୟକ୍ଷତି ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ମୋଲୁକା ସାଗର ଓ ଉତ୍ତର ସୁଲାୱେସି ମଧ୍ୟବର୍ତ୍ତୀ ସ୍ଥାନର ୨୪ କିମ ତଳେ ଏହି ଭୂକମ୍ପ କେନ୍ଦ୍ରୀଭୂତ ହୋଇଥିବା ଆମେରିକା ଭୂ ବିଜ୍ଞାନ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଦର୍ଶାଯାଇଛି। ସୁନାମି ସତର୍କତା ଜାରି କରାଯିବା ସହ ଉପକୂଳ ଅଞ୍ଚଳବାସୀଙ୍କୁ ଏଥିଲାଗି ସତର୍କ କରାଯାଇଛି। ପ୍ରକାଶଥାଉ କି, ଅବସ୍ଥିତି ଦୃଷ୍ଟିରୁ ଇଣ୍ଡୋନେସିଆରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଦେଖାଦେଇଥାଏ।



ଭେନିଜୁଏଲାରେ ଆର୍ଥିକ ସଙ୍କଟ ଲାଗିରହିଥିବାବେଳେ ମ୍ୟାଲେରିଆ ଭୂତାଣୁ ଲୋକଙ୍କ ଦୁଃଖକୁ ବହୁଗୁଣିତ କରିଛି। ଏଲ୍ ଟୁକୁକୋରେ ୟୁକୋପା ସମ୍ପ୍ରଦାୟର ଜଣେ କୁନିଝିଅ ଝୁଲଣାରେ ଝୁଲି ମ୍ୟାଲେରିଆ ସଂକ୍ରମିତ ତାଙ୍କ ଆଈଙ୍କୁ ଜଗିଛନ୍ତି।

## ଅନାଥାଶ୍ରମରେ ଯୌନଶୋଷଣ

**ଥିରୁଭାନନ୍ତପୁରମ୍,୭।୭**

କେରଳର କୋଚି ସହରରେ ଥିବା ଏକ ଅନାଥାଶ୍ରମରେ ଗରିବ ନାବାଳିକାଙ୍କୁ ଯୌନଶୋଷଣ କରାଯିବା ଅଭିଯୋଗରେ ଜଣେ ଖ୍ରୀଷ୍ଟିଆନ୍ ପୂଜକଙ୍କୁ ପୋଲିସ ଗିରଫ କରିଛି। ଶନିବାର ହଠାତ୍ ୭ଜଣ ଅନ୍ତେବାସୀ ଅନାଥାଶ୍ରମ ଛାଡ଼ି ଚାଲିଯିବା ସହ ପୂଜକଙ୍କ କଳା କାରନାମା ସମ୍ପର୍କରେ ଘରେ ଜଣାଇବା ପରେ ଗୁମର ଲୋକଲୋଚନକୁ ଆସିଛି। ପୋଲିସ ପୂଜକ ଟି.ଜେ. ଜର୍ଜ(୪୬)ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

## ସମ୍ପର୍କ ରଖିବାକୁ ମନା କରିବାରୁ ସ୍ତ୍ରୀଙ୍କୁ ମାରି ନିଜ ଯୌନାଙ୍ଗ କାଟିଦେଲେ

**ଗୋରଖପୁର,୭।୭**

ଯୌନକ୍ରିୟା ଲାଗି ମନା କରିବାରୁ ଉତ୍ତରପ୍ରଦେଶର ଗୋରଖପୁରରେ ଜଣେ ଯୁବକ ସ୍ତ୍ରୀଙ୍କୁ ମାରିବା ପରେ ନିଜ ଯୌନାଙ୍ଗ କାଟିଦେଇଛନ୍ତି। ଯୁବକ ଏବେ ଗୁରୁତର ଅବସ୍ଥାରେ ଗୋରଖପୁରର ବାବା ରାଘବ ଦାସ ମେଡ଼ିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି।

ପୋଲିସ ସୂଚନା ଅନୁଯାୟୀ ସିଦ୍ଧାର୍ଥନଗର ଅନ୍ତର୍ଗତ ପୋଖାର ଗ୍ରାମରେ ଏହି ଘଟଣା ଘଟିଛି। ସ୍ୱାମୀ ଅନୱାରୁଲ ହାସନ୍ (୨୪) ସ୍ତ୍ରୀ ସହ ଯୌନକ୍ରିୟା କରିବାକୁ ଅନୁରୋଧ କରିଥିଲାବେଳେ ସେ ମନାକରି ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ହାସନ ସ୍ତ୍ରୀ'ର ତଣ୍ଟିଚିପି ହତ୍ୟା କରିଥିଲେ। ହାସନ ସୁରଟରେ କାମ କରୁଥିବାବେଳେ ବର୍ଷକ ପୂର୍ବରୁ ୨୦ ବର୍ଷର ଜଣେ ଯୁବତୀଙ୍କ ସହ ତାଙ୍କର ବିବାହ ହୋଇଥିଲା। ଦୁଇଦିନ ପୂର୍ବରୁ ସେମାନେ ନିଜ ଗାଁକୁ ଆସିଥିଲେ। ପଡୋଶୀ ଏହା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ହାସନଙ୍କୁ ମେଡିକାଲରେ ଭର୍ତ୍ତି କରିବା ପରେ ତଦନ୍ତ ଜାରି ରଖିଥିବା ପ୍ରକାଶ।

## ଇତିହାସର ଆଇନାରେ

### ଜୁଲାଇ ୮ର ପ୍ରମୁଖ ଘଟଣା

#### ଆଇଲ୍ୟାଣ୍ଡ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ

୧୯୮୮ ଜୁଲାଇ ୮ରେ ଆଇଲ୍ୟାଣ୍ଡ ଏକ୍ସପ୍ରେସ ଟ୍ରେନ୍ ବାଙ୍ଗାଲୋର୍‌ରୁ କନ୍ୟାକୁମାରୀ ଯାତ୍ରା କରୁଥିବାବେଳେ ପେରୁମାନ୍ ବ୍ରିଜ୍‌ରେ ଲାଇନ୍‌ଚ୍ୟୁତ ହୋଇ ଅଷ୍ଟମୁଦି ହ୍ରଦରେ ଖସି ପଡିଥିଲା। ଫଳରେ ୧୦୫ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହିତ ୨୦୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ଉକ୍ତ ଟ୍ରେନ୍ ଦୈନିକ କେରଳର ଥିରୁଭାନନ୍ତପୁରମ୍, କୋଟାୟାମ୍ ଏବଂ ପାଲାକାଡ ଦେଇ କନ୍ୟାକୁମାରୀ ଯାତ୍ରା କରିଥାଏ।

#### ବିମାନ ଦୁର୍ଘଟଣାରେ ୧୧୭ ମୃତ

୨୦୦୩ ଜୁଲାଇ ୮ରେ ସୁଦାନ ଏୟାରୱେଜ୍ ଫ୍ଲାଇଟ୍ ୧୩୯ ଜରୁରୀ ଅବତରଣ ପାଇଁ ଉଦ୍ୟମ କରୁଥିବାବେଳେ ପୋର୍ଟ ସୁଦାନ ଏୟାରପୋର୍ଟ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ସମସ୍ତ ୧୧୭ ଯାତ୍ରୀ ମୃତ୍ୟୁବରଣ କରିଥିଲେ। ବିମାନବନ୍ଦର ଛାଡିବାର ୧୫ ମିନିଟ୍ ପରେ ଗୋଟିଏ ଇଞ୍ଜିନ୍ ଅଚଳ ହୋଇପଡ଼ିବାରୁ ଏହାକୁ ଜରୁରୀ ଅବତରଣ କରାଯାଉଥିବାବେଳେ ପାଇଲଟ୍ ବିମାନବନ୍ଦରର ରନ୍‌ୱେ ଦେଖିପାରି ନ ଥିଲେ।

## ଏଲିଟ୍ କ୍ଲବ୍‌ରେ ଶାହିଦ୍ କପୁର

**ମୁମ୍ବାଇ:** ଆମିର, ସଲମାନ୍ ଓ ଶାହରୁଖଙ୍କ ଭଳି ଶାହିଦ୍ କପୁର ଏବେ ଏଲିଟ୍ କ୍ଲବ୍‌ରେ ସ୍ଥାନ ପାଇଛନ୍ତି। ବିଶେଷକରି 'କବିର ସିଂ' ଫିଲ୍ମର ସଫଳତା ତାଙ୍କୁ ଏଭଳି ସ୍ଥିତିକୁ ଆଣିପାରିଛି। ବକ୍ସ ଅଫିସ୍‌ରେ ଏହି ଫିଲ୍ମ ମାତ୍ର ୧୬ ଦିନରେ ଶ୍ରେଷ୍ଠ ୧୫ ବ୍ୟବସାୟିକ ସଫଳତା (୨୨୬.୧୧ କୋଟି ଟଙ୍କା) ପ୍ରଦାନ କରିବା ପରେ ଶାହିଦ୍‌ଙ୍କୁ ଏହି କ୍ଲବରେ ସାମିଲ କରାଯାଇଛି। ଏହା ପୂର୍ବରୁ ସଲମାନ୍‌ଙ୍କ 'ଟାଇଗର ଜିନ୍ଦା ହୈ', 'ବଜରଙ୍ଗୀ ଭାଇଜାନ୍', 'ସୁଲତାନ୍' ଓ 'କିକ୍', ଆମିର ଖାନ୍‌ଙ୍କ 'ଦଙ୍ଗଲ୍', 'ପିକେ', 'ଧୂମ୍-୩' ଏବଂ ଶାହରୁଖ୍ ଖାନ୍‌ଙ୍କ 'ଚେନ୍ନାଇ ଏକ୍ସପ୍ରେସ' ଭଲ ବ୍ୟବସାୟିକ ସଫଳତା ଆଣିଦେଇଥିଲା। 'କବିର ସିଂ' ଭଲ ବ୍ୟବସାୟ କରୁଥିଲାବେଳେ ଏହା ଶ୍ରେଷ୍ଠ ୧୦ ବ୍ୟାବସାୟିକ ସଫଳତା ପାଇବ ବୋଲି ଆଶା କରାଯାଉଛି। ପ୍ରକାଶଥାଉ କି, ବଲିଉଡ୍‌ରେ ସବୁଠାରୁ ଅଧିକ ବ୍ୟବସାୟିକ ସଫଳତା ହାସଲ କରିଥିବା ଫିଲ୍ମ ମଧ୍ୟରେ ରହିଛି 'ବାହୁବଳୀ-୨'(୫୧୧ କୋଟି), 'ଦଙ୍ଗଲ୍'(୩୮୭.୩୮ କୋଟି), 'ସଞ୍ଜୁ'(୩୪୨.୫୩ କୋଟି), 'ପିକେ'(୩୪୦.୮୦ କୋଟି), 'ଟାଇଗର ଜିନ୍ଦା ହୈ'(୩୩୯.୨୫ କୋଟି), 'ବଜରଙ୍ଗି ଭାଇଜାନ୍'(୩୨୧ କୋଟି), 'ପଦ୍ମାବତ୍'(୩୦୨.୧୫ କୋଟି), ସୁଲତାନ୍'(୩୦୧.୫୦ କୋଟି), 'ଧୂମ୍-୩'(୨୮୪ କୋଟି), 'କ୍ରିଶ୍-୩'(୨୪୪.୯୨କୋଟି), 'ଉରି- ଦ ସର୍ଜିକାଲ୍ ଷ୍ଟ୍ରାଇକ୍'(୨୪୪.୨୦ କୋଟି), 'ସିମ୍ବା'(୨୪୦.୩୧କୋଟି), 'କିକ୍'(୨୩୧ କୋଟି), 'ଚେନ୍ନାଇ ଏକ୍ସପ୍ରେସ୍'(୨୨୭ କୋଟି) ଓ 'କବିର ସିଂ'(୨୨୬.୧୧ କୋଟି)।





ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ଆକାଶ ମେଘୁଆ ରହିବା ସହ ଅସରାଏ ଦୁଇ ଅସରା ବର୍ଷା କିମ୍ବା ଘଡଘଡି ସହ ବର୍ଷା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୮ | ୨୪.୪ |
| ଚାନ୍ଦବାଲି | ୩୨.୫ | ୨୫.୨ |
| କଟକ | --- | ୨୩.୦ |
| ପାରାଦ୍ୱୀପ | ୩୧.୯ | ୨୭.୨ |
| ଭୁବନେଶ୍ୱର | ୩୨.୮ | ୨୫.୨ |
| ଗୋପାଳପୁର | ୩୦.୦ | ୨୫.୮ |
| ପୁରୀ | ୩୧.୮ | ୨୫.୬ |
| ଅନୁଗୋଳ | ୩୦.୭ | ୨୧.୦ |
| ବାରିପଦା | ୩୧.୬ | ୨୫.୬ |
| ଝାରସୁଗୁଡ଼ା | ୨୮.୬ | ୨୪.୭ |
| କେନ୍ଦୁଝର | ୨୭.୭ | ୨୩.୬ |
| ସମ୍ବଲପୁର | ୨୭.୬ | ୨୩.୭ |
| ସୁନ୍ଦରଗଡ଼ | ୨୬.୦ | ୧୮.୦ |
| ହୀରାକୁଦ | ୨୭.୨ | ୨୪.୧ |
| ତାଲଚେର | ୩୩.୫ | ୨୪.୩ |
| ଭବାନୀପାଟଣା | ୩୨.୦ | ୨୪.୦ |
| ବଲାଙ୍ଗୀର | ୩୧.୬ | ୨୫.୦ |
| କୋରାପୁଟ | ୨୫.୬ | ୧୯.୬ |
| ଫୁଲବାଣୀ | ୩୦.୪ | ୨୪.୩ |
| ଟିଟିଲାଗଡ଼ | ୩୩.୫ | ୨୧.୫ |
| ମାଲକାନଗିରି | ୩୦.୦ | ୧୯.୫ |
| ସୋନପୁର | --- | ୨୧.୨ |
| ଦାରିଙ୍ଗିବାଡ଼ି | ୨୫.୫ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

BUSINESS — FINANCE

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲି଼ଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
70,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ASTROLOGY

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078842412

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକକୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900



ଭିଡ଼ହିଂସାକୁ ଆଉ ବରଦାସ୍ତ କରାଯିବ ନାହିଁ। ଜାତି ଧର୍ମ ନିର୍ବିଶେଷରେ ଅପରାଧୀଙ୍କୁ ଦଣ୍ଡିତ କରାଯିବ। ତେଣୁ ଲୋକେ ଆଇନକୁ ହାତକୁ ନିଅନ୍ତୁ ନାହିଁ।
-ରଘୁବର ଦାସ,
ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ସୁବ୍ରମଣ୍ୟମ୍‌ଙ୍କ ବିରୋଧରେ ଏତଲା

ରାୟପୁର,୭।୭(ପି.ଟି.) କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଭୁଲ୍ ମନ୍ତବ୍ୟ ଦେବା



ଅଭିଯୋଗରେ ଭାଜପା ରାଜ୍ୟ ସଭା ଏମ୍‌ପି ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ବିରୋଧରେ ଛତିଶଗଡ଼ ପୋଲିସ ଏତଲା ଦାଏର କରିଛି। ଯଶପୁର ଜିଲା କଂଗ୍ରେସ କମିଟି ସଭାପତି ପୱନ ଅଗ୍ରୱାଲଙ୍କ ଅଭିଯୋଗକ୍ରମେ ଶନିବାର ରାତିରେ ପଥଲଗାଓଁ ଥାନାରେ ଏତଲା ଦାଏର ହୋଇଥିବା ଏସ୍‌ପି ଶଙ୍କରଲାଲ୍ ବାଘେଲ ସୂଚନା ଦେଇଛନ୍ତି। ରାହୁଲ କୋକେନ୍ ଖାଉଥିବା ସୁବ୍ରମଣ୍ୟମ୍ ଅଭିଯୋଗ କରିଥିଲେ। ଏହା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ରାହୁଲଙ୍କୁ ଅପମାନିତ କରିବା ପାଇଁ ଉଦ୍ଦିଷ୍ଟ ଏକଥା ସୁବ୍ରମଣ୍ୟନ ଭଲ ଭାବେ ଜାଣନ୍ତି ବୋଲି ଅଗ୍ରୱାଲ କହିଛନ୍ତି।

### ହତ୍ୟା ଅଭିଯୁକ୍ତଙ୍କୁ ପ୍ରତ୍ୟର୍ପଣ କରିବନି ବ୍ରିଟେନ

**ଲଣ୍ଡନ,୭।୭(ପି.ଟି.):** ଭାରତର ବିଭିନ୍ନ ବ୍ୟାଙ୍କର ୯୦୦୦ କୋଟି ଟଙ୍କା ଋଣ ପରିଶୋଧ ନ କରି ଲଣ୍ଡନ ପଳାଇଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ବିରୋଧରେ ବ୍ରିଟେନ ହାଇକୋର୍ଟରେ ଅପିଲ୍ କରିବା ଲାଗି ଅନୁମତି ମିଳିଛି। ଅନ୍ୟ ଏକ ମାମଲାରେ ଭାରତୀୟ ବଂଶୋଦ୍ଭବ ବ୍ରିଟିଶ ହତ୍ୟା ଅଭିଯୁକ୍ତଙ୍କୁ ନୂଆଦିଲ୍ଲୀ ପଠାଇବା ଅନୁରୋଧକୁ ବ୍ରିଟେନର ଏକ ଅଦାଲତ ପ୍ରତ୍ୟାଖ୍ୟାନ କରିଦେଇଥିବାରୁ ଭାରତକୁ ଝଟକା ଲାଗିଛି। ଭାରତୀୟ ବଂଶୋଦ୍ଭବ ବ୍ରିଟିଶ ଦମ୍ପତି ଆରତି ଧୀର ଓ କୱାଲ ରାୟଜାଦା ସେମାନଙ୍କର ପୋଷ୍ୟପୁତ୍ର ଗୋପାଳ (୧୧) ଓ ତାଙ୍କ ଭିଣୋଇ ହତ୍ୟାକାଣ୍ଡରେ ସମ୍ପୃକ୍ତ। ସେମାନଙ୍କ ପ୍ରତ୍ୟର୍ପଣ ଲାଗି ଭାରତ କରିଥିବା ଆବେଦନକୁ ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ୍ କୋର୍ଟର ମୁଖ୍ୟ ମାଜିଷ୍ଟ୍ରେଟ୍ ଏମା ଅର୍ବୁଥନଟ୍ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

### ପଶ୍ଚିମବଙ୍ଗରୁ ଶତାଧିକ ବୋମା ଉଦ୍ଧାର: ୯ ଗିରଫ

**କୋଲକାତା,୭।୭(ଆଇଏଏନ୍‌ଏସ୍):** ପୋଲିସ ପଶ୍ଚିମବଙ୍ଗରୁ ଶତାଧିକ ଅଫୁଟା ବୋମା ଜବତ କରିଛି। ବେଆଇନ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ରଖିଥିବା ଅଭିଯୋଗରେ ୯ ଜଣଙ୍କୁ ଗିରଫ କରାଯାଇଛି। ବୀରଭୂମ୍‌ର ମଲ୍ଲାରପୁର ଓ ଲବପୁରରେ କିଛିଦିନ ପୂର୍ବରୁ ରାଜନୈତିକ ହିଂସାକାଣ୍ଡ ଓ ବିସ୍ଫୋରଣ ଘଟିଥିଲା ବେଳେ ପୋଲିସ ପକ୍ଷରୁ ଏନେଇ ଚଢାଉ କରାଯାଇଥିଲା। ବୋମା ନିଷ୍କ୍ରିୟକାରୀ ଟିମ୍ ଏଠାରୁ ମିଳିଥିବା ବୋମାଗୁଡ଼ିକୁ ଅକାମୀ କରିଥିବା ଜଣାପଡ଼ିଛି। ଗିରଫ ବ୍ୟକ୍ତିଙ୍କଠାରୁ କେତେକ ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ବୀରଭୂମ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ୟାମ ସିଂ ପ୍ରକାଶ କରିଛନ୍ତି। ଲବପୁର ବିସ୍ଫୋରଣ ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ସେହିଭଳି ମଲ୍ଲାରପୁର ରେଲୱେ ଷ୍ଟେଶନ ନିକଟ କ୍ଲବ ବିଲ୍ଡିଂରେ ଜୁନ୍ ୩୦ରେ କରାଯାଇଥିବା ବିସ୍ଫୋରଣର ତଦନ୍ତ ଫରେନ୍‌ସିକ୍ ଟିମ୍ କରୁଥିବା ସେ ପ୍ରକାଶ କରିଛନ୍ତି।

## ବାଲାକୋଟ ପରେ ଆଫଗାନିସ୍ତାନରେ ତାଲିମ ନେଉଛନ୍ତି ପାକ୍ ଆତଙ୍କବାଦୀ

# ଭୟରେ ଛତ୍ରଭଙ୍ଗ

ନୂଆଦିଲ୍ଲୀ,୭।୭(ପି.ଟି.)



ପୁଲ୍‌ୱାମାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଭାରତୀୟ ବାୟୁସେନା ଫେବୃୟାରୀ ୨୬ରେ ବାଲାକୋଟରେ ଥିବା ସେମାନଙ୍କ ପ୍ରଶିକ୍ଷଣ ଶିବିର ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏହା ପରେ ପାକିସ୍ତାନୀ ଆତଙ୍କବାଦୀ ଛତ୍ରଭଙ୍ଗ ଦେଇ ଆଫଗାନିସ୍ତାନରେ ତାଲିମ ନେଉଥିବା ଏକ ଗୋଇନ୍ଦା ସୂଚନାରୁ ଜଣାପଡିଛି। ଜେଇଏମ୍ ଏବଂ ଲଶ୍କର-ଇ-ତୋଇବାର କ୍ୟାଡର ଆତଙ୍କବାଦୀମାନେ ଏବେ ଆଫଗାନିସ୍ତାନର କୁନାର, ନଙ୍ଗରହାର, ନୁରିସ୍ତାନ ଓ କାନ୍ଦାହାରକୁ ପଳାଇଥିବା ଗୋଇନ୍ଦା ସୂଚନା ମିଳିବା ପରେ କାବୁଲ ଓ କାନ୍ଦାହାରରେ ଥିବା ଭାରତୀୟ ଦୂତାବାସ ଓ କାର୍ଯ୍ୟାଳୟକୁ ହାଇଆଲର୍ଟରେ ରଖାଯାଇଛି।

ପାକିସ୍ତାନର ମନଶେରାରେ ଥିବା ବାଲାକୋଟ ଆତଙ୍କବାଦୀ ଶିବିର ଉପରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ମିରାଜ ଯୁଦ୍ଧବିମାନ ଆକ୍ରମଣ କରିଥିଲା। ପାକିସ୍ତାନର ଜେଇଏମ୍ ଓ ଲଶ୍କର ଆତଙ୍କବାଦୀ ସଂଗଠନ ଆଫଗାନିସ୍ତାନର ତାଲିବାନ, ହକ୍କାନି ନେଟୱର୍କ ସହ ହାତ ମିଳାଇଥିବା ଜଣାପଡିଛି। ପାକିସ୍ତାନ ସୀମାରେ ଥିବା ଡୁରାଣ୍ଡ ଲାଇନ୍‌ରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ସେଥିପାଇଁ ଗତ ୧ ଓ ୨ ତାରିଖରେ ପାକିସ୍ତାନ ସରକାର ୧୫ ଲଶ୍କର ନେତା ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ୫ଟି ଦାତବ୍ୟ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ ହେଁ ଭାରତ ଏହାକୁ ବିଶ୍ୱାସକୁ ନେଉନାହିଁ। ସଶସ୍ତ୍ର ଆତଙ୍କବାଦୀ ସଂଗଠନ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତ ଆହ୍ୱାନ ଦେଇଛି।

ଚଳିତ ବର୍ଷ ଶେଷ ଭାଗରେ ପ୍ୟାରିସ୍‌ରେ ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ସମ୍ମିଳନୀରେ କଳାତାଲିକାଭୁକ୍ତ ହେବାରୁ ନିଜକୁ ରକ୍ଷାକରିବା ଲାଗି ପାକିସ୍ତାନ ଆତଙ୍କବାଦୀଙ୍କ ବିରୋଧରେ ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସେଥିପାଇଁ ଆତଙ୍କବାଦୀମାନେ ସୀମାନ୍ତ ଡୁରାଣ୍ଡ ଲାଇନ୍‌କୁ ପଳାଇଯାଇଥିବା ଭାରତୀୟ ସୁରକ୍ଷା ଏଜେନ୍ସି ବିଶ୍ୱାସ କରୁଛି। ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପାକିସ୍ତାନକୁ ଏଫ୍‌ଏଟିଏଫ୍ ଧୂସର (ଗ୍ରେ) ତାଲିକାଭୁକ୍ତ କରିସାରିଛି। ଚଳିତ ମାସ ଆରମ୍ଭରେ ପାକିସ୍ତାନର କାର୍ଯ୍ୟାନୁଷ୍ଠାନ ବେଳେ କାବୁଲରେ ଥିବା ଭାରତୀୟ ଦୂତାବାସ ଉପରେ ଜେଇଏମ୍ ଆତଙ୍କବାଦୀ ଆକ୍ରମଣ କରିବା ଆଶଙ୍କା ଥିଲା। ବିସ୍ଫୋରକଭର୍ତ୍ତି ଗାଡ଼ି ନେଇ ଉକ୍ତ ଦୂତାବାସ ଉପରେ ଆକ୍ରମଣ ଲାଗି ଆତଙ୍କବାଦୀ କ୍ୱାରି ୱାରି ଗୁଲ୍‌କୁ ନିୟୋଜିତ କରାଯାଇଥିଲା। ସେହିପରି କାନ୍ଦାହାରରେ ଥିବା ଭାରତର ବାଣିଜ୍ୟିକ ଦୂତାବାସ ଉପରେ ତାଲିବାନ୍ ଆକ୍ରମଣ କରିପାରେ ବୋଲି ଗୋଇନ୍ଦା ସତର୍କ କରାଇଥିଲା। ଜୈଶ୍ ଆତଙ୍କବାଦୀମାନେ ବହୁସଂଖ୍ୟାରେ ନଙ୍ଗରହାର ପ୍ରଦେଶର କୋଟ୍ ଓ ମେମନ୍ଦରା, ହେଲମଣ୍ଡ ପ୍ରଦେଶର ସାଙ୍ଗୁଇନ୍ ଓ ମାର୍ଜା, ଗଜ୍‌ନିର ଲୋଗାନ୍ ଓ ନୱା, ଜୁରମାଟ(ପାକ୍‌ତିଆ), କୁନାର, ଫର୍‌ୟାବ୍ ଏବଂ କୁନ୍ଦୁଜ୍ ପଳାଇଯାଇଛନ୍ତି। ତାଲିବାନ ଓ ହକ୍କାନି ନେଟୱର୍କ ଗତ ଫେବୃୟାରୀରେ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ ଆଝାରଙ୍କୁ ଆଶ୍ରୟ ଯାଚିଥିଲା। ଆଝାର ପାକ୍ ସେନା ସୁରକ୍ଷାରେ ବାହୱାଲପୁରରେ ରହୁଥିବାରୁ ଆଫଗାନ୍ ଆତଙ୍କବାଦୀ ସଂଗଠନର ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ଜାନୁୟାରୀରେ ଜଲାଲାବାଦ୍‌ରୁ ଆତଙ୍କବାଦୀ ସେଦିକ୍ ଆକବର ଓ ଆତାଉଲ୍ଲା ଗିରଫ ହେବା ପରେ ଆଫଗାନିସ୍ତାନରେ ଜେଇଏମ୍ ଆତଙ୍କବାଦୀଙ୍କ ଅବସ୍ଥିତି ସମ୍ପର୍କରେ ଗୋଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହି ୨ ଆତଙ୍କବାଦୀଙ୍କୁ କାବୁଲ ଓ କାନ୍ଦାହାରରେ ଥିବା ଭାରତୀୟ କାର୍ଯ୍ୟାଳୟ ଉପରେ ନଜର ରଖିବା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ସେମାନେ ଜେରାବେଳେ ସ୍ୱୀକାର କରିଥିଲେ।

**ଗୋଇନ୍ଦା ସୂଚନା**
- ପାକ୍ ସୀମା ଡୁରାଣ୍ଡ ଲାଇନ୍‌ରେ ଦିଆଯାଉଛି ପ୍ରଶିକ୍ଷଣ
- ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ଆହ୍ୱାନ
- ହାଇଆଲର୍ଟରେ କାବୁଲସ୍ଥିତ ଭାରତୀୟ ଦୂତାବାସ

## ସପ୍ନା ଚୌଧୁରୀ ଭାଜପାରେ ସାମିଲ

ନୂଆଦିଲ୍ଲୀ,୭।୭(ପି.ଟି.)

ଲୋକପ୍ରିୟ ହରିୟାଣା ଗୀତିକାର ତଥା ନୃତ୍ୟାଙ୍ଗନା ସପ୍ନା ଚୌଧୁରୀ ରବିବାର ଭାଜପାରେ ଯୋଗଦେଇଛନ୍ତି। ଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ଠାରେ ଦଳର ସଦସ୍ୟ ସଂଗ୍ରହ ଅଭିଯାନ ବେଳେ ଦଳର ବରିଷ୍ଠ ନେତା ତଥା ଦିଲ୍ଲୀ ଭାଜପା ମୁଖ୍ୟ ମନୋଜ ତିୱାରୀ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ଉପସଭାପତି ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ସାଧାରଣ ନିର୍ବାଚନ ବେଳେ ସେ ଭାଜପାରେ ସାମିଲ ହେବାର ସମ୍ଭାବନା ଥିଲା। ସେତେବେଳେ ଉତ୍ତର-ପୂର୍ବ ଦିଲ୍ଲୀ ସଂସଦୀୟ କ୍ଷେତ୍ରରୁ ତିୱାରୀଙ୍କ ଲାଗି ସେ ନିର୍ବାଚନ ପ୍ରଚାର ମଧ୍ୟ କରିଥିଲେ।



ଭାଜପା ଉପସଭାପତି ଶିବରାଜସିଂ ଚୌହାନ ସପ୍ନା ଚୌଧୁରୀଙ୍କୁ ସଦସ୍ୟତା ରସିଦ୍ ପ୍ରଦାନ କରୁଛନ୍ତି। ପାଖରେ ଉପସ୍ଥିତ ଦିଲ୍ଲୀ ଭାଜପା ମୁଖ୍ୟ ମନୋଜ ତିୱାରୀ।

## ଭିଡ଼ହିଂସାରୁ ବର୍ତ୍ତିବା ଲାଗି ନାମ ବଦଳାଇବେ ମୁସଲ୍‌ମାନ ଅଧିକାରୀ

**ଭୋପାଳ,୭।୭:** ଦେଶରେ ଭିଡ଼ହିଂସା ବଢିବାରେ ଲାଗିଛି। ଏଭଳି ହିଂସାକାଣ୍ଡରୁ ନିଜକୁ ରକ୍ଷାକରିବା ଲାଗି ମଧ୍ୟପ୍ରଦେଶର ଜଣେ ମୁସଲମାନ ସମ୍ପ୍ରଦାୟର ସରକାରୀ ଅଧିକାରୀ ନିଜ ନାମ ବଦଳାଇ ଦେବାକୁ ସ୍ଥିର କରିଛନ୍ତି। ବରିଷ୍ଠ ପ୍ରଶାସନିକ ଅଧିକାରୀଭାବେ କାର୍ଯ୍ୟରତ ନିୟାଜ୍ ଖାନ ଏନେଇ ଶନିବାର ଟୁଇଟ୍ କରିଥିଲେ। ଦେଶରେ ମୁସଲ୍‌ମାନଙ୍କ ବିରୋଧରେ ଏଭଳି ଭିଡ଼ହିଂସା ଘଟୁଥିବାରୁ ତାଙ୍କ ମୁସଲମାନ ପରିଚୟ ଲୁଚାଇବା ଲାଗି ନିୟାଜ୍ ଏଭଳି ନାମ ପରିବର୍ତ୍ତନ କରିବାକୁ ଚାହିଁଥିବା କହିଛନ୍ତି। ମୁସଲମାନଙ୍କ ଭଳି ଦାଢି ନ ରଖୁଥିବା ଓ ଟୋପି, କୁର୍ତ୍ତା ନ ପିନ୍ଧୁଥିବାରୁ ସେ ରକ୍ଷାପାଇଯିବେ ବୋଲି ପ୍ରକାଶ କରିଛନ୍ତି। ନାମ ପରିବର୍ତ୍ତନ କଲେ ଭିଡ଼ହିଂସାରୁ ମୁକ୍ତି ମିଳିଯିବ, ନ ହେଲେ କୌଣସି ସଂସ୍ଥା କି ସଙ୍ଗଠନ ସୁରକ୍ଷା ଦେଇପାରିବେ ନାହିଁ ବୋଲି ସେ ମତ ରଖିଛନ୍ତି।



ନିୟାଜ୍ ଖାନ

## ତାଲିବାନର ଆତ୍ମଘାତୀ ବିସ୍ଫୋରଣ: ୧୨ ନିହତ

କାବୁଲ,୭।୭(ଆଇଏଏନ୍‌ଏସ୍)

ଆଫଗାନିସ୍ତାନର ଗଜ୍‌ନୀ ସହରରେ ରବିବାର ଏକ ଆତ୍ମଘାତୀ କାର୍ ବୋମା ବିସ୍ଫୋରଣ ହେବାଫଳରେ ୧୨ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ଏଥିରେ ୧୭୯ ଜଣ ଆହତ ହୋଇଛନ୍ତି। ଏହି ବିସ୍ଫୋରଣ ଲାଗି ତାଲିବାନ୍ ନିଜକୁ ଦାୟୀ କରିଛି। ବିସ୍ଫୋରଣଟି ଜାତୀୟ ସୁରକ୍ଷା ନିର୍ଦ୍ଦେଶାଳୟ(ଏନ୍‌ଡିଏସ୍)ର ସିକ୍ୟୁରିଟି ଚେକ୍‌ପୋଷ୍ଟ ନିକଟରେ ସକାଳ ୮.୩୦ରେ ହୋଇଥିଲା।



ମୃତକଙ୍କ ମଧ୍ୟରେ ୮ଜଣ ସୁରକ୍ଷା କର୍ମୀ ଥିବାବେଳେ ୪ଜଣ ସାଧାରଣ ନାଗରିକ ରହିଥିବା ଗଜ୍‌ନୀ ପ୍ରଦେଶ ରାଜ୍ୟପାଳଙ୍କ ମୁଖପାତ୍ର ଆରିଫ୍ ନୁରୀ ପ୍ରକାଶ କରିଛନ୍ତି।

ତାଲିବାନ୍ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ ବିସ୍ଫୋରଣ ଲାଗି ନିଜକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ, ବିସ୍ଫୋରଣରେ ଏନ୍‌ଡିଏସ୍ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିବାବେଳେ କର୍ମଚାରୀମାନେ ପ୍ରାଣ ହରାଇଛନ୍ତି। ଆଫଗାନିସ୍ତାନ ରାଷ୍ଟ୍ରପତି ଅଶ୍‌ରଫ୍ ଗନି ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହ ଏହା ମାନବବାଦର ଶତ୍ରୁ ବୋଲି କହିଛନ୍ତି। କାତାରରେ ତାଲିବାନ ଗୋଷ୍ଠୀ ଆମେରିକା ସହ ଆଲୋଚନା କରୁଥିବାବେଳେ ଏଭଳି ବିସ୍ଫୋରଣ କରାଯାଇଛି। ଆଫଗାନିସ୍ତାନରୁ ଆମେରିକୀୟ ସେନା ପ୍ରତ୍ୟାହାର ଲାଗି ତାଲିବାନ ଦାବି କରିଆସୁଛି।



ମୁମ୍ବାଇର ଏକ ହୋଟେଲରେ ରହୁଥିବା କର୍ଣ୍ଣାଟକର ଅସନ୍ତୁଷ୍ଟ ବିଧାୟକମାନଙ୍କୁ ଭାଜପା ନେତାମାନେ ଭେଟିଛନ୍ତି। ଏହାକୁ ନେଇ କଂଗ୍ରେସ ସମର୍ଥକମାନେ ହୋଟେଲ ବାହାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଭାଜପା ଏମ୍‌ପିଙ୍କ ବିମାନରେ ମୁମ୍ବାଇ ଯାଇଛନ୍ତି ଅସନ୍ତୁଷ୍ଟ ବିଧାୟକ

ବେଙ୍ଗାଲୁରୁ,୭।୭(ପି.ଟି.)

କର୍ଣ୍ଣାଟକର ଅସନ୍ତୁଷ୍ଟ କଂଗ୍ରେସ ଏବଂ ଜେଡିଏସ୍ ବିଧାୟକମାନେ ଇସ୍ତଫା ଦେବା ପରେ ଯେଉଁ ଚାର୍ଟାର୍ଡ ବିମାନରେ ମୁମ୍ବାଇ ଯାଇଛନ୍ତି, ତାହା ଭାଜପାର ରାଜ୍ୟ ସଭା ସଦସ୍ୟ ରାଜୀବ ଚନ୍ଦ୍ରଶେଖରଙ୍କର ବୋଲି ସୂତ୍ରରୁ ଜଣାପଡ଼ିଛି। ଜୁପିଟର କ୍ୟାପିଟାଲ ପ୍ରାଇଭେଟ ଲିମିଟେଡ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ହେଉଛନ୍ତି ରାଜୀବ ଚନ୍ଦ୍ରଶେଖର। ଏହି କମ୍ପାନୀର ବିମାନରେ କଂଗ୍ରେସ-ଜେଡିଏସ୍‌ର ଇସ୍ତଫା ଦେଇଥିବା ବିଧାୟକମାନେ ଶନିବାର ମୁମ୍ବାଇରେ ପହଞ୍ଚିଥିଲେ।



ରାଜୀବ ଚନ୍ଦ୍ରଶେଖର

ତେବେ ଏହା ବ୍ୟବସାୟ ପାଇଁ ଚଳାଚଳ କରୁଥିବାରୁ ସେଥିରେ ଯେ କେହି ଯାତ୍ରା କରିପାରିବେ ବୋଲି କମ୍ପାନୀର ଅଧିକାରୀମାନେ ସଫେଇ ଦେଇଛନ୍ତି।

## କର୍ଣ୍ଣାଟକ ସଙ୍କଟ

### ବିଦା ହେବେ ୫ ମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ସୋମବାର କ୍ୟାବିନେଟ ବୈଠକ ଡାକି ୫ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିବେ। ଯେଉଁ ମନ୍ତ୍ରୀମାନେ ଇସ୍ତଫା ଦେଇପାରନ୍ତି ସେମାନେ ହେଲେ କଂଗ୍ରେସର ୩(ନଗର ଉନ୍ନୟନ ମନ୍ତ୍ରୀ ୟୁ.ଟି. ଖଦେର, ସାମାଜ ମଙ୍ଗଳ ମନ୍ତ୍ରୀ ପ୍ରିୟଙ୍କା ଖାର୍ଗେ ଏବଂ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ କ୍ରିଷ୍ଣା ବାୟରେ ଗୌଡ଼ା) ଓ ଜେଡିଏସ୍‌ର ୨ ଜଣ। ସେମାନଙ୍କ ସ୍ଥାନରେ ରାମଲିଙ୍ଗା ରେଡ୍ଡୀ, ଏସ୍.ଟି. ସୋମଶେଖର ଏବଂ ବି.ସି. ପାଟିଲଙ୍କ ଭଳି କଂଗ୍ରେସ ବିଧାୟକଙ୍କୁ ମନ୍ତ୍ରୀପଦ ମିଳିପାରେ। ଏହି ବିଧାୟକମାନେ ସେମାନଙ୍କୁ ବାରମ୍ବାର ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ଇସ୍ତଫା ଦେଇଛନ୍ତି।

### ୧୨ରେ ହୋଇପାରେ ଶକ୍ତିପରୀକ୍ଷା

ମୁଖ୍ୟମନ୍ତ୍ରୀ ଇସ୍ତଫା ନଦେଇ ଲଢ଼େଇ ଜାରି ରଖିବେ। ସେ ଅନାସ୍ଥା ଭୋଟର ସମ୍ମୁଖୀନ ହେବାକୁ ପସନ୍ଦ କରିବେ। ଏଥିପାଇଁ ଆମେରିକାରୁ ରବିବାର ଫେରିଥିବା କୁମାରସ୍ୱାମୀ ତାଙ୍କ ବାପା ତଥା ଜେଡିଏସ୍ ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ାଙ୍କ ବାସଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ଯାଉଛନ୍ତି। ଏପରି କି ଆହୁରି କେତେଜଣ ବିଧାୟକ ଇସ୍ତଫା ଦେଲେ ବି ମୁଖ୍ୟମନ୍ତ୍ରୀ ପଦ ନ ଛାଡ଼ି ଆସନ୍ତା ୧୨ରେ ହେବାକୁ ଥିବା ବିଧାନସଭା ଅଧିବେଶନରେ ଆସ୍ଥାଭୋଟର ସମ୍ମୁଖୀନ ହେବା ପାଇଁ କୁମାରସ୍ୱାମୀଙ୍କୁ ଦେବେଗୌଡ଼ା ପରାମର୍ଶ ଦେଇଥିବା ବୋଲି ଜଣାପଡ଼ିଛି। କାରଣ ଇସ୍ତଫା ନ ଦେଇ ଆସ୍ଥାଭୋଟରେ ହାରିବା ପରେ ଲୋକଙ୍କ ପାଖକୁ ଗଲେ ଫାଇଦା ମିଳିପାରେ। ଭାଜପା ଉପରେ ଦୋଷ ଲଦିଲେ ଅନୁକମ୍ପା ମିଳିପାରେ।

### ସୋନିଆଙ୍କୁ ଫୋନ୍ କଲେ କୁମାରସ୍ୱାମୀ

ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନାନୁସାରେ କୁମାରସ୍ୱାମୀ କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀଙ୍କୁ ଫୋନ୍ କରି ସଙ୍କଟ ଦୂର କରିବା ପାଇଁ ହସ୍ତକ୍ଷେପ ଲୋଡ଼ିଛନ୍ତି। ତାଙ୍କୁ ସମର୍ଥନ କରିବା ପାଇଁ କଂଗ୍ରେସ ବିଧାୟକମାନଙ୍କୁ ପରାମର୍ଶ ଦିଆଯାଇଛି ବୋଲି ସୋନିଆଙ୍କ ପ୍ରକାଶ। ତେବେ ଦେବେଗୌଡ଼ା କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ମୁଖ୍ୟମନ୍ତ୍ରୀ କଲେ ଭଲ ହେବ ବୋଲି ସୋନିଆ ସଙ୍କେତ ଦେଇଥିବା ମଧ ଜଣାପଡ଼ିଛି।

### ଜାରି ହୋଇପାରେ ରାଷ୍ଟ୍ରପତି ଶାସନ

ବେଙ୍ଗାଲୁରୁର ରାଜନୈତିକ ବିଶ୍ଳେଷକ ସନ୍ଦୀପ ଶାସ୍ତ୍ରୀ କହିଛନ୍ତି, ଯଦି କୁମାରସ୍ୱାମୀ ଏହି ସଙ୍କଟ ଟାଳିବାରେ ସକ୍ଷମ ନ ହୁଅନ୍ତି ତେବେ କର୍ଣ୍ଣାଟକରେ ରାଷ୍ଟ୍ରପତି ଶାସନ ଜାରି ହୋଇପାରେ। କୁମାରସ୍ୱାମୀ ଇସ୍ତଫା ଦେଲେ ରାଷ୍ଟ୍ରପତି ଶାସନ ପାଇଁ ରାଜ୍ୟପାଳ ସୁପାରିସ କରିପାରନ୍ତି। ଭାଜପା ନେତୃତ୍ୱ କର୍ଣ୍ଣାଟକରେ ସରକାର ଗଢ଼ିବା ପାଇଁ ତରତର ହେଉନାହିଁ।





ହଂକଂରେ ପ୍ରସ୍ତାବିତ ପ୍ରତ୍ୟର୍ପଣ ଆଇନକୁ ବିରୋଧ ଜାରି ରହିଛି। ଚାଇନା ସମର୍ଥକ ନେତାଙ୍କ ଉପରେ ଚାପ ପକାଇବା ପାଇଁ ରବିବାର ହଜାର ହଜାର ପ୍ରଦର୍ଶନକାରୀ ୱେଷ୍ଟ କୋଲୁନ୍ ଷ୍ଟେଶନରେ ବିକ୍ଷୋଭ କରି ସ୍ଲୋଗାନ ଦେଇଛନ୍ତି।

## ଅନୁପ୍ରବେଶ ରୋକିବ ଅପରେଶନ ସୁଦର୍ଶନ

ନୂଆଦିଲ୍ଲୀ,୭।୭(ପି.ଟି.)

ପଞ୍ଜାବ ଓ ଜମ୍ମୁସ୍ଥିତ ପାକିସ୍ତାନ ସୀମାରେ ଅନୁପ୍ରବେଶ ନିରୋଧୀ ଗ୍ରୀଡ୍‌କୁ ଅଧିକ ମଜଭୁତ କରିବା ଲାଗି ବିଏସ୍‌ଏଫ୍ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ବିଏସ୍‌ଏଫ ଉକ୍ତ ସୀମାନ୍ତକୁ ଏହାର ସମସ୍ତ ବରିଷ୍ଠ ପଦାଧିକାରୀଙ୍କ ସମେତ ହଜାର ହଜାର ସୈନ୍ୟ ଓ ଯୁଦ୍ଧାସ୍ତ୍ର ପ୍ରେରଣ କରିଛି। 'ସୁଦର୍ଶନ' ସାଙ୍କେତିକ ନାମରେ ଏହି ଅଭିଯାନ ଜୁଲାଇ ୧ରୁ ଆରମ୍ଭ ହୋଇଛି। ୧୦୦୦ କିଲୋମିଟର ଦୀର୍ଘ ଅନ୍ତର୍ଜାତୀୟ ସୀମାରେଖାର ଏହି ଅଭିଯାନ ଚାଲିବ। ସେଥିରୁ ଜମ୍ମୁରେ ୪୮୫ କିଲୋମିଟର ଏବଂ ପଞ୍ଜାବରେ ୫୫୩ କିଲୋମିଟର ଅନ୍ତର୍ଜାତୀୟ ସୀମାରେଖା ରହିଛି। ପରେ ରାଜସ୍ଥାନ ଓ ଗୁଜରାଟ ଅନ୍ତର୍ଗତ ସୀମାନ୍ତରେ ମଧ୍ୟ ଅପରେଶନ ଆରମ୍ଭ ହେବ।

ସୀମାନ୍ତକୁ ବିପୁଳ ପରିମାଣର ଭାରି ଯୁଦ୍ଧୋପକରଣ ସାଙ୍ଗକୁ ଯୋଗାଯୋଗ ଇଣ୍ଟରସେପ୍ଟର, ମୋବାଇଲ ବୁଲେଟ୍‌ପ୍ରୁଫ୍ ବଙ୍କର ପଠାଯାଇଥିବା ପ୍ରତିରକ୍ଷା ବିଭାଗ ସୂତ୍ରରୁ ଜଣାପଡିଛି। ଫ୍ରଣ୍ଟିୟର ଏବଂ ବାଟାଲିୟନ କମାଣ୍ଡର (ଇନ୍ସପେକ୍ଟର ଜେନେରାଲଙ୍କଠାରୁ କମାଣ୍ଡାଣ୍ଟ ପାହ୍ୟା ପର୍ଯ୍ୟନ୍ତ), ୪୦ଟି ବାଟାଲିୟନର ଦ୍ୱିତୀୟ କମାଣ୍ଡ ଅଧିକାରୀ ଓ କମ୍ପାନୀ (ୟୁନିଟ୍) କମାଣ୍ଡରମାନଙ୍କୁ ସୀମାକୁ ପଠାଯାଇଛି। ଦୁଇ ସପ୍ତାହ ମଧ୍ୟରେ ଅଭିଯାନ ଶେଷ କରି ୧୫ ସୁଦ୍ଧା ବେସ୍ କ୍ୟାମ୍ପକୁ ଫେରିଆସିବାକୁ ସେମାନଙ୍କୁ କୁହାଯାଇଛି।



**ଆତଙ୍କବାଦୀ,ଡ୍ରଗ୍ସ ଚାଲାଣକାରୀଙ୍କୁ ରୋକିବା ପାଇଁ ବିଏସ୍‌ଏଫ୍‌ର ଅଭିଯାନ**

ସୀମାରେ ଭାରତର ପ୍ରତିରକ୍ଷା ସ୍ଥିତିକୁ ସୁଦୃଢ଼ କରିବା ଲାଗି ବହୁସ୍ତରୀୟ ପାଟ୍ରୋଲିଂ କରାଯାଉଛି। ଆତଙ୍କବାଦୀ ଓ ନିଶା ଚୋରାବେପାରୀ ଅନୁପ୍ରବେଶ କରୁଥିବା ସ୍ଥାନଗୁଡ଼ିକୁ ସିଲ୍ କରାଯିବା ସହ ପାକିସ୍ତାନ ପଟୁ ହେଉଥିବା ଅସ୍ତ୍ରବିରତି ଉଲ୍ଲଂଘନର ଠିକଣା ଜବାବ ଦେବା ଲାଗି ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଉଛି। ଭଗବାନ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ଶତ୍ରୁମାନଙ୍କୁ ସଂହାର କରି ନିଜର ପୂର୍ବ ସ୍ଥାନକୁ ଫେରିଆସୁଥିଲା। ସେହି ଅନୁଯାୟୀ ଉକ୍ତ ଅଭିଯାନର ନାଁ 'ସୁଦର୍ଶନ' ରଖାଯାଇଛି। ୱାଚ୍ ଟାୱାର, ସେଣ୍ଟ୍ରି ପୋଷ୍ଟଗୁଡିକୁ ଉନ୍ନତ କରିବା ସହ ଅସ୍ତ୍ରଶସ୍ତ୍ର ସ୍ଥିତି ବଢ଼ଇବା, ତାରବାଡ଼ଗୁଡିକର ମରାମତି କରିବା ସହ ଭୂତଳ ଓ ସୀମାପାର ସୁଡ଼ଙ୍ଗଗୁଡ଼ିକୁ ଠାବ କରିବା ଲାଗି କୁହାଯାଇଛି। ସମ୍ବେଦନଶୀଳ ତଥା ଅନୁପ୍ରବେଶ ପ୍ରବଣ ସୀମାରେ ସୁରକ୍ଷା ବଢ଼ାଇବା ସହ ଉକ୍ତ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖିବାକୁ କମାଣ୍ଡରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।
- ଏଡ୍‌ୱର୍ଥ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ସଙ୍ଗୀତ ସମାରୋହ 'ଗୁହାରି', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସମିତି ପରିସର ବି-୬୨, ସକାଳ ୬ଟା ୫୫।
- ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ 'ସଦ୍‌ଭାବନା ସଙ୍ଗମ', ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ବୋଲଗଡ ବ୍ଲକ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ଗୋପୀନାଥ ଦେବଙ୍କ ବାର୍ଷିକ ଉତ୍ସବରେ କଳସଯାତ୍ରା ଓ ଅଗ୍ନିସ୍ଥାପନ, ନହରକଣ୍ଟା ମନ୍ଦିର ପରିସର, ପୂର୍ବାହ୍ନ ୧୧ଟା।

**କଟକସଦର**

- ପୁରୀର କିରଣଜ୍ୟୋତି ସଙ୍ଗୀତ ଅନୁଷ୍ଠାନ ଆନୁକୂଲ୍ୟରେ ନାଗେଶ୍ୱରନାଥ ପୀଠରେ ଧର୍ମସଭା, ଦାମୋଦରପୁର, ପୂର୍ବାହ୍ନ ୧୧ଘଟିକା।

## ସଂକ୍ଷେପରେ

### ୨ ମହଲାରୁ ଖସି ପାଇପ୍ ମିସ୍ତ୍ରି ମୃତ

**ଭୁବନେଶ୍ୱର, ୭।୭(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳରେ ଏକ କୋଠାରେ କାର୍ଯ୍ୟ କରୁଥିବାବେଳେ ଜଣେ ପାଇପ୍ ମିସ୍ତ୍ରି ଦୁଇ ମହଲାରୁ ତଳକୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଅଞ୍ଚଳର ଜଗବନ୍ଧୁ ରାଉତ। ଅଭିଯୋଗ ଅନୁସାରେ, ଜଗବନ୍ଧୁ କିଛିଦିନ ହେବ କେଶୁରା ଆଶୁତୋଷ ନଗର ଅଞ୍ଚଳରେ ଘର ଭଡା ନେଇ ରହି ତାଙ୍କ ସହ ସ୍ତ୍ରୀ ଓ ଜଣେ ଶିଶୁ ରୁହନ୍ତି। ରବିବାର ଜଗବନ୍ଧୁ ପ୍ରତିଦିନ ପରି ସକାଳୁ ଘରୁ ବାହାରି ପାଣ୍ଡରା ଅଞ୍ଚଳରେ କାର୍ଯ୍ୟ କରିବାକୁ ଯାଇଥିଲେ। ସେ ଦୁଇ ମହଲା ଉପରେ କାର୍ଯ୍ୟ କରୁଥିବାବେଳେ ଦିନ ପ୍ରାୟ ସାଢେ ୧୨ଟାରେ ଗୋଡ଼ ଖସିଯିବାରୁ ସେ ତଳକୁ ଗଳିପଡିଥିଲେ। ସେଠାରେ କାର୍ଯ୍ୟରତ ଅନ୍ୟ ଶ୍ରମିକମାନେ ତାଙ୍କୁ ତୁରନ୍ତ ମେଡିକାଲ ନେଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହେଉଥିଲା। ପ୍ରାଥମିକ ଚିକିତ୍ସା ଚାଲିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ତ୍ରୀ ବିଷ୍ଣୁପ୍ରିୟା ତାଙ୍କ ଛୋଟ ଶିଶୁକୁ ଧରି କାନ୍ଦି କାନ୍ଦି ମେଡିକାଲରେ ପହଞ୍ଚି ସ୍ୱାମୀଙ୍କୁ ଦେଖି ଅଚେତ ହୋଇଯାଇଥିଲେ। ସ୍ୱାମୀଙ୍କ ମୃତ୍ୟୁକୁ ସେ ସହଜରେ ଗ୍ରହଣ କରିପାରି ନ ଥିଲେ। ପରେ ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଥିସହ ନୟାଗଡ଼ସ୍ଥିତ ଗ୍ରାମରେ ରହୁଥିବା ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ପୋଲିସ କହିଛି।

### ଡକାୟତି ଉଦ୍ୟମ: ୪ ଗିରଫ, ମାରଣାସ୍ତ୍ର ଜବତ

ପୁରୀ ଅଫିସ, ୭।୭: ଡକାୟତି ଉଦ୍ୟମ ବେଳେ କୁମ୍ଭାରପଡା ପୋଲିସ ରବିବାର ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସିଦ୍ଧ ମହାବୀରର ରାଜା ଓରଫ ଶ୍ରୀଚନ୍ଦନ ପଟ୍ଟନାୟକ(୩୦), ପତିତପାବନ ଲେନର ନଳିଆ ଓରଫ ନାରାୟଣ ବେହେରା(୨୫), ଖୋର୍ଦ୍ଧାର ଆଦିତ୍ୟ ଦାସ(୨୯) ଏବଂ ନିମାପଡା ଅଞ୍ଚଳର ଦିଲୀପ କୁମାର ମଲ୍ଲିକ(୨୮)। ମିଳିଥିବା ସୂଚନା ପ୍ରକାରେ, ଶନିବାର ବିଳମ୍ବିତ ରାତିରେ ଯକ୍ଷ୍ମା ଓ ସଂକ୍ରମଣ ଚିକିତ୍ସାଳୟ ନିକଟରେ ଅଭିଯୁକ୍ତ ମାନେ ମାରାଣାସ୍ତ୍ର ଧରି ଡକାୟତି ଉଦ୍ୟମ କରୁଥିବା ଖବରପାଇ ପୋଲିସ ଚଢାଉ କରିଥିଲା। ପୋଲିସ ସେମାନଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରିଥିଲା।




ପୁରୁଣା ଭୁବନେଶ୍ୱରର ବିନ୍ଦୁସାଗର ନିକଟ ଏକ ଐତିହ୍ୟସ୍ଥଳରେ ୧୨୭ତମ ଏକାମ୍ର ଐତିହ୍ୟ ପଦଯାତ୍ରାରେ ସାମିଲ ହୋଇଥିବା ଅଷ୍ଟ୍ରେଲିଆର ଛାତ୍ରୀଛାତ୍ରମାନେ।

# ମନ୍ଦିର ଗାଥା ଶୁଣିଲେ ଅଷ୍ଟ୍ରେଲିଆ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ପୁରୁଣା ଭୁବନେଶ୍ୱରରେ ଖ୍ରୀଷ୍ଟପୂର୍ବ ୧୦ମ ଶତାବ୍ଦୀରେ ନିର୍ମିତ ଶୈବାଳୟ ମୁକ୍ତେଶ୍ୱର ମନ୍ଦିରରୁ ୧୨୭ତମ ଏକାମ୍ର ଐତିହ୍ୟ ପଦଯାତ୍ରା ରବିବାର ଆରମ୍ଭ ହୋଇଥିଲା। ୨୭ଜଣ ପର୍ଯ୍ୟଟକଙ୍କୁ ନେଇ ବାହାରିଥିବା ପଦଯାତ୍ରାରେ ଅଷ୍ଟ୍ରେଲିଆର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେମାନଙ୍କୁ ମନ୍ଦିରର କଳାକୃତି ଓ ପୌରାଣିକ ଗାଥା ଶୁଣାଯିବା ସହ ତା'ର ଇତିହାସ ଓ ପୃଷ୍ଠଭୂମି ଉପରେ ଧାରଣା ଦିଆଯାଇଥିଲା। ମନ୍ଦିର ଓ ପୁରୁଣା ଭୁବନେଶ୍ୱରର ପରମ୍ପରା ସମ୍ପର୍କରେ ଜାଣି ଅଷ୍ଟ୍ରେଲିଆର ୧୦ଜଣ ଇଞ୍ଜିନିୟରିଂ ଛାତ୍ର ଅଭିଭୂତ ହୋଇଯାଇଥିଲେ। ସେମାନେ ପୁରୁଣା ଭୁବନେଶ୍ୱର ବିଷୟରେ ଅନେକ କଥା ଜାଣିବା ସହ ଓଡ଼ିଶାର ବହୁ ପୌରାଣିକ ଗାଥାଗୁଡ଼ିକ ବିଷୟରେ ଜାଣିବାକୁ ପାଇଥିଲେ।

ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଦିବ୍ୟ ପଦଯାତ୍ରାରେ ସାମିଲ ହୋଇ କହିଥିଲେ, ମନ୍ଦିରରେ ଖୋଦେଇ ହୋଇଥିବା କେତେକ ପ୍ରତିମୂର୍ତ୍ତି ଓଡ଼ିଶୀ ଓ ଅନ୍ୟ ନୃତ୍ୟର ପ୍ରଦର୍ଶନ କରୁଛି। ସେଗୁଡ଼ିକର ଛିଡ଼ା ହେବାର ଭଙ୍ଗୀ ପାଶ୍ଚାତ୍ୟ ନୃତ୍ୟକୁ ବଞ୍ଚାଇ ରଖିଛି। ସେଗୁଡ଼ିକୁ ଦେଖିଲେ ଲାଗୁଛି ଯେ, ସତେ ସେମାନଙ୍କ ମଧ୍ୟରେ ଜୀବନ ଅଛି। ଅଷ୍ଟ୍ରେଲିଆର ପର୍ଯ୍ୟଟକ ହ୍ୟାରି କହିଥିଲେ, ଆମେ ଭାରତ ଆସିବା ପୂର୍ବରୁ ଅନେକଙ୍କୁ ପଚାରିଲୁ। ସେମାନେ ଗୋଆ, ରାଜସ୍ଥାନ, କେରଳକୁ ଭାରତର ମୁଖ୍ୟ ପର୍ଯ୍ୟଟନସ୍ଥଳ କହିଥିଲେ। କିନ୍ତୁ ଆମେ ଭୁବନେଶ୍ୱରକୁ ସେଗୁଡ଼ିକ ଅପେକ୍ଷା ଅଧିକ ସାଂସ୍କୃତିକ, ସ୍ୱଚ୍ଛ ଓ ଶାନ୍ତ ବୋଲି ଜାଣିବାକୁ ପାଇଲୁ। ସେଥିପାଇଁ ଆମେ ଭୁବନେଶ୍ୱର ବୁଲିବାକୁ ସ୍ଥିର କଲୁ।

ଜିଓର୍ଜିଆ ଯିଏ କି ଜଣେ ଇଞ୍ଜିନିୟରିଂ ଛାତ୍ରୀ କହିଥିଲେ, ପଦଯାତ୍ରାରେ ବହୁତ୍ କିଛି ଶିଖିବାକୁ ମିଳିଲା। ସହରରେ ଥିବା ପୁରାତନ ମନ୍ଦିରଗୁଡ଼ିକୁ ବହୁତ ଯତ୍ନରେ ରଖାଯାଇଛି। ଫଳରେ ସେଥିରେ ଜୀବିତ ରହିଥିବା ପୌରାଣିକ ଗାଥା ଜାଣିବାକୁ ମିଳୁଛି।

ସେହିପରି ଶ୍ରୀମୟୀ, ଯିଏ କି ଜଣେ କଲିକତା ଏଚ୍‌ଏସ୍‌ବିସି ବ୍ୟାଙ୍କର କର୍ମଚାରୀ କହିଥିଲେ, ମୁଁ ଭୁବନେଶ୍ୱରରେ ଜନ୍ମ ନେଇଛି ଓ ବଢିଛି ମଧ୍ୟ। କିନ୍ତୁ ଏ ମନ୍ଦିରଗୁଡ଼ିକ ବିଷୟରେ ଏତେ କଥା ଜାଣି ନ ଥିଲି। କିଛିଦିନ ପୂର୍ବରୁ ଇକୋଫ୍ରେଣ୍ଡଲି ପଦଯାତ୍ରା ନେଇ ଏକ ପ୍ରବନ୍ଧ ପଢିଥିଲି। ତାହା ମୋତେ ପଦଯାତ୍ରାରେ ଯୋଗ ଦେବାକୁ ପ୍ରୋତ୍ସାହିତ କଲା। ଏହି ପଦଯାତ୍ରାରେ ବିଶ୍ୱର ଅନେକ ସ୍ଥାନରୁ ଲୋକ ଯୋଗ ଦେଉଥିବାରୁ ଜାଣି ଖୁସି ଲାଗୁଛି। ତେବେ ଏହି ଅବସରରେ ପର୍ଯ୍ୟଟକମାନେ ଅନନ୍ତ ବାସୁଦେବଙ୍କ ପ୍ରସାଦ ରନ୍ଧା ସମ୍ପର୍କରେ ପଚାରି ବୁଝିଥିଲେ।

# ଜେଲ ଗଲେ ୪ ଇଞ୍ଜିନିୟରିଂ ଛାତ୍ର

**ଭୁବନେଶ୍ୱର/ଜଟଣୀ/ଝାଁଳା, ୭।୭(ବ୍ୟୁରୋ/ଡି.ଏନ୍.ଏ.)**

ଇଞ୍ଜିନିୟରିଂ ପାଠ ପଢି ହାଇଟେକ ଉପାୟରେ ଲୁଟ କରୁଥିଲେ। ଏଭଳି ଏକ ଲୁଟେରା ଗ୍ୟାଙ୍ଗର ସଦସ୍ୟଙ୍କୁ ଧରିବାରେ ସଫଳ ହୋଇଛି ଜଟଣୀ ଥାନା ପୋଲିସ। ସେମାନଙ୍କ ନିକଟରୁ କଟୁରି, ଭୁଜାଲି, ଦୁଇଟି ବାଇକ, ୫ଟି ମୋବାଇଲ୍ ସହ ଏକ ହଜାର ଟଙ୍କାକୁ ପୋଲିସ ଜବତ କରିଛି। ସବୁଠୁ ବଡ କଥା ହେଲା, ଗିରଫ ୪ ଅଭିଯୁକ୍ତ ଇଞ୍ଜିନିୟରିଂ ଛାତ୍ର ବୋଲି ପୋଲିସ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମଞ୍ଚେଶ୍ୱର ଥାନା ନହରକଣ୍ଟା ଅଞ୍ଚଳର ସତ୍ୟନାରାୟଣ ବେହେରା ଓରଫ ଜିତୁ, ରାୟଗଡା ଚାନ୍ଦିଲି ଥାନା ଅଞ୍ଚଳର ପ୍ରତାପ କିଶୋର ପରିଡା ଓରଫ ବଳିଆ, ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଗୋପାଳପୁର ଅଞ୍ଚଳର ଅନୀଲ ଓଝା, ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଶିଖରଚଣ୍ଡୀ ଅଞ୍ଚଳର ମହମ୍ମଦ ୱାହିଦୁଲ ମାଲିଦା ଓରଫ ଆରିୟାନ। ଏହି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ହେଉଛନ୍ତି ପ୍ରତାପ କିଶୋର ପରିଡା ବୋଲି ପୋଲିସ କହିଛି। ସେ ଏଭଳି ଲୁଟ୍‌ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଦଫା ୩୯୯, ୪୦୨ରେ ନଂ. ୨୨୬/୧୯ ଲଗାଇ କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ମୁତାବକ, ଇଞ୍ଜିନିୟରିଂ ଛାତ୍ର ପ୍ରତାପ କମ୍ ସମୟରେ ଅଧିକ ଟଙ୍କା କିଭଳି ଲୁଟ୍ କରିହେବ ସେନେଇ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ସେ ଅନ୍ୟ ସାଙ୍ଗମାନଙ୍କୁ ନେଇ ଏକ ଗ୍ୟାଙ୍ଗ ଗଠନ କରିଥିଲେ। ସେମାନେ ୧୬ ନଂ. ଜାତୀୟ ରାଜପଥରେ ଲୁଚି ରୁହନ୍ତି। ଟ୍ରକ୍, କାର ଏବଂ ବାଇକ୍ ଚାଳକ ଯାହାଙ୍କୁ ପାଆନ୍ତି ସେମାନେ ମାରଣାସ୍ତ୍ର ଦେଖାଇ ଅଟକାଇଥାନ୍ତି। ଗାଡି ଅଟକିବା ପରେ ଚାଳକଙ୍କ ପର୍ସରୁ ଏଟିଏମ୍ କାର୍ଡ ଓ ମୋବାଇଲ୍ ଫୋନ୍ ଲୁଟି ନେଇଥାନ୍ତି। ପରେ ସେମାନେ ଏଟିଏମ୍ କାର୍ଡକୁ ମୋବାଇଲ୍ ନମ୍ବର ସହ ଲିଙ୍କ୍ କରିଥାନ୍ତି। ଗୁଗୁଲ ପେ ଆପ୍ ମାଧ୍ୟମରେ ଟଙ୍କା ଟ୍ରାନ୍ସଫର କରିଥାନ୍ତି। ଏଭଳି ସେମାନେ ଏକାଧିକ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା ଲୁଟ୍ କରୁଥିଲେ। ବିଶେଷକରି ଭାରିଯାନ ଟ୍ରକ୍ ଚାଳକଙ୍କଠାରୁ କରୁଥିଲେ। ଭାରିଯାନ ଚାଳକ ଲୁଟ୍‌ର ଶିକାର ହେବା ପରେ ଥାନାରେ ଅଭିଯୋଗ କରି ଚାଲିଯାଆନ୍ତି। ଫଳରେ ପୋଲିସ ସେମାନଙ୍କ ଅଭିଯୋଗ ପ୍ରତି ଏତେଟା ଗୁରୁତ୍ୱ ଦେଇ ନ ଥାଏ। ଲୁଟେରାମାନେ ନିର୍ଭୟରେ ପୁଣି ଲୁଟ ଆରମ୍ଭ କରିଦେଇଥାନ୍ତି। ବିଶେଷକରି ସେମାନେ ଖୋର୍ଦ୍ଧାରୁ ହଂସପାଳ ପର୍ଯ୍ୟନ୍ତ ଲୁଟ୍ କରିଥାନ୍ତି। ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଏଭଳି ଅପରେଶନ କରୁଥିବା ପୋଲିସ ସେମାନଙ୍କୁ ପଚରାଉଚରା ବେଳେ ଜାଣିବାକୁ ପାଇଛି। ଏହାସହ ସେମାନେ ପଥଚାରୀଙ୍କୁ ମାଡ ମାରି ଏଟିଏମ୍‌ର ପାସୱାର୍ଡ ନେଇ ଏଟିଏମ୍‌ରୁ ଟଙ୍କା ଉଠାଇ ନେଉଥିଲେ। ସେହିଭଳି ୨୦୧୮ ଡିସେମ୍ବର ୨୮ରେ ଝାଁଳା ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥର ପୋଷ୍ଟ ଅଫିସ ଛକ ନିକଟରୁ ଗଞ୍ଜାମ ଜିଲା ନୂଆଗାଁ ଅଞ୍ଚଳର ବିଶ୍ୱନାଥ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଏପରି ସମାନ ତରିକାରେ ଲୁଟ କରିଥିଲେ। ତାଙ୍କ ଆକାଉଣ୍ଟରୁ ୫୯ ହଜାର ଟଙ୍କା ଚଳୁ କରି ନେଇଥିଲେ। ଏ ନେଇ ମଧ୍ୟ ସେ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ସେତେବେଳେ ଏହି ଗ୍ୟାଙ୍ଗ ସମ୍ପର୍କରେ ଅବଗତ ନ ଥିଲେ। ଶନିବାର ଭୋରୁ ସେମାନେ ପିତାପଲ୍ଲି ନିକଟରେ ଲୁଟ୍ କରିବାକୁ ଯୋଜନା କରୁଥିଲେ। ଝାଁଳା ଫାଣ୍ଡି ପୋଲିସ ଖବରପାଇ ସେଠାରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଅଞ୍ଚଳର ଜଣେ ଅଭିଯୁକ୍ତ ଖସିଯିବାରେ ସକ୍ଷମ ହୋଇଥିଲେ। ୪ ଅଭିଯୁକ୍ତ ଗିରଫ ହେବା ପରେ ଏହି ଗ୍ୟାଙ୍ଗ୍‌ରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବାକୁ ପୋଲିସ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ ଯୋଜନା କରୁଥିବା ଜଣାପଡିଛି।



ଗିରଫ ଅଭିଯୁକ୍ତ ଓ ଜବତ ଲୁଟ ସାମଗ୍ରୀ।

- ମୋବାଇଲ୍ ନେଇ 'ଗୁଗୁଲ ପେ' ଆପ୍ ମାଧ୍ୟମରେ କରୁଥିଲେ ଲୁଟ୍
- ଖୋର୍ଦ୍ଧାରୁ ହଂସପାଳ ପର୍ଯ୍ୟନ୍ତ କରୁଥିଲେ ଲୁଟ୍

# ଅପରାଧ ରୋକିବାକୁ ଆମ ପୋଲିସ ସମିତି ଗଠିତ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଅପରାଧ ରୋକିବା ପାଇଁ ଆମ ପୋଲିସ ସମିତି ଗଠିତ ହୋଇଛି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ବର୍ଗର ତଥା ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୩୦ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ନେଇ ଏହି ସମତି ଗଠନ କରାଯାଇଛି। ରବିବାର ଥାନା ପରିସରରେ ଏହାକୁ ଉଦ୍‌ଘାଟନ କରାଯିବା ପରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁରକ୍ଷା ସଂକ୍ରାନ୍ତରେ ଆଲୋଚନା ହେବା ସହ ଅପରାଧ ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା। ପୋଲିସ କିପରି ଲୋକଙ୍କ ନିକଟତର ହୋଇ ସମସ୍ୟାର ସମାଧାନ କରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ଅଞ୍ଚଳକୁ ନୂଆକରି ଆସି ଘର ଭଡା ନେଇ ରହୁଥିବା ବ୍ୟକ୍ତିଙ୍କ ସମସ୍ତ ତଥ୍ୟ ଘର ମାଲିକ ରଖିବା ସହ ଥାନାରେ ଦାଖଲ କରିବା ପାଇଁ ପୂର୍ବରୁ ହୋଇଥିବା ନିଷ୍ପତ୍ତିକୁ କଡ଼ାକଡି ପାଳନ କରିବାକୁ ଲୋକଙ୍କୁ ବୁଝାଯିବ ବୋଲି କୁହାଯାଇଥିଲା। କୌଣସି ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେଲେ ତୁରନ୍ତ ପୋଲିସକୁ ଜଣାଇବାକୁ କୁହାଯାଇଛି। ସକାଳୁ ଲୁଟପାଟ୍ ହେଉଥିବାରୁ ଏହି ସମୟରେ ପାଟ୍ରୋଲିଂ ବ୍ୟବସ୍ଥାକୁ ବଢ଼ାଇବାକୁ ମତ ପ୍ରକାଶ ପାଇଥିଲା। ଲୋକଙ୍କ ସହ ମିଶି କାର୍ଯ୍ୟ କରିବାକୁ ପୋଲିସ ସବୁବେଳେ ପ୍ରସ୍ତୁତ ଥିବା ଅଧିକାରୀମାନେ କହିଥିବାବେଳେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସଦସ୍ୟମାନେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଜୋନ୍ ଏସିପି ତରୁଣ କୁମାର ଦାସ, ଥାନା ଅଧିକାରୀ ବିବରଞ୍ଜନ ନାୟକ, ନୋଡାଲ ଅଧିକାରୀ ଅଶ୍ୱନୀ କୁମାର ଜେନା, ଆଇନଜୀବୀ ମଧୁମାଧମ ଜେନା, ଶୈଳଶ୍ରୀବିହାର ବରିଷ୍ଠ ନାଗରିକ ସଂଘ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ଯୁବ ସଂଗଠନ ଦିଲୀପ କୁମାର ସାହୁ ଉପସ୍ଥିତ ଥିଲେ।

## ଫଟୋରେ ଖବର



ପ୍ରଜ୍ଞା ଏକାଡେମିକ୍ ଆଣ୍ଡ୍ କଲଚରାଲ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ରବିବାର ଅନୁଷ୍ଠିତ ୯ମ ବର୍ଷା ବରଣ ଉତ୍ସବରେ ସଙ୍ଗୀତ ପରିବେଷଣ କରାଯାଉଛି।



ଭୁବନେଶ୍ୱର ୟୁନିଟ୍-୮ ସରସ୍ୱତୀ ବିଦ୍ୟାମନ୍ଦିରରେ ପ୍ରେରଣା ଓ ରୋଟାରୀ କ୍ଲବ୍ ପକ୍ଷରୁ ଆୟୋଜିତ ବନ ମହୋତ୍ସବର ରବିବାର ଉଦ୍‌ଯାପନୀ ଦିବସରେ ଅତିଥିମାନେ ଚାରା ରୋପଣ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଆଶିଷ



ବିଭୁପ୍ରସାଦ



ପ୍ରିୟଦର୍ଶିନୀ



ସିଦ୍ଧାନ୍ତ



ରଞ୍ଜନ



ଜ୍ଞାନ



ବ୍ରହ୍ମାନନ୍ଦ



ସ୍ମୃତିରେଖା


ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରବିବାର ଭକ୍ତଙ୍କ ଗହଳି।

# ଦିଅଁ ପଳାଇଲେ ଚାପରେ ବସି

## ଐତିହ୍ୟ ପୃଷ୍ଠାରୁ...


ଦେବୀ ଦୁଆରଶୁଣି

ପୁରୀ-ସାତପଡ଼ା ରାସ୍ତାରେ ପ୍ରାୟ ୩୮କିମି ଗଲା ପରେ ଡାହାଣ ପଟେ ଚିଲିକା ମଝିରେ ରହିଛି ଗମ୍ଭାରୀ ଗାଁ। ବର୍ତ୍ତମାନ ମୁଖ୍ୟ ସଡ଼କ ସହିତ ଗମ୍ଭାରୀ ଗାଁ ଯୋଗାଯୋଗ ହୋଇପାରିଛି। ଗମ୍ଭାରୀକୁ ମିଶାଇ ପାଞ୍ଚପଡ଼ା ରହିଛି ଏହି ଦ୍ୱୀପରେ। ଦ୍ୱୀପଟି ରହିଥିଲା ଜଳପଥରେ ଯିବାଆସିବାବେଳେ ଗୋଟିଏ ମୁଖ୍ୟ ଘାଟ। ଘାଟର ଦେବୀ ହେଉଛନ୍ତି ପରମ ବୈଷ୍ଣବୀ ମା' ଦୁଆରଶୁଣୀ। ପୁରୀ-ଦକ୍ଷିଣ ଭାରତ ମଧ୍ୟରେ ଜଳପଥରେ ଯାତାୟାତ ବେଳେ ଏହି ଘାଟଟି ଥିଲା ପୁରୀ ପ୍ରବେଶର ଦୁଆର ସଦୃଶ। ସେଥିପାଇଁ ଏହି ଘାଟ ଦେବୀ ଦୁଆରଶୁଣୀ। ଭାବେ ଲୋକରେ ପରିଚିତ। କୁହାଯାଏ ପ୍ରାଚୀନ କାଳରେ ଶୋଣିତ ନଗରୀର ଇଷ୍ଟଦେବୀ ଦୁଆରଶୁଣୀ ଥିଲେ ବାଣାସୁରର ଉପାସ୍ୟା। ସେବେଳେ ଦେବୀଙ୍କର ଏହି ନାମ ନ ଥିଲା ବୋଲି ଲୋକକଥାରୁ ଜଣାଯାଏ। ଗମ୍ଭାରୀକୁ ଆସିବା ପରେ ତାଙ୍କର ଏପରି ନାମକରଣ ହୋଇଅଛି। ପରମ୍ପରା ମୁତାବକ, ୬ ଭଉଣୀଙ୍କ ବିଗ୍ରହ ମଧ୍ୟ ତାଙ୍କ ପାଖରେ ରହିଛନ୍ତି।

ଏଠାରେ ପୂର୍ବରୁ ଯାତ୍ରୀମାନେ ଯିବାଆସିବା ସମୟରେ ଶ୍ରୀନୀଳମାଧବଙ୍କ ମନ୍ଦିରରେ ବିଶ୍ରାମ ନେଉଥିଲେ। କେବେ ଶ୍ରୀନୀଳମାଧବ ସାତପଡ଼ା ଗଡ଼କୁ ସ୍ଥାନାନ୍ତର ହେଲେ ତାହା ଇତିହାସରୁ ଜଣାଯାଉନାହିଁ, ଐତିହ୍ୟ ଅଛି ମୁସଲମାନଙ୍କ ଆକ୍ରମଣ ବେଳେ ସ୍ଥାନାନ୍ତର ହୋଇଥିଲେ କିନ୍ତୁ ଆଜି ବି ଦୋଳପର୍ବ ଅବସରରେ ଚାଚେରି ଭୋଗ ଲାଗି ଶ୍ରୀନୀଳମାଧବ ସାତପଡ଼ାରୁ ଗମ୍ଭାରୀ ଆସୁଛନ୍ତି।

୧୬୧୧ ମସିହାରେ କଲ୍ୟାଣ ମଲ୍ଲର ପ୍ରଥମ ଆକ୍ରମଣ ବେଳେ ମହାପ୍ରଭୁ ବୋଇତରେ ବସି ସ୍ଥାନାନ୍ତର ହେଲା ବେଳେ ମନେହୁଏ ଦୁଆରଶୁଣୀଙ୍କ ମନ୍ଦିରରେ କିଛିଦିନ ସୁରକ୍ଷା ଦୃଷ୍ଟିରୁ ଅଟକି ଥିଲେ। ଚାରିପଟେ ଚିଲିକାର ଜଳରାଶି ଥିବାରୁ ହଠାତ୍ ଆକ୍ରମଣର ଭୟ ନ ଥିଲା। ଐତିହ୍ୟ ଅନୁସନ୍ଧାନ ପାଇଁ ୩।୧୦।୨୦୧୭ ମସିହାରେ ଗମ୍ଭାରୀ ଯିବା ଅବସରରେ ଏକ ପ୍ରାଚୀନ ଲୋକଗୀତର ସୂଚନା ପାଇଲୁ-

ଟୁଆ ପୋରାଢୀ ଗମ୍ଭାରୀନାସି
ଦିଅଁ ପଳେଇଲେ ଚାପରେ ବସି

ପୋରାଢୀ ବା ପୋରାଡ଼ି ବର୍ତ୍ତମାନ ଏଠାରେ ପୋଡ଼ାଡିହ ଭାବରେ ପରିଚିତ ହେଉଛି। ଏହା ଗମ୍ଭାରୀ କୁଦରେ ଥିବା ଏକ ପଡ଼ା। ଟୁଆ ଏକ ରାଜସ୍ୱ ମଉଜା। ଲୁଣ ରପ୍ତାନିର ମୁଖ୍ୟ କେନ୍ଦ୍ର ଥିଲା। ବୋଇତ ନାଳ ଦେଇ ଦହିଖିଆ ନାଳରେ ପହଞ୍ଚି ଲୁଣ ବୋଝେଇ ବୋଇତ ବାହାର ରାଜ୍ୟକୁ ଯାଉଥିଲା। କୁଦର ଶେଷ ଭାଗକୁ ନାସି କୁହାଯାଏ। ଏଇ ନାସି ଦେଇ ବଡ଼ ଡଙ୍ଗା ଚାପ ସବୁ ବିଭିନ୍ନ ଦିଗକୁ ଯାଏ। ସେବେଳେ ଏହି ବାଟଦେଇ ମହିଷାନାସିରୁ ଚିଲିକାର ଅନ୍ୟତମ କୁଦ ଗୁରୁବାଇଗଡ଼କୁ ମହାପ୍ରଭୁ ଚାପରେ ସ୍ଥାନାନ୍ତର ହୋଇଥିଲେ। ସେ ସମୟ ଥିଲା ରଥଯାତ୍ରା ସମୟ। ସେହି ଘଟଣା ଏବେ ବି ଲୋକଗୀତରେ ବଞ୍ଚିରହିଛି।

-ଡ. ସୁରେନ୍ଦ୍ର କୁମାର ମିଶ୍ର

# ମରାମତି ହେଲା ତାଳଧ୍ୱଜ

ପୁରୀ ଅଫିସ, ୭।୭

ତିନିରଥ ଏବେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ। ଚତୁର୍ଦ୍ଧାବିଗ୍ରହ ଆଡ଼ପ ମଣ୍ଡପ ବିଜେ କରିବା ପରେ ରଥ ଦକ୍ଷିଣ ମୋଡ଼ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ମଙ୍ଗଳବାର ତିନିରଥ ଦକ୍ଷିଣମୋଡ଼ କରାଯିବ। ପ୍ରଥମେ ସୁଭଦ୍ରାଙ୍କ ରଥ ଏବଂ ଏହାପରେ ଅନ୍ୟ ଦୁଇରଥ ଦକ୍ଷିଣ ମୋଡ଼ କରାଯାଇ ନକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରଖାଯିବ। ବାହୁଡ଼ାରେ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିର ଅଭିମୁଖେ ଫେରିବେ। ଏହା ପୂର୍ବରୁ ରବିବାର ତିନି ରଥର ଆବଶ୍ୟକ ମରାମତି କରାଯାଇଛି। ତାଳଧ୍ୱଜ ରଥର ଏକ ଚକ ପଇରେ ବଡ଼ ଫାଟ ସୃଷ୍ଟି ହୋଇଥିଲା। ଏଥିରେ ପ୍ଲେଟ ବସାଯିବା ସହ ଲୁହାର ସ୍କ୍ରୁ କ୍ଲାମ୍ପ ଦିଆଯାଇଛି। ଅନ୍ୟ ଦୁଇ ରଥରେ ସେମିତି କିଛି ମରାମତି ହୋଇନାହିଁ। ଦକ୍ଷିଣମୋଡ଼ ହେବା ପରେ ଯଦି କିଛି ସମସ୍ୟା ଜଣାପଡ଼େ ତେବେ ମରାମତି କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ମରାମତି ସମୟରେ ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥର ପ୍ରମୁଖ ମହାରଣା ସେବକ, ଭୋଇ ସର୍ଦ୍ଦାର ରବି ଭୋଇଙ୍କ ସମେତ ମହାରଣା ଓ କମାର ସେବକମାନେ ଉପସ୍ଥିତ ଥିଲେ।


ତାଳଧ୍ୱଜ ରଥର ଏକ ଚକ ମରାମତି କରାଯାଉଛି।

# ଆଜ୍ଞାମାଳ ପାଇ ଶାନ୍ତ ହୁଅନ୍ତି ଲକ୍ଷ୍ମୀ ଠାକୁରାଣୀ

ପୁରୀ ଅଫିସ, ୭।୭

ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରା କରିଥାନ୍ତି। ସାଙ୍ଗରେ ନିଜର ଧର୍ମପତ୍ନୀ ମହାଲକ୍ଷ୍ମୀଙ୍କୁ ନେଇ ନ ଥାନ୍ତି। ଏଥିପାଇଁ ଅଭିମାନ କରିଥାନ୍ତି ଲକ୍ଷ୍ମୀ ଠାକୁରାଣୀ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଇଥର ଆଜ୍ଞାମାଳ ପ୍ରଦାନ କରି ଫେରିବାର ସନ୍ଦେଶ ଦେଇ ମହାଲକ୍ଷ୍ମୀଙ୍କୁ ଶାନ୍ତ କରାଇଥାନ୍ତି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ବିବାହ ପରେ ଚତୁର୍ଥୀ ପରଠାରୁ ଆଉ ଶ୍ରୀଜଗନ୍ନାଥ ମହାପ୍ରଭୁ ଏବଂ ମହାଲକ୍ଷ୍ମୀଙ୍କର ସାକ୍ଷାତ୍ ନ ଥାଏ। ଚତୁର୍ଥୀ ପରଦିନ ସ୍ନାନବେଦିକୁ ଆସି ୧୦୮ ଗରା ଜଳରେ ସ୍ନାନ କରି ଅସୁସ୍ଥ ହୋଇପଡ଼ନ୍ତି ମହାପ୍ରଭୁ। ନିଜର ପ୍ରିୟ ସେବକମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ସୁସ୍ଥତା ଲାଭ କଲା ପରେ ମହାଲକ୍ଷ୍ମୀଙ୍କୁ ନ କହି ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଯାତ୍ରା କରିଥାନ୍ତି। ଏଥିରେ ଚିନ୍ତିତ ହୋଇପଡ଼ନ୍ତି ମହାଲକ୍ଷ୍ମୀ। ସେଥିପାଇଁ ରଥଯାତ୍ରାର ପଞ୍ଚମ ଦିନ ଅର୍ଥାତ୍ ଆଷାଢ ଶୁକ୍ଳ ଷଷ୍ଠୀ ତିଥିରେ ଲକ୍ଷ୍ମୀ ଠାକୁରାଣୀ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ପ୍ରଥମେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାରଠାରେ ଥିବା ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ନିକଟରେ ଉପସ୍ଥିତ ହୁଅନ୍ତି। ଏଠାରେ ପତିମହାପାତ୍ର କାଠ ଘୋଡ଼ା ଉପରେ ଠିଆହୋଇ ପ୍ରସାଦଲାଗି, ଚାମର ଆଲଟ ଓ ବନ୍ଦାପନା ଇତ୍ୟାଦି ନୀତି ସମ୍ପାଦନ କରନ୍ତି। ଏହାରି ମଧ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଠାକୁରମାନଙ୍କର ସନ୍ଧ୍ୟାଧୂପ ପୂଜା ବସିଥାଏ। ଠାକୁରାଣୀ ରଥ ନିକଟରେ ନୀତି ସମାପ୍ତ କରି ସେହି ବିମାନରେ ଗୁଣ୍ଡିଚା ମନ୍ଦିର ଜୟବିଜୟ ଦ୍ୱାର ନିକଟକୁ


ଶ୍ରୀଦେବୀ

ଯାଇଥାନ୍ତି। ସେତେବେଳେ ଠାକୁରମାନେ ଭୋଜନ କରିବା ପାଇଁ ବସିଥାନ୍ତି। ମହାଲକ୍ଷ୍ମୀ ମହାବେଦିରେ ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନିର୍ନିମେଷ ନୟନରେ ଚାହିଁଥାନ୍ତି। ଏହି ସମୟରେ ପତିମହାପାତ୍ର ସେବକ ସିଂହାସନକୁ ଉଠି ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ଦେଇଥାନ୍ତି। ପୂଜାପଣ୍ଡା ପୂଜା ସାରି ଧୂପ, ଦୀପ ଦେବା ପରେ ସଙ୍ଗେସଙ୍ଗେ କଳାହାଟ ଦ୍ୱାର ବନ୍ଦ ହୁଏ। ହେଲେ ମହାପ୍ରଭୁଙ୍କୁ ଦର୍ଶନ କରିବାର ଲାଳସା ମା' ଲକ୍ଷ୍ମୀ ଠାକୁରାଣୀଙ୍କର ମେଣ୍ଟି ନ ଥାଏ। ତେଣୁ ସେ ସାମାନ୍ୟ କ୍ରୋଧାନ୍ୱିତ ହୋଇ ବିମାନରେ ବସି ନାକଚଣା ଦ୍ୱାର ଦେଇ ନନ୍ଦିଘୋଷ ରଥ ନିକଟକୁ ଆସନ୍ତି। ସେଠାରେ ମା'ଙ୍କ ତରଫରୁ ଜଣେ ସେବକ ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି। ପରେ ବିମାନକୁ ହେରାଗୋହିରୀ ସାହିଦେଇ ଶ୍ରୀମନ୍ଦିରକୁ ଅଣାଯାଏ। ମହାପ୍ରଭୁ ଏହିଦିନ ଆଜ୍ଞାମାଳ ପ୍ରଦାନ କରି ଯଥାଶୀଘ୍ର ଫେରିଯିବାକୁ ସନ୍ଦେଶ ଦେଇଥାନ୍ତି। ବାହୁଡ଼ା ଯାତ୍ରା ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରୁ ରଥଟଣା ଆରମ୍ଭ ହୁଏ। ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ସିଂହଦ୍ୱାରରେ ଲାଗେ। କିନ୍ତୁ ଶ୍ରୀଜଗନ୍ନାଥ ବାଟରେ ମାଉସୀ ମା' ବା ଅର୍ଦ୍ଧାସିନୀ ଦେବୀଙ୍କଠାରୁ ପୋଡ଼ପିଠା ଖାଇ ପୁଣି ପହଞ୍ଚନ୍ତି ଶ୍ରୀନହର ନିକଟରେ। ଶ୍ରୀନହର ନିକଟରେ ନନ୍ଦିଘୋଷ ରଥ ରୁହେ। ଏହି ସମୟରେ ସ୍ୱାମୀଙ୍କ ଖବର ପାଇ ମହାଲକ୍ଷ୍ମୀ ଠାକୁରାଣୀ ପାଟ ପିନ୍ଧି ମାଳଫୁଲରେ ବେଶ ହୋଇ ସାତପାହାଚ ଦ୍ୱାରରେ ଥିବା ପାଲିଙ୍କିକୁ ବିଜେ କରନ୍ତି। ବିମାନବଡ଼ୁ ସେବକମାନେ ପାଲିଙ୍କି ନେଇ ଚାହାଣି ମଣ୍ଡପ ନିକଟରେ ଉପସ୍ଥିତ ହୁଅନ୍ତି। ସେଠାରେ ମା'ଲକ୍ଷ୍ମୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ରଥରେ ଦର୍ଶନ କରନ୍ତି। ଏହାପରେ ବିମାନବଡ଼ୁମାନେ ପାଲିଙ୍କିକୁ ନନ୍ଦିଘୋଷ ରଥ ନିକଟକୁ ନିଅନ୍ତି। ଏହି ସମୟରେ ଶ୍ରୀବଳଭଦ୍ରଙ୍କ ରଥରେ ଘେର (କାରଣ ମହାଲକ୍ଷ୍ମୀଙ୍କ ଦେଢଶୁର ହେଉଛନ୍ତି ବଡ଼ଠାକୁର ବଳଭଦ୍ର) ପଡ଼ିଥାଏ। ପରେ ଗଜପତି ମହାରାଜା ଶ୍ରୀନହରରୁ ବିଜେକରି ନିଜ ହାତରେ ମହାଲକ୍ଷ୍ମୀଙ୍କୁ ଟେକିଧରି ଲକ୍ଷ୍ମୀ ନାରାୟଣ ଭେଟ କରାନ୍ତି। ପରେ ପାଲିଙ୍କିରେ ବସି ମହାଲକ୍ଷ୍ମୀ ରଥ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି। ଏହି ସମୟରେ ଆଜ୍ଞାମାଳ ପାଇ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହି ଆଜ୍ଞାମାଳ ମାଧ୍ୟମରେ ମହାପ୍ରଭୁ ଅତିଶୀଘ୍ର ପ୍ରତ୍ୟାବର୍ତ୍ତନ କରିବାର ସନ୍ଦେଶ ଦେଇ ମହାଲକ୍ଷ୍ମୀଙ୍କୁ ଶାନ୍ତ କରିଥାନ୍ତି। ପରିଶେଷରେ ନୀଳାଦ୍ରିବିଜେ ଦିନ ରସଗୋଲା ଭୋଗ ଖାଇବା ପରେ ଲକ୍ଷ୍ମୀ ଠାକୁରାଣୀ ସମ୍ପୂର୍ଣ୍ଣ ଶାନ୍ତ ହୋଇଥାନ୍ତି ବୋଲି ଡ. ଦାଶ ପ୍ରକାଶ କରିଛନ୍ତି।


ଆଡ଼ପ ଦର୍ଶନ ପାଇଁ ରବିବାର ସକାଳେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।


ରଥଯାତ୍ରା ଅବସରରେ ସମର୍ପଣ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବଡ଼ଦାଣ୍ଡ ସଫେଇ କରାଯାଉଛି।


ବଡ଼ଦାଣ୍ଡରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଆୟୋଜିତ ଭଜନ ସମାରୋହ।

# ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ଆରମ୍ଭ

ପୁରୀ ଅଫିସ, ୭।୭

ପବିତ୍ର ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟ ଶ୍ରୀରାଧାବଲ୍ଲଭ ସତ୍‌ସଙ୍ଗ ଭବନରେ ସପ୍ତମ ବାର୍ଷିକ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଛି। ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଛନ୍ତି। ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସମହାରାଜ ପ୍ରତ୍ୟହ ସକାଳ ଓ ସନ୍ଧ୍ୟା ୭ଟାରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ଉପରେ ପ୍ରବଚନ ଦେଉଥିବାବେଳେ ଶ୍ରୀଧାମ ବୃନ୍ଦାବନର ସନ୍ଥ ବାବା ଦୀନବନ୍ଧୁ ଦାସ, ଡ. ରାମଚରଣ ଦାସ, ମହନ୍ତ ଚିନ୍ତାମଣି ପର୍ବତ ଗୋସ୍ୱାମୀ, ବାବା ବ୍ରଜବନ୍ଧୁ ଦାସ, ପାଞ୍ଚରାତ୍ର ସମିତିର ସମ୍ପାଦକ ପ୍ରଭାକର ମଲ୍ଲିକ, ବୈକୁଣ୍ଠ ମହାପାତ୍ର, ନିରଞ୍ଜନ ଦାସ, ସ୍ୱାମୀ ଗିରିଜାନନ୍ଦନ ପର୍ବତ, ବାବା କାଳକାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରବଚନ କାର୍ଯ୍ୟକ୍ରମ ୧୦ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମହନ୍ତ ରାମକୃଷ୍ଣ ଦାସ ଜଣାଇଛନ୍ତି।




ବଡଶଙ୍ଖଠାରେ ରବିବାର ଆୟୋଜିତ ଅଷ୍ଟବିଂଶତମ ରଥଯାତ୍ରା ଲୋକନୃତ୍ୟ ମହୋତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ଅଷ୍ଟବିଂଶତମ ରଥଯାତ୍ରା ଲୋକନୃତ୍ୟ ମହୋତ୍ସବ**

# 'ଉତ୍କର୍ଷର କ୍ଷେତ୍ର ଉତ୍କଳ'

**ପୁରୀ ଅଫିସ, ୭।୭**

- ୧୩ ପ୍ରତିଭା ସମ୍ମାନିତ
- ବଡ଼ଶଙ୍ଖରେ ସାଂସ୍କୃତିକ ଝଲକ

ଉତ୍କର୍ଷର କ୍ଷେତ୍ର ହେଉଛି ଉତ୍କଳ। ଉତ୍କଳୀୟ କଳା ଓ ସଂସ୍କୃତି ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ଉତ୍କଳର ଦେବତା ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଶ୍ୱକୁ ଆକର୍ଷିତ କରୁଛି ବୋଲି ବଡ଼ଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଦ୍ୱାରା ରବିବାର ବଡଶଙ୍ଖଠାରେ ଆୟୋଜିତ ଅଷ୍ଟବିଂଶତମ ରଥଯାତ୍ରା ଲୋକନୃତ୍ୟ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସଦସ୍ୟ ତଥା ଶିଳ୍ପୀଗୁରୁ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର କହିଛନ୍ତି। ପରିଷଦର ସଭାପତି ତଥା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ସାଙ୍ଗଠନିକ କମିଟି ଅଧ୍ୟକ୍ଷ ଶଙ୍କର ପରିଡ଼ା, ସାମାଜିକ କର୍ମୀ ପ୍ରତିମା ମିଶ୍ର, ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଓମ୍‌ପ୍ରକାଶ ମିଶ୍ର, ସେବାୟତ ଭଗବାନ ସୁଆର, ପରିଷଦ ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ପଣ୍ଡା, ସଙ୍ଗଠନ ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଡା. ଗିରିଶ ଚନ୍ଦ୍ର ବେହେରା, ଆଇନଜୀବୀ ଦେବାଶିଷ ରାୟ, ସମବାୟବିତ୍ ଚଣ୍ଡିପ୍ରସାଦ ସିଂ, କ୍ରୀଡ଼ାବିତ୍ ରାମଚନ୍ଦ୍ର ପାଢୀ, ଖବରଦାତା ରାଜକୁମାର ମହାନ୍ତି, ସାମାଜିକ କର୍ମୀ ମହେଶ କୁମାର ପ୍ରଧାନ, ଅରବିନ୍ଦ ସିହ୍ନା, ଜଗଦାନନ୍ଦ ମିଶ୍ର, ଯୁବ ଶିଳ୍ପୋଦ୍ୟୋଗୀ ପ୍ରଦୀପ କୁମାର ସାହୁ, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ନୃତ୍ୟାଙ୍ଗନା ରୁଚିସ୍ମିତା ବେହେରା ଏବଂ ଟେଲିଯୋଗାଯୋଗ କ୍ଷେତ୍ରରେ ଦିବ୍ୟଶଙ୍କର ଜେନା, ସାମାଜିକ ଅନୁଷ୍ଠାନ ହୋପ ଇନ୍ ଲାଇଫକୁ ସମ୍ବର୍ଦ୍ଧିତ କରାଯାଇଥିଲା।




ମହୋତ୍ସବରେ ମଞ୍ଚାସୀନ ଅତିଥି।

ପ୍ରଥମେ ନବପ୍ରତିଭାର ନୃତ୍ୟଗୁରୁ ଅଶୋକ ଦାସଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀ ରୋଜାଲିନ ପଣ୍ଡା ଓ ସାଥି ପରିବେଷଣ କରିଥିଲେ ବାହୁଡ଼ା ବିଜେ। କେଳା ଓ କେଲୁଣୀଙ୍କ କଳିକୁ ନୃତ୍ୟରେ ପରିବେଷଣ କରିଥିଲେ କଳାକାର। ପରେ ରାଉରକେଲା ତ୍ରିବେଣୀ କଳା ସଙ୍ଗମ ପକ୍ଷରୁ ଓଡ଼ିଶୀରେ ଦଶମହାବିଦ୍ୟା, ଟିଟିଲାଗଡ଼ କ୍ଲାସିକ୍ ଏଣ୍ଟରଟେନମେଣ୍ଟ ଡିଭିଜନ ପକ୍ଷରୁ ଡାଲଖାଇ ନୃତ୍ୟ, କଟକ ବଡମ୍ବା କଳାତୀର୍ଥ ତରଫରୁ ଢଣ କୋଇଲା ଲୋକନୃତ୍ୟ, ମୁଣ୍ଡପୋତା କେଳା ଓ ଶବର ନୃତ୍ୟ ପରିବେଷଣ କରାଯାଇଥିଲା। ଶିଳ୍ପୀ ଏଣ୍ଟରଟେନ୍‌ମେଣ୍ଟ ପୁରୀର କଳାକାରମାନେ ଲମ୍ବାଡ଼ି ନୃତ୍ୟ, ମୟୁର ଫିଂଜନ, ଶିବ ତାଣ୍ଡବ, ବନ୍ଦେ ମାତରମ୍, ଆସାମ ବିହୁ ପରିବେଷଣ କରିଥିବାବେଳେ ଶେଷରେ ଭବାନୀ ପାଟଣା ସୁରସଙ୍ଗୀତ ଗ୍ରୁପ୍‌ର କଳାକାରମାନେ ପଶ୍ଚିମଓଡ଼ିଶା ଲୋକନୃତ୍ୟ ଓ ଲୋକଗୀତ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ।

## ଶ୍ରୀକ୍ଷେତ୍ରରେ ବୃଦ୍ଧାଙ୍କ ଜୀବନ ଗଲା

### ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଥିଲେ

**ପୁରୀ ଅଫିସ, ୭।୭**

ଚତୁର୍ଦ୍ଧାବିଗ୍ରହଙ୍କୁ ଆଡପ ମଣ୍ଡପରେ ଦର୍ଶନ କରିବା ଭାଗ୍ୟରେ ଥିଲେ ମିଳେ। ଶାସ୍ତ୍ରରେ କୁହାଯାଇଛି ଶ୍ରୀମନ୍ଦିରରେ ୧୦ ବର୍ଷ ଦର୍ଶନର ଫଳ ଆଡପମଣ୍ଡପରେ ଏକଦିନ ଦର୍ଶନରେ ମିଳେ। ମହାପ୍ରଭୁଙ୍କ ପ୍ରତି ଏହି ଆସ୍ଥା ଓ ବିଶ୍ୱାସ ରଖି କାହିଁ କେତେ ଦୂରରୁ ଭକ୍ତ ଛୁଟିଆସୁଛନ୍ତି ପବିତ୍ର ଶ୍ରୀକ୍ଷେତ୍ର ମାଟିକୁ। ଏମିତି ଦାରୁଦିଅଁଙ୍କୁ ଗୁଣ୍ଡିଚା ମନ୍ଦିରରେ ଦର୍ଶନ କରିବାକୁ ଆସିଥିବା ଜଣେ ବୃଦ୍ଧାଙ୍କ ରବିବାର ମୃତ୍ୟୁ ଘଟିଛି। ତାଙ୍କ ନାମ ପ୍ରୀତିପର୍ଣ୍ଣା ପଲ୍ (୭୪) ବୋଲି ଜଣାପଡିଛି।

ରବିବାର ଛୁଟିଦିନ ଥିବାରୁ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ଲାଗି ଗୁଣ୍ଡିଚା ମନ୍ଦିରରେ ପ୍ରବଳ ଗହଳି ହୋଇଥିଲା। ଅପରାହ୍ନ ପ୍ରାୟ ସାଢେ ୧ଟା ସମୟରେ ପଶ୍ଚିମବଙ୍ଗ ସଲ୍‌ଟ ଲେକ୍ ଅଞ୍ଚଳର ପ୍ରୀତିପର୍ଣ୍ଣା ପରିବାର ସଦସ୍ୟଙ୍କ ସହ ଦର୍ଶନ ପାଇଁ ଆସିଥିଲେ। ଆଡପ ମଣ୍ଡପରେ ଠାକୁରଙ୍କୁ ଭଲ ଭାବେ ଦର୍ଶନ କରିଥିଲେ। ଏହାପରେ ମନ୍ଦିରରୁ ବାହାରି ଯାଉଥିଲେ। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ହଠାତ୍ ଅସୁସ୍ଥ ହୋଇ ପଡିଯାଇଥିଲେ। ସେଠାରେ ଉପସ୍ଥିତ ରେଡକ୍ରସ୍ ସ୍ୱେଚ୍ଛାସେବୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। କୁମ୍ଭାରପଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ କଣ ପାଇଁ ବୃଦ୍ଧାଙ୍କ ମୃତ୍ୟୁ ହେଲା ତାହାର କାରଣ ଜଣାପଡି ନାହିଁ।

## ପଲ୍ଲିଶ୍ରୀ ମେଳାରେ ମହିଳାଙ୍କଠାରୁ ଚୋରି

**ପୁରୀ ଅଫିସ, ୭।୭**

ରଥଯାତ୍ରା ଅବସରରେ ଭୋଳାନାଥ ବିଦ୍ୟାପୀଠରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀମେଳା ଆୟୋଜିତ ହେଉଛି। ମେଳାରେ ପ୍ରବଳ ଭିଡ ଜମୁଛି। ଏହାର ସୁଯୋଗ ନେଇ ଲୁଟେରା ଦଳ ମାତିଛନ୍ତି। ରବିବାର ପଲ୍ଲିଶ୍ରୀ ମେଳାରେ ଜଣେ ବଙ୍ଗୀୟ ମହିଳାଙ୍କ ମନିପର୍ସ ଝାମ୍ପି ନେଇଥିବା ନେଇ କୁମ୍ଭାରପଡା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାଗଡ ଜିଲା ଓଡଗାଁର ମିଲି ରାଉତରାୟ ରଥଯାତ୍ରାକୁ ଘରକୁ ଆସିଛନ୍ତି। ଶନିବାର ସନ୍ଧ୍ୟାରେ ପରିବାର ସହ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ସାରି ପଲ୍ଲିଶ୍ରୀ ମେଳାକୁ ଯାଇଥିଲେ। ଗହଳି ମଧ୍ୟରେ କେହି ଦୁର୍ବୃତ୍ତ ତାଙ୍କ ମନିପର୍ସକୁ ଝାମ୍ପି ନେଇଯାଇଥିଲେ। ସେଥିରେ ୧୦ହଜାର ଟଙ୍କା ରହିଥିଲା ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି।

**ଷଷ୍ଠ ଦିନରେ ପଲ୍ଲିଶ୍ରୀ ମେଳା**

# ଛୁଟିଦିନ ଯୋଗୁ ଜମିଲା ଭିଡ଼

**ପୁରୀ ଅଫିସ, ୭।୭:** ଚତୁର୍ଦ୍ଧାବିଗ୍ରହ ଏବେ ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଆଡ଼ପମଣ୍ଡପରେ ଦାରୁବିଗ୍ରହଙ୍କୁ ଦର୍ଶନ କରିବା ଲାଗି ଶରଧାବାଲିରେ ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ଼। ଠାକୁରଙ୍କ ଦର୍ଶନ ଏବଂ ଆଡ଼ପ ଅବଢା ପାଇବା ପରେ ପଲ୍ଲିଶ୍ରୀ ମେଳାକୁ ଛୁଟୁଛନ୍ତି ଭକ୍ତ। ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଥିବା ଏହି ଜାତୀୟସ୍ତରୀୟ ମେଳା ରବିବାର ଷଷ୍ଠ ଦିନରେ ପହଞ୍ଚିଛି। ରବିବାର ଛୁଟିଦିନ ଯୋଗୁ ମେଳା ପଡ଼ିଆ ଲୋକାରଣ୍ୟ ହୋଇପଡ଼ିଥିଲା। ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ପ୍ରବଳ ଗହଳି ଲାଗିରହିଥିଲା। ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ଖାଦ୍ୟ ପସରା, ଖେଳଣା ଦୋକାନ ବସିଥିବାବେଳେ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳି ଲାଗିଛି। ଫଳରେ ଦେଖଣାହାରୀଙ୍କ ଭିଡ଼ ହେଉଛି।

### ଆକର୍ଷଣ ପାଲଟିଛି ଅଭଙ୍ଗା କଣ୍ଢେଇ

ପଲ୍ଲିଶ୍ରୀ ମେଳାରେ ବିକ୍ରି ହେଉଛି କାଗଜରେ ତିଆରି ବିଭିନ୍ନ ପ୍ରକାର ହସ୍ତକଳା ସାମଗ୍ରୀ। କେନ୍ଦୁଝର ଜିଲା ଆନନ୍ଦପୁରର ଫକିରପୁର ଗ୍ରାମର ଅଭଙ୍ଗା କଣ୍ଢେଇ ବେଶ୍ ଆକର୍ଷଣ ସାଜିଛି। ଏହାକୁ ଆଣି ଆସିଥିବା ଜ୍ୟୋତିପ୍ରକାଶ ସୂତାର କୁହନ୍ତି, ରବିବାର ମେଳାରେ ଅଧିକ ଭିଡ଼ ଯୋଗୁ ବେପାର ଭଲ ହୋଇଛି। ଏହି ହସ୍ତକଳା ତିଆରି ସମ୍ପର୍କରେ ସେ କୁହନ୍ତି, ପ୍ରଥମେ ପେପରକୁ ଗ୍ରାଇଣ୍ଡିଂ କରାଯାଇ ମଣ୍ଡ ପ୍ରସ୍ତୁତ ହୁଏ।ଏଥିରେ ତେନ୍ତୁଳି ମଞ୍ଜି ଅଠା, ଫେଭିକଲ ଅଠା, କିଛି ପରିମାଣର କେମିକାଲ ଏବଂ ଉଇ ନ ଲାଗିବା ପାଇଁ ତୁତିଆ ମିଶାଯାଏ। ପଲ୍ସ ଆକାର କରାଯାଇ ବିଭିନ୍ନ ପ୍ରକାର କଣ୍ଢେଇ ପ୍ରସ୍ତୁତ କରାଯାଏ। ଏଗୁଡ଼ିକ ପଡ଼ିଲେ ବି ଭାଙ୍ଗି ନ ଥାଏ। ତେଣୁ ଏହାକୁ ଅଭଙ୍ଗା କଣ୍ଢେଇ ବୋଲି କୁହାଯାଏ। କେବଳ କଣ୍ଢେଇ ନୁହେଁ, ପେନ୍ ଷ୍ଟାଣ୍ଡ, ବୁଦ୍ଧଙ୍କ ମୁଣ୍ଡ, ମାଛ, ଫୁଲଦାନି, କାନ୍ଥରେ ଟାଙ୍ଗିବା ପାଇଁ ହାତୀମୁଣ୍ଡ, ହରିଣ ମୁଣ୍ଡ, ପାନପତ୍ର ଉପରେ ଗଣେଶ, ସ୍ୱସ୍ତିକରେ ଗଣେଶ ଏବଂ ଜଗନ୍ନାଥଙ୍କ ଚିତ୍ର ପ୍ରଭୃତି ତିଆରି କରାଯାଏ। ଘର ସଜାଇବା ପାଇଁ ଲୋକେ ଏହାକୁ କିଣି ନେଇଥାନ୍ତି। ସେହିପରି ନୟାଗଡ଼ର କାଠ କଣ୍ଢେଇ ଷ୍ଟଲରେ ମଧ ଲୋକଙ୍କ ଭିଡ଼ ଲାଗୁଛି।



କେନ୍ଦୁଝର ଜିଲାର ଅଭଙ୍ଗା କଣ୍ଢେଇ ଷ୍ଟଲ୍

### ଧାନ ନଡ଼ାରେ ଜଗନ୍ନାଥ

ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ପ୍ରକାର ଷ୍ଟଲ ପଡ଼ିଛି। ତେବେ ଅଧିକ ସଂଖ୍ୟକ ଷ୍ଟଲରେ ଘରକରଣା ଓ ଘରସଜା ସାମଗ୍ରୀ ବିକ୍ରି ହେଉଛି। ଧାନ ନଡ଼ାରେ ବିଭିନ୍ନ ପ୍ରକାର କଳାକୃତି ତିଆରି ଷ୍ଟଲ ପଡ଼ିଛି। ଏହି କଳାକୃତି ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କଳାକୃତି ରହିଛି, ଯାହା ଦେଖଣାହାରୀଙ୍କ ପାଇଁ ବେଶ୍ ଆକର୍ଷଣୀୟ ସାଜିଛି। ଏହାକୁ ଆଣି ଆସିଥିବା ବ୍ୟବସାୟୀ କୁହନ୍ତି, ଧାନ ନଡ଼ାକୁ ଆଣି ଏହାକୁ ଖୋଲି ଦିଆଯାଏ। ପରେ ଏଥିରେ ଆଇରନ ଦିଆଯାଏ। କପଡ଼ା ଉପରେ ଅଠା ସାହାଯ୍ୟରେ ଯୋଡେଇ କରି ବିଭିନ୍ନ ପ୍ରକାର କଳାକୃତି ତିଆରି କରାଯାଏ। ଏହି କଳାକୃତି ମଧ୍ୟରେ ଟ୍ରାଇବାଲ ଆର୍ଟ, ମଡର୍ନ ଆର୍ଟ, ପଶୁପକ୍ଷୀ, ବିଭିନ୍ନ ଦେବଦେବୀଙ୍କ କଳାକୃତି ରହିଛି।



ଏକ ଷ୍ଟଲ୍‌ରେ ବିକ୍ରି ପାଇଁ ରହିଥିବା ନୟାଗଡ଼ର କାଠ କଣ୍ଢେଇ।



ପିଲାମାନେ ଜଳକ୍ରୀଡ଼ାର ମଜା ନେଉଛନ୍ତି।




ପଲ୍ଲିଶ୍ରୀ ମେଳାରେ ଜଣେ ବ୍ୟକ୍ତି ପରିବେଶ ସଚେତନତା ବାର୍ତ୍ତା ଦେଉଛନ୍ତି।

**ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୩୯ତମ ପ୍ରତିଷ୍ଠା ଉତ୍ସବ**

# 'ଚାକିରି ପଛରେ ନ ଧାଇଁ ଜ୍ଞାନ ପରିସୀମା ବଢ଼ାଅ'

**ପୁରୀ ଅଫିସ, ୭।୭**

- ବିଶ୍ୱବିଦ୍ୟାଳୟର କୁଳସଙ୍ଗୀତ ଉନ୍ମୋଚିତ
- ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍, ପ୍ରଫେସର ନିତ୍ୟାନନ୍ଦ ମିଶ୍ର ସମ୍ବର୍ଦ୍ଧିତ
- ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ର ସମ୍ମାନିତ

ଭାରତୀୟ ମୂଲ୍ୟବୋଧର ପରିଚୟ ହେଉଛି ସଂସ୍କୃତ। ଏହା ବିଶ୍ୱର ଆଦ୍ୟ ଭାଷା। ବିଦେଶରେ ଏହି ଭାଷା ପ୍ରାଧାନ୍ୟ ବିସ୍ତାର କରିବାରେ ଲାଗିଛି। ସଂସ୍କୃତ କିଭଳି ସମାଜରେ ଅଧିକ ଆଦୃତ ହୋଇପାରିବ ଏଥିଲାଗି ଛାତ୍ରୀଛାତ୍ରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଦ୍ୟାର୍ଥୀମାନେ ଚାକିରି ପଛରେ ନ ଧାଇଁ ନିଜ ଜ୍ଞାନର ପରିସୀମା ବିକଶିତ କରିବା ଉଚିତ ବୋଲି ରବିବାର ପୁରୀ ଶ୍ରୀବିହାରସ୍ଥ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୩୯ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ଯୋଗଦେଇ ଏହା କହିଛନ୍ତି।

ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ରାଧାମାଧବ ଦାଶ ସଭାପତିତ୍ୱ କରିଥିଲେ। ସେ ରାଜ୍ୟପାଳ ତଥା କୁଳାଧିପତିଙ୍କ ବାର୍ତ୍ତା ପାଠ କରିବା ସହ କହିଥିଲେ ଏହି ବିଶ୍ୱବିଦ୍ୟାଳୟ ୧୯୮୧ରେ ସ୍ଥାପିତ ହୋଇଥିଲା। ଗୁଣାତ୍ମକ ଶିକ୍ଷାର ବିକାଶ ଓ ଗବେଷଣା କ୍ଷେତ୍ରରେ ଏହା ଅଗ୍ରଗତି ହାସଲ କରିବା ସହ ନ୍ୟାଶନାଲ ଆସେସ୍‌ମେଣ୍ଟ ଆକ୍ରିଡେଶନ୍ କମିଟି (ନାକ୍) ଦ୍ୱାରା ବି-ପ୍ଲସ ମାନ୍ୟତା ପାଇଛି। ବିଶ୍ୱବିଦ୍ୟାଳୟର ସଂସ୍କୃତ ଗବେଷଣା କେନ୍ଦ୍ର ଜରିଆରେ ଏକାଧିକ ପୁସ୍ତକ ପ୍ରକାଶିତ ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ତତ୍ତ୍ୱ ସମ୍ପର୍କରେ ଇଂଲିଶ ଓ ସଂସ୍କୃତରେ ବହୁ ଗବେଷଣାତ୍ମକ ପୁସ୍ତକ ପ୍ରକାଶ ପାଇଛି। ଫନୀ ବାତ୍ୟାରେ ଶ୍ରୀବିହାରର ବ୍ୟାପକ କ୍ଷୟକ୍ଷତି ସତ୍ତ୍ୱେ ଧାର୍ଯ୍ୟ ସମୟରେ ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପରୀକ୍ଷାଫଳ ପ୍ରକାଶ କରାଯାଇଥିଲା। ସଂସ୍କୃତର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି କୁଳପତି ପ୍ରକାଶ କରିଥିଲେ। ଏହି ଅବସରରେ କୁଳସଚିବ ପ୍ରଫେସର ସଚ୍ଚିଦାନନ୍ଦ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।




ଉତ୍ସବରେ ଅତିଥିମାନେ କୁଳସଙ୍ଗୀତ ଉନ୍ମୋଚନ କରୁଛନ୍ତି।

ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳସଙ୍ଗୀତ ଓ ନ୍ୟାୟ ବିଭାଗର ଶୋଧ ପତ୍ରିକା ଉନ୍ମୋଚନ ହୋଇଥିଲା। ସଂସ୍କୃତ ବିଦ୍ୱାନ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ରଚିତ କୁଳ ସଙ୍ଗୀତର ସ୍ୱର ସଂଯୋଜନା କରିଛନ୍ତି ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ। ଏହି ଦୁଇଜଣଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ସେହିପରି ବିଶ୍ୱବିଦ୍ୟାଳୟରୁ ଅବସର ନେଇଥିବା ୧୨ଜଣ ପ୍ରଫେସର ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ପ୍ରଫେସର ମାଧବ ଚନ୍ଦ୍ର ପଣ୍ଡା, ପ୍ରଭାତ ରଞ୍ଜନ ମହାପାତ୍ର, ପ୍ରଳୟ କୁମାର ନନ୍ଦ, ଡ. ରବିଚରଣ ରଥ, ଶୁକଦେବ ସାହୁ, ତ୍ରିନାଥ ପଣ୍ଡା, ଦେବେନ୍ଦ୍ର କୁମାର ସେଠୀ, ନାରାୟଣ ସାହୁ, ସଦାଶିବ ବେହେରା, ନବ କିଶୋର ନାୟକ, ବଳରାମ ଦାସ ଏବଂ କିଶୋର କୁମାର ସାହୁ। ୨୦୧୯ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟର ସାହିତ୍ୟ, ଧର୍ମଶାସ୍ତ୍ର, ବ୍ୟାକରଣ, ଅଦ୍ୱୈତ ବେଦାନ୍ତ, ସର୍ବଦର୍ଶନ, ନ୍ୟାୟ, ବେଦ ଓ ଜ୍ୟୋତିଷ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର ଏବଂ ଶାସ୍ତ୍ରୀ ପାଠ୍ୟକ୍ରମରେ ରାଜ୍ୟରେ ଟପ୍ପର ହୋଇଥିବା ଛାତ୍ରୀ ନୀହାରିକା ବଡପଣ୍ଡାଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜୟମାଣିକ୍ୟ ଶାସ୍ତ୍ରୀ ବେଦପାଠ କରିଥିଲେ। ଅଧ୍ୟାପିକା ଡ. ପରମ୍ବା ଯୋଗମାୟା ଏବଂ ଡ. ନିବେଦିତା କର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହରିହର ହୋତା ଧନ୍ୟବାଦ ଦେଇଥିଲେ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
- ଲେନିନ୍



## ସଂକ୍ଷେପରେ

### ବିନା ବାଜାରେ ଗଲେ ବର
### ୭ ଡିଜେ, ୫ ଜେନେରେଟର ଜବତ




**ପୁରୁଣା ଭୁବନେଶ୍ୱର,୭।୭(ଡି.ଏନ.ଏ.):** ରାଜଧାନୀରେ ବିନା ବାଜାରେ ରବିବାର ରାତିରେ ବର ଯାଉଥିବା ଦେଖିବାକୁ ମିଳିଛି। ସହରାଞ୍ଚଳରେ ରାତି ୧୦ଟା ପରେ ଡିଜେ ବାଜିବାକୁ ବାରଣ ରହିଛି। ହେଲେ ଏହାକୁ କେହି ଖାତିର କରୁନାହାନ୍ତି। ୬୦ ଡେସିବଲରୁ ଉର୍ଦ୍ଧ୍ୱ ସାନ୍ଦ୍ରତାରେ ଡିଜେ ବଜାଇ ବରଯାତ୍ରୀ ଶୋଭାଯାତ୍ରା ଯାଉଥିଲା। ଏତେ ସାଉଣ୍ଡରେ କାନ ତାବଦା ହୋଇଯାଉଥିଲା। ବରିଷ୍ଠ ନାଗରିକ ଓ ରୋଗୀ ନିଜକୁ ନିରାପଦ ମଣୁ ନ ଥିଲେ। ରାଜଧାନୀର ସବୁ ମଣ୍ଡପରେ ଏଭଳି ପରିସ୍ଥିତିରେ ଲୋକେ ଅତିଷ୍ଠ ହୋଇପଡିଥିଲେ। ଡିସିପିଙ୍କ ନିର୍ଦ୍ଦେଶକ୍ରମେ ରାତିରେ ଲିଙ୍ଗରାଜ ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଥାନା ଅଧୀନ କେଉଟସାହି, ବିନ୍ଦୁସାଗର, ରଥଦାଣ୍ଡ, ଗୋଶାଗୋରେଶ୍ୱର ଛକ, ମାଉସୀ ମା' ଛକ ଆଦିରେ ଚଢାଉ କରାଯାଇଥିଲା। ରାତି ୧୧ଟା ସୁଦ୍ଧା ୭ଟି ଡିଜେ ଗାଡି ଏବଂ ୫ଟି ଜେନେରେଟର ପୋଲିସ ଜବତ କରିଥିଲା। ସମସ୍ତଙ୍କୁ ଜରିମାନା କରାଯିବା ସହ ଆଗକୁ ଏଭଳି ଅଧିକ ସାଉଣ୍ଡରେ ଡିଜେ ବଜାଇବାକୁ ବାରଣ କରାଯାଇଥିଲା। ପୋଲିସ ଡିଜେ ଗାଡି ଓ ଜେନେରେଟରକୁ ଜବତ କରିବାରୁ ବିଳମ୍ବିତ ରାତିରେ ବର ବିନା ବାଜାରେ ଶୋଭାଯାତ୍ରାରେ ଯାଉଥିବା ଦେଖିବାକୁ ମିଳିଥିଲା।

### ଆର୍‌ଟିଓଙ୍କୁ ନାଲିଆଖି ଦେଖାଇ ଡ୍ରାଇଭର ଗିରଫ

**ଭୁବନେଶ୍ୱର,୭।୭(ବ୍ୟୁରୋ):** ବେପରୁଆ ଗାଡ଼ି ଚଳାଇ ସିରିଜ ଦୁର୍ଘଟଣା ଘଟାଇବା ପରେ ଖସି ଯାଉଥିଲେ ଜଣେ କଣ୍ଟେନର ଡ୍ରାଇଭର। ବାଟରେ ଗାଡ଼ିକୁ ଅଟକାଇବାରୁ ଆର୍‌ଟିଓଙ୍କୁ ଗାଳିଗୁଲଜ କରିବା ସହ ନାଲିଆଖି ଦେଖାଇଥିଲେ। ଏପରିକି ଅଧିକାରୀଙ୍କ ଶାର୍ଟ କଲର ଧରିବାକୁ ବି ପଛାଇ ନ ଥିଲେ। ଶେଷରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରିବା ସହ ଆଇପିସି ଦଫା ୩୫୩, ୫୦୬ ଓ ଏମ୍‌ଭି ଆକ୍ଟରେ ମାମଲା (ନଂ.୩୦୨/୧୯) ରୁଜୁ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗର ମିଥୁ ସେକ୍(୨୮)। ଏଥିସହ ପୋଲିସ କଣ୍ଟେନର (ଏନ୍‌ଏଲ-୦୨କେ-୨୩୭୬)କୁ ଜବତ କରି ତଦନ୍ତ ଚଳାଇଛି। କଣ୍ଟେନରଟି ଶନିବାର ଖଣ୍ଡଗିରିରୁ ମଞ୍ଚେଶ୍ୱର ଯାଉଥିଲା। ଡ୍ରାଇଭର ମିଥୁ ନିଶାରେ ଗାଡି ଚାଳନା କରୁଥିବାରୁ ଖଣ୍ଡଗିରି ଛକ ନିକଟରେ ଦୁର୍ଘଟଣା ଘଟାଇଥିଲେ। ଗାଡିକୁ ନ ଅଟକାଇ ଦ୍ରୁତଗତିରେ ଚାଳନା କରି ଖସିଯିବାକୁ ଉଦ୍ୟମ କରିଥିଲେ। ନୟାପଲ୍ଲୀ ଓଭରବ୍ରିଜ୍ ଉପରେ ଆର୍‌ଟିଓ ଚେକିଂ ଚାଲିଥିଲା। ଅଧିକାରୀ ଗାଡିକୁ ଅଟକାଇଥିଲେ। ଡ୍ରାଇଭର ଆରଟିଓ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ଯାଞ୍ଚ କରୁଥିବା କର୍ମଚାରୀ ପୋଲିସକୁ କହିଥିଲେ।

### ■ ସିନ୍ଦୂର ପିନ୍ଧାଇ ବଳାତ୍କାର କରିବା ଘଟଣାର ଭିନ୍ନମୋଡ଼
# ଟଙ୍କା ପାଇଁ ବ୍ଲାକ୍‌ମେଲ୍ କରୁଛନ୍ତି ଯୁବତୀ

■ ଡିସିପିଙ୍କୁ ଭେଟି ପାଲଟା ଅଭିଯୋଗ ଆଣିଲେ ଅଭିଯୁକ୍ତ
■ ପୂର୍ବରୁ ୩ଜଣଙ୍କୁ ମିଥ୍ୟା ଅଭିଯୋଗରେ ଜେଲ୍ ପଠାଇଛନ୍ତି
■ ଜଣେ ସରକାରୀ କର୍ମଚାରୀ ମଧ୍ୟ ଚାକିରି ହରାଇଛନ୍ତି

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ଜଣେ ଯୁବତୀଙ୍କୁ ମଥାରେ ସିନ୍ଦୂର ଦେଇ ବଳାତ୍କାର ହୋଇଥିବା ନେଇ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ଏବେ ଏହି ଘଟଣା ଭିନ୍ନମୋଡ଼ ନେଇଛି। ଯୁବତୀ ଜଣକ ତାଙ୍କୁ ପ୍ରେମ ଜାଲରେ ଫସାଇ ଟଙ୍କା ପାଇଁ ବ୍ଲାକ୍‌ମେଲ୍ କରୁଥିବା ଓ ମିଥ୍ୟା ଅଭିଯୋଗ ଆଣିଥିବା ଅଭିଯୁକ୍ତ ପାଲଟା ଅଭିଯୋଗ ଆଣିଛନ୍ତି। ସେ ଏନେଇ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନାରେ ଉକ୍ତ ଯୁବତୀଙ୍କ ନାମରେ ଏପରି ଅଭିଯୋଗ ଆଣିବା ସହ ଭୁବନେଶ୍ୱର ଡିସିପିଙ୍କୁ ଭେଟି ଜଣାଇଛନ୍ତି। ଫଳରେ ଭୁବନେଶ୍ୱର ମହିଳା ଥାନାରେ ଯୁବତୀଜଣକ କରିଥିବା ଅଭିଯୋଗକୁ ନେଇ ପ୍ରଶ୍ନ ଉଠିଛି।

ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଅଞ୍ଚଳର ଦେବବ୍ରତ ଦାସଙ୍କ ଅଭିଯୋଗ ମୁତାବକ, ଯୁବତୀ ଜଣକ ଏକ ଏନଜିଓରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସହ ଭେଟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢ଼ିଥିଲା। ମାତ୍ର ଯୁବତୀ ଜଣକ ଅନେକ ସମୟରେ ବିଭିନ୍ନ ଆଳ ଦେଖାଇ ତାଙ୍କଠାରୁ ଟଙ୍କା ପଇସା ମାଗିବାରୁ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଯୁବତୀ ଜଣକ ତାଙ୍କୁ ବିବାହ କରିବାକୁ ବାଧ୍ୟ କରୁଥିଲେ। ଏପରିକି ବିବାହ ନ କଲେ ବିଷ ପିଇଦେବେ ବୋଲି କହି ତାଙ୍କୁ ଡାକିଥିଲେ। ଦେବବ୍ରତ ପହଞ୍ଚିବା ପରେ ଯୁବତୀ ଓ ତାଙ୍କ ସହ ଥିବା ପୁରୁଷ ବନ୍ଧୁ ତାଙ୍କୁ ୫ଲକ୍ଷ ଟଙ୍କା ଦେବାକୁ ଧମକ ଦେଇ ବ୍ଲାକ୍‌ମେଲିଂ ଆରମ୍ଭ କରିଥିଲେ। ମାମଲା ରୁଜୁ ପରେ ବି ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଫୋନ୍ କରି ଏବେବି ଟଙ୍କା ଦେଇଦେଲେ ରଫାଦଫା କରିଦେବେ ବୋଲି କହୁଥିବା ଦେବବ୍ରତ ଗଣମାଧ୍ୟମକୁ ଜଣାଇଛନ୍ତି। ଏଥିସହ ଯୁବତୀଙ୍କ ସମ୍ପର୍କରେ ଆହୁରି ଅନେକ ଅଭିଯୋଗ ଆଣିଛନ୍ତି ଦେବବ୍ରତ। ସେ କହିଛନ୍ତି, ଯୁବତୀ ଜଣକ ସୋସିଆଲ ମିଡିଆ ଜରିଆରେ ଯୁବକମାନଙ୍କୁ ପ୍ରେମ ଜାଲରେ ଫସାନ୍ତି। ପରେ ଭେଟିବାକୁ ପ୍ରସ୍ତାବ ଦେଇ ସମ୍ପର୍କ ବଢ଼ାନ୍ତି। ବିଭିନ୍ନ ସ୍ଥାନରେ ବୁଲାବୁଲି କରିବା ଭିତରେ ବିବାହ ପ୍ରସ୍ତାବ ଦିଅନ୍ତି। ଏପରିକି ଯୁବକଙ୍କ ହାତରୁ ସିନ୍ଦୂର ପିନ୍ଧିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ନେଇ ବ୍ଲାକ୍‌ମେଲ କରନ୍ତି। ଏହାପରେ ଯୁବତୀ ଜଣକ ନିଜର ଅସଲ ଉଦ୍ଦେଶ୍ୟ ସଫଳ କରନ୍ତି। ମୋଟା ଅଙ୍କର ଅର୍ଥ ଦାବି କରନ୍ତି। ଚାହିଁବା ମୁତାବକ ଅର୍ଥ ନ ମିଳିଲେ ଭିନ୍ନ ଭିନ୍ନ ଥାନାରେ ଅଭିଯୋଗ ଆଣି ସମାଧାନ ପାଇଁ ଆହୁରି ଅଧିକ ଅର୍ଥ ଅସୁଲ କରନ୍ତି। ଟଙ୍କା ନ ମିଳିଲେ ଜେଲ୍ ଯିବା ପର୍ଯ୍ୟନ୍ତ ପୋଲିସ ଉପରେ ଚାପ ପକାନ୍ତି। ଏହିପରି ଯୁବତୀ ଜଣକ ପୂର୍ବରୁ ଭୁବନେଶ୍ୱରର ୩ ଥାନାରେ ସମାନ ଅଭିଯୋଗ ଆଣିଛନ୍ତି। ଯୁବତୀଙ୍କ ଅଭିଯୋଗକ୍ରମେ ଜଣେ ଯୁବକ ସରକାରୀ ଚାକିରି ହରାଇବା ସହ ଜେଲ୍ ଯାଇଛନ୍ତି। ସେହିଭଳି ଆଉ ଦୁଇଜଣ ଯୁବକ ମଧ୍ୟ ଗିରଫ ହୋଇ ଜେଲ୍ ଯାଇଥିବା ସେ କହିଛନ୍ତି। ଏ ସଂକ୍ରାନ୍ତରେ ଡିସିପି ଅନୁପ ସାହୁ କହିଛନ୍ତି , ଯୁବତୀ ଜଣକ ମହିଳା ଥାନାରେ କରିଥିବା ଅଭିଯୋଗ ଓ ଅଭିଯୁକ୍ତ ଯୁବକ ଆଣିଥିବା ଅଭିଯୋଗର ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିଯିବ।




ଭୁବନେଶ୍ୱର ଉତ୍କଳ ଦୃଷ୍ଟିହୀନ ସଂଘଠାରେ ବିପିୟୁଟି ପକ୍ଷରୁ ରବିବାର ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ରଥଯାତ୍ରାରେ କର୍ପୋରେଶନ ବ୍ୟାଙ୍କର ପାନୀୟ ଜଳ ବଣ୍ଟନ

**ଭୁବନେଶ୍ୱର,୭।୭**

ପବିତ୍ର ରଥଯାତ୍ରା ଅବସରରେ କର୍ପୋରେଶନ ବ୍ୟାଙ୍କ ପକ୍ଷରୁ ପୁରୀଠାରେ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ୬,୫୦୦ରୁ ଉର୍ଦ୍ଧ୍ୱ ପାନୀୟ ଜଳ ବୋତଲ ବଣ୍ଟନ କରାଯାଇଯାଇଛି। ବ୍ୟାଙ୍କର ଉପକ୍ଷେତ୍ରୀୟ ମୁଖ୍ୟ ଲୋକନାଥ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହା ଦ୍ୱାରା ଅନେକ ଶ୍ରଦ୍ଧାଳୁ ଉପକୃତ ହୋଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ବନ ମହୋତ୍ସବ ସପ୍ତାହ ପାଳିଲା ବିସିଜେଡି ଭୁବନେଶ୍ୱର ଜୋନ୍



**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ଭୁବନେଶ୍ୱର ଜୋନ୍ ପକ୍ଷରୁ ୭୦ତମ ବନ ମହୋତ୍ସବ ସପ୍ତାହ ୟୁନିଟ୍-୧ ଅଞ୍ଚଳରେ ପାଳିତ ହୋଇଛି। ଜୋନ୍‌ର ସାଧାରଣ ସମ୍ପାଦକ ସୁଦୀପ୍ତ ପ୍ରକାଶ ପୃଷ୍ଟିଙ୍କ ନେତୃତ୍ୱରେ ଶତାଧିକ ଛାତ୍ର କାର୍ଯ୍ୟକ୍ରମରେ ସାମିଲ୍ ହୋଇ ୧୫୦ ବୃକ୍ଷ ରୋପଣ କରିଛନ୍ତି। ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ, ବାତ୍ୟା 'ଫନି' ଦ୍ୱାରା ସହରରେ ଲକ୍ଷ ଲକ୍ଷ ଗଛ ଉପୁଡି ଯାଇଛି। ଭବିଷ୍ୟତରେ ଯେପରି ଏହାର କୁପ୍ରଭାବ ପରିବେଶ ଓ ଆମ ଉପରେ ନ ପଡ଼ିବ ସେଥିପାଇଁ ଏବେଠାରୁ ଆମକୁ ଗଛ ଲଗାଇବାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ବୃକ୍ଷର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର ଭୁବନେଶ୍ୱର ସଭାପତି ଅମରେଶ ଜେନା ଯୋଗଦେଇ ପ୍ରକୃତି ପ୍ରତି ଥିବା କର୍ତ୍ତବ୍ୟକୁ କିପରି ସମ୍ପାଦନ କରିହେବ ତା'ଉପରେ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରନେତା ସାହିଲ୍ ହରିଚନ୍ଦନ, ସମ୍ବିତ ସ୍ୱାଇଁ, ଅନ୍ତର୍ଯ୍ୟାମୀ ପ୍ରଧାନ, ଦୀପକ କୁମାର, ବିକ୍ରମଜିତ ସ୍ୱାଇଁ, ଶିବ ବେହେରା, ରାଜେଶ ଦାସ, ଆଦର୍ଶ ରଞ୍ଜନ, ପ୍ରିୟବ୍ରତ ଦାସ, ସିଟୁନ୍ ଦାସ, ମୃନ୍ମୟ ସ୍ୱାଇଁ, ଦେବାଶିଷ ଜେନା ପ୍ରମୁଖ ରହି କାର୍ଯ୍ୟକ୍ରମ ପରିଚଳନା କରିଥିଲେ।

### ନାଲ୍‌କୋ ପକ୍ଷରୁ ବନ ମହୋତ୍ସବ ପାଳିତ



**ଭୁବନେଶ୍ୱର,୭।୭**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ପକ୍ଷରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଯାଇଛି। ଏହି ଅବସରରେ କମ୍ପାନୀର ବିଭିନ୍ନ ୟୁନିଟ ଏବଂ କାର୍ଯ୍ୟାଳୟଗୁଡିକର ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ନାଲ୍‌କୋ ରିସର୍ଚ୍ଚ ଏବଂ ଟେକ୍ନୋଲୋଜି ସେଣ୍ଟର (ଏନ୍‌ଆର୍‌ଟିସି) ପରିସରରେ ରାଜ୍ୟ ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ଏହି ସମୂହ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ନାଲକୋ ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦକା ଡିଭିଜନ ଡିଏଫଓ କେଦାର କୁମାର ସ୍ୱାଇଁ, କମ୍ପାନୀର ନିର୍ଦ୍ଦେଶକ ଏବଂ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଫନୀ ଉପଲକ୍ଷେ ସବୁଜିମା ନଷ୍ଟ ହୋଇଥିବାରୁ ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ ବୃକ୍ଷରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଡ.ଚାନ୍ଦ କହିଛନ୍ତି।ସେହିଭଳି ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଏଥିଲାଗି ଉତ୍ସାହିତ କରାଯାଉଥିବା ସେ କହିଛନ୍ତି।

### ■ ଫନୀ ବିପନ୍ନଙ୍କୁ ଘରଭଙ୍ଗା ସହାୟତା ପ୍ରଦାନରେ ବିଳମ୍ବ
# ଅଭିଯୋଗ ଆଣିଲେ ସରପଞ୍ଚ

**ପୁରୁଣା ଭୁବନେଶ୍ୱର,୭।୭ (ଡି.ଏନ.ଏ.)**

ମେ' ୩ ତାରିଖରେ ଫନୀରେ ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏଥିରେ ଲୋକମାନଙ୍କର ଘର ଭାଙ୍ଗିରୁଜି ଯାଇଥିଲା। ରାଜ୍ୟ ସରକାର ବର୍ଷା ପୂର୍ବରୁ ବାତ୍ୟା ବିପନ୍ନଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ ପାଇଁ ତରବରିଆ ଭାବେ ପଦକ୍ଷେପ ନେଇଥିଲେ। କେବଳ ରାଜସ୍ୱ ନିରୀକ୍ଷକଙ୍କୁ ବିଭିନ୍ନ ଅଞ୍ଚଳରେ ଅଦଳବଦଳ କରି ସର୍ଭେ କରିବାକୁ ଦାୟିତ୍ୱ ଦେଇଥିଲେ। ଇତିମଧ୍ୟରେ ପ୍ରତ୍ୟେକ ପଞ୍ଚାୟତକୁ ବାତ୍ୟା ବିପନ୍ନଙ୍କ ନାମ ତାଲିକା ବ୍ଲକ ପକ୍ଷରୁ ପ୍ରକାଶ କରାଯାଇଛି। ପିପିଲି ବ୍ଲକ ଲକ୍ଷ୍ମୀନାରାୟଣ ପଞ୍ଚାୟତରେ ଏହି ଘରଭଙ୍ଗା ସର୍ଭେରେ ପ୍ରକାଶିତ ବାତ୍ୟା ବିପନ୍ନଙ୍କ ତାଲିକାରେ ପକ୍ଷପାତିତା କରାଯିବା ନେଇ ସରପଞ୍ଚ ସୁଭାଶିଷ ରଥ ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗରେ ଆହୁରୀ ଦର୍ଶାଇଛନ୍ତି ଯେ, ପ୍ରାୟ ୧୫୦ ବାତ୍ୟା ବିପନ୍ନ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ସେମାନଙ୍କୁ ତୁରନ୍ତ ଏହି ସହାୟତା ସର୍ଭେ ପୂର୍ବକ ପ୍ରଦାନ କରିବାକୁ ଅଭିଯୋଗ ରହିଛି। ଏହି ଅଞ୍ଚଳରେ ଅନେକ ଆଂଶିକ ବିପନ୍ନଙ୍କୁ ଚଞ୍ଚକତା ପୂର୍ବକ ପୂର୍ଣ୍ଣ ସହାୟତା ରାଶି ପ୍ରଦାନ ପାଇଁ ତାଲିକା ପ୍ରସ୍ତୁତ ହୋଇଥିବା ଦେଖାଦେଇଛି। ଏହି ଅବସରରେ ରଥ ପ୍ରଥମ ପର୍ଯ୍ୟାୟରେ ୩୭ ଜଣଙ୍କ ନାମ ସହାୟତା ପାଇଁ ସୁପାରିଶ କରିଥିଲେ। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ଉଚିତ୍ ପଦକ୍ଷେପ ନେବାକୁ ଦାବି ହୋଇଛି। ନଚେତ୍ ଘରଭଙ୍ଗା ସହାୟତାରୁ ବଞ୍ଚିତ ବିପନ୍ନମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ସେ ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ ଆଦିକନ୍ଦ ବେହେରାଙ୍କୁ ପଚାରିବାରେ ଆମେ ପ୍ରଥମ ପର୍ଯ୍ୟାୟରେ ସର୍ଭେ ପରେ ଆଂଶିକ ବିପନ୍ନଙ୍କ ତାଲିକା ପ୍ରକାଶ ପାଇଛି। ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବିପନ୍ନଙ୍କୁ ସ୍ୱତନ୍ତ୍ର ସର୍ଭେ ପରେ ସହାୟତା ପ୍ରଦାନ କରିବାକୁ ତାଲିକା ପ୍ରକାଶ ପାଇବ। କୌଣସି ପ୍ରକାର ବିପନ୍ନଙ୍କ ଚିହ୍ନଟରେ ଅବହେଳା କରାଯାଇନାହିଁ। ଏଭଳି କେତେଗୁଡ଼ିଏ ଅଭିଯୋଗ ପରେ ଦ୍ୱିତୀୟ ପ୍ରର୍ଯ୍ୟାୟ ସର୍ଭେ ଚାଲିଛି। ତୁରନ୍ତ ସହାୟତା ପ୍ରଦାନ ପାଇଁ ବିପନ୍ନଙ୍କ ତାଲିକା ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

### ଗଣ୍ଡରପୁରରେ ପାତି ମାଙ୍କଡ଼ଙ୍କ ଦୌରାତ୍ମ୍ୟ

**ବାରଙ୍ଗ,୭।୭(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ଗଣ୍ଡରପୁର ଗ୍ରାମରେ ଗତ କିଛି ଦିନ ହେବ ପାତି ମାଙ୍କଡଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ଦେଖିଲେ କାମୁଡିବାକୁ ଗୋଡାଉଛନ୍ତି। ଘର ଭିତରେ ପଶି ଖାଦ୍ୟ ଖାଇବା ସହ ନଷ୍ଟ କରୁଛନ୍ତି। ସ୍କୁଲ ପିଲାମାନେ ହାତରେ ବାଡି ଧରି ସ୍କୁଲକୁ ଯିବାକୁ ନିରାପଦ ମଣୁଥିବାର ଦେଖିବାକୁ ମିଳିଛି। ଏ ନେଇ ଗ୍ରାମବାସୀ ବନବିଭାଗକୁ ଜଣାଇଥିଲେ କୌଣସି ପଦକ୍ଷପ ଗ୍ରହଣ କରାଯାଇନାହିଁ। ଫଳରେ ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଦୁଇଦିନ ମଧ୍ୟରେ ଗଣ୍ଡରପୁର ଗ୍ରାମର ସପ୍ନେଶ୍ୱର ପଡିହାରୀ ଓ ଜଗବନ୍ଧୁ ସାସମଲଙ୍କ ସମେତ ୫ଜଣ ଯୁବକ ଏହି ପାତିମାଙ୍କଡଙ୍କ ଦୌରାତ୍ମ୍ୟର ଶିକାର ହୋଇଥିବା ଜଣାପଡିଛି। ଏଥିପ୍ରତି ବନବିଭାଗ ତୁରନ୍ତ ପାତି ମାଙ୍କଡଙ୍କୁ ଧରିବାର ବ୍ୟବସ୍ଥା ନ କଲେ ଅନ୍ଦୋଳନ ପନ୍ଥା ଆପଣାଇବୁ ବୋଲି ଗଣ୍ଡରପୁର ଗ୍ରାମ୍ୟକମିଟି ସଭାପତି ପ୍ରମୋଦ କୁମାର ପଡିହାରୀ କହିଛନ୍ତି।

### ପର୍ଯ୍ୟଟକଙ୍କ ବ୍ୟାଗ ଚୋରି, ଜଣେ ଗିରଫ

**ପୁରୀ ଅଫିସ,୭।୭:** ବେଳାଭୂମିରେ ଜଣେ ପର୍ଯ୍ୟଟକଙ୍କ ବ୍ୟାଗ ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ କଟକ ଚାଉଳିଆଗଞ୍ଜର ନାଳିଆ ମହାନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ଆଗରପଡା ଥାନା ଅଧୀନ ବିଟିପୁର ମହାନ୍ତିପଡାର ଲିପନ ପୁହାଣ ଗତ ୩ତାରିଖରେ ପୁରୀ ବୁଲିବାକୁ ଆସି ହୋଟେଲରେ ରହିଥିଲେ। ୫ ତାରିଖ ପୂର୍ବାହ୍ନ ୧୧ଟାରେ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ବ୍ୟାଗ ରଖି ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ବ୍ୟାଗ ଚୋରି କରି ନେଇଯାଇଥିଲେ।

### ସୁରଭି ଟ୍ରଷ୍ଟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ସୁରଭି ଚ୍ୟାରିଟେବଲ ଟ୍ରଷ୍ଟ ପକ୍ଷରୁ ଫନୀ କ୍ଷତିଗ୍ରସ୍ତ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଆସନ୍ତା ୩ମାସ ଯାଏ ଏହିକାର୍ଯ୍ୟକ୍ରମ ଚାଲିବାକୁଥିବା ବେଳେ ୫ହଜାର ଚାରାରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶରତଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନତାରେ ଏହି କାର୍ଯ୍ୟକ୍ରମ ଜାରି ରହିବ।

## ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ବାର୍ଷିକ ଅଧିବେଶନ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**



ଉନ୍ନୟନ ପରିଷଦର ବାର୍ଷିକ ବିବରଣୀ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ସ୍ୱେରେଜ ଅବ୍ୟବସ୍ଥା ସମସ୍ୟା ସୃଷ୍ଟି କରୁଛି**

ଭିଏସ୍‌ଏସ୍ ନଗରରେ ସ୍ୱେରେଜ୍ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି। ଏନେଇ ବିଏମ୍‌ସି କାର୍ଯ୍ୟାଳୟରେ ବାରମ୍ବାର ଜଣାଇବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିଭାଗୀୟ କର୍ତ୍ତୃପକ୍ଷମାନେ ସବୁ ଜାଣି ନ ଜାଣିଲା ପରି ବ୍ୟବହାର କରୁଛନ୍ତି ବୋଲି ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନରେ ବକ୍ତାମାନେ କହିଛନ୍ତି। ଡ଼ି.ଏଲ୍. କଲୋନୀସ୍ଥିତ ଭୁବନେଶ୍ୱରୀ ମନ୍ଦିରରେ ରବିବାର ଆୟୋଜିତ ଏହି ସମାରୋହରେ ପରିଷଦ ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ବହୁ ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱେରେଜ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱେରେଜ ପାଇପ୍‌ରୁ ବାହାରୁଥିବା ଅପରିଷ୍କାର ପାଣି ଏବେ ରାସ୍ତାରେ ଭାସୁଛି। ଅଞ୍ଚଳରେ ଯାତାୟାତ କରିବା ତ ଦୂରର କଥା ଘରୁ ବାହାରକୁ ବାହାରି ହେଉନି। ଏନେଇ ବିଏମ୍‌ସିକୁ ଅବଗତ କରାଯାଇଛି କିନ୍ତୁ କାହାରି ଏଥିପ୍ରତି ନିଘା ନାହିଁ। ଏହାର ସ୍ଥାୟୀ ସମାଧାନ କରା ନ ଗଲେ ନଗରବାସୀ ସମାଧାନର ଅନ୍ୟପନ୍ଥା ଆପଣାଇବେ ବୋଲି ଅତିଥିମାନେ କହିଥିଲେ। ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲୀପ ଦାଶଶର୍ମା ବୈଠକରେ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ଆର୍ଥିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀ ସନ୍ତୋଷୀ ମହାନ୍ତିଙ୍କୁ ଦେବକୀ ନନ୍ଦ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ଉନ୍ନୟନ ପରିଷଦର ବାର୍ଷିକ ବିବରଣୀ ପୁସ୍ତିକାକୁ ସଭାପତି କୃପାସିନ୍ଧୁ ସାହୁ ଓ ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମାଙ୍କ ସହିତ ଉପ-ସଭାପତି ଇଂ. ଶିବ ପ୍ରସାଦ ମିଶ୍ର, ଯୁଗ୍ମ-ସମ୍ପାଦକ ପ୍ରତାପ କୁମାର ନନ୍ଦ, ନିମାଇଁ ଚରଣ ଦାସ, ତ୍ରିଲୋଚନ ରଥ, କ୍ଷେତ୍ର ମୋହନ ନାୟକ ଓ ସମ୍ବିତ୍ ମହାପାତ୍ର ଉନ୍ମୋଚନ କରିଥିଲେ। ଶେଷରେ ଆସନ୍ତା ଦୁଇବର୍ଷ ପାଇଁ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟମାନଙ୍କ ନିର୍ବାଚନ ହୋଇଥିଲା।

### ■ ଟ୍ରାଫିକ୍ ପୋଲିସର ଚଢ଼ାଉ, ଗାଡ଼ିର କାଗଜପତ୍ର ଯାଞ୍ଚ
# ଧରାପଡ଼ିଲେ ୮୫ ବେପରୁଆ ଅଟୋଚାଳକ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ରାଜଧାନୀରେ ଏକାଧିକ ଅଟୋଚାଳକ ବେପରୁଆ ଭାବେ ଗାଡି ଚାଳନା କରୁଛନ୍ତି। ମନ ଇଚ୍ଛା ଗାଡିକୁ ରଙ୍ଗ ସାଇଟ୍‌ରେ ନେବା ସହ ରାସ୍ତା ଉପରେ ଛିଡା କରି ଯାତ୍ରୀଙ୍କୁ ଉଠାଉଛନ୍ତି। ତେଣୁ ଏଭଳି ବେପରୁଆ ଅଟୋ ଚାଳକଙ୍କୁ ବାଟକୁ ଆଣିବାକୁ ଯାଇ ଟ୍ରାଫିକ୍ ପୋଲିସ ପକ୍ଷରୁ ରବିବାର ଚଢାଉ ଆରମ୍ଭ ହୋଇଛି। ପୋଲିସ ପକ୍ଷରୁ ଏଜି ଛକରୁ ରାଜମହଲ ଯାଉଥିବା ଅଟୋକୁ ଅଟକାଇ ଫିଟ୍‌ନେସ୍, ଇନ୍‌ସ୍ୟୁରାନ୍ସ ଓ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଆଦି ଯାଞ୍ଚ କରାଯାଇଥିଲା। ପ୍ରଥମ ଦିନରେ ୮୫ ଅଟୋର କାଗଜପତ୍ର ଠିକ୍ ନ ଥିବାବେଳେ କେତେଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଠିକ୍ ନ ଥିବା ଜଣାପଡିଛି। ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଅନେକ ଗାଡିଚାଳକ ଜରିମାନା ନ ଦେବାରୁ ସେମାନଙ୍କ ଗାଡିକୁ ଜବତ କରାଯାଇ ଟ୍ରାଫିକ୍ ଥାନାକୁ ନିଆଯାଇଥିଲା। ଗାଡିର କାଗଜପତ୍ର ଦେଖାଇବା ପରେ ଗାଡି ଛଡାଯିବ ବୋଲି ପୋଲିସ କହିଥିଲା।

ପୋଲିସ ସୂଚନା ଅନୁଯାୟୀ, ରାଜଧାନୀରେ ଅଟୋ ଚଳାଉଥିବା କେତେଜଣ ରାତିରାତି ଧନୀ ହେବାର ସ୍ୱପ୍ନ ଦେଖୁଛନ୍ତି। ଏଥିଯୋଗୁ ସେମାନେ ଅପରାଧୀଙ୍କ ସହ ସାମିଲ ହେଉଛନ୍ତି। ଭୁବନେଶ୍ୱର ରେଳ ଷ୍ଟେଶନରେ କେତେଜଣ ନିଶାଦିଆ ଲୁଟେରାଙ୍କ ସହ ହାତ ମିଶାଇ ଯାତ୍ରୀଙ୍କୁ ପାନୀୟରେ ନିଶା ଦେଇ ଲୁଟପାଟ କରୁଛନ୍ତି। ରେଳ ଷ୍ଟେଶନରେ ଜଣେ ଯାତ୍ରୀ ପହଞ୍ଚିବା ପରେ ସେମାନଙ୍କୁ ଲୁଟେରା ପ୍ରଥମେ ମିଠା ମିଠା କଥା କହି ଫସାଇ ଥାନ୍ତି। ପରେ ଥଣ୍ଡା ଓ ଚା'ରେ ନିଶା ମିଶାଇ ପିଇବାକୁ ଦେଇଥାନ୍ତି। ଯାତ୍ରୀଙ୍କୁ ନିଶା ଘାରିବା ପରେ ସେ ଅଚେତ ହୋଇ ପଡିଥାନ୍ତି। ଏହାର ସୁଯୋଗରେ ଲୁଟେରାଙ୍କ ସହ ସମ୍ପୃକ୍ତ ଥିବା ଅଟୋ ଚାଳକ ଚେତା ହରାଇଥିବା ଯାତ୍ରୀଙ୍କୁ ଗାଡିରେ ବସାଇ ଲୁଟପାଟ୍ କରିଥାନ୍ତି। ଲୁଟ ପରେ ଏକ ଅନ୍ଧାରୁଆ ସ୍ଥାନରେ ଯାତ୍ରୀଙ୍କୁ ଫିଙ୍ଗି ଚାଲି ଯାଇଥାନ୍ତି। କେବଳ ଏହି ଗୋଟିଏ ପ୍ରକାର ଅପରାଧ ନୁହେଁ, ରାଜଧାନୀରେ ଘଟୁଥିବା ଅଧିକାଂଶ ଅପରାଧରେ ଅଟୋ ଚାଳକଙ୍କ ଭୂମିକା ରହିଛି। ଏଥିଲାଗି ଅନ୍ୟ ଅଟୋ ଚାଳକଙ୍କୁ ସାଧାରଣ ଯାତ୍ରୀଙ୍କ ପାଖରେ ନିନ୍ଦା ଓ ଅପବାଦ ସହିବାକୁ ପଡୁଛି। ତେଣୁ ଅପରାଧୀଙ୍କ ସହ ସମ୍ପୃକ୍ତ ଥିବା ଅଟୋ ଚାଳକଙ୍କୁ ସେମାନଙ୍କୁ ସାଥୀମାନେ ଚିହ୍ନଟ କରି ବାଟକୁ ଆଣନ୍ତୁ। ନ ହେଲେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଥିବା ଅଟୋ ଆସୋସିଏଶନ ସେମାନଙ୍କ ସଂଘରୁ ବାହାର କଲେ ଅଟୋ ଚାଳକଙ୍କ ପ୍ରତି ସାଧରଣ ଲୋକଙ୍କ ଥିବା ଖରାପ ଭାବମୂର୍ତ୍ତିରେ ପରିବର୍ତ୍ତନ ଆସିବ। ଏ ସବୁ ଦୃଷ୍ଟି କୋଣରୁ ଅଟୋର କାଗଜପତ୍ର ସହ ଚାଳକଙ୍କ ଲାଇସେନ୍ସ ଓ ପରିଚୟପତ୍ରକୁ ଟ୍ରାଫିକ ପୋଲିସ ଯାଞ୍ଚ କରିଛି। ପୋଲିସର ଏଭଳି କାର୍ଯ୍ୟକୁ ସାଧାରଣ ଲୋକେ ପସନ୍ଦ କରିଛନ୍ତି। କେତେକ ସ୍ଥାନରେ ଅଟୋ ଚାଳକ ମନ ଇଚ୍ଛା ଯାତ୍ରୀଙ୍କଠାରୁ ଅଧିକ ଟଙ୍କା ଦାବି କରି ହଇରାଣ କରୁଛନ୍ତି। ଯଦି ଯାତ୍ରୀ ଏହାର ବିରୋଧ କରୁଛନ୍ତି ସେମାନେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ତେଣୁ ଯେଉଁଠି ଏଭଳି ଘଟଣା ଘଟୁଛି ତୁରନ୍ତ ପୋଲିସକୁ ଫୋନ୍ କରି ଜଣାଇବାକୁ ଟ୍ରାଫିକ ଏସିପି କହିଛନ୍ତି। ଆଗାମୀଦିନରେ ଯାଞ୍ଚ କଡାକଡି କରାଯିବ ବୋଲି ମଧ୍ୟ କୁହାଯାଇଛି। ଏ ସଂକ୍ରାନ୍ତରେ ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ କହିଛନ୍ତି, ରାଜଧାନୀରେ ବିଶେଷକରି ଟ୍ରାଫିକ ସମସ୍ୟା କେତେଜଣ ଅଟୋ ଚାଳକ ବଢାଉଛନ୍ତି। ସେମାନେ ମନଇଚ୍ଛା ଜୁଆଡେ ପାରେ ସେ ଆଡେ ରାସ୍ତାରେ ବେପରୁଆ ଭାବେ ଗାଡି ଚଳାଉଛନ୍ତି। ସେମାନଙ୍କୁ ଏ ନେଇ ପ୍ରଥମେ ଟ୍ରାଫିକ ପୋଲିସ ବୁଝାଇଥିଲେ ମଧ୍ୟ ସେମାନେ ସୁଧୁରି ନ ଥିଲେ। ଫଳରେ ଆମକୁ କଠୋର ହେବାକୁ ପଡିଥିଲା। ଯାହାଦ୍ୱାରା ବେପରୁଆ ଗାଡି ଚାଳକଙ୍କୁ ବାଟକୁ ଆଣିବାକୁ ଏଭଳି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।

- ଆଇନଷ୍ଟାଇନ



## ସଂକ୍ଷେପରେ

### କପାସୀ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ଅଭିଯୋଗ

ନିଆଳି,୭।୭(ଡି.ଏନ୍.ଏ.): ନିଆଳି ବ୍ଲକ ଅନ୍ତର୍ଗତ କପାସୀ ପଞ୍ଚାୟତରେ ଜାଲ୍ କାଗଜପତ୍ର ମାଧ୍ୟମରେ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ନେଇ ଜିଲାପାଳଙ୍କ ସହ ବ୍ଲକ ପଞ୍ଚାୟତ ଅଧିକାରୀଙ୍କ ନିକଟରେ ରାଜେଶ ମଲ୍ଲିକଙ୍କ ସହ ପଞ୍ଚାୟତବାସୀ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗ୍ରାମ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଲକ୍ଷାଧିକ ଟଙ୍କା ଉକ୍ତ ପଞ୍ଚାୟତରେ କୌଣସି କାର୍ଯ୍ୟ କରା ନ ଯାଇ ବିଭିନ୍ନ ସମୟରେ ପଞ୍ଚାୟତର ଜମା ଖାତାରୁ ଲକ୍ଷାଧିକ ଟଙ୍କା ଉଠାଯାଇ ଆତ୍ମସାତ କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଲକ୍ଷାଧିକ ଟଙ୍କାକୁ ରାଜନୈତିକ ନେତା ଓ ସରକାରୀ କର୍ମଚାରୀ କିପରି ଆତ୍ମସାତ କରିଛନ୍ତି ତାହା ସାଧାରଣରେ ପ୍ରକାଶ ପାଇବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଭିଯୋଗକାରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ସୁଦର୍ଶନ ବେଉରା କୁହନ୍ତି, ଅଭିଯୋଗ ପାଇଛି। ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖିବା ସହ ଉଚ୍ଚସ୍ତର ଅଫିସରମାନଙ୍କୁ ଜଣାଇଛନ୍ତି। ଏହାର ତଦନ୍ତ କରାଯିବ। ଅଭିଯୋଗ ସତ୍ୟାସତ୍ୟ ଥିଲେ ଦୋଷୀଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

କଟକ ଅଫିସ,୭।୭: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିନୋଦ କୁମାର ଦାଶ, ମୁଖ୍ୟବକ୍ତା ସୁରଦୀପ ମାହୁନ୍ତ, ସମ୍ମାନିତ ଅତିଥି ଭାବେ ଡା. ଦେବୀଦତ୍ତ ପ୍ରଧାନ, ରୁଦ୍ରନାରାୟଣ ଦାଶ, ପ୍ରହଲ୍ଲାଦ ବେହେରା ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ଓ ଯୁକ୍ତଦୁଇ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନଗର ସଭାପତି ଦିଲୀପ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସମ୍ପାଦକ ଅଭିଷେକ ସେନାପତି, ବିଷ୍ଣୁପ୍ରିୟା ସାହୁ, କ୍ଷେତ୍ରମୋହନ ସେନାପତି, ଗୌତମ ସାହୁ, ସୁବ୍ରତ ନାୟକ ଉପସ୍ଥିତ ଥିଲେ।




## ୧୦ ମାସରେ ଜବତ ହୋଇଛି ୧୦ ମୃତଦେହ

# ମୃତକଙ୍କ ପରିଚୟ ପାଉନି ପୋଲିସ

କଟକ ଅଫିସ,୭।୭

ଗତ ୧୦ ମାସ ମଧ୍ୟରେ କଟକରେ ୧୦ରୁ ଉର୍ଦ୍ଧ୍ୱ ମୃତଦେହ ଜବତ କରିଛି ପୋଲିସ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ହତ୍ୟା କରି ପକାଇ ଦେଇଥିବା ସନ୍ଦେହ କରାଯାଉଛି। ହେଲେ ଏହି ସବୁ ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ତ ଦୂରର କଥା, ହତ୍ୟାର କାରଣ ଖୋଜି ପାଉନି ପୋଲିସ। ଏପରି କି ମୃତ ବ୍ୟକ୍ତିଙ୍କର ପରିଚୟ ଠାବ କରିବାରେ ପୋଲିସ ବିଫଳ ହୋଇଛି। ଏପରି ସ୍ଥଳେ ଅଭିଯୁକ୍ତମାନେ ପୋଲିସ ଆଖିରେ ଧୂଳି ଦେଇ ଖୁଲମଖୋଲା ବାହାରେ ବୁଲୁଛନ୍ତି।

୨୦୧୮ ଅକ୍ଟୋବର ୬ରେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଅଞ୍ଚଳର ଏକ ହୋଟେଲ ନିକଟରୁ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତକ ଜଣଙ୍କ ସେଠାରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ହେଲେ ପୋଲିସ ଏହି ଘଟଣାର ତଦନ୍ତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମ୍ପୃକ୍ତ ବୃଦ୍ଧଙ୍କ ପରିଚୟ ପାଇପାରିନାହିଁ।

ଗତ ଅକ୍ଟୋବର ୧୭ରେ ମଧୁପାଟଣା ଥାନା ଅନ୍ତର୍ଗତ ଖାନ୍‌ନଗର ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବା ବେଳେ ତାଙ୍କୁ କେହି ହତ୍ୟା କରି ସେଠାରେ ପକାଇଥିବା ଅନୁମାନ କରାଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ପାଇବାରେ ବିଫଳ ହୋଇଛି। ଗତ ଅକ୍ଟୋବରରେ ବାଦାମବାଡି ପୋଲିସ କାଠଯୋଡି ନଦୀରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା। ତାଙ୍କୁ କେହି ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଥିଲା। ମାତ୍ର ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ ମଧ୍ୟ ମୃତକଙ୍କ ପରିଚୟ ପାଇନାହିଁ।

୨୦୧୮ ନଭେମ୍ବରରେ ମଙ୍ଗଳାବାଗ ଥାନା ନୂଆପାଟଣା ଅଞ୍ଚଳରେ ଥିବା ଏକ ଅଳିଆ ଗଦାରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ତାଙ୍କୁ ହତ୍ୟା କରାଯାଇ ସେଠାରେ ପକାଇ ଦିଆଯାଇଥିବା ସ୍ଥାନୀୟ ଲୋକେ ଅନୁମାନ କରିଥିଲେ। ପୋଲିସ ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ପୋଲିସ ପାଇପାରିନାହିଁ।

ଗତ ଏପ୍ରିଲ ୧ରେ ଜଗତ୍‌ପୁର ପୋଲିସ ମହାନଦୀ ପଠାରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଥିଲା। କେହି ତାଙ୍କୁ ହତ୍ୟା କରି ନଦୀରେ ପକାଇ ଦେଇଥିବା ପୋଲିସ ସନ୍ଦେହ କରିଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର୍ ପାଇପାରିନାହିଁ।

ଗତ ୧ ତାରିଖରେ ବାଦାମବାଡି ପୋଲିସ ଖାନ୍‌ନଗର ଏମ୍‌ଭି ପଡିଆରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ କରିଥିଲା। ଯୁବକଙ୍କ ମୁଣ୍ଡ ଓ ମୁହଁରେ ଗଭୀର କ୍ଷତଚିହ୍ନ ଥିବାରୁ ତାଙ୍କୁ ପିଟି ପିଟି ହତ୍ୟା କରିଥିବା ଜଣାପଡୁଥିଲା। ପରେ ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ହେଲେ ଏପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ତ ଦୂରର କଥା, ମୃତକଙ୍କ ପରିଚୟ ପାଇପାରିନାହିଁ। କେବଳ ଏହି ଘଟଣା ନୁହେଁ, ଗତ ୧ ବର୍ଷ ମଧ୍ୟରେ କଟକରେ ଏଭଳି ଭାବେ ୧୦ରୁ ଉର୍ଦ୍ଧ୍ୱ ମୃତଦେହ ପୋଲିସ ଜବତ କରିଛି। ଉପରୋକ୍ତ ଘଟଣାଗୁଡିକରେ କିପରି ମୃତ୍ୟୁ ଘଟିଲା, କିଭଳି ଭାବେ ମୃତଦେହ ଏଠାକୁ ଆସିଲା, ଏହା ପଛରେ କୌଣସି ଅଭିଯୁକ୍ତ ଅଛନ୍ତି କି ନାହାନ୍ତି, ତାହା ଉପରେ ପୋଲିସର ତଦନ୍ତରେ ଶିଥିଳତା ଦେଖାଦେଇଛି, ଯାହା ଉପରୋକ୍ତ ଘଟଣାରୁ ସ୍ପଷ୍ଟ ବାରିହୋଇପଡୁଛି। ଏପରି କି ମୃତକଙ୍କ ପରିଚୟ ଖୋଜି ପାଇବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗତ ଦିନଗୁଡିକରେ ଏଭଳି କେତେକ ଘଟଣା ଘଟିଯାଇଛି। ପୋଲିସ ହାତରୁ ଖସିବା ପାଇଁ ଅଭିଯୁକ୍ତମାନେ ଗୋଟିଏ ସ୍ଥାନରେ ହତ୍ୟା କରି ମୃତଦେହକୁ ଅନ୍ୟ ସ୍ଥାନରେ ପକାଇ ଦେଇଥିବା ନଜିର ରହିଛି। ହେଲେ ପୋଲିସ ଏଭଳି ମାମଲାରେ କେବଳ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିପଡୁଛି। ଠିକ୍ ଭାବେ ତଦନ୍ତ ନ ହେବାରୁ ଅଭିଯୁକ୍ତମାନେ ଅପରାଧ କରି ଖସି ଯାଉଛନ୍ତି। ଏହି ସବୁ ମାମଲାରେ କୌଣସି ଅଭିଯୋଗକାରୀ ନ ଥିବାରୁ ପୋଲିସ ଏହାକୁ ଗୁରୁତ୍ୱ ଦେଉ ନ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



ଏ ନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତି କୁହନ୍ତି, ଏତେ ଅଜଣା ମୃତଦେହ ଜବତ ହୋଇଥିବା ଘଟଣା ବିଷୟରେ ମୁଁ ଅବଗତ ନାହିଁ। ଅଜଣା ମୃତଦେହ ଜବତ ହୋଇଥିବା ମାମଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ଅପମୃତ୍ୟୁ ମାମଲା। ତେବେ ମୃତକଙ୍କ ପରିଚୟ ପାଇବା ପାଇଁ ଏହିସବୁ ମାମଲାର ତଦନ୍ତ ଚାଲିଛି। ସବୁ ଥାନାକୁ ମୃତକଙ୍କ ସମ୍ପର୍କରେ ସୂଚନା ଦିଆଯାଇଛି। କ୍ରାଇମବ୍ରାଞ୍ଚ ୱେବସାଇଟ୍‌ରେ ଏ ସମ୍ପର୍କରେ କାହିଁକି ସୂଚନା ଦିଆଯାଇ ନାହିଁ ତାହା ଉପରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

### କ୍ରାଇମବ୍ରାଞ୍ଚକୁ ସୂଚନା ଦିଆଯାଉନି

### ହତ୍ୟା କରି ଫିଙ୍ଗି ଦିଆଯାଇଥିବା ସନ୍ଦେହ

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି କୌଣସି ମୃତଦେହ ଜବତ କରାଯାଉଛି କିନ୍ତୁ ତାଙ୍କର ପରିଚୟ ମିଳୁନାହିଁ, ନିୟମ ଅନୁଯାୟୀ ୨୪ ଘଣ୍ଟା ମଧ୍ୟରେ ପୋଲିସ ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚକୁ ସୂଚନା ଦେବା କଥା। ହେଲେ ପୋଲିସ କ୍ରାଇମ୍‌ବ୍ରାଞ୍ଚକୁ ଏ ସମ୍ପର୍କରେ ସୂଚନା ଦେଉନାହିଁ। ଅନ୍ୟପକ୍ଷରେ କଟକ ଜିଆର୍‌ପି ଥାନା ଅଞ୍ଚଳରୁ ଯେଉଁ ଅଚିହ୍ନା ମୃତଦେହ ଜବତ କରାଯାଉଛି, ସେ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ୱେବ୍‌ସାଇଟ୍‌ରେ ପ୍ରକାଶ ପାଉଛି। ହେଲେ କମିଶନରେଟ୍ ପୋଲିସ ଅଧୀନ ବିଭିନ୍ନ ଥାନା ଅଞ୍ଚଳରୁ ଜବତ ହେଉଥିବା ଅଚିହ୍ନା ମୃତଦେହ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ୱେବ୍‌ସାଇଟ୍‌ରେ ତଥ୍ୟ ପ୍ରକାଶ ପାଉନାହିଁ। ଫଳରେ ମୃତକଙ୍କ ପରିଚୟ ପାଇବାରେ ପୋଲିସ ସଫଳ ହେଉନାହିଁ। ସୂଚନାଯୋଗ୍ୟ, ୨୦୧୬ରେ ଶେଷଥର ପାଇଁ ଜଣେ ମୃତବ୍ୟକ୍ତିଙ୍କ ପରିଚୟ ମିଳୁ ନ ଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ୱେବ୍ ସାଇଟ୍‌ରେ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଏଭଳି ବହୁ ଘଟଣା ଘଟିଥିଲେ ମଧ୍ୟ ୱେବ୍‌ସାଇଟ୍‌ରେ ଏ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇନାହିଁ।

### ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ସମ୍ମୁଖରେ ହୋ-ହଲ୍ଲା

ଚୌଦ୍ୱାର,୭।୭(ଡି.ଏନ୍.ଏ.)

ଗତ ୪ତାରିଖରେ ଚୌଦ୍ୱାର ଥାନା ଟିପିଏମ ଫାଣ୍ଡି ଅନ୍ତର୍ଗତ କଖଡି ଗ୍ରାମର ଟୁନିରାଣୀ ପ୍ରଧାନ (୬୦)ଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କ ଗିରଫ ଦାବିରେ ରବିବାର ଅଭିଯୋଗକାରିଣୀ ଟୁନି ଓ ଗ୍ରାମର କେତେଜଣ ମହିଳା ଥାନା ସମ୍ମୁଖରେ ହୋ-ହଲ୍ଲା କରିଥିଲେ। ସୂଚନା ଅନୁଯାୟୀ, ଗତ ୪ତାରିଖରେ କଖଡି ଗ୍ରାମର ଟୁନିରାଣୀ ଓ ତାଙ୍କ ଝିଅ କୁନି ଘରେ ଥିବା ବେଳେ କୌଣସି ଘଟଣାକୁ କେନ୍ଦ୍ରକରି ପଡୋଶୀ କାଳନ୍ଦୀ ରାଉତଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କାଳନ୍ଦୀ ଟୁନି ଓ କୁନିଙ୍କୁ ମାଡ଼ ମାରିଥିଲେ। ଗ୍ରାମବାସୀ ପହଞ୍ଚି ଗୁରୁତର ଟୁନି ଓ ତାଙ୍କ ଝିଅଙ୍କୁ ସ୍ଥାନୀୟ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଟୁନିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୨୦୭/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଗ୍ରାମରେ ଖୁଲମଖୁଲା ବୁଲୁଥିବା ଦେଖି ଟୁନି ସାହିର କେତେଜଣ ମହିଳାଙ୍କୁ ଏକତ୍ରିତ କରି ଥାନାଧିକାରୀ ପଦ୍ମନାଭ ପ୍ରଧାନଙ୍କୁ ଭେଟ କରିବା ସହ ଦୋଷୀକୁ ଉଚିତ ଦଣ୍ଡ ଦେବାପାଇଁ ଅଡି ବସିଥିଲେ। ଫାଣ୍ଡି ଅଧିକାରୀ ଛୁଟିରେ ଥିବାରୁ ତଦନ୍ତ ବିଳମ୍ବ ହୋଇଛି, ଖୁବ୍‌ଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।




ଜନବିରୋଧୀ କେନ୍ଦ୍ର ବଜେଟ୍ ପ୍ରତିବାଦରେ ଏସ୍‌ୟୁସିଆଇ(ସି) ପକ୍ଷରୁ ରବିବାର କଟକ ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## କେନ୍ଦ୍ର ବଜେଟକୁ ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ

କଟକ ଅଫିସ, ୭।୭

କେନ୍ଦ୍ର ସରକାରଙ୍କ ଜନବିରୋଧୀ ବଜେଟ୍‌କୁ ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ରବିବାର କଟକ ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବଜେଟ୍ ମଧ୍ୟମ ବର୍ଗର ଲୋକଙ୍କ ପାଇଁ ଯନ୍ତ୍ରଣା ସଦୃଶ। ବିଶେଷକରି ଶ୍ରମିକ, କୃଷକ ତଥା ସମାଜର ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜନସାଧାରଣ ଅଧିକରୁ ଅଧିକ ମାତ୍ରାରେ ଏହି ବଜେଟ୍ ଦ୍ୱାରା ପ୍ରଭାବିତ ହେବେ। ଏହି ବଜେଟ୍ ପ୍ରତାରଣାପୂର୍ଣ୍ଣ ଓ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଲୋକଦେଖାଣିଆ ବୋଲି ଏସ୍‌ୟୁସିଆଇ(ସି) ପକ୍ଷରୁ କୁହାଯାଇଛି। ବଜେଟ ସମ୍ପୂର୍ଣ୍ଣ ଭାବରେ ପୁଞ୍ଜିପତି ଶ୍ରେଣୀ ତଥା କର୍ପୋରେଟ ହାଉସ ସପକ୍ଷରେ ପ୍ରସ୍ତୁତ କରାଯାଇଛି। ଚାକିରି ନ ଥିବା ଯୁବପିଢିଙ୍କ ନିମନ୍ତେ ଏହି ବଜେଟ୍‌ରେ କୌଣସି ବ୍ୟବସ୍ଥା ନ ଥିବାବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ଧ୍ୟାନ ଦେଇନାହାନ୍ତି। ପେଟ୍ରୋଲ, ଡିଜେଲର ଦର ବୃଦ୍ଧି ପାଇଥିବାରୁ ଏହାର ପ୍ରଭାବରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଇବ। ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବ। ତେଣୁ ଏ ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସୟୁସିଆଇ(ସି) ଜିଲା କମିଟି ସମ୍ପାଦକ ବିଶ୍ୱାବସୁ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ବିକ୍ଷୋଭରେ ଏସୟୁସିଆଇ(ସି) ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ସିପ୍ରା ମହାନ୍ତି, ପାଭେଲ ପ୍ରିୟଦର୍ଶନ, ଶୁଭସ୍ମିତା ସାହୁ, ଶିବାନୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ହରିଦ୍ୱାରରେ ଯାତ୍ରୀ ନିବାସ ପ୍ରତିଷ୍ଠା ଦାବି

କଟକ ଅଫିସ,୭।୭

ସ୍ଥାନୀୟ ଶତାବ୍ଦୀ ଭବନ ଠାରେ ବିଶିଷ୍ଟ ସାରସ୍ୱତ ସାଧକ ମହାରାଜ ବିକ୍ରମଦେବ ବର୍ମାଙ୍କର ତୈଳଚିତ୍ର ଉନ୍ମୋଚନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୈତ୍ରୀ ସଂସଦ ତରଫରୁ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରତିବର୍ଷ ଓଡ଼ିଶାରୁ ଲକ୍ଷାଧିକ ପର୍ଯ୍ୟଟକ ଉତ୍ତରାଖଣ୍ଡ ସ୍ଥିତ ହରିଦ୍ୱାର ଅଭିମୁଖେ ଭ୍ରମଣ ଓ ତୀର୍ଥ ଉଦ୍ଦେଶ୍ୟରେ ଯାଉଛନ୍ତି। ହେଲେ ଅନ୍ୟ ରାଜ୍ୟ ପରି ଓଡ଼ିଶା ସରକାରଙ୍କ ପକ୍ଷରୁ ହରିଦ୍ୱାର ନିକଟରେ କୌଣସି ଯାତ୍ରୀନିବାସ ସ୍ଥଳୀର ସୁବିଧା କରାଯାଇନାହିଁ। ଏ ସମ୍ପର୍କରେ ମୈତ୍ରୀ ସଂସଦ ସଦସ୍ୟମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ହରିଦ୍ୱାରଠାରେ ଯାତ୍ରୀ ନିବାସ ପ୍ରତିଷ୍ଠା କରିବାକୁ ସଂସଦ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ପଦକ୍ଷେପ ନେବା ପାଇଁ ମୈତ୍ରୀ ସଂସଦ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ଶାସନ ସଚିବଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସଂସଦର ସଭାପତି ଅଜୟ ମହାନ୍ତି, ଅଜିତ କୁମାର ମହାପାତ୍ର ଓ ଆଡଭୋକେଟ ସୁରବିତ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ୩୬ ଘଣ୍ଟା ବିତିଲା, ସୁଧୁରିନି କଟକ ସହର ସ୍ଥିତି

କଟକ ଅଫିସ,୭।୭

### ବର୍ଷାରେ ଜଳାର୍ଣ୍ଣବ ହେବା ଘଟଣା

ଗତ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଲଗାଣ ବର୍ଷାଯୋଗୁ କଟକ ସହର ଜଳାର୍ଣ୍ଣବ ହୋଇଥିଲା। ରାସ୍ତାରେ ଆଣ୍ଠୁଏ ଉଚର ପାଣି ଚାଲୁଥିବାବେଳେ କେତେକ ଲୋକଙ୍କ ଘରେ ବର୍ଷାପାଣି ପଶିଥିଲା। ସହରବାସୀ ଯେପରି ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପୂର୍ବରୁ ପ୍ରସ୍ତୁତି ଜୋରଦାର କରିଥିଲା। ହେଲେ କର୍ମଚାରୀମାନଙ୍କ ଖାମଖିଆଲି କାର୍ଯ୍ୟ ଯୋଗୁ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିଲା। ଜଳ ନିଷ୍କାସନ ପାଇଁ ୨୦୦ରୁ ଉର୍ଦ୍ଧ୍ୱ ପମ୍ପସେଟ ନିୟୋଜିତ କରାଯାଇଥିଲେ ମଧ୍ୟ ୩୬ ଘଣ୍ଟା ପରେ ବି ସହରର ସ୍ଥିତିରେ ସୁଧାର ଅସିପାରିନାହିଁ। ଏବେ ବି କିଛି ଅଞ୍ଚଳରେ ପାଣି ଜମି ରହିଛି। ସହରର ସମସ୍ତ ଡ୍ରେନ୍‌ରୁ ଠିକ୍ ଭାବେ ପଙ୍କୋଦ୍ଧାର କରାଯାଇ ନ ଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ପମ୍ପସେଟ୍‌କୁ ଉପରେ ଭରସା କରିଛି ସିଏମ୍‌ସି। କେତେକ ସ୍ଥାନରେ ଲାଗିଥିବା ପମ୍ପଗୁଡ଼ିକ ଅଧାରୁ ଅଚଳ ହୋଇପଡ଼ିଥିବାବେଳେ ଆଉ କେତେକ ସ୍ଥାନରେ ନିୟୋଜିତ କର୍ମଚାରୀମାନେ ତେଲ ନେଇ ପମ୍ପ କମ୍ ସମୟ ଚଳାଇ ବନ୍ଦ କରି ଦେଉଥିବା ଅଭିଯୋଗ ହୋଇଛି। ଫଳରେ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି।

ବିଶେଷକରି ଶିଖରପୁର ଅଞ୍ଚଳ, ସୂତାହାଟ ଉପର ସାହି ଓ ତଳସାହିରେ ଏପର୍ଯ୍ୟନ୍ତ ବର୍ଷାଜଳ ନିଷ୍କାସନ ହୋଇପାରିନାହିଁ। ସିଏମ୍‌ସିର ୪୮ ନମ୍ବର ୱାର୍ଡ଼ରେ ଦୁଇଟି ପମ୍ପ ଯୋଗେ ଜଳ ନିଷ୍କାସନ ଚାଲିଥିଲେ ମଧ୍ୟ ପମ୍ପ ଚଳାଇବାରେ ଅନିୟମିତତା ଯୋଗୁ ସ୍ଥାନୀୟ ଫକୀରପୁର ଅଞ୍ଚଳରେ ଲୋକେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେହିପରି ସ୍ଥାନୀୟ ୪୯ ନଂ. ୱାର୍ଡ଼ରେ ଗୋଟିଏ ପମ୍ପ ଚାଲୁଥିବାବେଳେ ଗୋପବନ୍ଧୁ ନଗର ମଧ୍ୟ ଜଳାର୍ଣ୍ଣବ ରହିଥିବା ଜଣାପଡ଼ିଛି। ସହରର ଅନେକ ସ୍ଥାନରେ ଜଳ ନିଷ୍କାସନ ହୋଇପାରି ନ ଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ଚଳିତବର୍ଷ ଜଳବନ୍ଦୀ ସମସ୍ୟା ସୃଷ୍ଟି ନ ହେବା ପାଇଁ ସିଏମ୍‌ସି ପକ୍ଷରୁ ଯେତେ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ଶେଷରେ ଏହା ଫେଲ୍ ମାରିଥିବା ସହରବାସୀ କହିଛନ୍ତି। ଏ ନେଇ ଇଂ. ଦିବ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି, ସହରରେ ୯୦ ପ୍ରତିଶତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ହୋଇଛି। ବଳକା ଅଞ୍ଚଳରୁ ପମ୍ପ ଯୋଗେ ପାଣି ନିଷ୍କାସନ କରାଯାଉଛି। ଖୁବ୍‌ଶୀଘ୍ର ପରିସ୍ଥିତି ସୁଧାର ଆସିବ।

## କଳ୍ପନାର ରଥଯାତ୍ରା ସଂଖ୍ୟା ଉନ୍ମୋଚିତ

କଟକ ଅଫିସ, ୭।୭

କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ରବିବାର କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ ସ୍ୱନକ୍ଷତ୍ର ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଉଦୟନାଥ ସାହୁ ଉଦ୍‌ଘାଟନ କରି କହିଥିଲେ, କଳ୍ପନା ଏକ ସାମାଜିକ ସାଂସ୍କୃତିକ ପରିଷଦ ଯାହାକି ସାହିତ୍ୟକୁ ଆଗେଇ ନେବାରେ ବେଶ ସହାୟକ ହୋଇଛି। କଳ୍ପନାର ମୁଖ୍ୟ ସମ୍ପାଦିକା ମନୋଜ ମଞ୍ଜରୀ ଦେଓ ଓ ବିଜୟ କୁମାର ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବରେଣ୍ୟ ଅତିଥି ସୋହାଗିନୀ ବେହେରା, ବିଚାରକ ସୌଦାମିନୀ ତ୍ରିପାଠୀ, ସନ୍ଦୀପ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ତ୍ରୈମାସିକ ସାହିତ୍ୟ ପତ୍ରିକା 'କଳ୍ପନା'ର ରଥଯାତ୍ରା ସଂଖ୍ୟା ଉନ୍ମୋଚିତ ହୋଇଥିଲା। ସଭାପତି ପ୍ରଫେସର ବୈଷ୍ଣବ ଚରଣ ସାମଲ, ବରେଣ୍ୟ ଅତିଥି ପ୍ରସନ୍ନ କୁମାର ଜେନା, ଧନଞ୍ଜୟ ସ୍ୱାଇଁ, ଡା. ପ୍ରସନ୍ନ କୁମାର ରାଉତୋର, କୈଳାସ ଚନ୍ଦ୍ର ଦଳେଇ, ଅଶ୍ୱିନୀ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ପ୍ରାଧ୍ୟାପକ ଚିତ୍ତରଞ୍ଜନ ପଣ୍ଡାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କଳ୍ପନା ସାହିତ୍ୟ,ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ ଅନୁଷ୍ଠିତ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ସାହିତ୍ୟର ସବୁ ବିଭାଗକୁ ସମୃଦ୍ଧ କରିଥିଲେ କାଳିନ୍ଦୀଚରଣ ପାଣିଗ୍ରାହୀ

କଟକ ଅଫିସ,୭।୭

ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ତଥା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସ୍ମୃତିରେ ବକ୍ତୃତା ଓ ସମ୍ମାନ ପ୍ରଦାନ ସମାରୋହ ରବିବାର କଟକ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଭାକର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସବୁଜ କବି କାଳିନ୍ଦୀଚରଣ ଏପରି ଜଣେ କବି, ଔପନ୍ୟାସିକ ଓ କଥାକାର ଥିଲେ ଯିଏ ସାହିତ୍ୟର ସବୁ ବିଭାଗକୁ ସମୃଦ୍ଧ କରିଥିଲେ। ପ୍ରଥମ ସାହିତ୍ୟିକ ଭାବେ ମଣିଷକୁ ନେଇ ତାଙ୍କର ପୁସ୍ତକ ରଚନା କାଳଜୟୀ। କଟକରେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ପ୍ରତିମୂର୍ତ୍ତି ସ୍ଥାପନା ନେଇ ସଚିବ ପାଣିଗ୍ରାହୀ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସମ୍ମାନିତ ବକ୍ତା ଭାବେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ଡ. ସଞ୍ଜିତା ମିଶ୍ର ଯୋଗଦେଇ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କବିତାମାନ ଆବୃତ୍ତି କରିବା ସହ ସମାଜକୁ ବଞ୍ଚାଇବାକୁ ହେଲେ ସାହିତ୍ୟର ବୃଦ୍ଧି ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ପ୍ରାଧ୍ୟାପକ ଡ. ହରିଶ୍ଚନ୍ଦ୍ର ବେହେରା ଯୋଗଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ କବି ମମତା ଦାଶ ଓ ସୂର୍ଯ୍ୟ ମିଶ୍ରଙ୍କୁ କାଳିନ୍ଦୀଚରଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ, ଡା. ନୀରଦ କୁମାର ଗଚ୍ଛାୟତ, ଚୌଧୁରୀ ସତ୍ୟ ଦାସ, କାର୍ଯ୍ୟକ୍ରମ ସଂଯୋଜକ ସଞ୍ଜିତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।



ସମାରୋହରେ କବି ମମତା ଦାଶ ଓ ସୂର୍ଯ୍ୟ ମିଶ୍ରଙ୍କୁ କାଳିନ୍ଦୀଚରଣ ସମ୍ମାନ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧା ଗୁରୁତର

ଛେଣ୍ଡିପଦା,୭।୭(ସ୍ୱ.ପ୍ର)- ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କର୍ଣ୍ଣପାଳ ଗ୍ରାମ କଦମ୍ବଘାଟ ସାହିର ନୂଆଦେଈ ମାଝି (୬୧) ରବିବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଚେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସକାଳେ ନୂଆଦେଈ ଗ୍ରାମ ନିକଟସ୍ଥ ଆଓଁଲି ନଦୀରୁ ଗାଧୋଇ ଘରକୁ ଫେରୁଥିବାବେଳେ ଏକ ହାତୀ ହାବୁଡରେ ପଡିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଆହତ ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ବନବିଭାଗ କର୍ମଚାରୀମାନେ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି। ଏ ନେଇ ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ କହିଛନ୍ତି, ହାତୀଟି ଗୋଠ ଛଡା ହୋଇ ଏକୁଟିଆ ବୁଲିବା ସହିତ ଗ୍ରାମାଭିମୁଖୀ ହୋଇଛି। ସକାଳେ ଏବଂ ସନ୍ଧ୍ୟାରେ ଜଙ୍ଗଲକୁ ନ ଯିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। ତଥାପି ଲୋକେ ବନ କର୍ମଚାରୀଙ୍କ ଦୃଷ୍ଟି ଆଢୁଆଳରେ ଯାଉଥିବାରୁ ହାତୀ ସହିତ ମୁହାଁମୁହିଁ ହେଉଛନ୍ତି। ଏଥିପ୍ରତି ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉଛି।

### ୨ କଣ୍ଟେନର ଜବତ, ୧୦୭ ଗୋରୁ ଉଦ୍ଧାର

ଛେଣ୍ଡିପଦା, ୭।୭(ସ୍ୱ.ପ୍ର)- ଅନୁଗୋଳ ଜିଲା ଜରପଡା ଥାନା ପୋଲିସ ରବିବାର ତୁବେ ନିକଟସ୍ଥ ୫୫ନଂ ଜାତୀୟ ରାଜପଥରେ ଚଢାଉ କରି ୨ଟି ଗୋରୁ ବୋଝେଇ କଣ୍ଟେନର ଜବତ କରିଛି। ଏଥିସହିତ କଣ୍ଟେନରରେ ଥିବା ୧୦୭ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ପୋଲିସ କହିଛି, ଆଠମଲ୍ଲିକ କୁର୍ଡିବାସପୁର ହାଟରୁ ୨ଟି ଗୋରୁ ବୋଝେଇ କଣ୍ଟେନର ୫୫ ନଂ. ଜାତୀୟ ରାଜପଥ ଦେଇ ଭଦ୍ରକ ଅଭିମୁଖେ ଯାଉଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇବା ପରେ ଚଢାଉ କରାଯାଇ କଣ୍ଟେନର ୨ଟିକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଭଦ୍ରକ ଅଞ୍ଚଳର ସେକ ମଇନୁ ଉଦ୍ଦିନ, ଭଦ୍ରକ ଧାମନଗରର ଅଞ୍ଚଳର ସେକ ମଉଲା ଅଲ୍ଲୀ ଓ ଭଦ୍ରକ ଚଡକମହଲର ସେକ କରିମଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୧୬୮/୧୯ରେ ଏକ ମାମଲା ରୁଜୁ ହୋଇଛି। ସୋମବାର ଅଭିଯୁକ୍ତଙ୍କୁ ଅନୁଗୋଳ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିନ୍ଦୁବାସିନୀ ବିଶ୍ୱାଳ କହିଛନ୍ତି।

# ବୃଦ୍ଧଙ୍କୁ ଦଳି ମାରିଦେଲା ଦନ୍ତାହାତୀ

ଟେନ୍‌ସା, ୭।୭ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ଫରେଷ୍ଟ ରେଞ୍ଜ ଗଣୁଆଠାରେ ମଣ୍ଡଯୋଡା ଗ୍ରାମର ଚୈତନ୍ୟ ମୁଣ୍ଡା (୬୦)ଙ୍କୁ ଦନ୍ତାହାତୀ ଦଳି ମାରିଦେଇଛି। ରବିବାର ସକାଳେ ସେ ପାଣି ଆଣିବାକୁ ଝରଣାକୁ ଯାଇଥିବାବେଳେ ହାତୀ ହାବୁଡରେ ପଡିଯାଇଥିଲେ। ଚୈତନ୍ୟ ଦୌଡିବାକୁ ଚେଷ୍ଟା କରିଥିଲେ ମଧ୍ୟ ହାତୀ ଶୁଣ୍ଢରେ ଟାଣିଆଣି ଦଳି ମାରିଦେଇଥିଲା। ସେହିପରି ସକାଳ ୮ଟାରେ ଗଣୁଆ ଗ୍ରାମର ବିଦ୍ୟାଧର ନାଏକ ଛେଳି ଚରାଇବାକୁ ଜଙ୍ଗଲକୁ ଯାଇଥିବାବେଳେ ହାତୀ ହାବୁଡରେ ପଡିଯାଇଥିଲେ। ପ୍ରାଣ ବିକଳରେ ଦୌଡି ପଳାଇ ଆସିଥିଲେ ମଧ୍ୟ ପଡ଼ିଯାଇ ଆହତ ହୋଇଥିଲେ। ଗତ ୬ ମାସରୁ ଊର୍ଦ୍ଧ୍ୱ ହେବ ଦଳ ଛାଡି ଏକ ଦନ୍ତାହାତୀ ଜଙ୍ଗଲରେ ପାଗଳ ପରି ଘୂରି ବୁଲୁଛି। ସନ୍ଧ୍ୟା ହେଲେ ନିକଟସ୍ଥ ଗଣୁଆ, ମଣ୍ଡଯୋଡା, ପାଟମୁଣ୍ଡା, ନିଳଡିହି, ଖଜୁରିଡିହି ଆଦି ଗ୍ରାମକୁ ପଶି ଆସି ଲୋକଙ୍କ ନିଦ ଭାଙ୍ଗି ଦେଉଛି। ଲୋକଙ୍କ ଧାନ, ଚାଉଳ ଖାଇଦେବା ସହ ଫସଲ

### ଅଳ୍ପକେ ବର୍ତ୍ତିଲେ ଅନ୍ୟ ଜଣେ

ଦଳି ଚକଟି ନଷ୍ଟ କରୁଛି। ଘର ଦ୍ୱାର ଭାଙ୍ଗି ନଷ୍ଟ କରୁଛି। ୬ ମାସ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଦ୍ୱାର ଭାଙ୍ଗି ଦେଇଛି। ରବିବାର ସାମାଜିକ କର୍ମୀ ବାଦଲ ବାରିକଙ୍କ ନେତୃତ୍ୱରେ ଗ୍ରାମବାସୀ ହାତୀ ମାରିଥିବା ପରିବାରକୁ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଉଠିବ ନାହିଁ ବୋଲି ଅଡି ବସିଥିଲେ। ଘଟଣା ସ୍ଥଳରେ କୋଇଡା ଥାନା ଅଧିକାରୀ ଦେବେନ୍ଦ୍ରନାଥ ପେଙ୍ଗୁଆ, ରେଞ୍ଜର ବିସି ପାତ୍ରଙ୍କ ସମେତ ଜଙ୍ଗଲ ବିଭାଗର ଏକ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆଲୋଚନା ପରେ ମୃତଦେହ ସତ୍କାର ପାଇଁ ୧୦ ହଜାର ଟଙ୍କା ଓ ପରେ ୪ ଲକ୍ଷ ଟଙ୍କା ମିଳିବାର ପ୍ରତିଶ୍ରୁତି ଦେବା ପରେ ମୃତଦେହ ଉଠିଥିଲା। ଗଣୁଆଠାରେ ଏକ ଫରେଷ୍ଟ ବିଟ ହାଉସ୍‌ ଥିଲେ ମଧ୍ୟ କାହିଁକି କର୍ମଚାରୀ ରହୁନାହାନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଏନେଇ କୋଇଡା ରେଞ୍ଜର ବି.ସି ପାତ୍ରଙ୍କୁ ପଚାରିବାରୁ ସେଠି କର୍ମଚାରୀ ରହୁଛନ୍ତି। ରାତିରେ ପାଟ୍ରୋଲିଂ ଚାଲିଛି ବୋଲି ପ୍ରକାଶ କରିଥିଲେ।

■ ମୟୂରଭଞ୍ଜ ଏମ୍‌ପିଙ୍କୁ ରଥ କର୍ଡନକୁ ନ ଛାଡ଼ିବା ଘଟଣା

# ଭିଡିଓ ଭାଇରାଲ୍‌, ତଦନ୍ତ କରିବେ ଏସ୍‌ପି

ବାରିପଦା ଅଫିସ,୭।୭

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଘନ ଘନ ବୈଠକ କରାଯାଇଥିଲା। ମାତ୍ର ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ରଥଯାତ୍ରା ଅବ୍ୟବସ୍ଥା ମଧ୍ୟରେ ସରିଛି। ପୋଲିସ ବିଭାଗର ଅଧିକାରୀ ଓ ଜିଲା ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ରଥଯାତ୍ରାରେ ଅବ୍ୟବସ୍ଥା ଦେଖାଦେଇଥିବା ଜଣାପଡିଛି। ତେବେ ମୟୂରଭଞ୍ଜ ଏମପି ଇଂ. ବିଶେଶ୍ୱର ଟୁଡୁଙ୍କୁ ରଥଯାତ୍ରା ବେଳେ ରଥ କର୍ଡନକୁ ନ ଛାଡ଼ିବା ଘଟଣା ରଥଯାତ୍ରା ଅବ୍ୟବସ୍ଥାକୁ ପ୍ରମାଣିତ କରିଛି। ଏହି ଘଟଣା ଜିଲା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାକୁ ଭାଜପା, ବିଜେଡି ଓ କଂଗ୍ରେସର ନେତୃବୃନ୍ଦ ନାପସନ୍ଦ କରିଛନ୍ତି। ଅନ୍ୟପକ୍ଷେ ରଥ ପାସ୍‌ ଦେବା ଦାୟିତ୍ୱ ଦେବୋତ୍ତର ବିଭାଗର ଏବଂ ଏହି ଘଟଣା କେଉଁ ପରିସ୍ଥିତିରେ ହୋଇଛି ତାହା ତଦନ୍ତ କରିବେ ବୋଲି ଏସପି ଅବିନାଶ କୁମାର କହିଛନ୍ତି। ତେବେ ଏହା ନିହାତି ଭାବେ ନିନ୍ଦନୀୟ ଘଟଣା। ରଥଯାତ୍ରାକୁ ନେଇ ରାଜନୀତି କରିବା ଠିକ ନୁହେଁ। ତେବେ ଜିଲା ପୋଲିସ ଓ ପ୍ରଶାସନ ରଥଯାତ୍ରାରେ ରାଜନୀତି କରୁଛନ୍ତି। ଏହି ଘଟଣା ସମ୍ପର୍କରେ ସେ ସଂସଦୀୟ କମିଟିକୁ ଅବଗତ କରିବେ ବୋଲି ଏମପି ଟୁଡୁ ଗଣମାଧ୍ୟମକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶନିବାର ବାରିପଦା ରଥଯାତ୍ରାର ଦ୍ୱିତୀୟ ଦିନ ଥିଲା। ଜଗନ୍ନାଥଙ୍କ ରଥ ବଡଦାଣ୍ଡର କଲେଜ ଛକଠାରେ ପହଞ୍ଚିବା ସମୟରେ ଏମପି ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲା ଭାଜପା ସଭାପତି ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଅନ୍ୟ ଭାଜପା ନେତୃବୃନ୍ଦ ରଥ ଟାଣିବା ପାଇଁ ଆସିଥିଲେ। ମାତ୍ର ଜଣେ ଡିଏସପି ପାହ୍ୟାର ଅଧିକାରୀ ସେମାନଙ୍କୁ ରଥ କର୍ଡନ ଭିତରକୁ ଯିବାକୁ ବାରଣ କରିଥିଲେ। ଯାହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ପରେ ଏମପି ଓ ଅନ୍ୟମାନେ ରଥ ନ ଟାଣି ଫେରି ଯାଇଥିଲେ। ତେବେ କେବଳ ଏମପି ଓ ଭାଜପା ନେତୃବୃନ୍ଦଙ୍କୁ ନୁହେଁ କିଛି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଏହି ଡିଏସପି ପାହ୍ୟାର ଅଧିକାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହିଘଟଣାକୁ ପୋଲିସ ବିଭାଗ ଓ ପ୍ରଶାସନ ଗୁରୁତ୍ୱର ସହ ନେବାକୁ ଦାବି ହୋଇଛି।

# ଝିଆରୀ ମା’ହେବା ପରେ ଦାଦା ଫେରାର: ଥାନାରେ ଅଭିଯୋଗ

ରାଜକନିକା,୭।୭(ଡି.ଏନ୍‌.ଏ.)

ବିବାହର ପ୍ରତିଶ୍ରୁତି ଦେଇ ନିଜର ଝିଆରୀ ସହ ସମ୍ପର୍କ ରଖିଥିଲେ ଦାଦା। ସମ୍ପୃକ୍ତ ଝିଆରୀ ମା’ ହେବା ପରେ ଦାଦା ଫେରାର ହୋଇଯାଇଛନ୍ତି। ନ୍ୟାୟ ପାଇବା ଆଶାରେ ଶେଷରେ ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ଘଟିଛି ରାଜକନିକା ଥାନା ଅଞ୍ଚଳରେ । ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ମାମଲା (ନଂ-୧୫୯/୨୦୧୯) ରୁଜୁ କରାଯାଇଛି।

ଅଭିଯୋଗ ଅନୁଯାୟୀ, ରାଜକନିକା ଥାନା ଅଞ୍ଚଳର ଏହି ମହିଳା ଜଣକ ୧୦ ବର୍ଷ ପୂର୍ବେ ଯାଜପୁର ଜିଲାରେ ବିବାହ କରିଥିଲେ। ତାଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଅଛି। ପୁତ୍ରକୁ ଏବେ ୯ ବର୍ଷ ହୋଇଥିବା ବେଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ବାପା ସମ୍ପୃକ୍ତ ମହିଳା ଓ ନାତିକୁ ନେଇ ନିଜ ପାଖରେ ରଖିଥିଲେ। ସମ୍ପୃକ୍ତ ମହିଳା ଘରକୁ ଫେରିବା ଦିନରୁ ବିବାହିତ ଦାଦା ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ମହିଳା ଜଣକ ଗର୍ଭବତୀ ହେବା ପରେ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗତ ୪ ତାରିଖରେ ଝିଆରୀଙ୍କ ପ୍ରସବଜନିତ ଯନ୍ତ୍ରଣା ହୋଇଥିଲା। ଏହାଦେଖି ଅଭିଯୁକ୍ତ ଦାଦା ଫେରାର ହୋଇଯାଇଥିଲେ। ପରେ ସମ୍ପୃକ୍ତ ମହିଳାଙ୍କ ଘରେ ଏକ ପୁତ୍ର ସନ୍ତାନ ଜାତ ହୋଇଥିଲା। ମାତ୍ର ପ୍ରସବଜନିତ ତ୍ରୁଟି ଯୋଗୁ ନବଜାତ ପୁତ୍ର ସହ ୯ ବର୍ଷର ପୁଅକୁ ନେଇ ସେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ପରେ ସେ ରାଜକନିକା ଥାନାକୁ ଆସି ସମ୍ପୃକ୍ତ ଦାଦାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ନ୍ୟାୟ ପ୍ରଦାନ କରିବାକୁ ସମ୍ପୃକ୍ତ ମହିଳା ଜଣକ ପୋଲିସ ନିକଟରେ ନିବେଦନ କରିଛନ୍ତି।

ନକଲି କାଗଜପତ୍ରରେ ଋଣ, ୨୯ ଲକ୍ଷ ୪୦ ହଜାର ଟଙ୍କା ହଡ଼ପ

# ଫାଇନାନ୍ସ କମ୍ପାନୀର ୨ କର୍ମଚାରୀ ଗିରଫ

ସମ୍ବଲପୁର,୭।୭(ବ୍ୟୁରୋ)

ସ୍ପନ୍ଦନ ନାମକ ଫାଇନାନ୍ସ କମ୍ପାନୀର ୨ଜଣ ଅଧିକାରୀ କମ୍ପାନୀର ୨୯ ଲକ୍ଷ ୪୦ ହଜାର ୬୫ ଟଙ୍କା ଠକେଇ କରିଛନ୍ତି। ସେମାନେ ହେଲେ ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଝରିଆବାହାଲର ହେମସାଗର ମରେଇ (୨୭) ଓ କେନ୍ଦୁଝର ଜିଲା ଠେଲକଲୋଇ ଗ୍ରାମର ସୁଧାଂଶୁ ଶେଖର ସାହୁ (୨୭)। ଅଭିଯୋଗ ପରେ ଘଟଣାର ପର୍ଦ୍ଦାଫାଶ କରିଛି ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ। ବିଭିନ୍ନ ଅଞ୍ଚଳର ୮୯ ଜଣ ମହିଳାଙ୍କ ନାମରେ ନକଲି କାଗଜପତ୍ର ଦେଇ ଅଭିଯୁକ୍ତ ଦ୍ୱୟ ଟଙ୍କା ଠକି ନେଇଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ. ୨୭୨/୧୯) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

ହେମସାଗର ସ୍ପନ୍ଦନ କମ୍ପାନୀର ସମ୍ବଲପୁର ଶାଖା ପରିଚାଳକ ଥିବାବେଳେ ସୁଧାଂଶୁ ଫିଲ୍ଡ ଅଫିସର ଭାବେ କାର୍ଯ୍ୟରତ ଥିଲେ। ତେବେ ଏଠାରେ ନୂତନ ଶାଖା ପରିଚାଳକ ଭାବେ ରଞ୍ଜିତ କୁମାର ବେହେରା ଯୋଗଦେବା ପରେ ୮୯ ଜଣ ମହିଳାଙ୍କ ନାମରେ ଋଣଥିବା ଜାଣିବାକୁ ପାଇଥିଲେ। ସେମାନେ ଟଙ୍କାଟିଏ ମଧ୍ୟ ପରିଶୋଧ କରି ନ ଥିଲେ। ଫଳରେ ରଞ୍ଜିତ ଉକ୍ତ ମହିଳାମାନଙ୍କ ପାଖକୁ ଯାଇ ଋଣ ପରିଶୋଧ କରିବାକୁ କହିଥିଲେ। ହେଲେ ମହିଳାମାନେ ଋଣ ନେଇ ନ ଥିବା କହିଥିଲେ। ପରେ ରଞ୍ଜିତ କାଗଜପତ୍ର ଯାଞ୍ଚ କରିଥିଲେ। ଏଥିରେ ମହିଳାମାନଙ୍କ ଦସ୍ତଖତ ନ ଥିବା ଜଣାପଡ଼ିଥିଲା। ଏ ନେଇ ସେ ଅଇଁଠାପାଲି ଥାନାରେ ଅଭିଯୋଗ କରିଥିଲେ।

### ୮୯ ଜଣଙ୍କ ନାମରେ ଉଠାଇଥିଲେ ଟଙ୍କା



ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ଗିରଫ କରିଥିବା ସ୍ପନ୍ଦନର ୨ କର୍ମଚାରୀ।

# ପାଣି ଘେରରେ ବଗପାଟିଆର ୫ଶହ ପରିବାର

ରାଜନଗର, ୭।୭(ଡି.ଏନ.ଏ.)

ଗତ ଏକ ସପ୍ତାହ ଧରି ବର୍ଷା ଲାଗି ରହିଛି। ତେବେ ବର୍ଷା ଯୋଗୁ ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ବଗପାଟିଆ ଠାରେ ବସବାସ କରୁଥିବା ସାତଭାୟାବାସୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢିବାରେ ଲାଗିଛି। ଅଧିକାଂଶ ସ୍ଥାନରେ ବର୍ଷାଜଳ ଜମି ସେମାନଙ୍କୁ ଏକପ୍ରକାର ଜଳବନ୍ଦୀ କରି ରଖିଛି। ପାଣି ଘେରରେ ପ୍ରାୟ ୫ ଶହ ପରିବାର ରହିଛନ୍ତି । ଲୋକେ ବାହାରକୁ ବାହାରିବା କଷ୍ଟକର ହୋଇପଡିଛି । ସାତଭାୟାବାସୀଙ୍କୁ ବଗପାଟିଆରେ ଥଇଥାନ କରାଯାଇଥିବା ବେଳେ ବର୍ଷାରେ ସେମାନଙ୍କ ଦୁର୍ଦ୍ଦଶା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନି । ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ ଜିଲା କିମ୍ବା ବ୍ଲକ ପ୍ରଶାସନର ଅଧିକାରୀମାନେ ଲୋକଙ୍କ ପାଖରେ ପହଞ୍ଚି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି।



ରାଜନଗର ବଗପାଟିଆରେ ବର୍ଷା ପାଣି ଜମି ରହିଛି।

ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ବଙ୍ଗୋପସାଗର ତଟବର୍ତ୍ତୀ ସାତଭାୟାର ୫୭୧ ପରିବାରଙ୍କୁ ସମୁଦ୍ର ଗ୍ରାସରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଗୁପ୍ତି ପଞ୍ଚାୟତ ଅଧୀନ ବଗପାଟିଆ ଠାରେ ୨୦୧୮ ଏପ୍ରିଲ ୨୦ ତାରିଖରେ ଥଇଥାନ କରିଛନ୍ତି। ପ୍ରତି ପରିବାରକୁ ୧୦ ଡେସିମିଲ ଜାଗା ସହିତ ବିଜୁ ପକ୍କାଘର ପ୍ରଦାନ କରିଥିଲେ। ତେବେ ବଗପାଟିଆରେ ଥଇଥାନ କରାଯାଇଥିବା ସ୍ଥାନ ମୁଖ୍ୟରାସ୍ତା ଠାରୁ ବହୁ ତଳେ ଥିବାରୁ ପ୍ରତି ପରିବାରକୁ ଡିଅ ବାନ୍ଧିବାକୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା। ସାତଭାୟାବାସୀ ନୂଆ ଠିକଣାରେ ନୂଆ ଜୀବନ ଆରମ୍ଭ କରିଥିଲେ ମଧ୍ୟ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଅସରାଏ ବର୍ଷାରେ ଅଧିକାଂଶ ଘର ଚାରିପଟେ ପାଣି ଜମି ରହୁଛି। ଫଳରେ ସେମାନଙ୍କ ଦୈନନ୍ଦିନ ଜୀବନରେ ନା ନା ସମସ୍ୟା ଦେଖା ଦେଇଛି। ଏହାଛଡା ଅଧିକାଂଶ ସମୟରେ ବିଦ୍ୟୁତ୍‌ ରହୁ ନ ଥିବାରୁ ଅନ୍ଧାରରେ ହନ୍ତସନ୍ତ ହେବାକୁ ପଡୁଛି । ଗୋଟିଏ ପଟେ ବର୍ଷାଜଳ ସେମାନଙ୍କୁ ଅଣନିଃଶ୍ୱାସୀ କରି ପକାଉ ଥିବା ବେଳେ ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ବର୍ଷାରାତିରେ ସେମାନଙ୍କ ହୀନସ୍ତା ଦୁଇଗୁଣ ହେବାରେ ଲାଗିଛି। ତୁରନ୍ତ ମୌଳିକ ସୁବିଧା ଯୋଗାଇ ଦିଆ ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବଗପାଟିଆରେ ଥଇଥାନ ହୋଇଥିବା ସାତଭାୟାବାସୀ ଚେତାବନୀ ଦେଇଛନ୍ତି।

# ପଶ୍ଚିମବଙ୍ଗରୁ ଚୋରାରେ ଆସୁଛି ବିଦେଶୀ ମଦ

ବାଲେଶ୍ୱର ଅଫିସ,୭।୭

■ ଚଢ଼ାଉ ସତ୍ତ୍ୱେ ରୋକିପାରୁନି ଅବକାରୀ ବିଭାଗ

■ ବଡ଼ ଗାଡ଼ି ପରିବର୍ତ୍ତେ ଦୁଇ ଚକିଆ ଗାଡ଼ି ବ୍ୟବହାର

■ ରାସ୍ତାରୁ ୨ସ୍କୁଟି ସହ ବିଦେଶୀ ମଦ ଜବତ, ୨ ଗିରଫ

ବାଲେଶ୍ୱର ଜିଲାରେ ଚୋରା ଦେଶୀ ଓ ବିଦେଶୀ ମଦର ପ୍ରସାର ବଢି ଚାଲିଛି। ମଦ ମାଫିଆମାନେ ପଶ୍ଚିମବଙ୍ଗରୁ ବିଦେଶୀ ମଦ ଆଣି ବାଲେଶ୍ୱରର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି। ସେମାନେ ଅବକାରୀ ବିଭାଗର ଚଢ଼ାଉକୁ ବେଖାତିର୍‌ କରି ବିଭିନ୍ନ ଉପାୟରେ ଚୋରା ଚାଲାଣ ଜାରି ରଖିଛନ୍ତି। ପଶ୍ଚିମବଙ୍ଗରୁ ଛୋଟ ଯାନରେ ବିଦେଶୀ ମଦ ଅଣାଯାଉଥିବା ଖବର ପାଇ ଜିଲା ଅବକାରୀ ବିଭାଗର ଭ୍ରାମ୍ୟମାଣ ଟିମ୍‌ ଶନିବାର ରାତିରେ ସୋର ଥାନା ଛତ୍ରପୁର ଅଞ୍ଚଳରେ ଚଢ଼ାଉ କରିଥିଲା। ପଶ୍ଚିମବଙ୍ଗରୁ ବିଦେଶୀ ମଦ ନେଇ ଆସିଥିବା ୨ଟି ସ୍କୁଟିକୁ ସେମାନେ ଜବତ କରିଥିଲେ। ସେଥିରୁ ୩୩ ଲିଟର ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗର ଭ୍ରାମ୍ୟମାଣ ଥାନା ଆଇଆଇସି ଉଦେଲାଲ ନାୟକଙ୍କ ନେତୃତ୍ୱରେ ଛତ୍ରପୁର ଗ୍ରାମରେ ଚଢ଼ାଉ ବେଳେ ଗ୍ରାମର ଅମିତ କର(୨୬) ରାସ୍ତାରେ ହିରୋ ମାଇଷ୍ଟ୍ରୋ ସ୍କୁଟିରେ ପଶ୍ଚିମବଙ୍ଗରୁ ଆଣିଥିବା ୧୬.୫ ଲିଟର ବିଦେଶୀ ମଦ ଧରାପଡ଼ିଥିଲା। ସେହିପରି ଉକ୍ତ ଗ୍ରାମର ମଧୁସୂଦନ ଦେ ହୋଣ୍ଡା ଆକ୍ଟିଭା ସ୍କୁଟିରେ ପଶ୍ଚିମବଙ୍ଗରୁ ଆଣୁଥିବା ୧୬.୫ ଲିଟର ବିଦେଶୀ ମଦ ଧରାଯାଇଥିଲା। ଅବକାରୀ ଭ୍ରାମ୍ୟମାଣ ଥାନାରେ ୨ଟି ମାମଲା (ନଂ. ୬୫/୧୯-୨୦) ଓ ନଂ. ୬୬/୧୯-୨୦) ରୁଜୁ କରାଯାଇ ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ସହଉପନିରୀକ୍ଷକ ଚନ୍ଦ୍ର ମୋହନ ସେଠୀଙ୍କୁ କନଷ୍ଟେବଳ ପ୍ରହ୍ଲାଦ ବିଶ୍ୱାଳ, ସେକ୍‌ କଲିମ୍‌ଉଦ୍ଦିନ, ଅଞ୍ଜନ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ।



ଜବତ ମଦ ଓ ସ୍କୁଟି ସହ ଗିରଫ ଅଭିଯୁକ୍ତ।

ଓଡ଼ିଶା ବିଦ୍ୟୁତ୍‌ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the GM (Elect.) E.H.T. Construction Circle, Bhubaneswar-22. CIN: U40102OR2004SGC007553
Advt. No. GM-EHT(C)CIRCLE-BBSR-02/2019-20 Dated 06.07.2019

**NOTICE INVITING TENDER**

Sealed tenders are invited from experienced agencies/consultants having valid PAN Card, GSTIN registration, EPF, ESI registration, contract labour license etc. for **"Undertaking complete assignment on turnkey basis for selection and appointment of consultant for preparation of forest diversion proposal and to facilitate obtaining the approval of using forest land from MOEF, GOI (Forest clearance-Stage-I & II) as per forest conservation Act-1980 and amendments thereto"** for construction of 220KV LILO line form existing 220KV Bhanjanagar-Meramundali DC line to 220/33KV Grid Sub-station at Dasapalla under OPTCL in the state of Odisha. **Cost of Tender Paper (Non-refundable) :** Rs.11,200/- (10,000/- + GST @ 12%). **EMD :** 1% of total estimated cost. **Sale of Tender Documents :** From 10.07.2019 to 25.07.2019 (11:00 AM to 03:00 PM). **Last Date of Submission of Tender :** 26.07.2019 up to 03.00 PM. **Date & Time of Opening of Tender :** 26.07.2019 at 04:00 PM. For details, please visit our website **www.optcl.co.in. Corrigendum, if any, will be published in the website or in the office notice board only.**
Sd/- General Manager (Elect.)
Please connect us: optcl.odisha optcl_odisha energyodisha

**SAMBALPUR UNIVERSITY INSTITUTE OF INFORMATION TECHNOLOGY (SUIIT)**
**QUOTATION CALL NOTICE**
**No.: 749 / SUIIT** **Date: 07 / 07 / 2019**

SUIIT invites quotations from the intending Manufacturers / suppliers / firms having valid GST Registration, PAN etc. for supply of furniture for office, classrooms, hostels, laboratories etc. and for supply & installation of CCTV to monitor campus wide movement at office space, laboratories, class rooms, hostels corridors etc. of SUIIT.

The detail specification, quantity, terms & conditions etc. are available at website **www.suiit.ac.in**.

Quotations should reach the undersigned by Speed Post / Registered Post on or before **22nd July, 2019, 3.00 PM** in sealed envelope super-scribed with **"Quotation for supply of Furniture or CCTV"**.

**Contact:** admin.office@suiit.ac.in, Ph.: 9338703277
Sd/ Director

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଘସିପୁରା**

ବିଜ୍ଞାପନ ସଂଖ୍ୟା-୧୪୯୦ **ସାମାଜିକ ସମୀକ୍ଷା ସଭା** ତା:୦୫।୦୭।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କେନ୍ଦୁଝରଙ୍କ ପତ୍ରସଂଖ୍ୟା-୩୪୮୨, ତାରିଖ: ୨୮।୦୬।୨୦୧୯ କ୍ରମେ ୨୦୧୮-୧୯ ଆର୍ଥିକ ବର୍ଷରେ ଜାତୀୟ ମଙ୍ଗଳ ଯୋଜନା (ଭତ୍ତା) ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀମତେ ଘସିପୁରା ପଞ୍ଚାୟତ ସମିତି ଅଧୀନସ୍ଥ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ସଭାରେ ଜାତୀୟ ମଙ୍ଗଳ ଯୋଜନା (ଭତ୍ତା) ଓ ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ୨୦୧୮ ମସିହା ଏପ୍ରିଲ ମାସଠାରୁ ୨୦୧୯ ମସିହା ମାର୍ଚ୍ଚ ମାସ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯିବ। ଉକ୍ତ ସଭାରେ ପଞ୍ଚାୟତ ସମିତି ଅଧିକାରୀ, ଗ୍ରାମପଞ୍ଚାୟତ ଅଧିକାରୀ, VRP, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ସଭାରେ ସାମାଜିକ ସମୀକ୍ଷା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, Mate ଓ ନିର୍ବାଚିତ ପ୍ରତିନିଧିମାନେ ଯୋଗଦେବାକୁ ଅନୁରୋଧ କରାଗଲା।

କାର୍ଯ୍ୟସୂଚୀ:

| କ୍ର. ନଂ. | ଗ୍ରା.ପ.ର ନାମ | ଭତ୍ତା ନିମନ୍ତେ ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ) | ମନରେଗା କାର୍ଯ୍ୟ ନିମନ୍ତେ ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ) | ଗ୍ରା.ପ. ସ୍ତରର ଜନଶୁଣାଣି ବା ସାମାଜିକ ସମୀକ୍ଷା | ଉପସ୍ଥିତ କର୍ମଚାରୀ |
|---|---|---|---|---|---|
| ୧ | ରାମଚନ୍ଦ୍ରପୁର, ଅଳତୀ, ଗଡ଼ବାନ୍ଧଗୋଡ଼ା, ପୁରୁଣାବାନ୍ଧଗୋଡ଼ା, ଗଁପୁର, ବଳରାମପୁର, ଦେଓଗାଁ ଓ ତରିମୂଳ | ୧୬।୦୭।୧୯ରୁ ୧୯।୦୭।୧୯ | ୨୦।୦୭।୧୯ରୁ ୩୦।୦୭।୧୯ | ୩୧।୦୭।୧୯ ପୂ. ୧୦.୩୦ | ବ୍ଲକ୍ ସାମାଜିକ ସମୀକ୍ଷକ, VRP, ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମରୋଜଗାର ସେବକ/ ସେବିକା ଓ Nodal Officer |
| ୨ | କେଶଦୁରାପାଳ, ବରିପାଳ, ଦରଡ଼ିପାଳ, ରାଧିକାଦେଇପୁର, ଭଣ୍ଡାରିଡିହା, ସାମୁକାନେଣ୍ଡି, ଖାଳିଆମେଣ୍ଡା, ଗୋହିରା ଓ ବିରଗୋବିନ୍ଦପୁର | ୦୫।୦୮।୧୯ରୁ ୦୮।୦୮।୧୯ | ୦୯।୦୮।୧୯ରୁ ୧୯।୦୮।୧୯ | ୧୯।୦୮।୧୯ ପୂ. ୧୦.୩୦ | |
| ୩ | ମଛାକୋ, ମଦନପୁର, ସାଇଁକୁଳ, ପଣ୍ଡୁଆ, ବାଡୋ, ଶାଳଦେଇ, ତରୁଆଁ ଓ ଖଲଣା | ୨୪।୦୮।୧୯ରୁ ୨୭।୦୮।୧୯ | ୨୮।୦୮।୧୯ରୁ ୦୭।୦୯।୧୯ | ୦୭।୦୯।୧୯ ପୂ. ୧୦.୩୦ | |

ଏହି ସଭାରେ ନିମ୍ନଲିଖିତ ବିଷୟ ଉପରେ ସବିଶେଷ ଆଲୋଚନା କରାଯିବ: (୧) ଭତ୍ତାର ମଞ୍ଜୁରପ୍ରାପ୍ତ ଆଦେଶ। (୨) ଭତ୍ତା ବିତରଣ ଖାତା। (୩) କାର୍ଯ୍ୟର ନଥିପତ୍ର। (୪) ମଷ୍ଟରରୋଲ ଅନୁଯାୟୀ କୁଶଳୀ, ଅଣ-କୁଶଳୀ ଶ୍ରମିକମାନଙ୍କର ନାମ ଠିକ୍ ଅଛି କି ନାହିଁ ଏବଂ ସମପରିମାଣରେ କାମ ହୋଇଛି କି ନାହିଁ। (୫) ଅଣକୁଶଳୀ ଶ୍ରମିକମାନେ ସେମାନଙ୍କର ମଜୁରି ଠିକ୍ ସମୟରେ ପାଉଛନ୍ତି କି ନାହିଁ। (୬) କାର୍ଯ୍ୟର ପରିମାଣ ମାପ ବହି ଅନୁସାରେ ଠିକ୍ ଅଛି କି ନାହିଁ। (୭) ଏହି କାର୍ଯ୍ୟଗୁଡ଼ିକ ଜନହିତକର କି ନୁହେଁ। (୮) ଜବ୍‌କାର୍ଡ଼ ଓ ପାସ୍ ବହି ଅଣକୁଶଳୀ ଶ୍ରମିକମାନଙ୍କ ପାଖରେ ଅଛି କି ନାହିଁ।
ସ୍ୱା./- (୦୫।୦୭।୧୯) ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ଘସିପୁରା, ଜି: କେନ୍ଦୁଝର

**DISTRICT OFFICE PURI**
**(Social Welfare Section)**
No. 1182 / SW, Dated 01.07.2019

**NOTICE FOR EXPRESSION OF INTEREST**

Sealed applications are invited in prescribed application form, from the eligible and interested organisation for selection of Agency to run One Stop Centre at District Puri in order to provide support and assistances to women affected by violence, including medical, legal, psychological and counseling. Detailed eligibility criteria, selection procedure and application form is available in the W&CD and MS Deptt. Website and district website: www.wcdodisha.gov.in and www.puri.nic.in. The application must reach by post within a scheduled date and time at the office of the District Social Welfare Officer, Puri-752001. Applications received after the Due date will be rejected. The date of receipt of the application from date 01.07.2019 to 15.07.2019 at 1.00PM and the same will be opened on 17.07.2019 at 3.00PM.

*Sd./- Collector, Puri*

**Department of Social Security & Empowerment of Persons with Disabilities**
SIDR Building, Capital Hospital Campus, Unit-VI, Bhubaneswar-751001
Phone: 0674-2391976/77 Fax: +91-0674-2390117
No. 05-ଓଓ:

**Invitation of Expression of Interest of SSEPD Department**

SSEPD Department, Bhubaneswar intends to enlist agencies for undertaking skill training at prescribed rates under National Skill Qualification Framework (NSQF) of Ministry of Skill Development, Government of India for Skill Development Training for PwDs. The interested Institution/ Agencies may submit information in prescribed format. Last date for submission of proposal in prescribed format and other information available in the website: www.ssepd.gov.in.

Director, SSEPD Department
Helpline No: 1800 345 7150
46001/11/0005/1920

**Odisha State Medical Corporation Limited (OSMC)**
Assuring Quality, Saving Lives
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380608 Website : www.osmcl.nic.in, Email : proc.osmcl.od@nic.in
CAD-172
Date: 06.07.2019

**NOTICE INVITING E-TENDER FOR RE-TENDER OF SUPPLY, INSTALLATION & COMMISSIONING OF BIOMEDICAL WASTE MANAGEMENT EQUIPMENTS AT MEDICAL COLLEGES, DISTRICTS AND PERIPHERY HOSPITALS**

Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/EQP- BMWUNITS (Re-Tender) /38 | Supply, installation & commissioning of equipment for biomedical waste management at medical colleges, districts and periphery health institutions | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 06.07.2019, 3 PM | |
| 2. | Date & time of Pre-bid meeting | 12.07.2019, 3PM Venue: Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time | End Date & Time |
| | | 16.07.2019, 3 PM | 27.07.2019, 5 PM |
| 4 | Date & time of online Technical bid opening | 30.07.2019, 11 AM | |
| 5 | Date of demonstration of Equipment (if required by the Tender Inviting Authority for some equipment) | To be informed to those bidders whose bids are found to be technically responsive based on documents furnished in technical bid. | |
| 6 | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids and the tender notice itself without assigning any reason thereof.

10112/11/0002/1920
Managing Director, OSMC Ltd., Odisha

**ଭୁବନେଶ୍ୱର ମହାନଗର ନିଗମ**
ସଂଖ୍ୟା : ୧୯୦୫୭ ତା.୦୬.୦୭.୨୦୧୯

**ନୋଟିସ୍‌**

ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ବିଏମ୍‌ସି କେଶରୀ ମଲ୍‌ରେ ଆବଂଟିତ ହୋଇଥିବା ଦୋକାନ ଗୃହ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ସେମାନେ କରିଥିବା ଚୁକ୍ତିନାମା ଅନୁଯାୟୀ ନିଜ ନିଜର ଦୋକାନ ଗୃହ ଗୁଡିକରେ ବ୍ୟବସାୟ ଅଦ୍ୟାବଧି ଆରମ୍ଭ କରି ନାହାଁନ୍ତି । ତେଣୁ ସେମାନେ ୭ (ସାତ) ଦିନ ମଧ୍ୟରେ ନିଜ ନିଜର ଦୋକାନ ଗୃହ ଗୁଡିକରେ ବ୍ୟବସାୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଅଛି । ଏଥିରେ ଖିଲାପ କଲେ, ମହାନଗର ନିଗମ କର୍ତ୍ତୃପକ୍ଷ ସେମାନଙ୍କ ସହିତ ହୋଇଥିବା ଚୁକ୍ତିମାନକୁ ବାତିଲ୍‌ **(Cancel)** କରିବା ସଙ୍ଗେ ସଙ୍ଗେ ଉକ୍ତ ଦୋକାନ ଗୃହକୁ ପୁନଃ ଆବଂଟନ କରିବା ପାଇଁ ଆଇନ୍‌ ଅନୁଯାୟୀ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହେବେ । ଏଥି ସହିତ **3rd e-auction** ରେ ଯୋଗ୍ୟ ବିବେଚିତ ହୋଇଥିବା ଆବଂଟନକାରୀ ମାନଙ୍କୁ ସୂଚାଇ ଦିଆଯାଉଅଛି କି, ସେମାନେ ଆବଶ୍ୟକୀୟ କାଗଜାତ ୭ (ସାତ) ଦିନ ମଧ୍ୟରେ ନିଗମ କାର୍ଯ୍ୟାଳୟରେ ଦାଖଲ କରି ନିଜ ନିଜର ଦୋକାନ ଗୃହ ଗୁଡିକର ଚୁକ୍ତିନାମା ଓ **Possession** ମହାନଗର ନିଗମ ସହିତ କରାଇ ନିଅନ୍ତୁ ।

ଉପ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ
ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ

# ସ୍ୱାସ୍ଥ୍ୟୋପକାରୀ ଲେମ୍ବୁପାଣି

**ଲେମ୍ବୁପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ, ତାହା କହିବା ବାହୁଲ୍ୟ। ସେ ସମ୍ପର୍କିତ କେତୋଟି ଟିପ୍ସ..**



❖ଲେମ୍ବୁପାଣି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। କାରଣ ଏଥିରେ ଭିଟାମିନ୍ 'ସି' ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି।

❖ଲେମ୍ବୁପାଣି ପିଇବା ଦ୍ୱାରା ସଂକ୍ରମଣ (ଇନ୍‌ଫେକ୍‌ଶନ) ଆଶଙ୍କା କେତେକାଂଶରେ ଦୂର ହୋଇଥାଏ।

❖ପେଟଜନିତ ସମସ୍ୟା ପାଇଁ ଲେମ୍ବୁପାଣି ବରଦାନ ସଦୃଶ। ଏଥିରେ ଫ୍ଲାଭୋନାଏଡ ନାମକ ତତ୍ତ୍ୱ ରହିଛି, ଯାହା ପେଟଜନିତ ସମସ୍ୟାରୁ ଉପଶମ ଦେଇଥାଏ।

❖ ଶରୀରରେ ଚର୍ବି ଅଂଶ ବଢ଼ି ଯାଇଥିଲେ ତାହାକୁ କମାଇବାର ଏକ ସରଳ ତଥା ସହଜ ଉପାୟ ରହିଛି। ପ୍ରତିଦିନ ଗୋଟିଏ ଗ୍ଲାସ ଉଷୁମ ପାଣିରେ ଲେମ୍ବୁ ଚିପୁଡ଼ି ଏବଂ ଅଳ୍ପ ମହୁ ମିଶାଇ ପିଇଲେ ଏଥିରୁ ରକ୍ଷା ମିଳିଥାଏ।

❖ପ୍ରତିଦିନ ଲେମ୍ବୁପାଣି ପିଇବା ଦ୍ୱାରା ଉଚ୍ଚ ରକ୍ତଚାପ, କ୍ଳାନ୍ତି, ଚିନ୍ତାରୁ ଉପଶମ ମିଳିଥାଏ।

❖ଲେମ୍ବୁରେ ଥିବା ସାଇଟ୍ରିକ୍ ଏସିଡ୍ ଏବଂ ଭିଟାମିନ୍ 'ସି' ଅସ୍ଥିକୁ ମଜଭୁତ ରଖିଥାଏ।

❖ସବୁଠାରୁ ଖାସ୍ କଥା ହେଲା, ଲେମ୍ବୁପାଣି ପିଇଲେ ତାହା ଶରୀରରେ ଜଳୀୟ ଅଂଶ ଅଭାବକୁ ପୂରଣ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା



❖ଯେତେ ବ୍ୟସ୍ତ ରହିଲେ ମଧ୍ୟ ରାତିରେ ଶୋଇବା ସମୟ ଏପରି ସ୍ଥିର କରନ୍ତୁ, ଯେମିତି ଆପଣ ୫-୬ ଘଣ୍ଟା ଶୋଇ ପାରିବେ।

❖ବିଛଣାକୁ ଯିବା ପୂର୍ବରୁ ମନରେ ନକାରାତ୍ମକ ଚିନ୍ତାଧାରା ଆଦୌ ଆଣନ୍ତୁ ନାହିଁ। କାରଣ ଏହାର ସିଧାଳଖ ପ୍ରଭାବ ନିଦ୍ରା ଉପରେ ପଡିଥାଏ। ଠିକ୍ ଭାବରେ ନିଦ୍ରା ନ ହେବାରୁ ଅନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି।

❖ଯଦି ଅଧିକାଂଶ ସମୟ କମ୍ପ୍ୟୁଟର ସାମ୍ନାରେ ବସି କାମ କରିବାକୁ ପଡୁଛି, ତେବେ ଆଖିକୁ କିଛି ସମୟ ବିଶ୍ରାମ ଦିଅନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମୁହଁ ଧୁଅନ୍ତୁ। ଏହାଦ୍ୱାରା ଆରାମ ଲାଗିଥାଏ ଏବଂ କାମ କରିବା ପ୍ରତି ଏକାଗ୍ରତା ବଢ଼ିଥାଏ।

❖ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।

❖ଆଜିକାଲି ଆମେ କେତେବେଳେ କେଉଁ ରୋଗ ଦ୍ୱାରା ଆକ୍ରାନ୍ତ ହେବା ତାହା ଆକଳନ କରିବା କଷ୍ଟକର। କାରଣ ବର୍ତ୍ତମାନ ପ୍ରଦୂଷିତ ପରିବେଶ ଏବଂ ଅତ୍ୟଧିକ ସାରଯୁକ୍ତ ଖାଦ୍ୟର ପ୍ରଭାବ ଆମ ଶରୀର ଉପରେ ପଡୁଛି। ତେଣୁ କାର୍ଯ୍ୟବ୍ୟସ୍ତତା ଭିତରେ ସମୟ ବାହାର କରି ନିଜ ଶରୀରର ରୋଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।

❖ଯଦି କୌଣସି ରୋଗରେ ଆକ୍ରାନ୍ତ ହୋଇ ଔଷଧ ଖାଉଥିଲେ ଯେତେଦିନ ପର୍ଯ୍ୟନ୍ତ ଡାକ୍ତର ତାହାକୁ ଖାଇବା ପାଇଁ ପ୍ରେସକ୍ରିପସନରେ ଉଲ୍ଲେଖ କରିଛନ୍ତି, ତାହାକୁ ଅନୁସରଣ କରନ୍ତୁ। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।





# ବଳୟ ଗ୍ରହର ନୀଳ ବିଜୁଳି



କମଳାକାନ୍ତ ଜେନା

ଆମର ଏବେ ବର୍ଷାଦିନ ଆରମ୍ଭ ହେଇଗଲା। ବିଜୁଳି ଘଡ଼ଘଡ଼ି ମାରିବ। ବର୍ଷା ବି ବର୍ଷିବ। ହଁ, ବର୍ଷାଦିନେ ବିଜୁଳି ଓ ଘଡ଼ଘଡ଼ି ଆମ ପାଇଁ ନିତିଦିନିଆ କଥା। ପୃଥିବୀର ସବୁ ଅଞ୍ଚଳରେ ଏକ ସମୟରେ ବର୍ଷାଋତୁ ହୁଏ ନାହିଁ। ଯେଉଁ ଅଞ୍ଚଳରେ ଯେତେବେଳେ ବର୍ଷାଋତୁ ହେବ, ସେତେବେଳେ ସେଠାରେ ବିଜୁଳି ଘଡ଼ଘଡ଼ି ମାରିବ। ତେଣୁ ସବୁବେଳେ କୋଉଠି ନା କୋଉଠି ବର୍ଷା ବିଜୁଳି ହେଉଥିବ। ଗବେଷଣାରୁ ଯାହା ଜଣାପଡିଛି, ଆମ ପୃଥିବୀ ଗ୍ରହରେ ପ୍ରତି ସେକେଣ୍ଡରେ ପ୍ରାୟ ୮୦ ରୁ ୧୦୦ ଥର ବିଜୁଳି ମାରିଥାଏ। ବିଜୁଳି ମାରିବା ପଛରେ ବାୟୁମଣ୍ଡଳର ଅନେକ ଭୂମିକା ରହିଛି। ପୃଥିବୀ ଗ୍ରହକୁ ବାୟୁମଣ୍ଡଳ ଘେରି ରହିଥିବାରୁ ବିଜୁଳି ମାରିବା ସମ୍ଭବ ହୋଇପାରୁଛି। ଯଦି ଏଠାରେ ବାୟୁମଣ୍ଡଳ ନ ଥାଆନ୍ତା, ତା'ହେଲେ ବାଦଲ ନଥା'ନ୍ତା କି ବିଜୁଳି-ଘଡ଼ଘଡ଼ି ଅନୁଭୂତ ହୁଅନ୍ତା ନାହିଁ। ଆମେ ପୃଥିବୀ ଉପରେ ରହୁ। ପୃଥିବୀ ଗୋଟିଏ ଗ୍ରହ। ଆମ ସୌର ଜଗତରେ ସୂର୍ଯ୍ୟ ଚାରିପଟେ ପୃଥିବୀକୁ ଛାଡ଼ି ଆହୁରି ସାତଟା ଗ୍ରହ ବୁଲୁଛନ୍ତି। ସମସ୍ତ ଗ୍ରହରେ ଅଳ୍ପବହୁତେ ବାୟୁମଣ୍ଡଳ ରହିଛି। କିନ୍ତୁ ସବୁ ଗ୍ରହର ବାୟୁମଣ୍ଡଳ ଆମ ଗ୍ରହର ବାୟୁମଣ୍ଡଳ ପରି ନୁହେଁ। ସେସବୁ ଗ୍ରହର ବାୟୁମଣ୍ଡଳରେ ଆମେ ସହଜରେ ବଞ୍ଚିପାରିବା ନାହିଁ। ଆମ ସୌର ଜଗତର ବିଭିନ୍ନ ଗ୍ରହ ଓ ସେମାନଙ୍କୁ ପରିକ୍ରମା କରୁଥିବା ଉପଗ୍ରହଗୁଡ଼ିକର ବାୟୁମଣ୍ଡଳ ଉପରେ ଗବେଷଣା ଚାଲିଛି। ବିଭିନ୍ନ ଗ୍ରହକୁ ଅନୁସନ୍ଧାନକାରୀ ମହାକାଶଯାନମାନ ପଠାଯାଉଛି। ବୈଜ୍ଞାନିକ ଅନୁସନ୍ଧାନରୁ ୪ଟି ଗ୍ରହ (ବୃହସ୍ପତି, ଶନି, ୟୁରାନସ୍ ଓ ନେପଚୁନ୍) ଚାରିପଟେ ବଳୟ ଥିବାର ଜଣାପଡ଼ିଛି। କିନ୍ତୁ ଶନି ଗ୍ରହକୁ ଆମେ ସମସ୍ତେ 'ବଳୟଗ୍ରହ' ନାମରେ ଜାଣିଛୁ। ସେହି ବଳୟଗ୍ରହକୁ ଅନେକ ମହାକାଶଯାନ ପଠାଯାଇଛି। ସେସବୁ ମହାକାଶଯାନ ଭିତରୁ 'କାସିନି' ମହାକାଶଯାନ ବିଶେଷ ଭୂମିକା ଗ୍ରହଣ କରିଛି। ଶନିଗ୍ରହ ବାୟୁମଣ୍ଡଳରେ ବିଜୁଳି ଓ ଘଡ଼ଘଡ଼ି ସଂପର୍କରେ କାସିନିର ସନ୍ଦେଶ ଖଗୋଳବିଜ୍ଞାନୀ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା।

ଆଠଟି ଗ୍ରହର ଆକାରକୁ ଦେଖିଲେ ବୃହସ୍ପତି ହେଉଛି ସବୁଠାରୁ ବଡ଼ ଗ୍ରହ। ତା' ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି ଶନିଗ୍ରହ। ଏହା ଆମକୁ ଈଷତ୍ ହଳଦିଆ ରଙ୍ଗର ଉଜ୍ଜ୍ୱଳ ତାରକା ରୂପରେ ଦେଖାଯାଏ। ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଲେ ଆମେ ଏହାର କେତେକ ବଳୟକୁ ମଧ୍ୟ ଦେଖିପାରିବା। ଏହା ପୃଥିବୀ ପରି କଠିନ ପଥୁରିଆ ଗ୍ରହ ନୁହେଁ, ବରଂ ଘନବାଷ୍ପର ଏକ ପେଣ୍ଡୁ ଭଳି। ଏଥିରେ ଉଦ୍‌ଜାନ ଓ ହିଲିୟମ୍ ବାଷ୍ପ ରହିଛି। ଆମର ପୃଥିବୀ ତୁଳନାରେ ଏହାର ଘନ ବାୟୁମଣ୍ଡଳ ରହିଛି। ବାୟୁମଣ୍ଡଳର ତାପମାତ୍ରା କମ୍ ଥିବାରୁ ବାଷ୍ପଗୁଡ଼ିକ ବାଦଲ ଓ କୁହୁଡ଼ି ରୂପରେ ରହିଛି। ଶନିଗ୍ରହ ନିଜର ଅକ୍ଷ ଚାରିପଟେ ନଟୁ ପରି ବୁଲୁଛି। ଗ୍ରହ ସହିତ ଏହାର ବାୟୁମଣ୍ଡଳ ବି ବୁଲୁଛି। ଏହାର ବାଦଲ ବି ବୁଲୁଛି। ଖାଲି ବୁଲୁଛି ନୁହେଁ, ବରଂ ଝଡ଼ ପରି ବୁଲୁଛି, ଯାହାର ବେଗ ଘଣ୍ଟା ପ୍ରତି ୧,୭୦୦ କିଲୋମିଟର ହେବ। ଆମର ଶାନ୍ତ ବାୟୁମଣ୍ଡଳରେ ଯଦି ଏତେ ବିଜୁଳି ଘଡ଼ଘଡ଼ି ସୃଷ୍ଟି ହେଉଛି, ଶନିଗ୍ରହର ସକ୍ରିୟ ବାୟୁମଣ୍ଡଳରେ ବିଜୁଳି ଘଡ଼ଘଡ଼ି ସୃଷ୍ଟି ନ ହେବ କେମିତି? ସତ କହିଲେ, ଶନିଗ୍ରହରେ ହେଉଥିବା ବିଜୁଳି ତୁଳନାରେ ଆମ ପୃଥିବୀର ବିଜୁଳି କିଛି ନୁହେଁ। ପୃଥିବୀର ବାୟୁମଣ୍ଡଳରେ ବିଜୁଳି ଓ ଘଡ଼ଘଡ଼ି ସହିତ ଝଡ଼ ସୃଷ୍ଟି ହେଲେ ମାତ୍ର ୧୦-୧୫ ମିନିଟ୍ ପରେ ଥମିଯାଏ। କିନ୍ତୁ ଶନିଗ୍ରହ ବାୟୁମଣ୍ଡଳରେ ସୃଷ୍ଟି ହେଉଥିବା ବିଜୁଳି ଓ ଘଡ଼ଘଡ଼ିର ଝଡ଼ ଦିନ ଦିନ ମାସ ମାସ ଧରି ଚାଲିଥାଏ। ପୃଥିବୀରେ ସବୁଠାରୁ ଭୟଙ୍କର ବିଜୁଳି ତୁଳନାରେ ଶନିଗ୍ରହର କେତେକ ବିଜୁଳି ୧୦,୦୦୦ ଗୁଣ ଅଧିକ ଭୟଙ୍କର ଓ ଅଧିକ ଉଜ୍ଜ୍ୱଳ। ଶନିଗ୍ରହର ଝଡ଼ ମଧ୍ୟ ଆମର ଝଡ଼ ତୁଳନାରେ ଅନେକ ଶକ୍ତିଶାଳୀ ଓ ଭୟଙ୍କର। ସେଠାରେ ଗୋଟିଏ ଝଡ଼ର ଲମ୍ବ ପ୍ରାୟ ୩୦୦୦ କି.ମି. ହେବ। ବିଜୁଳି ଝଡ଼ ସମୟରେ ଶନିଗ୍ରହର ବାୟୁମଣ୍ଡଳ ଆହୁରି ସକ୍ରିୟ ହୋଇଉଠେ।

"ପୃଥିବୀ ଗ୍ରହକୁ ବାୟୁମଣ୍ଡଳ ଘେରି ରହିଥିବାରୁ ବିଜୁଳି ମାରିବା ସମ୍ଭବ ହେଉଛି। ଯଦି ଏଠାରେ ବାୟୁମଣ୍ଡଳ ନ ଥାଆନ୍ତା, ତା'ହେଲେ ବାଦଲ ନ ଥାଆନ୍ତା କି ବିଜୁଳି-ଘଡ଼ଘଡ଼ି ଅନୁଭୂତ ହୁଅନ୍ତା ନାହିଁ। ଆମେ ପୃଥିବୀ ଉପରେ ରହୁ। ପୃଥିବୀ ଗୋଟିଏ ଗ୍ରହ। ଆମ ସୌର ଜଗତରେ ସୂର୍ଯ୍ୟ ଚାରିପଟେ ପୃଥିବୀକୁ ଛାଡ଼ି ଆହୁରି ସାତଟା ଗ୍ରହ ବୁଲୁଛନ୍ତି। ସମସ୍ତ ଗ୍ରହରେ ଅଳ୍ପବହୁତେ ବାୟୁମଣ୍ଡଳ ରହିଛି। କିନ୍ତୁ ସବୁ ଗ୍ରହର ବାୟୁମଣ୍ଡଳ ଆମ ଗ୍ରହର ବାୟୁମଣ୍ଡଳ ପରି ନୁହେଁ। ସେସବୁ ଗ୍ରହର ବାୟୁମଣ୍ଡଳରେ ଆମେ ସହଜରେ ବଞ୍ଚିପାରିବା ନାହିଁ।"

ଶନିଗ୍ରହର ସକ୍ରିୟ ବାୟୁମଣ୍ଡଳ, ବାୟୁମଣ୍ଡଳକୁ ଘେରିଥିବା ଏକାଧିକ ବଳୟ ଓ ଏହି ଗ୍ରହକୁ ପରିକ୍ରମା କରୁଥିବା ଉପଗ୍ରହଗୁଡ଼ିକ ସମ୍ପର୍କରେ ଗବେଷଣା କରିବା ସକାଶେ ୧୯୯୭, ଅକ୍ଟୋବର ୧୫ ତାରିଖରେ ନାସା, ୟୁରୋପ ଓ ଇଟାଲି ତରଫରୁ 'କାସିନି' ମହାକାଶଯାନକୁ ପଠାଯାଇଥିଲା। 'କାସିନି' ୨୦୦୪, ଜୁନ୍ ୩୦ ତାରିଖ ରାତିରେ ଶନିଗ୍ରହକୁ ପରିକ୍ରମା କରିବା ଆରମ୍ଭ କରିଥିଲା। କିନ୍ତୁ ସେଠାରେ ସୃଷ୍ଟି ହେଉଥିବା ବିଜୁଳିର ଫଟୋ ଉଠାଇବା କଷ୍ଟକର ବ୍ୟାପାର ଥିଲା। ଦିନବେଳେ ସୂର୍ଯ୍ୟକିରଣ ଓ ରାତିରେ ବାୟୁମଣ୍ଡଳକୁ ଘେରିଥିବା ଉଜ୍ଜ୍ୱଳ ବଳୟଗୁଡ଼ିକ ହେତୁ ବାଦଲ ଭିତରେ ବିଜୁଳିର ଧାରାକୁ ଜାଣିବା ସହଜ ନ ଥିଲା। କେବଳ ସେଠାରୁ ବାହାରୁଥିବା ରେଡିଓ ତରଙ୍ଗରୁ ବିଜୁଳି ସୃଷ୍ଟି ହେଉଥିବାର ପ୍ରମାଣ ମିଳୁଥିଲା। ତେବେ ୨୦୧୧, ମାର୍ଚ୍ଚ ୬ ତାରିଖରେ 'କାସିନି' ଉଠାଇଥିବା ଫଟୋରେ ନୂଆ କଥା ଦେଖିବାକୁ ମିଳିଥିଲା। ଫଟୋଗୁଡ଼ିକର ଅନୁଶୀଳନ କରୁ କରୁ ୨୦୧୨, ଜୁଲାଇରେ ଏହା ବିଷୟରେ ଜଣାପଡିଲା। ସେହି ଫଟୋରେ ବାଦଲ ଉପରେ ନୀଳରଙ୍ଗର ବିଜୁଳି ଦେଖିବାକୁ ମିଳିଥିଲା। ଏହା ହେଉଛି ବୈଜ୍ଞାନିକମାନଙ୍କ ପାଇଁ ଶନିଗ୍ରହରେ ସୃଷ୍ଟି ହୋଇଥିବା ପ୍ରଥମ ବିଜୁଳି, ଯାହାର ଫଟୋ ଉଠାଯାଇ ପାରିଲା।

ଆଶ୍ଚର୍ଯ୍ୟର କଥା, ଫଟୋଗୁଡ଼ିକୁ ଦିନବେଳେ ଉଠାଯାଇଥିଲା। ଯେଉଁ ଫଟୋରେ ବଳୟ ଗ୍ରହର ଭୟଙ୍କର ବିଜୁଳିର ଧାରା ଦେଖିବାକୁ ମିଳିଥିଲା, ସେହି ଫଟୋଗୁଡ଼ିକୁ 'କାସିନି' ମହାକାଶଯାନରେ ରଖାଯାଇଥିବା କ୍ୟାମେରା ଦ୍ୱାରା ଦିନବେଳେ ଉଠାଯାଇଥିଲା। ଏହାକୁ ଉଠାଇବା ପାଇଁ କ୍ୟାମେରାରେ ନୀଳରଙ୍ଗର ଫିଲ୍‌ଟର ବ୍ୟବହାର କରାଯାଇଥିଲା। ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ଶନିଗ୍ରହର ବାୟୁମଣ୍ଡଳରେ ବାଦଲ ଉପରେ ଯେଉଁ ବିଜୁଳି ଧାରାର ଫଟୋ ଉଠିପାରୁଛି, ତାହା ସାଧାରଣ ବିଜୁଳି ନୁହେଁ। ଆମ ବାଦଲରେ ସୃଷ୍ଟି ହେଉଥିବା ଅତି ମାରାତ୍ମକ ବିଜୁଳିଠାରୁ ତାହା ଆହୁରି ଭୟଙ୍କର। ବାଦଲ ଉପରେ ଏହାର ବ୍ୟାସାର୍ଦ୍ଧ ପ୍ରାୟ ୨୦୦ କିଲୋମିଟର। ଏହି ବିଜୁଳି ସମୟରେ ୩୦୦ କୋଟି ଜୁଲ ଶକ୍ତି ନିର୍ଗତ ହୋଇଥିଲା। ଏହାର ଅର୍ଥ ୨୫ ୱାଟ୍ ରେଟିଂର ୧୨ କୋଟି ସିଏଫ୍‌ଏଲ୍ ବଲ୍‌ବ ହଠାତ୍ ଏକ ସେକେଣ୍ଡ ପାଇଁ ଜଳି ଉଠିଲେ ଯେତିକି ଉଜ୍ଜ୍ୱଳ ଦିଶିବ, ସେହି ବିଜୁଳିର ଔଜ୍ଜ୍ୱଲ୍ୟ ସେତିକି ଥିଲା। ବାଦଲର ନିମ୍ନ ପ୍ରଦେଶରୁ ସେହି ବିଜୁଳିର ଧାରା ଆରମ୍ଭ ହୋଇଥିଲା ବୋଲି ଜଣାପଡିଛି। ଯେତେବେଳେ ଏକାଧିକ ବିଜୁଳିଝଡ଼ ଏକାବେଳେ ଶନିଗ୍ରହକୁ ପରିକ୍ରମା କରନ୍ତି, ସେତେବେଳେ ଏକାଧିକ ବିଜୁଳିର ଧାରା ଏକ ସଂଗରେ ଦେଖାଯିବାର ସମ୍ଭାବନା ଥାଏ। ଏକ ସମୟରେ ୫ଟା ଓ ୩ଟା ବିଜୁଳିର ଉଜ୍ଜ୍ୱଳଧାରା ଥିବା ଫଟୋ ମଧ୍ୟ ମିଳୁଛି। ଏହା ଶନିଗ୍ରହର ବାୟୁମଣ୍ଡଳକୁ ବୁଝିବାରେ ସହାୟତା କରୁଛି।

*- ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ, ସହକାରୀ ପ୍ରଫେସର (ଫିଜିକ୍ସ), ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ, ମୋ : ୯୪୩୯୫୦୧୬୫୧*

# ବସବାସ: ପୃଥିବୀରେ ଆଗ ନା ମଙ୍ଗଳରେ

ସୌରମଣ୍ଡଳରେ ଥିବା ଗ୍ରହଗୁଡ଼ିକ ମଧ୍ୟରେ କେବଳ ପୃଥିବୀରେ ହିଁ ଜୀବନ ଧାରଣ ପାଇଁ ଆବଶ୍ୟକ ଉପାଦାନ ରହିଛି। ତେବେ ବସବାସ





କେଉଁ ଗ୍ରହରେ ପ୍ରଥମେ ସମ୍ଭବ ହୋଇଥିଲା, ତାକୁ ଜାଣିବା ପାଇଁ ଏବେ ତର୍ଜମା ଚାଲିଛି। ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'ର ମହାକାଶବିଜ୍ଞାନୀ ମତ ରଖନ୍ତି, ପୃଥିବୀରେ ମଣିଷ ବସବାସ କରିବାର ବହୁ ବର୍ଷ ପୂର୍ବରୁ ମଙ୍ଗଳ ଗ୍ରହରେ ଏପରି ପରିବେଶ ଦେଖିବାକୁ ମିଳିଥିଲା। 'ନାସା' ପକ୍ଷରୁ ନିକଟରେ ଏ ସମ୍ପର୍କରେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଅନୁସାରେ ପୃଥିବୀରେ ବସବାସ ପୂର୍ବରୁ ମଙ୍ଗଳ ଗ୍ରହରେ ବସବାସ ସମ୍ଭବ ହୋଇଥିଲା। ଏହି ଧାରା ୪.୫ ବିଲିଅନରୁ ୩.୫ ବିଲିଅନ ବର୍ଷ ପୂର୍ବରୁ ହୋଇଥିଲା ବୋଲି ସୂଚନା ଦିଆଯାଇଛି। ଉକ୍ତ ରିପୋର୍ଟରୁ ପୁଣି ଜଣାପଡିଛି ଯେ, ମଙ୍ଗଳକୁ ୪.୨ରୁ ୩.୫ ମିଲିଅନ ବର୍ଷ ମଧ୍ୟରେ ବୃହତ୍ ମହାଜାଗତିକ ବସ୍ତୁ ଧକ୍କା ଦେବା ପରେ ସେଠାରେ ପାଣି ସୃଷ୍ଟି ହୋଇଥିଲା, ଯାହା ବସବାସ ପାଇଁ ବାଟ ଫିଟାଇ ଦେଇଥିଲା। ତେବେ ଏଭଳି କୌତୂହଳପୂର୍ଣ୍ଣ ବିଷୟରେ ଆହୁରି ତଥ୍ୟ ଜାଣିବାକୁ ସେମାନେ ପ୍ରୟାସ ଜାରି ରଖିଛନ୍ତି।

# ଓଜନ କମାଇବ ବ୍ୟକ୍ତିତ୍ୱ

ଓଜନ ବଢ଼ିବା ଆଜିକାଲି ଏକ ସାଧାରଣ କଥା ପାଲଟିଗଲାଣି। କେତୋଟି ବିଷୟ ପ୍ରତି ସଚେତନ ନ ହେଲେ ଓଜନ ବୃଦ୍ଧି ପରୋକ୍ଷରେ ଆଉ କେତେକ ରୋଗକୁ ଡାକିଆଣିଥାଏ। ତେବେ ଓଜନ କମାଇବା ତାଲିକାରେ ଆଉ ଏକ ଜିନିଷକୁ ଯୋଡ଼ିଛନ୍ତି ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଯଦି ଅଧିକାଂଶ ସମୟରେ ସକାରାତ୍ମକ ରହେ ଏବଂ ସେ ଏହାଦ୍ୱାରା ଅନ୍ୟମାନଙ୍କୁ ପ୍ରଭାବିତ କରିପାରନ୍ତି ତେବେ ତାଙ୍କ ଓଜନ କେତେକାଂଶରେ କମିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଏହି ସମୟରେ ମେଦବହୁଳତା ସମସ୍ୟା ସହ ଜଡ଼ିତ କେତେଜଣ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱକୁ ସର୍ଭେ କରାଯାଇଥିଲା, ଯେଉଁମାନଙ୍କର ବ୍ୟକ୍ତିତ୍ୱ ସକାରାତ୍ମକ ଥିଲା ତାହାର ପ୍ରଭାବ ସେମାନଙ୍କ ଓଜନ ବୃଦ୍ଧି ଉପରେ କିପରି ପଡୁଛି ତାହାକୁ ଲକ୍ଷ୍ୟ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କର ଓଜନ କେତେକାଂଶରେ କମୁଥିବାର ଜଣାପଡ଼ିଥିଲା ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଦୃଷ୍ଟିଶକ୍ତି ପ୍ରଖର କରେ ଅଲିଭ୍ ତେଲ



ଦୃଷ୍ଟିଶକ୍ତିକୁ ପ୍ରଖର କରିବା ପଛରେ ଅଲିଭ୍ ତେଲର ମଧ୍ୟ ଭୂମିକା ରହିଛି। ୟୁନିଭର୍ସିଟି ଅଫ ଲଣ୍ଡନର ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ସଦ୍ୟତମ ଗବେଷଣାରୁ ଏ ସମ୍ପର୍କରେ ସୂଚନା ମିଳିଛି। 'ଦୃଷ୍ଟିଶକ୍ତି ଏବଂ ଅଲିଭ୍ ତେଲ' ସମ୍ପର୍କିତ ବିଷୟବସ୍ତୁକୁ ନେଇ ଏମାନଙ୍କ ଦ୍ୱାରା ହୋଇଥିବା ଗବେଷଣାରୁ ଏପରି ତଥ୍ୟ ମିଳିଛି। ଗବେଷଣା ସମୟରେ ଦୃଷ୍ଟିଶକ୍ତି ଉପରେ ଅଲିଭ୍ ତେଲର କି ପ୍ରକାର ସୁପ୍ରଭାବ ପଡୁଛି, ତାହାକୁ ତନ୍ନତନ୍ନ କରି ପରୀକ୍ଷା କରାଯାଇଥିଲା। ଭିଟାମିନ୍ 'ଏ'ର ଅନ୍ୟତମ ପ୍ରମୁଖ ଉତ୍ସ ହେଲା ଅଲିଭ୍ ତେଲ। ଏଥିରେ ପ୍ରସ୍ତୁତ ଖାଦ୍ୟକୁ ଯଦି ଆପଣ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତି, ତେବେ ତାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରିଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



"ସୁନା ଉପରେ ସୀମା ଶୁଳ୍କ ବୃଦ୍ଧି ହୋଇଥିବାରୁ କିଛି ସମୟ ଲାଗି ଏହା ସୁନା କ୍ରୟକୁ ପ୍ରଭାବିତ କରିବା ସହ ବେଆଇନ ସୁନା କାରବାର ବଢ଼ାଇବ।

**– ଟି.ଏସ୍. କଲ୍ୟାଣ ରମଣନ, ଅଧ୍ୟକ୍ଷ , କଲ୍ୟାଣ ଜୁଏଲର୍ସ**



"ଭିତ୍ତିଭୂମି ବିକାଶ, ଡିଜିଟାଲ ଅର୍ଥନୀତି ଏବଂ ନିଯୁକ୍ତି ସୃଷ୍ଟିକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ସରକାରଙ୍କ ବିଭିନ୍ନ ପଦକ୍ଷେପ ଇସ୍ପାତ ଶିଳ୍ପ ଲାଗି ଲାଭକାରି ହେବ।

**–ଟି.ଭି. ନରେନ୍ଦ୍ରନ,ଟାଟା ଷ୍ଟିଲ, ଏମ୍ଡି**

## ସଂକ୍ଷେପରେ

### ଆଧାର ଜରିଆରେ ରିଟର୍ନ ଦାଖଲ ଆୟକର ବିଭାଗ ଜାରି କରିବ ପାନ୍

**ନୂଆଦିଲ୍ଲୀ,୭-୭:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ବଜେଟ ଉପସ୍ଥାପନ କରି ପାନ୍ ନ ଥିଲେ ମଧ୍ୟ ଟିକସଦାତା ଆଧାର କାର୍ଡ ଜରିଆରେ ଆୟକର ରିଟର୍ନ ଦାଖଲ କରିପାରିବେ ବୋଲି ଘୋଷଣା କରିଥିଲେ। ଏଣିକି ଆଧାର ମାଧ୍ୟମରେ ଆୟକର ରିଟର୍ନ ଦାଖଲ କରୁଥିବା ଟିକସଦାତାଙ୍କୁ ଆୟକର ବିଭାଗ ନିଜ ଆଡୁ ପାନ୍ ଯୋଗାଇ ଦେବ। ଏହି ନୂଆ ବ୍ୟବସ୍ଥା ଦ୍ୱାରା ପାନ୍ ଓ ଆଧାର ଡାଟାବେସ୍‌କୁ ପରସ୍ପର ସହ ଯୋଡିବା ଲାଗି ବ୍ୟବହାର କରାଯିବ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ମୋଦି କହିଛନ୍ତି। ଏହା ଏକ ଅତିରିକ୍ତ ସୁବିଧା ହେବ ଏବଂ ଆଇନାନୁଯାୟୀ ପାନ୍ ଓ ଆଧାର ସଂଯୋଗକୁ ସୁନିଶ୍ଚିତ କରିବ।

### ଗୋଦ୍‌ରେଜ ଅଧ୍ୟକ୍ଷଙ୍କୁ ମିଳିଛି ୧୧୪ ଗୁଣା ବେତନ



**ନୂଆଦିଲ୍ଲୀ,୭-୭:** ଗୋଦ୍‌ରେଜ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡର ଅଧ୍ୟକ୍ଷ ଆଦି ଗୋଦ୍‌ରେଜଙ୍କୁ ୨୦୧୮-୧୯ ଆର୍ଥିକ ବର୍ଷରେ କର୍ମଚାରୀଙ୍କ ବେତନର ୧୧୪ ପ୍ରତିଶତ ଅଧିକ ପାରିତୋଷିକ ମିଳିଛି। ତାଙ୍କୁ ଗୋଟିଏ ବର୍ଷରେ ୬.୦୭ କୋଟି ଟଙ୍କା ବେତନ ମିଳିଛି। କମ୍ପାନୀର ବାର୍ଷିକ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। ସେହିପରି କମ୍ପାନୀ ଏମ୍‌ଡି ତଥା ସିଇଓ ବିବେକ ଗମ୍ଭୀରଙ୍କୁ ଏହାଠାରୁ ଅଧିକ ବେତନ ମିଳିଛି। ସେ ହାରାହାରି ବେତନର ୩୧୧.୨୬ ଗୁଣା ଅର୍ଥାତ୍ ୧୩.୧ କୋଟି ଟଙ୍କା ପାଇଛନ୍ତି। କମ୍ପାନୀର କାର୍ଯ୍ୟକାରୀ ଅଧ୍ୟକ୍ଷ ନିସାବା ଗୋଦ୍‌ରେଜ୍‌ଙ୍କୁ ୧୨୩.୪୭ ଗୁଣା ଅର୍ଥାତ୍ ୫.୨ କୋଟି ଟଙ୍କା ମିଳିଛି। ସୂଚନାଯୋଗ୍ୟ ଯେ, ୨୦୧୭-୧୮ ତୁଳନାରେ ଆଦି ଗୋଦ୍‌ରେଜଙ୍କୁ ୨୦ ପ୍ରତିଶତ ଓ ଗମ୍ଭୀରଙ୍କୁ ୩୩ ପ୍ରତିଶତ କମ୍ ବେତନ ମିଳିଛି। କମ୍ପାନୀର ରିପୋର୍ଟ ଅନୁଯାୟୀ, ୨-୧୮-୧୯ରେ କମ୍ପାନୀର କର୍ମଚାରୀଙ୍କ ହାରାହାରି ବେତନ ୪.୨୧ ଲକ୍ଷ ଟଙ୍କା ଥିଲା। କର୍ମଚାରୀଙ୍କ ବେତନ ଆଲୋଚ୍ୟ ବର୍ଷରେ ୬.୨୩ ପ୍ରତିଶତ ବୃଦ୍ଧି ହୋଇଛି। ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା କମ୍ପାନୀରେ ୨୭୮୧ କର୍ମଚାରୀ କାର୍ଯ୍ୟ କରୁଥିଲେ।

### ଓଭରସିଜ୍ ବଣ୍ଡ ଜାରି କରିବେ ସରକାର

**ନୂଆଦିଲ୍ଲୀ,୭-୭:** ବିଦେଶୀ ବଜାରରୁ ପୁଞ୍ଜି ଉଠାଣ କରିବା ଲାଗି ସରକାର ଯୋଜନା ହାତକୁ ନେଇଛନ୍ତି। ଏଥିଲାଗି ଓଭରସିଜ ବଣ୍ଡ ଜାରି କରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଭାଗରେ ସରକାର ବିଦେଶୀ ବଜାର ଲାଗି ସୋଭରେନ ବଣ୍ଡ ଆଣିବାକୁ ଶୀଘ୍ର ପ୍ରକ୍ରିୟା ଜାରି କରିବେ ବୋଲି ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି। ବହିର୍ବଜାରରୁ ଋଣ ଯୋଜନା ସମ୍ପର୍କରେ ସରକାର ବଜେଟରେ ଘୋଷଣା କରିଥିଲେ। ସାରା ବିଶ୍ୱ ତୁଳନାରେ ଦେଶର ମୋଟ ଜିଡିପିକୁ ବିଦେଶୀ ଋଣ ପରିମାଣ ନିମ୍ନରେ ରହିଛି। ଭାରତ ବଜାର ଲାଗି ଏହା ୫%ରୁ ନିମ୍ନରେ ରହିଛି। ବଣ୍ଡର ପରିମାଣ କେତେ ରହିବ ସେ ନେଇ ଶୀଘ୍ର ନିଷ୍ପତ୍ତି ହେବ। ଏ ନେଇ ବର୍ତ୍ତମାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିଲାଗି ପରାମର୍ଶଦାତା ନିଯୁକ୍ତ କରାଯିବ। ସେପ୍ଟେମ୍ବର ଶେଷ ସୁଦ୍ଧା ଏଥି ସଂକ୍ରାନ୍ତ ରୋଡମ୍ୟାପ ଜାରି ହେବ ବୋଲି ଗର୍ଗ ସୂଚନା ଦେଇଛନ୍ତି।

### ଇ-ଯାନ ପ୍ରୋତ୍ସାହନକୁ ସବୁଜ ସଙ୍କେତ: ରାଜୀବ କୁମାର

**ନୂଆଦିଲ୍ଲୀ,୭-୭:** ଘରୋଇ ବଜାରରେ ଇ-ଯାନ ପ୍ରୋତ୍ସାହନକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏହାର ପ୍ରତିଫଳନ ବଜେଟରେ ଦେଖାଯାଇଛି। ଦେଶରେ ଇ-ଯାନ ଚଳାଚଳକୁ ପ୍ରୋତ୍ସାହନ ସ୍ୱରୂପ ବଜେଟରେ ବିଭିନ୍ନ ଘୋଷଣା କରାଯାଇଛି। ଦେଶର କମ୍ପାନୀଗୁଡିକ ଇ-ଯାନ ମାନୁଫାକଚରିଂକୁ ଅଗ୍ରାଧିକାର ଭାବେ ନେଇ ବିଶ୍ୱ ଲିଡର ହୋଇ ପାରିବେ ବୋଲି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ରବିବାର କହିଛନ୍ତି। ବଜେଟରେ ଇ-ଯାନ କ୍ରୟ ଲାଗି ଋଣ ଉପରେ ୧.୫ ଲକ୍ଷ ଟଙ୍କାର ଅତିରିକ୍ତ ଆୟକର ଛାଡ ଘୋଷଣା କରାଯାଇଛି। ଏହା ଦେଶରେ ପରିବେଶ ଉପଯୋଗୀ ମୋବିଲିଟି ସଲ୍ୟୁଶନ ଗ୍ରହଣରେ ସହାୟକ ହେବ। ସରକାରଙ୍କ ଏହି ଆଭିମୁଖ୍ୟକୁ ଦେଶର ଅଟୋଶିଳ୍ପ ବର୍ତ୍ତମାନ ବୁଝିପାରିବ ବୋଲି ଆଶାବାଦୀ ଥିବା ସେ କହିଛନ୍ତି।

# ସମ୍ପୂର୍ଣ୍ଣ ବିକ୍ରି ହେବ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୭-୭**



- ୧୦୦ ପ୍ରତିଶତ ଅଂଶଧନ ଘରୋଇକରଣ ହେବ
- ପୂର୍ବରୁ ୭୪% ବିକ୍ରି ଲାଗି ଉଦ୍ୟମ ହୋଇଥିଲା
- ପ୍ରଥମ ପ୍ରଚେଷ୍ଟାରେ କେହି କିଣିବାକୁ ଆଗ୍ରହ ଦେଖାଇଲେ ନାହିଁ
- ଆଜି କମ୍ପାନୀ ବୋର୍ଡ ସହ କର୍ମଚାରୀ ୟୁନିୟନର ବୈଠକ
- ସେପ୍ଟେମ୍ବର ସୁଦ୍ଧା ନିଷ୍ପତ୍ତି

କେନ୍ଦ୍ର ସରକାର କ୍ଷତିରେ ବୁଡ଼ି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆକୁ ବିକ୍ରି କରିଦେବା ଲାଗି ନୂତନ ଭାବେ ବିଚାର କରୁଛନ୍ତି। ନୂଆ ଯୋଜନାନୁଯାୟୀ, ସରକାର ଏୟାର ଇଣ୍ଡିଆର ୧୦୦ ପ୍ରତିଶତ ଅଂଶଧନ ବିକ୍ରି କରିବେ। ତେବେ ଏ ସମ୍ପର୍କରେ ପୂର୍ବରୁ ଗଠିତ ମନ୍ତ୍ରିଗୋଷ୍ଠୀ ନିଷ୍ପତ୍ତି ନେବେ। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଏ ସମ୍ପର୍କରେ ନିଷ୍ପତ୍ତି ହୋଇଯିବ।

ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା(ଦୀପମ୍) ସଚିବ ଅତନୁ ଚକ୍ରବର୍ତ୍ତୀ କହିଛନ୍ତି ଯେ, କୌଣସି ନିବେଶକ କମ୍ପାନୀକୁ ସମ୍ପୂର୍ଣ୍ଣ କିଣିବାକୁ ଚାହୁଁଥିଲେ ଭଲ କଥା। କମିଟିର ନିଷ୍ପତ୍ତି ପରେ ହିଁ ସେ ଏ ସମ୍ପର୍କରେ ବିସ୍ତାରିତ ସୂଚନା ଦେବେ। ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିବାରେ କୌଣସି ବାଧା ନ ଥିବା ତାଙ୍କର ବ୍ୟକ୍ତିଗତ ମତ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ମହାରାଜାକୁ ବିକ୍ରି କରିବା ଲାଗି ଗତବର୍ଷ ସରକାରଙ୍କ ପକ୍ଷରୁ ଉଦ୍ୟମ ହୋଇଥିଲା କିନ୍ତୁ କୌଣସି ନିବେଶକ ଏହାକୁ କିଣିବା ଲାଗି ଆଗେଇ ଆସିଲେ ନାହିଁ। ଏବେ କମ୍ପାନୀକୁ ସମ୍ପୂର୍ଣ୍ଣରୂପେ ବିକ୍ରି କରିଦେବା ଲାଗି ସରକାର ପୁନର୍ବାର ଆଗଭର ହୋଇଛନ୍ତି। ସୂଚନାଥାଉ କି, ଏୟାର ଇଣ୍ଡିଆର ଅଂଶଧନ ବିକ୍ରି କରିବା ଲାଗି ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ ବେଳେ ଦୋହରାଇଥିଲେ। ଏୟାର ଇଣ୍ଡିଆର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିବା ଲାଗି ନୀତି ଆୟୋଗ ପକ୍ଷରୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ସରକାର ରଣନୈତିକ ଦୃଷ୍ଟିରୁ ଉଦ୍ଦିଷ୍ଟ ନିବେଶକଙ୍କୁ ୭୪ ପ୍ରତିଶତ ଅଂଶଧନ ବିକିବାକୁ ଚାହୁଁଥିଲେ। କମ୍ପାନୀ ବିକ୍ରି ନ ହେବାର ଏହା ସବୁଠାରୁ ବଡ଼ କାରଣ ଥିଲା। ଚକ୍ରବର୍ତ୍ତୀ କହିଛନ୍ତି ଯେ, ଏୟାର ଇଣ୍ଡିଆକୁ ବିକ୍ରି କରିବା ପ୍ରକ୍ରିୟାକୁ ଦ୍ରୁତତର କରାଯିବ। ଏସଂକ୍ରାନ୍ତରେ କାଗଜପତ୍ର ତିଆରି ପ୍ରକ୍ରିୟା ପ୍ରାୟ ଶେଷ ପର୍ଯ୍ୟାୟରେ ରହିଛି। ପୂର୍ବରୁ ସରକାର ଏୟାର ଇଣ୍ଡିଆକୁ ୭ ହଜାର କୋଟି ଟଙ୍କାର ସଭରେନ ଗ୍ୟାରେଣ୍ଟି ଦେଇଥିଲେ। ଏହି ଅର୍ଥରୁ ଏବେ କମ୍ପାନୀ ନିକଟରେ ମାତ୍ର ୨୫୦୦ କୋଟି ଟଙ୍କା ରହିଯାଇଛି। ଏହି ଅର୍ଥକୁ ତେଲ କିଣିବା ଏବଂ ବିମାନ ବନ୍ଦର ପରିଚାଳନା ସହିତ ବିକ୍ରେତାଙ୍କୁ ବକେୟା ପ୍ରଦାନରେ ଖର୍ଚ୍ଚ ହୋଇଯିବ। ଅକ୍ଟୋବର ପରେ ଏୟାର ଇଣ୍ଡିଆ କର୍ମଚାରୀଙ୍କୁ ବେତନ ଦେଇପାରିବ ନାହିଁ। ପ୍ରତି ମାସରେ ବେତନ ପିଛା କମ୍ପାନୀ ୩୦୦ କୋଟି ଟଙ୍କା ଖର୍ଚ୍ଚ କରୁଛି। କମ୍ପାନୀ ଉପରେ ଏବେ ପ୍ରାୟ ୯ ହଜାର କୋଟି ଟଙ୍କାର ବକେୟା ରହିଛି। ଏହାକୁ ପ୍ରଦାନ ପାଇଁ କମ୍ପାନୀ ପକ୍ଷରୁ ସରକାରଙ୍କ ଠାରୁ ସହାୟତା ଲୋଡାଯାଇଛି। ତେବେ ଏହାକୁ ସରକାର ଗ୍ରହଣ କରିବା ନେଇ ସନ୍ଦେହ ରହିଛି। ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ପୂର୍ବ ଘୋଷିତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିବିନିଯୋଗ(ଏଫ୍‌ଡିଆଇ) ସୀମା ବୃଦ୍ଧିର ସମୀକ୍ଷା କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟ ଘୋଷଣାରେ କହିଥିଲେ। ବର୍ତ୍ତମାନ ଏହି ସେକ୍ଟରରେ ସର୍ବାଧିକ ୪୯ ପ୍ରତିଶତ ପର୍ଯ୍ୟନ୍ତ ଏଫ୍‌ଡିଆଇକୁ ମଞ୍ଜୁରୀ ଦିଆଯାଉଛି। କମ୍ପାନୀ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀ ସୋମବାର ସମସ୍ତ କର୍ମଚାରୀ ୟୁନିୟନର ବୈଠକ ଡକାଇଛନ୍ତି। ଏଥିରେ ୧୩ଟି ୟୁନିୟନ ପ୍ରତିନିଧି ଯୋଗ ଦେବେ ବୋଲି ଜଣାପଡିଛି। ଏହି ବୈଠକରେ ଏୟାର ଇଣ୍ଡିଆ ଅଧ୍ୟକ୍ଷ ଓ ବୋର୍ଡ ସଦସ୍ୟ ଉପସ୍ଥିତ ରହିବେ। ଅପରପକ୍ଷରେ ଏୟାର ଇଣ୍ଡିଆ କର୍ମଚାରୀ ୟୁନିୟନ କମ୍ପାନୀକୁ ବିକ୍ରି କରିବାକୁ ବିରୋଧ କରୁଛନ୍ତି। ମହାରାଜାର ଘରୋଇକରଣ କରିବା ଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ସେମାନେ ଏ ନେଇ କିଙ୍ଗଫିଶର ଓ ଜେଟ୍ ଏୟାରୱେଜ୍ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଜଣେ ୟୁନିୟନ ନେତା କହିଛନ୍ତି ଯେ, ଘରୋଇକରଣ ଦ୍ୱାରା କମ୍ପାନୀ ଲାଭ କରିବ ଓ ଏହାର ଦକ୍ଷତା ବଢ଼ିବ ନାହିଁ ବୋଲି ସରକାର ଭିତରେ ଓ ବାହାରେ ଥିବା ବ୍ୟକ୍ତିବିଶେଷ ଭାବିବା ଉଚିତ୍।

## ରେଲୱେ ଘରୋଇକରଣ ଉଦ୍ୟମକୁ ୟୁନିୟନର ବିରୋଧ

**ନୂଆଦିଲ୍ଲୀ,୭-୭**

ଭାରତୀୟ ରେଲୱେର ଘରୋଇକରଣ ଉଦ୍ୟମକୁ ରେଲୱେ ୟୁନିୟନ ବିରୋଧ କରିଛି। ନ୍ୟାଶନାଲ ଫେଡେରେଶନ ଅଫ୍ ଇଣ୍ଡିଆନ ରେଲୱେମେନ ପକ୍ଷରୁ ଏହାକୁ ବିରୋଧ କରି ସାରା ଦେଶରେ ରେଲୱେ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଆସନ୍ତା ୧୦ରୁ ୧୩ତାରିଖ ପର୍ଯ୍ୟନ୍ତ ହାତରେ କଳାବ୍ୟାଜ୍ ପିନ୍ଧାଯିବ ବୋଲି ଫେଡେରେଶନ ପକ୍ଷରୁ କୁହାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରି ରେଲୱେର ବିକାଶ ଲାଗି ପିପିପି ମଡେଲ ଆପଣାଯିବ ବୋଲି କହିଥିଲେ। ସରକାର ରେଲୱେର କର୍ପୋରେଟକରଣ ସହ ଘରୋଇକରଣ କରିବାକୁ ଯାଉଛନ୍ତି ବୋଲି ବଜେଟରୁ ସ୍ପଷ୍ଟ ହୋଇଥିବା ଫେଡେରେଶନ ପକ୍ଷରୁ ଏହାର ମହାସଚିବ ଏମ୍.ରାଘଭାଇୟା ବିଭିନ୍ନ ସହଯୋଗୀ ୟୁନିୟନକୁ ପତ୍ର ଲେଖି ଜଣାଇଛନ୍ତି।

# କେନ୍ଦ୍ରକୁ ମିଳିବ ଅତିରିକ୍ତ ୩୦ ହଜାର କୋଟି ଟିକସ

**ନୂଆଦିଲ୍ଲୀ,୭-୭**




ସାଧାରଣ ବଜେଟରେ ଅତି ଧନୀଙ୍କ ବ୍ୟକ୍ତିଗତ ଆୟକର ଏବଂ ପେଟ୍ରୋଲ-ଡିଜେଲ ଉପରେ ଶୁଳ୍କ ବୃଦ୍ଧି ଯୋଗୁ ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ରେ କେନ୍ଦ୍ର ସରକାରଙ୍କୁ ବାର୍ଷିକ ୩୦ ହଜାର କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ମିଳିବ ବୋଲି ଆଶାବ୍ୟକ୍ତ କରାଯାଇଛି। ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ କହିଛନ୍ତି, ସରକାର ତୈଳ ଉପରେ ଉତ୍ପାଦ ଶୁଳ୍କ ଓ ସେସ୍, ସୁନା ଓ ଅନ୍ୟ ଧାତୁ ଉପରେ ସୀମାଶୁଳ୍କ ବୃଦ୍ଧି କରିବା ସହ ଅତିଧନୀଙ୍କ ଉପରେ ଆୟକର ବୋଝ ଲଦି ଦେବା ଯୋଗୁ ଅତିରିକ୍ତ ରାଜସ୍ୱ ପାଇବାକୁ ଯାଉଛନ୍ତି। କିନ୍ତୁ ୪୦୦ କୋଟି ଟଙ୍କାର ବାର୍ଷିକ କାରବାର କରୁଥିବା କମ୍ପାନୀଙ୍କ ଉପରେ ୨୫% କର୍ପୋରେଟ ଟିକସ ଆଦାୟ ଲାଗି ବଜେଟରେ ଘୋଷଣା ହେବା ଯୋଗୁ ରାଜସ୍ୱ ଆୟ ବାବଦରେ ସରକାର ବାର୍ଷିକ ୪ ହଜାର କୋଟି ଟଙ୍କା କ୍ଷତି ସହିବେ। କାରଣ ବର୍ତ୍ତମାନ ବାର୍ଷିକ ୨୫୦ କୋଟି ଟଙ୍କା କାରବାର ଉପରେ ୨୫% କର୍ପୋରେଟ ଟିକସ ଆଦାୟ ହେଉଛି। ସେହିପରି ପେଟ୍ରୋଲ-ଡିଜେଲ ଉପରେ ୨ ଟଙ୍କା ଟିକସ ବୃଦ୍ଧି ଯୋଗୁ ଚଳିତ ଆର୍ଥିକ ବର୍ଷରେ ସରକାରଙ୍କୁ ଅବଶିଷ୍ଟ ମାସରେ ପ୍ରାୟ ୨୨ହଜାର କୋଟି ଟଙ୍କା ରାଜସ୍ୱ ମିଳିବ ବୋଲି ଆକଳନ କରାଯାଇଛି। ଏଭଳି ଭାବେ ଅତିଧନୀଙ୍କ ଉପରେ ଅତିରିକ୍ତ ସରଚାର୍ଜ ବୃଦ୍ଧି କରାଯିବା ଯୋଗୁ ପ୍ରାୟ ୧୨ରୁ ୧୩ ହଜାର କୋଟି ଟଙ୍କା ମିଳିବ। ଅନୁରୂପ ଭାବେ ସୁନା ଓ ଅନ୍ୟ ଧାତୁ ଉପରେ ଆମଦାନୀ ଶୁଳ୍କକୁ ୧୦ରୁ ୧୨.୫%କୁ ବୃଦ୍ଧି କରିବା ଲାଗି ବଜେଟରେ ପ୍ରସ୍ତାବ ଦିଆଯାଇଥିବାରୁ ଏଥିରୁ ସରକାରୀ ତହବିଲକୁ ପ୍ରାୟ ୩ରୁ ୪ ହଜାର କୋଟି ଟଙ୍କା ଯିବ। କିନ୍ତୁ କେତେକ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବା କାରଣରୁ ଫାଇଦା-କ୍ଷତି ସମାନ ହୋଇଯିବ। ଏହି ଦୃଷ୍ଟିରୁ ଦେଖିଲେ ସରକାର ତେଲରୁ ହିଁ ଅତିରିକ୍ତ ୩୦ ହଜାର କୋଟି ଟଙ୍କା ପାଇବେ।

# ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ନେଇ ପ୍ରତିଶ୍ରୁତିବଦ୍ଧ: ନିର୍ମଳା ସୀତାରାମନ



**ନୂଆଦିଲ୍ଲୀ,୭-୭**

### ଆଜି ଆର୍‌ବିଆଇ ବୋର୍ଡକୁ ଉଦ୍‌ବୋଧନ ଦେବେ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ଏଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୋର୍ଡ ବୈଠକରେ ଉଦ୍‌ବୋଧନ ଦେବେ। ବଜେଟ ଉପସ୍ଥାପନ ପରେ ଆର୍‌ବିଆଇ ସହ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଏହା ଏକ ପରମ୍ପରାଗତ ବୈଠକ ହୋଇଥାଏ। ରାଜସ୍ୱ ନିଅଣ୍ଟ କମ କରିବା ଲାଗି ନିଆଯାଇଥିବା ପଦକ୍ଷେପ ଏବଂ ସାଧାରଣ ବଜେଟର ଅନ୍ୟ ପ୍ରମୁଖ ବିନ୍ଦୁ ଉପରେ ସୀତାରାମନ୍ ସରକାରଙ୍କ ଆଭିମୁଖ୍ୟ ଜଣାଇବେ।

ବଜେଟରେ ସରକାର ଘୋଷଣା କରିଥିବା ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ଧ୍ୟାନରେ ରଖାଯାଇଛି। ଏଥିରେ କୌଣସି ସଂଶୟ ନାହିଁ। ସରକାର ପ୍ରଦାନ କରିଥିବା ତଥ୍ୟରେ ମଧ୍ୟ କୌଣସି ଭୂଲ ନାହିଁ। ଧାର୍ଯ୍ୟ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ କରାଯାଇ ପାରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର କହିଛନ୍ତି। ନିୟମ ମୁତାବକ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ଲାଗି ନିର୍ଦ୍ଦିଷ୍ଟ ପନ୍ଥା ଗ୍ରହଣ କରାଯାଉଥିବା ସେ କହିଛନ୍ତି। ଫେବୃୟାରୀରେ ଉପସ୍ଥାପନ ହୋଇଥିବା ଅନ୍ତରୀଣ ବଜେଟରେ ବିତ୍ତିୟ ନିଅଣ୍ଟ ମୋଟ ଜିଡିପିର ୩.୪% ରହିବ ବୋଲି ସରକାର କହିଥିଲେ। ମାତ୍ର ଶୁକ୍ରବାର ଆସିଥିବା ପୂର୍ଣ୍ଣାଙ୍ଗ ବଜେଟରେ ଏହାକୁ ପରିବର୍ତ୍ତନ କରାଯିବା ଫଳରେ ୩.୩% ହୋଇଛି। ଏହା ପରେ ବିଭିନ୍ନ ମହଲରେ ଏହାକୁ ନେଇ ପ୍ରତିକ୍ରିୟା ଆସିଥିଲା। ଏହାର ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି, ସରକାରଙ୍କ ଜଣେ ମନ୍ତ୍ରୀ ହିସାବରେ ବିତ୍ତୀୟ ଦାୟିତ୍ୱ ଏବଂ ବଜେଟ ପରିଚାଳନା(ଏଫ୍‌ଆର୍‌ବିଏମ୍) ଅଧିନରେ ରହିଥିବା ନିୟମକୁ ପାଳନ କରୁଛୁ। ୨୦୨୦-୨୧ରେ ବିତ୍ତିୟ ନିଅଣ୍ଟକୁ ୩% ସ୍ତରକୁ ଆଣିବା ସରକାର ପ୍ରତିଶ୍ରୁତିବଦ୍ଧ।

# ଚୋରି ମୋବାଇଲ ପାଇଁ ଆସିବ ଟ୍ରାକର ବ୍ୟବସ୍ଥା

**ନୂଆଦିଲ୍ଲୀ,୭-୭**



ଦାମୀ ସ୍ମାର୍ଟଫୋନ୍ ହଜିଯିବା ଅଥବା ଚୋରି ହୋଇଯିବା କ୍ଷେତ୍ରରେ ଏହାର ମାଲିକଙ୍କୁ ଆଣିଦେଇଥାଏ ଅନେକ ଦୁଃଖ। ଏଥିପାଇଁ ସେ ପୋଲିସର ଦ୍ୱାରସ୍ଥ ହୋଇ ଅନେକ ସମୟରେ ନିରାଶ ହୋଇଥିବାର ଦେଖାଯାଇଛି। ଏଥିଲାଗି ଏବେ କେନ୍ଦ୍ର ସରକାର ସହାୟତାର ହାତ ବଢ଼ାଇବାକୁ ଯାଉଛନ୍ତି। ହଜି ଯାଇଥିବା ଅଥବା ଚୋରି ହୋଇଥିବା ମୋବାଇଲକୁ ଟ୍ରାକ୍ କରିବା ଲାଗି ସରକାର ଆସନ୍ତା ମାସରୁ ଏକ ମୋବାଇଲ ଟ୍ରାକର ବ୍ୟବସ୍ଥା ଆପଣାଇବାକୁ ଯାଉଛନ୍ତି। ସିମ୍ କାର୍ଡ ବାହାର କରାଯାଇଥିଲେ ଏବଂ ଆଇଏମ୍‌ଇଆଇ ନମ୍ବର ବଦଳା ଯାଇଥିଲେ ମଧ୍ୟ ଏହି ଟ୍ରାକର ବ୍ୟବସ୍ଥାରେ ଚୋରି ହୋଇଥିବା ଅଥବା ହଜିଯାଇଥିବା ମୋବାଇଲକୁ ଖୋଜି ବାହାର କରିହେବ। ସେଣ୍ଟର ଫ୍‌ର ଡେଭଲପ୍‌ମେଣ୍ଟ ଅଫ୍ ଟେଲିମ୍ୟାଟିକ୍ସ (ସି-ଡିଓଟି) ପକ୍ଷରୁ ଏହି ଟେକ୍ନୋଲୋଜି ପ୍ରସ୍ତୁତ କରାଯାଇଛି। ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶେଷ ହେବା ପରେ ଏହି ବ୍ୟବସ୍ଥାକୁ ଲାଗୁ କରିବା ଲାଗି ଟେଲିକମ୍ ମନ୍ତ୍ରୀଙ୍କୁ ଅନୁରୋଧ କରାଯିବ। ଆସନ୍ତା ମାସରେ ଏହା ସାରା ଦେଶରେ ଲଞ୍ଚ ହୋଇଯିବ ବୋଲି ଡିଓଟିର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ପାର୍ଲାମେଣ୍ଟର ବଜେଟ ଅଧିବେଶନ ଚଳିତମାସ ୨୬ରେ ଶେଷ ହେବ। ମୋବାଇଲ ଫୋନ ଟ୍ରାକିଙ୍ଗ ଲାଗି ଟେଲିକମ ବିଭାଗ ପକ୍ଷରୁ ସେଣ୍ଟ୍ରାଲ ଇକ୍ୟୁପମେଣ୍ଟ ଆଇଡେଣ୍ଟିଟି ରେଜିଷ୍ଟର ପ୍ରକଳ୍ପ ଆରମ୍ଭ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କେନ୍ଦ୍ର ସରକାର ଏଥିପାଇଁ ୧୫ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ଏହି ବ୍ୟବସ୍ଥା ଆପଣାଯିବା ପରେ ନକଲି ହ୍ୟାଣ୍ଡସେଟ୍ ଓ ଚୋରିକୁ ବହୁଳାଂଶେ ରୋକାଯାଇପାରିବ ବୋଲି କୁହାଯାଇଛି।

# ହୋଣ୍ଡାର ଏନ୍‌ଏସ୍‌ଏଫ୍ ୨୫୦ ଆର୍ କପ୍

**ନୂଆଦିଲ୍ଲୀ,୭-୭**




ଏମ୍‌ଆର୍‌ଏଫ୍ ଏମ୍‌ଏମ୍‌ଏସ୍‌ସି ଏଫ୍‌ଏମ୍‌ଏସ୍‌ସିଆଇ ଇଣ୍ଡିଆନ ନ୍ୟାଶନାଲ ମୋଟର ସାଇକେଲ ରେସିଂ ଚାମ୍ପିୟନଶିପ-୨୦୧୯ର ରାଉଣ୍ଡ-୨ରେ ବହୁ ପ୍ରତୀକ୍ଷିତ ଇଡେମିଶୁ ହୋଣ୍ଡା ଇଣ୍ଡିଆ ଟାଲେଣ୍ଟ କପ୍- ଏନ୍‌ଏସ୍‌ଏଫ୍ ୨୫୦ ଆର୍ କ୍ଲାସ ଆରମ୍ଭ ହୋଇଛି। ଶୁଭାରମ୍ଭ ରାଉଣ୍ଡ ଉପଲକ୍ଷେ ଯୁବ ଚାଳକ ମହମ୍ମଦ ମିକାଲି, ବରୁଣ ଏସ୍ ଏବଂ କାଭିନ ଏସ୍.ଟେମ୍ ଟ୍ରାକରେ ନଜର ଆସିଥିଲେ। ପିଏସ୍-୧୬୫ ସିସି ଏବଂ ପିଏସ୍ ୨୦୧-୩୦୦ ସିସି ବର୍ଗ ରେସ୍‌ରେ ହୋଣ୍ଡା ରେସିଂ ଟିମ୍ ମୋଟ ୫ ପୋଡିୟମ ହାସଲ କରିଛି। ସେହିଭଳି ରାଜିବ ସେଥୁ ଏବଂ ୟସସ ଆର୍‌ଏଲ୍ ପିଏସ୍-୧୬୫ ବର୍ଗରେ ଡବଲ ପୋଡିୟମ, ପିଏସ୍ ୨୦୧-୩୦୦ ସିସି ବର୍ଗରେ ମଥନ କୁମାର ଫାଷ୍ଟ ପୋଡିୟମ ଫିନିସ ସ୍ଥାନ ହାସଲ କରିଥିବା କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

# ରଥଯାତ୍ରାରେ ବିଓଆଇର ସେବା କାର୍ଯ୍ୟ




**ଭୁବନେଶ୍ୱର,୭-୭**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପରିବାର ପକ୍ଷରୁ ପୁରୀ ରଥଯାତ୍ରା ଅବସରରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଜାରି ରହିଛି। ଶ୍ରଦ୍ଧାଳୁଙ୍କ ପାଇଁ ବଡଦାଣ୍ଡର ୩ଟି ସ୍ଥାନରେ ପାନୀୟ ଜଳ ବଣ୍ଟନ ବ୍ୟବସ୍ଥା, ଗୁଣ୍ଡିଚା ମନ୍ଦିରଠାରେ ଖାଦ୍ୟ ବଣ୍ଟନ ଏବଂ ତାଳ ବଣିଆଠାରେ ମୋବାଇଲ ଏଟିଏମ୍ ବ୍ୟବସ୍ଥା କରାଯାଇଥିଲା। ସାରା ରାଜ୍ୟରୁ ୩୦୦ରୁ ଅଧିକ ବ୍ୟାଙ୍କର ସଦସ୍ୟମାନେ ଏହି ଅବସରରେ ପଦଯାତ୍ରା କରିଥିଲେ। ବ୍ୟାଙ୍କର ଏଭଳି ପଦକ୍ଷେପକୁ ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ଜନସାଧାରଣ ବେଶ ପ୍ରଶଂସା କରିଛନ୍ତି। ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍.ଦ୍ୱିବେଦୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

# ପ୍ଲାଷ୍ଟିକ କ୍ଲଷ୍ଟରରେ ଓଡ଼ିଶା ହୋଇପାରିବ ପ୍ରମୁଖସ୍ଥଳ

**ଭୁବନେଶ୍ୱର,୭-୭(ବ୍ୟୁରୋ)**




**ପ୍ଲାଷ୍ଟିକ ରପ୍ତାନି ସଂକ୍ରାନ୍ତ କର୍ମଶାଳା**

ଦେଶର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ପ୍ଲାଷ୍ଟିକ ଶିଳ୍ପର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ଅଟୋଶିଳ୍ପ, ନିର୍ମାଣ, ଇଲେକଟ୍ରୋନିକ୍ସ, ସ୍ୱାସ୍ଥ୍ୟସେବା, ବୟନ, ଏଫ୍‌ଏମ୍‌ସିଜି ଭଳି କ୍ଷେତ୍ର ସହ ପ୍ଲାଷ୍ଟିକ ଶିଳ୍ପ ଜଡିତ ରହିଛି। ୨୦୧୮-୧୯ରେ ଦେଶର ମୋଟ୍ ମର୍ଚ୍ଚାଣ୍ଡାଇଜ୍ ରପ୍ତାନି ୩୩୧ ବିଲିୟନ ଡଲାର ରହିଛି। ଏଥିରେ ପ୍ଲାଷ୍ଟିକ ରପ୍ତାନିର ଅଂଶ ୧୦.୮୯ ବିଲିୟନ ଡଲାର। ୨୦୧୭ରେ ଏହା ୮.୮୫ ବିଲିୟନ ଡଲାର ଥିବା ବେଳେ ଏଥିରେ ୨୪% ବୃଦ୍ଧି ଘଟିଛି। ଏଭଳିସ୍ଥିତିରେ ସାରା ଦେଶ କଥା ବିଚାର କଲେ ଓଡ଼ିଶା ପ୍ଲାଷ୍ଟିକ କ୍ଲଷ୍ଟର କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନ ହୋଇ ପାରିବ। ପ୍ଲାଷ୍ଟିକ ରପ୍ତାନି ପ୍ରୋତ୍ସାହନ ପରିଷଦ ଏବଂ ରାଜ୍ୟ ସରକାରଙ୍କ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟ ପକ୍ଷରୁ ଅନୁଷ୍ଠିତ ପ୍ଲାଷ୍ଟିକ ରପ୍ତାନି ସଚେତନତା କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ଏଭଳି ମତ ରଖିଛନ୍ତି। ରାଜ୍ୟରୁ ପ୍ଲାଷ୍ଟିକ ରପ୍ତାନି ପ୍ରୋତ୍ସାହନକୁ ଧ୍ୟାନରେ ରଖି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ରପ୍ତାନି ପ୍ରୋତ୍ସାହନ ପରିଷଦର ଇଡି ଶ୍ରୀବାସ ଦାସ ମହାପାତ୍ର କହିଛନ୍ତି, ପାରାଦୀପରେ ଇଣ୍ଡିଆନ ଅଏଲର ପଲିପ୍ରପିଲିନ ଫାସିଲିଟି ଏବଂ ପାରାଦୀପରେ ପ୍ରସ୍ତାବିତ ପ୍ଲାଷ୍ଟିକ ପାର୍କ କାର୍ଯ୍ୟକ୍ଷମ ହେଲେ ରାଜ୍ୟ ପ୍ଲାଷ୍ଟିକ ରପ୍ତାନିର ପ୍ରମୁଖ ସ୍ଥାନ ଗ୍ରହଣ କରିବ। କେଉଁ ଦେଶଗୁଡିକୁ ପ୍ଲାଷ୍ଟିକ ରପ୍ତାନିର ସୁଯୋଗ ରହିଛି ତାହା ସେମିନାର ମାଧ୍ୟମରେ ସଚେତନ କରାଯାଉଛି। ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ବିଭିନ୍ନ ପ୍ରୋତ୍ସାହନ ପଦକ୍ଷେପ ରପ୍ତାନିକାରୀଙ୍କ ଲାଗି ନିଆଯାଉଥିବା ଇଡି ମହାପାତ୍ର କହିଛନ୍ତି। ଜଗତୀକରଣ ଯୋଗୁ ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ବଢିଥିବାରୁ କମ୍ପାନୀ ଗୁଡିକ ବିଦେଶରେ ମଧ୍ୟ ରପ୍ତାନି ସୁଯୋଗ ସ୍ଥିତିକୁ ବିଚାର କରିବାର ସମୟ ଆସିଥିବା ପରିଷଦର ଆଞ୍ଚଳିକ ଅଧ୍ୟକ୍ଷ ପ୍ରସନ୍ନ ଲୋହିଆ ସୂଚନା ଦେଇଥିଲେ। ସେହିଭଳି ରପ୍ତାନିର ସୁଯୋଗ ରାଜ୍ୟର ଏମ୍‌ଏସ୍‌ଏମ୍‌ଇଗୁଡିକ ନେବା ଆବଶ୍ୟକ ବୋଲି ପ୍ରଶାସନିକ କମିଟିର ସଦସ୍ୟ ଅମିତ ପାଲ୍ କହିଛନ୍ତି।

# କୋହଲିଙ୍କ ନିକଟତର ରୋହିତ

**ଲଣ୍ଡନ, ୭।୭(ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଜବରଦସ୍ତ ପ୍ରଦର୍ଶନ କରି ଭାରତୀୟ ତାରକା ଓପନର ରୋହିତ ଶର୍ମା ଏବେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଅଧିନାୟକ ବିରାଟ କୋହଲିଙ୍କ ଶୀର୍ଷ ସ୍ଥାନର ନିକଟତର ହୋଇଛନ୍ତି। କୋହଲି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ବିଶ୍ୱକପ୍‌ରେ ୫ଟି ଶତକ ହାସଲ କରି ବିଶ୍ୱରେକର୍ଡ କରିବା ସହ ରୋହିତ ବ୍ୟାଟିଂ ତାଲିକାର ୨ ନମ୍ବର ସ୍ଥାନ ଅଧିକାର କରିଛନ୍ତି। କୋହଲି ଓ ରୋହିତଙ୍କ ମଧ୍ୟରେ ବ୍ୟବଧାନ କମିଛି। ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ କୋହଲି ୬୩.୧୪ ରନ ହାରରେ ୪୪୨ ରନ ସଂଗ୍ରହ କରିଛନ୍ତି। ଏଥିରେ ୫ଟି ଅର୍ଦ୍ଧଶତକ ସାମିଲ ରହିଛି। ଏଥିସହ ଗୋଟିଏ ପଏଣ୍ଟ ହାସଲ କରି କୋହଲି ୮୯୧ ପଏଣ୍ଟ ହାସଲ କରିଛନ୍ତି।

ଅନ୍ୟପଟେ ରୋହିତ ବିଶ୍ୱକପ୍‌ରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୫ଟି ଶତକ ହାସଲ କରି ମୋଟ କ୍ୟାରିୟର ଶ୍ରେଷ୍ଠ ୮୮୫ ପଏଣ୍ଟ ପାଇଛନ୍ତି। ସେହିପରି ପାକିସ୍ତାନର ବାବର ଆଜମ ବ୍ୟାଟିଂ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଡେଭିଡ ୱାର୍ନର (୬ଷ୍ଠ) ଟପ୍ ୧୦କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରୋହିତଙ୍କଠାରୁ ସେ ମାତ୍ର ୯ ରନ ପଛରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ସ୍ଥିର ପ୍ରଦର୍ଶନ କରି ୪ଟି






ସ୍ଥାନ ଉପରକୁ ଉଠି ଅଷ୍ଟମ ସ୍ଥାନ ଅଧିକାର କରିବା ସହ ଟପ୍ ୧୦କୁ ଫେରିଛନ୍ତି। ଅଷ୍ଟ୍ରେଲିଆର ଉସ୍‌ମାନ ଖ୍ୱାଜା କ୍ୟାରିୟର ଶ୍ରେଷ୍ଠ ୧୫ତମ ସ୍ଥାନ ଅଧିକାର କରିଛନ୍ତି। ଇଂଲଣ୍ଡ ଓପନର ଜାସନ ରଏ ଓ ଜନି ବେୟାରଷ୍ଟୋ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୧୩ତମ ସ୍ଥାନରେ ରହିଛନ୍ତି।

ସେହିପରି ବୋଲିଂ ତାଲିକାରେ ଭାରତର ଯଶପ୍ରୀତ ବୁମ୍‌ରା ଲିଗ୍ ପର୍ଯ୍ୟାୟରେ ୯ଟି ମ୍ୟାଚ୍ ଖେଳି ୧୭ ଉଇକେଟ ଅକ୍ତିଆର କରିବା ସହ ୨୧ରୁ ଉନ୍ନତି କରି ୫୬ ପଏଣ୍ଟ ହାସଲ କରିଛନ୍ତି ଓ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ପୂର୍ବପରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସେ ପ୍ରଥମ ବୋଲର ଭାବେ ଦିନିକିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ପ୍ୟାଟ୍ କୁମିନ୍ସ ୩ଟି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡ଼ା ଓ ଇମ୍ରାନ ତାହିର ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ଆଫଗାନିସ୍ତାନ ସ୍ପିନର ମୁଜିବ ଉର ରହମାନ ଷଷ୍ଠ, ରସିଦ ଖାଁ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି।

## ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍



ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ସପ୍ତମ ଓ ପାକିସ୍ତାନର ମହମ୍ମଦ ଅମୀର ଦ୍ୱାଦଶ ସ୍ଥାନରେ ରହିଛନ୍ତି। ପାକିସ୍ତାନ ଯୁବ ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦୀ ୩୪ଟି ସ୍ଥାନ ଉପରକୁ ଉଠି ୨୩ତମ ସ୍ଥାନ ଅଧିକାର କରିଛନ୍ତି। ବାଂଲାଦେଶ ଅଲରାଉଣ୍ଡର ସାକିବ ଅଲ ହାସନ ଅଲରାଉଣ୍ଡର ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡର ବେନ୍ ଷ୍ଟୋକ୍ସ ୯ଟି ସ୍ଥାନ ଉପରକୁ ଉଠି ୨ୟ ସ୍ଥାନ ଅଧିକାର କରିଛନ୍ତି।

ଦଳୀୟ ତାଲିକାରେ ଇଂଲଣ୍ଡ ୧୨୩ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହିଛି। ତେବେ ମାତ୍ର କେତୋଟି ଡେସିମାଲ ପଏଣ୍ଟରେ ଭାରତ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ୧୧୨ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ତେବେ ଡେସିମାଲ ପଏଣ୍ଟ ଦୃଷ୍ଟିକୋଣରୁ ନ୍ୟୁଜିଲାଣ୍ଡ ତୃତୀୟ ଓ ଅଷ୍ଟ୍ରେଲିଆ ଚତୁର୍ଥ ସ୍ଥାନରେ ରହିଛି। ସେହିପରି ୧୧୦ ପଏଣ୍ଟ ପାଇ ଦକ୍ଷିଣ ଆଫ୍ରିକା ପଞ୍ଚମ ସ୍ଥାନ ଅଧିକାର କରିଛି।

# ଭାରତ ଉଦ୍ଦେଶ୍ୟମୂଳକ ଭାବେ ପରାସ୍ତ ହୋଇନି: ସର୍ଫରାଜ

**କରାଚୀ, ୭।୭ (ପି.ଟି.)**



ଆଇସିସି ବିଶ୍ୱକପ୍‌ରେ ପାକିସ୍ତାନକୁ ସେମିରୁ ବଞ୍ଚିତ କରିବା ଉଦ୍ଦେଶ୍ୟରେ ଭାରତ ଇଂଲଣ୍ଡ ବିପକ୍ଷରେ ଜାଣିଶୁଣି ଖେଳି ନ ଥିବା ଯାହା କୁହାଯାଉଛି ତାହା ବିଶ୍ୱାସଯୋଗ୍ୟ ନୁହେଁ। ଏକଥା କହିଛନ୍ତି ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ସର୍ଫରାଜ ଅହମ୍ମଦ। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଭାରତର ପ୍ରଦର୍ଶନ ନେଇ ବହୁ ପୂର୍ବତନ ପାକିସ୍ତାନ କ୍ରିକେଟର ସନ୍ଦେହ ପ୍ରକଟ କରିଥିଲେ। ଭାରତ ଏହି ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ନ ଥିବା ସେମାନଙ୍କର ଅଭିଯୋଗ ଥିଲା। କିନ୍ତୁ ଏହି ଚିନ୍ତାଧାର ଠିକ୍ ନୁହେଁ, ଇଂଲଣ୍ଡ ଭଲ ଖେଳି ମ୍ୟାଚ ଜିତିଥିଲା ବୋଲି ସର୍ଫରାଜ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ବାଂଲାଦେଶ ବିପକ୍ଷ ମ୍ୟାଚ ଉପରେ ପ୍ରଶ୍ନ ପଚରାଯାଉଥିବା ବେଳେ ଜଣେ 'ବେଙ୍ଗଲିଜ୍' ଶବ୍ଦ ବ୍ୟବହାର କରିଥିଲେ ସର୍ଫରାଜ କିନ୍ତୁ ତାହାକୁ ନାପସନ୍ଦ କରିଥିଲେ। ଏହି ଶବ୍ଦ କେବଳ ହୁଏତ ସୋସିଆଲ ମିଡିଆରେ ବ୍ୟବହାର କରାଯାଇ ଥାଇପାରେ। ମାତ୍ର ବାଂଲାଦେଶ ଖେଳାଳିଙ୍କୁ ବେଙ୍ଗଲିଜ୍ ବୋଲି ସମ୍ବୋଧନ କରିବା ଆପତ୍ତିଜନକ ଅଟେ। 'ବେଙ୍ଗଲିଜ୍'ଙ୍କ ବିପକ୍ଷ ମ୍ୟାଚରେ ଟିମ୍ ମ୍ୟାନେଜମେଣ୍ଟ ଶୋଏବ ମଲିକଙ୍କୁ କାହିଁକି ଫେୟାରୱେଲ ଦେଲା ନାହିଁ ବୋଲି ଜଣେ ଟେଲିଭିଜନ ରିପୋର୍ଟରଙ୍କ ପ୍ରଶ୍ନର ଉତ୍ତରରେ ସର୍ଫରାଜ ଏକଥା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଶୋଏବ ହେଉଛନ୍ତି ଆମର ସବୁଠାରୁ ବରିଷ୍ଠ ଖେଳାଳି। ଚଳିତ ବିଶ୍ୱକପ୍‌ରେ ଯଦିଓ ସେ ଭଲ ପ୍ରଦର୍ଶନ କରିନାହାନ୍ତି, ଦେଶପାଇଁ ତାଙ୍କର ଅନେକ ଅବଦାନ ରହିଛି। ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ ଦିନିକିଆରୁ ଅବସର ନେବେ ବୋଲି ମଲିକ ପୂର୍ବରୁ ଘୋଷଣା କରିସାରିଛନ୍ତି। ବର୍ତ୍ତମାନ ସେ କେବଳ ଟି୨୦ କ୍ରିକେଟ ଖେଳିବେ।

# ୧୧ ବର୍ଷ ପରେ ଏକ ବିରଳ ସଂଯୋଗ



ବିରାଟ କୋହଲି



କେନ୍ ୱିଲିୟମସନ

**ମାଞ୍ଚେଷ୍ଟର, ୭।୭(ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ପ୍ରଥମ ସେମିଫାଇନାଲରେ ମଙ୍ଗଳବାର ମାଞ୍ଚେଷ୍ଟରରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ପଏଣ୍ଟ ଟେବୁଲରେ ଭାରତ ଶୀର୍ଷ ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଚତୁର୍ଥ ସ୍ଥାନରେ ରହିଛି। ବିଶ୍ୱକପ୍ ଇତିହାସରେ ନ୍ୟୁଜିଲାଣ୍ଡ ଏଥିସହ ଅଷ୍ଟମଥର ପାଇଁ ସେମିଫାଇନାଲକୁ ଉଠିଛି। ସେହିପରି ଭାରତ ସପ୍ତମଥର ପାଇଁ ସେମିଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବ। ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଏପର୍ଯ୍ୟନ୍ତ ଜବରଦସ୍ତ ପ୍ରଦର୍ଶନ କରିଆସିଛି। ସେହିପରି କେନ ୱିଲିୟମସନଙ୍କ ଅଧିନାୟକତ୍ୱରେ ନ୍ୟୁଜିଲାଣ୍ଡ ଭଲ ଖେଳି ସେମିକୁ ଉଠିଛି। ତେବେ ଏକ ବିରଳ ସଂଯୋଗ କ୍ରମରେ ଏହି ଦୁଇ ଅଧିନାୟକ ପୁଣି ଥରେ ୧୧ ପରେ ବିଶ୍ୱକପ୍ ସେମିଫାଇନାଲରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଦୁହେଁ ଯେତେବେଳେ ୧୯ ବର୍ଷରୁ କମ୍ କ୍ରିକେଟ ଖେଳୁଥିଲେ ସେତେବେଳେ ଅଧିନାୟକ ହିସାବରେ ପରସ୍ପରକୁ ଭେଟିଥିଲେ। ୨୦୦୮ରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ସେମିଫାଇନାଲରେ କୋହଲି ଓ ୱିଲିୟମସନଙ୍କ ନେତୃତ୍ୱରେ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଥିଲେ। ଏବେ ଏହି ଦୁଇ ଅଧିନାୟକ ସିନିୟର ଦଳର ନେତୃତ୍ୱ ନେଇ ପୁଣି ଥରେ ବିଶ୍ୱକପ ସେମିରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଏହାକୁ ଏକ ଅପୂର୍ବ ସାମଞ୍ଜସ୍ୟ ବା ସଂଯୋଗ ବୋଲି କୁହାଯାଇପାରେ। ରବୀନ୍ଦ୍ର ଜାଡେଜା, ଟ୍ରେଣ୍ଟ ବୋଲ୍ଟ ଓ ଟିମ୍ ସୌଦି ସେତେବେଳେ ଏହି ସେମିଫାଇନାଲ ଖେଳିଥିଲେ। ସେମିରେ ଅବଶ୍ୟ ଭାରତ ସେତେବେଳେ ୩ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଅଲରାଉଣ୍ଡ ପ୍ରଦର୍ଶନ କରି କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କୋହଲି ୱିଲିୟମସନଙ୍କୁ ଆଉଟ କରିଥିଲେ। ଏଥର ମଧ୍ୟ କୋହଲିଙ୍କ ନେତୃତ୍ୱରେ ଭାରତ ନ୍ୟୁଜିଲାଣ୍ଡକୁ ହରାଇ ଫାଇନାଲକୁ ଉଠିବ ବୋଲି ଆଶା କରାଯାଉଛି।

# ନ୍ୟୁଜିଲାଣ୍ଡ ବିପକ୍ଷରେ ବୁମ୍‌ରା ମୁଖ୍ୟ ଅସ୍ତ୍ର

**ଲିଡ୍ସ, ୭।୭ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଆଇସିସି ବିଶ୍ୱକପ୍ ସେମିଫାଇନାଲ ମ୍ୟାଚରେ ବୋଲର ଯଶପ୍ରୀତ ବୁମ୍‌ରା ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ମୁଖ୍ୟ ଅସ୍ତ୍ର ଭାବେ କାର୍ଯ୍ୟ କରିବେ ବୋଲି ମତ ଦେଇଛନ୍ତି ପୂର୍ବତନ ଅଧିନାୟକ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ। ନୂଆ ବଲ୍‌ରେ ଉଇକେଟ ନେବାର ସାମର୍ଥ୍ୟ ରଖିଥିବା ଜଣେ ବୋଲର ପାଇଥିବାରୁ ଭାରତ ଭାଗ୍ୟବାନ ବୋଲି ସେ କହିଛନ୍ତି। ଆବଶ୍ୟକ ସ୍ଥଳେ ପାର୍ଟନରଶିପ୍ ଭଙ୍ଗ କରିବାରେ ସେ ସହାୟକ ହୋଇଥାନ୍ତି। ସେ ଆହୁରି ମଧ୍ୟ ଡେଥ ଓଭରଗୁଡ଼ିକରେ ବିପକ୍ଷ ଦଳର ବ୍ୟାଟିଂରେ ଅଙ୍କୁଶ ଲଗାଇଥାନ୍ତି। ଇଂଲଣ୍ଡ ଏବଂ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ବୁମ୍‌ରା ଏହାର ଏକ ନମୁନା ଦେଖାଇଛନ୍ତି।

# ୭ ଥର ସେମିରେ ଭାରତ

**ଚଳିତ ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣର ଚୂଡ଼ାନ୍ତ ପର୍ଯ୍ୟାୟ ଉପନିତ। ଲିଗ୍ ପର୍ଯ୍ୟାୟର ୪୫ଟି ମ୍ୟାଚ୍ ଖେଳାଯିବା ପରେ ସେମିଫାଇନାଲ ଲାଇନ୍‌ଅପ୍ ଚିତ୍ର ସ୍ପଷ୍ଟ ହୋଇଛି। ଜୁଲାଇ ୯ରେ ଖେଳାଯିବାକୁ ଥିବା ପ୍ରଥମ ସେମିରେ ଟେବୁଲ ଟପ୍ପର ଭାରତ ଓ ୪ର୍ଥ ସ୍ଥାନ ହାସଲ କରିଥିବା ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ସେହିଭଳି ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ମଧ୍ୟରେ ୨ୟ ସେମିଫାଇନାଲ ଗୁରୁବାର ବର୍ମିଂହାମରେ ଖେଳାଯିବ। ବିଶ୍ୱକପ୍ ଇତିହାସକୁ ନଜର ପକାଇଲେ ମୋଟ୍ ୧୨ ସଂସ୍କରଣ ମଧ୍ୟରୁ ଭାରତ ୭ମଥର ଲାଗି ଅନ୍ତିମ-୪ରେ ପ୍ରବେଶ କରିଛି। ସେହିଭଳି ଚଳିତ ସଂସ୍କରଣକୁ ମିଶାଇଲେ ଭାରତ ଲଗାତର ୩ୟଥର ଲାଗି ବିଶ୍ୱକପ୍‌ର ସେମିରେ ସ୍ଥାନ ପକ୍କା କରିଛି। ପୂର୍ବରୁ ଭାରତ ୧୯୮୩, ୧୯୮୭, ୧୯୯୬, ୨୦୦୩, ୨୦୧୧ ଓ ୨୦୧୫ରେ ସେମିଫାଇନାଲ ଟିକେଟ ହାସଲ କରିଥିଲା। ସେଥିମଧ୍ୟରୁ ମେନ୍ ଇନ୍ ବ୍ଲୁ ୩ଥର (୧୯୮୩, ୨୦୦୩ ଓ ୨୦୧୧) ସେମିଫାଇନାଲରେ ବିଜୟୀ ହୋଇ ଟାଇଟଲ ଲଢ଼େଇରେ ପ୍ରବେଶ କରିଥିଲା, ଯେଉଁଥିରେ ଦଳ କେବଳ ଦୁଇଥର (୧୯୮୩ ଓ ୨୦୧୧) ବିଶ୍ୱବିଜେତା ହେବାର ସୌଭାଗ୍ୟ ଲାଭ କରିଥିଲା। ବିଗତ ସଂସ୍କରଣଗୁଡ଼ିକର ସେମିଫାଇନାଲରେ ଭାରତର ପ୍ରଦର୍ଶନ ଉପରେ ସଂକ୍ଷେପରେ ନଜର ପକାଇବା...**

## ୧୯୮୩

### ୬ ଉଇକେଟରେ ବିଜୟୀ

ପ୍ରଥମଥର ଲାଗି ଭାରତୀୟ ଦଳ ୧୯୮୩ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଥିଲା। କପିଳ ଦେବଙ୍କ ନେତୃତ୍ୱାଧୀନ ଭାରତ ସେମିରେ ଶକ୍ତିଶାଳୀ ଇଂଲଣ୍ଡକୁ ଭେଟିଥିଲା। ମାଞ୍ଚେଷ୍ଟରରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ମୋଟ୍ ୬୦ରୁ ୫୪.୪ ଓଭରରେ ମାତ୍ର ୨୧୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ କପିଳ ୩ ଏବଂ ରୋଜର ବିନ୍ନି ଓ ମହିନ୍ଦର ଅମରନାଥ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ଯଶ୍‌ପାଲ ଶର୍ମା (୬୧), ସନ୍ଦୀପ ପାଟିଲ (୫୧) ଓ ଅମରନାଥ (୪୬)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୪ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅମରନାଥ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହାପରେ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ୪୩ ରନ୍‌ରେ ପରାସ୍ତ କରି ଭାରତ ବିଶ୍ୱବିଜେତା ହୋଇଥିଲା।

## ୧୯୮୭

### ୩୫ ରନ୍‌ରେ ପରାସ୍ତ

ଲଗାତର ୨ୟଥର ପାଇଁ ଭାରତ ୧୯୮୭ ବିଶ୍ୱକପ୍‌ର ସେମିଫାଇନାଲରେ ପହଞ୍ଚିଥିଲା। ଏଥିରେ କିନ୍ତୁ ଇଂଲଣ୍ଡ ୩୫ ରନ୍‌ରେ ଆୟୋଜକ ଭାରତକୁ ହରାଇ ଫାଇନାଲ ଟିକେଟ ହାସଲ କରିଥିଲା। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଗ୍ରାହମ ଗୁଚ୍ (୧୧୫)ଙ୍କ ଶତକ ବଳରେ ୫୦ ଓଭରରେ ୬ ଉଇକେଟ ହରାଇ ୨୫୪ ରନ୍ କରିଥିଲା। ଭାରତ ପକ୍ଷରୁ କପିଳ ଦେବ ୨ ଓ ମନିନ୍ଦର ସିଂ ୩ ଉଇକେଟ ନେଇଥିଲେ। ଜବାବରେ ଭାରତ ୨୭ ବଲ୍ ପୂର୍ବରୁ ୨୧୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମହମ୍ମଦ ଆଝାରୁଦ୍ଦିନ ସର୍ବାଧିକ ୬୪ ରନ୍ କରିଥିଲେ। ଇଂଲଣ୍ଡର ଏଡି ହେମିଙ୍ଗ୍ସ ୪ ଉଇକେଟ ଅକ୍ତିଆର କରିଥିଲେ।

## ୧୯୯୬

### ପରାସ୍ତ

୧୯୯୬ ବିଶ୍ୱକପ୍ ଭାରତରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ପ୍ରଥମ ସେମିଫାଇନାଲରେ ପଡ଼ୋଶୀ ଶ୍ରୀଲଙ୍କାକୁ ଭେଟିଥିଲା। ଐତିହାସିକ ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ମିଡଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ସଫଳତା ବଳରେ ୫୦ ଓଭରରେ ୮ ଉଇକେଟ ହରାଇ ୨୫୧ ରନ୍ କରିଥିଲା। ଅରବିନ୍ଦ ଡି ସିଲ୍‌ଭା ୬୬, ରୋଶନ ମହାନାମା ୫୮, ଅଧିନାୟକ ଅର୍ଜୁନ ରାଣାତୁଙ୍ଗା ୩୫ ରନ୍ କରିଥିଲେ। ଭାରତ ପକ୍ଷରୁ ଜାଭାଗଲ ଶ୍ରୀନାଥ ୨ ଉଇକେଟ ନେଇଥିଲେ। ଜବାବରେ ଭାରତ ସଚିନ ତେନ୍ଦୁଲକର (୬୫ ରନ୍)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୪.୧ ଓଭରରେ ୮ ଉଇକେଟ ହରାଇ ୧୨୦ ରନ୍ କରିଥିଲା। ଭାରତ ନିଶ୍ଚିତ ପରାଜୟ ଦିଗରେ ଗତି କରୁଥିବା ଦେଖି ଏହି ସମୟରେ ଘରୋଇ ଦର୍ଶକ ବିଶୃଙ୍ଖଳା ଆରମ୍ଭ କରିଥିଲେ। ଫଳରେ ଖେଳ ଆଉ ସମ୍ଭବପର ହୋଇ ନ ଥିଲା ଏବଂ ଶ୍ରୀଲଙ୍କାକୁ ବିଜୟୀ ଘୋଷିତ କରାଯାଇଥିଲା। ଏଥିରେ ଶ୍ରୀଲଙ୍କା ଚାମ୍ପିୟନ ହୋଇଥିଲା।



ସଚିନ ତେନ୍ଦୁଲକର

## ୨୦୦୩

### ୯୧ ରନ୍‌ରେ ବିଜୟୀ

ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୦୦୩ ବିଶ୍ୱକପ୍‌ରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ସେମିଫାଇନାଲରେ ପହଞ୍ଚିଥିଲା। ସେମିଫାଇନାଲରେ ଭାରତର ଅପେକ୍ଷାକୃତ କେନିଆକୁ ଭେଟିଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ଅଧିନାୟକ ସୌରଭ ଗାଙ୍ଗୁଲି (୧୧୧)ଙ୍କ ଶତକ ଓ ସଚିନ ତେନ୍ଦୁଲକର (୮୩)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫୦ ଓଭରରେ ୪ ଉଇକେଟ ହରାଇ ୨୭୦ ରନ୍ କରିଥିଲା। ଜବାବରେ ଅଧିନାୟକ ଷ୍ଟିଭ୍ ଟିକୋଲ (୫୬)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ କେନିଆ ୧୭୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜାହିର ଖାଁ ୩ ଓ ସଚିନ ୨ଟି ଉଇକେଟ ନେଇଥିଲେ। ଫାଇନାଲରେ କିନ୍ତୁ ଭାରତ ୧୨୫ ରନ୍‌ରେ ଅଷ୍ଟ୍ରେଲିଆ ନିକଟରୁ ହାରି ଚାମ୍ପିୟନ ହେବାରୁ ବଞ୍ଚିତ ହୋଇଥିଲା।

## ୨୦୧୧

### ୨୯ ରନ୍‌ରେ ବିଜୟୀ

ଆଇସିସି ବିଶ୍ୱକପ୍‌ର ୧୦ମ ସଂସ୍କରଣ ଭାରତରେ ଅନୁଷ୍ଠିତ ହୋଇଥିଲା। ମହେନ୍ଦ୍ର ସିଂ ଧୋନୀଙ୍କ ଦଳ ସେମିଫାଇନାଲରେ ପ୍ରବେଶ କରି ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିଥିଲା। ବୀରେନ୍ଦ୍ର ସେହ୍ୱାଗ (୩୮), ସଚିନ ତେନ୍ଦୁଲକର (୮୫), ସୁରେଶ ରାଇନା (୩୬*)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୨୬୦ ରନ୍ କରିଥିଲା। ପାକିସ୍ତାନ ପକ୍ଷରୁ ୱାହବ ରିଆଜ ୫ ଉଇକେଟ ନେଇଥିଲେ। ଜବାବରେ ଶାହିଦ ଆଫ୍ରିଦୀଙ୍କ ଦଳ ୪୯.୫ ଓଭରରେ ୨୩୧ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ସଚିନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଫାଇନାଲରେ ଭାରତ ୬ ଉଇକେଟରେ ଶ୍ରୀଲଙ୍କାକୁ ହରାଇ ୨ୟଥର ଲାଗି ଆଇସିସି ବିଶ୍ୱକପ୍ ଟ୍ରଫି ଜିତିଥିଲା।

## ୨୦୧୫

### ୯୫ ରନ୍‌ରେ ପରାସ୍ତ

୨୦୧୫ ବିଶ୍ୱକପ୍‌ର ୨ୟ ସେମିଫାଇନାଲରେ ଭାରତର ମୁକାବିଲା ଘରୋଇ ଅଷ୍ଟ୍ରେଲିଆ ସହ ହୋଇଥିଲା। ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ଷ୍ଟିଭେନ୍ ସ୍ମିଥ୍ (୧୦୫) ଓ ଓପ୍‌ନର ଆରୋନ୍ ଫିଞ୍ଚ (୮୧)ଙ୍କ ଅର୍ଦ୍ଧଶତକ ବଳରେ ୭ ଉଇକେଟ ବିନିମୟରେ ୩୨୮ ରନ୍‌ର ବୃହତ୍ ସ୍କୋର କରିଥିଲା। ଭାରତ ପକ୍ଷରୁ ଉମେଶ ଯାଦବ ୪ ଉଇକେଟ ନେଇଥିଲେ। ଜବାବରେ ଭାରତ ରୋହିତ୍ ଶର୍ମା (୩୪), ଶିଖର ଧାୱନ (୪୫), ମହେନ୍ଦ୍ର ସିଂ ଧୋନୀ (୬୫) ଓ ଅଜିଙ୍କ୍ୟ ରାହାନେ (୪୪)ଙ୍କ ଉପଯୋଗୀ ଇନିଂସ୍ ସତ୍ତ୍ୱେ ୪୬.୫ ଓଭରରେ ୨୩୩ ରନ୍‌ରେ ସୀମିତ ରହିଥିଲା। ଏଥିରେ ବିରାଟ କୋହଲି (୧) ଓ ସୁରେଶ ରାଇନା (୭) ନିରାଶ କରିଥିଲେ।



ମହିନ୍ଦର ଅମରନାଥ



ସୌରଭ ଗାଙ୍ଗୁଲି



ମୁଁ କୌଣସି ପ୍ରଶଂସା ଅବା ସମାଲୋଚନା ନିଜ ଦେହକୁ ନ ନେଇ ପ୍ରସ୍ତୁତି କ୍ଷେତ୍ରରେ ନିଜକୁ ନିୟୋଜିତ କରିଥାଏ।
–ଯଶପ୍ରୀତ ବୁମ୍‌ରା, ଭାରତୀୟ ବୋଲର



ଆଇସିସି ବିଶ୍ୱକପ୍‌ରେ ଅନ୍ୟ ସେମିଫାଇନାଲିଷ୍ଟ ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ତୁଳନାରେ ଭାରତ ଫେଭରାଇଟ୍।
– ଦିମୁଥ କରୁଣାରତ୍ନେ, ଶ୍ରୀଲଙ୍କା ଅଧିନାୟକ

## ସଂକ୍ଷେପରେ

### ଛେତ୍ରୀଙ୍କ ଡବଲ ଗୋଲ୍ ସତ୍ତ୍ୱେ ଭାରତ ପରାସ୍ତ

**ଅହମ୍ମଦାବାଦ, ୭।୭:** ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଶନିବାର ଭାରତ ୨-୪ ଗୋଲ ବ୍ୟବଧାନରେ ତାଜିକ୍‌ସ୍ତାନଠାରୁ ହାରିଯାଇଛି। ମ୍ୟାଚରେ ସୁନୀଲ ଛେତ୍ରୀ ଦୁଇଟି ଗୋଲ୍ ସ୍କୋର କରି ଭାରତକୁ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲରେ ଅଗ୍ରଣୀ କରିଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ତାଜିକ୍‌ସ୍ତାନ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୪ଟି ଗୋଲ ଦେଇ ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ କୋମରୋନ୍ ତୁର୍‌ସୁନୋଭ (୫୬ତମ ମିନିଟ), ଶେରିଡିନ୍ ବୋବୋଏଭ୍ (୫୮ତମ), ମୁହାମାଜନ ରହିମୋଭ୍ (୭୧ତମ), ଶାହରମ ସାମିୟେଭ (୭୪ତମ) ଗୋଲ ସ୍କୋର କରିଥିଲେ। ଖେଳ ଆରମ୍ଭ ହେବାର ଚତୁର୍ଥ ମିନିଟ୍‌ରେ ଲାଲଲିଆନଜୁଆଲା ଛାଙ୍ଗ୍‌ଟେଙ୍କୁ ଏକ ପେନାଲ୍ଟି ମିଳିଥିଲା। ଛେତ୍ରୀ ଏହାକୁ ସହଜରେ ଗୋଲରେ ପରିଣତ କରିଦେଇଥିଲେ। ଏହି ଗୋଲ ପରେ ତାଜିକ୍‌ସ୍ତାନ ଭାରତୀୟ ଡିଫେନ୍ସ ଉପରେ ଚାପ ସୃଷ୍ଟି କରିଥିଲା। ମାତ୍ର ଦଳ ଏଥିରୁ ଫାଇଦା ଉଠାଇପାରି ନ ଥିଲା। ୪୧ତମ ମିନିଟ୍‌ରେ ଛେତ୍ରୀ ତାଙ୍କର ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

### ଭାରତୀୟ ଆଥଲେଟ୍‌ଙ୍କୁ ୨ ସ୍ୱର୍ଣ୍ଣ, ୨ ରୌପ୍ୟ

**ଅଲ୍‌ମାଟି (କାଜାଖସ୍ତାନ), ୭।୭ (ପି.ଟି.):** ଏଠାରେ ଚାଲିଥିବା କ୍ୱାସାନୋଭ ମେମୋରିଆଲ ମିଟ୍‌ରେ ଭାରତୀୟ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥଲେଟ୍‌ମାନେ ରବିବାର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ଦୁଇ ସ୍ୱର୍ଣ୍ଣ ସହ ୪ ପଦକ ଜିତିଛନ୍ତି। ମହମ୍ମଦ ସାଲାହୁଦ୍ଦିନ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଉଦ୍ୟମ ୧୬.୬୪ ମିଟର ସହ ପୁରୁଷ ଟ୍ରିପଲ ଜମ୍ପ ଇଭେଣ୍ଟ ଜିତିଛନ୍ତି। ଭାରତର ଅନ୍ୟ ଜଣେ ମହମ୍ମଦ ଜୁବେର (୧୬.୨୧ ମିଟର) ରୌପ୍ୟ ପଦକ ଲାଭ କରିଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋ ଜିତି ସାହିଲ ସିଲୱାଲ ଭାରତ ପାଇଁ ଆଉ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଉଦ୍ୟମ ୭୭.୪୦ ମିଟର ରହିଥିଲା। ରୋହିତ ଯାଦବ (୭୫.୩୬ ମିଟର) ଏଥିରେ ରୌପ୍ୟ ଜିତିଥିଲେ। ଶନିବାର ପ୍ରଥମ ଦିବସରେ ଭାରତୀୟମାନେ ୬ ପଦକ ଜିତିଥିଲେ। ତନ୍ମଧ୍ୟରେ ୩ ସ୍ୱର୍ଣ୍ଣ ରହିଥିଲା। ଫଳରେ ଏହି ଦୁଇଦିନିଆ ମିଟ୍‌ରେ ଭାରତ ମୋଟ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଏବଂ ୧ ବ୍ରୋଞ୍ଜ ପଦକ ଜିତିପାରିଛି।

# ସାଇନା ସାଲୋନିକାଙ୍କୁ ରୌପ୍ୟ

**ଜାତୀୟ ବାଳିକା ଚେସ୍**

ଭୁବନେଶ୍ୱର, ୭।୭ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଆ ଚେସ୍ ପ୍ରତିଭା ତଥା ୱିମେନ ଫିଡେ ମାଷ୍ଟର (ଡବ୍ଲ୍ୟୁଏଫ୍‌ଏମ୍) ସାଇନା ସାଲୋନିକା ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। କୋଚିରେ ରବିବାର ଶେଷ ହୋଇଥିବା ଜାତୀୟ ୧୭ ବର୍ଷରୁ କମ୍ ବାଳିକା ଚେସ୍ ଚାମ୍ପିୟନଶିପ୍‌ରେ ସାଇନା ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପଶ୍ଚିମବଙ୍ଗର ସମ୍ରିଦ୍ଧା ଘୋଷ ୮.୫ ପଏଣ୍ଟ ସହ ଚାମ୍ପିୟନ ହୋଇଥିବାବେଳେ ଆନ୍ଧ୍ରପ୍ରଦେଶର ବି. କଲ୍ୟାଣୀଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ସେହିଭଳି ୧୨ ବର୍ଷରୁ କମ୍ ବାଳିକା ଓ ୧୨ ବର୍ଷରୁ କମ୍ ଓପନ୍ ବର୍ଗରେ ଯଥାକ୍ରମେ ଯଶିତା ରାଉତ ଓ ଶୁଭମ ପଟ୍ଟନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅପରପକ୍ଷରେ ୨୦ ବର୍ଷରୁ କମ୍ ଓପନ୍ ବର୍ଗରେ ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ନିଲ୍‌ଶୁ ପଟ୍ଟନାୟକ ମଧ୍ୟ ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଛନ୍ତି।

ସାଇନା ଏହି ପ୍ରତିଯୋଗିତାରେ ମୋଟ୍ ୧୧ ରାଉଣ୍ଡରୁ ୫ ଗେମ୍ ଜିତିଥିବାବେଳେ ୬ଟି ଡ୍ର’ରେ ଶେଷ କରି ମୋଟ୍ ୮ ପଏଣ୍ଟ ହାସଲ କରି ଅଳ୍ପକେ ସ୍ୱର୍ଣ୍ଣ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ। ଟୁର୍ନାମେଣ୍ଟରେ ଏଥିସହ ସେ ଅପରାଜେୟ ରହି ଅଭିଯାନ ଶେଷ କରିଛନ୍ତି। ରନର୍ସଅପ୍ ହୋଇଥିବାରୁ ସାଇନା ରୋମାନିଆରେ ହେବାକୁ ଥିବା ବିଶ୍ୱ ଯୁବ ଚେସ୍ ଚାମ୍ପିୟନଶିପ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ଥିବା ସାଇନା ଏଥିସହ ଜାତୀୟସ୍ତରରେ ହେଉଥିବା ସମସ୍ତ ବୟସବର୍ଗରେ ପଦକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୧୦ରେ ସେ ୭ ବର୍ଷରୁ କମ୍ କ୍ୟାଟାଗୋରୀରେ ଚାମ୍ପିୟନ ହୋଇଥିଲେ। ଏହାପରେ ୨୦୧୨ରେ ୯ ବର୍ଷରୁ କମ୍ ଚାତୀୟ ସ୍କୁଲ ଚାମ୍ପିୟନଶିପ୍‌ରେ ଟାଇଟଲ୍ ମଧ୍ୟ ଜିତିଥିଲେ। ଅନ୍ୟ ବୟସବର୍ଗ ଗୁଡ଼ିକ ମଧ୍ୟରେ ୧୧, ୧୩, ୧୫ ଓ ୧୭ ବର୍ଷରୁ କମ୍‌ରେ ସେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଉଦୀୟମାନ ଚେସ୍ ତାରକା ବର୍ତ୍ତମାନ ସୁଦ୍ଧା କ୍ୟାରିୟରରେ ୧୫ ଅନ୍ତର୍ଜାତୀୟ ପଦକ ହାସଲ କରିସାରିଛନ୍ତି। ଯେଉଁଥିରେ ୧୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ରହିଛି।

‘ଯଦି ଡ୍ର ରହିଥିବା ୬ ଗେମ୍‌ରୁ ଅନ୍ତତଃ ଗୋଟିଏ ବିଜୟରେ ପରିଣତ ହୋଇପାରିଥାନ୍ତା ତେବେ ଫଳାଫଳ ଆହୁରି ଭଲ ହୋଇଥାନ୍ତା’ ବୋଲି ରୌପ୍ୟ ପଦକ ହାସଲ କରିବା ପରେ ସାଇନା ପ୍ରକାଶ କରିଛନ୍ତି। ସାଇନାଙ୍କ ଘର କେନ୍ଦୁଝର ଜିଲା ସୁଲମ ଗ୍ରାମରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ଅଧ୍ୟୟନ କରୁଛନ୍ତି।




# ଜାତୀୟ ପୁରୁଷ ହକି କୋଚିଂ କ୍ୟାମ୍ପରେ ୫ ଓଡ଼ିଆ

ନୂଆଦିଲ୍ଲୀ, ୭।୭

ବେଙ୍ଗାଲୁରୁ ସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) କ୍ୟାମ୍ପସରେ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ପୁରୁଷ ହକି ପ୍ରଶିକ୍ଷଣ ଶିବିର ପାଇଁ ହକି ଇଣ୍ଡିଆ ଏକ ୩୪ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଘୋଷଣା କରିଛି। ୬ ସପ୍ତାହ ଧରି ଚାଲିବାକୁ ଥିବା ଏହି ଶିବିର ଅଗଷ୍ଟ ୧୧ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଶିବିର ପରେ ଭାରତୀୟ ଦଳ ଜାପାନ ଗସ୍ତ କରି ୨୦୨୦ ଟୋକିଓ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଅଗଷ୍ଟ ୧୭ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଇଭେଣ୍ଟରେ ଭାରତ ସମେତ ଆୟୋଜକ ଜାପାନ, ମାଲେସିଆ ଓ ନ୍ୟୁଜିଲାଣ୍ଡ ଭାଗନେବେ। ଘୋଷିତ ତାଲିକାରେ ବହୁ ଅଭିଜ୍ଞ ଓ ଯୁବ ଖେଳାଳି ସାମିଲ ହୋଇଛନ୍ତି। ଏହି ତାଲିକାରେ ୫ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା, ଡ୍ରାଗ୍ ଫ୍ଲିକର ଅମିତ ରୋହିଦାସ, ଯୁବ ଡିଫେଣ୍ଡର ନୀଲମ ସଞ୍ଜୀପ ଖେସ, ଆଶିଷ କୁମାର ଟପ୍ପୋ ଓ ଶିଳାନନ୍ଦ ଲାକ୍ରା।

**ଘୋଷିତ ତାଲିକା**

ଗୋଲ କିପର- ପି.ଆର. ଶ୍ରୀଜେସ୍, ସୁରଜ କରକେରା, କ୍ରିଷନ ବାହାଦୁର ପାଠକ।
ଡିଫେଣ୍ଡର-ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ଅମିତ ରୋହିଦାସ, ବରୁନ କୁମାର, ରୁପିନ୍ଦର ପାଲ ସିଂ, ଗୁରିନ୍ଦର ସିଂ, କୋଥାଜିତ୍ ସିଂ ଖଡଙ୍ଗବାମ, ନୀଲମ ସଞ୍ଜୀପ ଖେସ୍, ଜରମନପ୍ରୀତ୍ ସିଂ।
ମିଡ୍‌ଫିଲ୍ଡର-ମନପ୍ରୀତ ସିଂ, ସୁମିତ, ନୀଳକାନ୍ତ ଶର୍ମା, ଯଶକରନ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଆଶିଷ କୁମାର ଟପ୍ପୋ, ଯସଦୀପ ସିୱାଚ୍, ସୟଦ ନିୟାଜ ରହିମ, ରାଜ କୁମାର ପଲ।
ଫରୱାର୍ଡ୍ସ- ମନଦୀପ ସିଂ, ଆକାଶଦୀପ ସିଂ, ଶିଳାନନ୍ଦ ଲାକ୍ରା, ଗୁରସାହିବଜିତ୍ ସିଂ, ଶମସେର ସିଂ, ଅରମାନ କୁରେସି, ସୁମିତ କୁମାର, ସିମରନଜିତ୍ ସିଂ,ଏସ୍‌ଭି ସୁନୀଲ, ଗୁରଜନ୍ତ ସିଂ ରମନଦୀପ ସିଂ।



# ୩୮ ବର୍ଷରେ ଧୋନୀ

ଲିଡ୍ସ,୭।୭

ଭେଟେରାନ ଉଇକେଟକିପର ଓ ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ ରବିବାର ୩୮ ବର୍ଷରେ ପାଦ ଦେଇଛନ୍ତି। ଭାରତୀୟ ଦଳ ତା’ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ହରାଇବା ପରେ ଧୋନୀଙ୍କ ଜନ୍ମ ଦିନ ପାଳନ ହୋଇଥିଲା। ଏହି ଅବସରରେ ଦଳୀୟ ଖେଳାଳିଙ୍କ ସହ ଝିଅ ଜିଭା ଓ ସ୍ତ୍ରୀ ସାକ୍ଷୀ ମଧ୍ୟ ଉପସ୍ଥିତ ଥିଲେ। କେକ୍ କାଟିବା ପରେ ଧୋନୀ ଓ ଜିଭା ଡ୍ୟାନ୍ସ କରିଥିଲେ। ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ଧୋନୀଙ୍କ କେକ୍ କାଟିବା ବେଳର କିଛି ଫଟୋ ପତ୍ନୀ ସାକ୍ଷୀ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଫଟୋରେ ଧୋନୀଙ୍କ ବ୍ୟତୀତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ କେଦାର ଯାଦବ ମଧ୍ୟ ରହିଛନ୍ତି। ଏହି ଅବସରରେ ଧୋନୀଙ୍କ ନିକଟକୁ ପ୍ରଶଂସକ ଓ ପୂର୍ବତନ କ୍ରିକେଟରଙ୍କ ଶୁଭେଚ୍ଛାର ସୁଅ ଛୁଟିଛି।

# ଆମେରିକାକୁ ଟାଇଟଲ



ଚାମ୍ପିୟନ ଆମେରିକା ଦଳ ଟ୍ରଫି ସହ ।

**ଫିଫା ମହିଳା ବିଶ୍ୱକପ**

ଲିଅନ,୭।୭

ଫିଫା ମହିଳା ବିଶ୍ୱକପ୍‌ର ଅଷ୍ଟମ ସଂସ୍କରଣରେ ଏଥର ଗତଥରର ଚାମ୍ପିୟନ ଆମେରିକା ବାଜି ମାରିଛି। ଏଠାରେ ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଆମେରିକା ୨–୦ ଗୋଲରେ ନେଦରଲାଣ୍ଡସ୍‌କୁ ହରାଇ ଚାମ୍ପିୟନ ହେବା ସହ ପ୍ରଥମ ଦଳ ଭାବେ ଟାଇଟଲ ବଜାୟ ରଖିଛି। ଏଥିସହିତ ଆମେରିକା ରେକର୍ଡ ଚତୁର୍ଥଥର ପାଇଁ ବିଶ୍ୱକପ୍ ଟାଇଟଲ ଅର୍ଜନ କରିଛି। ପ୍ରଥମାର୍ଦ୍ଧରେ ବେଶ୍ ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଆମେରିକା ପ୍ରଭାବ ବିସ୍ତାର କରି ଦୁଇଟି ଗୋଲ ଦେଇଥିଲା। ଦଳ ତରଫରୁ ମେଗାନ ଆନା ରାପିନୋଏ ୬୧ତମ ମିନିଟ୍‌ରେ ପେନାଲ୍ଟି କର୍ନର ଜରିଆରେ ଗୋଲ ଦେଇ ଦଳକୁ ୧–୦ରେ ଅଗ୍ରଣୀ କରାଇଥିଲେ। ଏହାର ୮ ମିନିଟ୍ ପରେ ୬୯ତମ ମିନିଟ୍‌ରେ ରୋଜ ଲାଭେଲେ ଆଉ ଏକ ଗୋଲ ଦେଇ ଦଳକୁ ୨–୦ରେ ଅଗ୍ରଣୀ କରାଇଥିଲେ। ବାରମ୍ବାର ପ୍ରୟାସ କରିଥିଲେ ମଧ୍ୟ ନେଦରଲାଣ୍ଡସ କୌଣସି ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲା। ପୂର୍ବରୁ ଆମେରିକା ୧୯୯୧, ୧୯୯୯, ୨୦୧୫ରେ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ଆମେରିକାର ମେଗାନ ରାପିନୋଏ, ଆଲେକ୍ସ ମୋର୍ଗାନ ଓ ଇଂଲଣ୍ଡର ଏଲେନ ଟୋନୀ ହ୍ୱାଇଟ ସର୍ବାଧିକ ୬ଟି ଲେଖାଏ ଗୋଲ ସ୍କୋର କରିଥିଲେ। ମେଗାନ ରାପିନୋଏ ଶ୍ରେଷ୍ଠ ଖେଳାଳି ଓ ନେଦରଲାଣ୍ଡସର ସାରି ଭାନ ଭିନେନଡାଲ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି। ଆୟୋଜକ ଫ୍ରାନ୍ସକୁ ଫେୟାର ପ୍ଲେ ପୁରସ୍କାର ପ୍ରଦାନ କରାଯାଇଛି। ଜୁନ ୭ରୁ ଆରମ୍ଭ ହୋଇ ଏହି ବିଶ୍ୱକପ୍ ମାସେ ବ୍ୟାପୀ ଚାଲିଥିଲା ଓ ଜୁଲାଇ ୭ ତାରିଖରେ ଶେଷ ହୋଇଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ସ୍ୱିଡେନ ୨–୧ ଗୋଲରେ ଇଂଲଣ୍ଡକୁ ହରାଇଛି। ସ୍ୱିଡେନ ତୃତୀୟ ଓ ଇଂଲଣ୍ଡ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

# ତାହିର, ଡୁମିନିଙ୍କ ଅବସର

ମାଞ୍ଚେଷ୍ଟର,୭।୭

ଭେଟେରାନ ସ୍ପିନର ଇମ୍ରାନ ତାହିର ଓ ଜେପି ଡୁମିନି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ସନ୍ନ୍ୟାସ ନେଇଛନ୍ତି। ଏଠାରେ ଖେଳାଯାଇଥିବା ଚଳିତ ବିଶ୍ୱକପ୍‌ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୧୦ ରନ୍‌ରେ ହରାଇ ଦକ୍ଷିଣ ଆଫ୍ରିକା ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ଇମ୍ରାନ ତାହିର ଚମତ୍କାର ଫର୍ମରେ ଥିବା ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚଙ୍କ ଉଇକେଟ ନେଇଥିଲେ। କିନ୍ତୁ ସେ ସମ୍ପୂର୍ଣ୍ଣ ୧୦ ଓଭର ବୋଲିଂ କରିପାରି ନ ଥିଲେ। ସେହିଭଳି ଅଲରାଉଣ୍ଡର ଡୁମିନି ମଧ୍ୟ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ସେ ମାତ୍ର ୧୪ ରନ୍ କରି ଆଉଟ୍ ହୋଇଥିଲେ। ୪୦ ବର୍ଷୀୟ ଲେଗ୍ ସ୍ପିନର ତାହିର ୧୦୭ ମ୍ୟାଚ୍‌ରୁ ୧୭୩ ଉଇକେଟ ସହ ଦିନିକିଆ କ୍ୟାରିୟରର ଶେଷ କରିଛନ୍ତି। ଯେକୌଣସି ବ୍ୟାଟ୍ସମ୍ୟାନଙ୍କ ଉଇକେଟ ନେବା ପରେ ସେ ଯେଉଁଭଳି ଦୌଡ଼ନ୍ତି, ସେଥିଲାଗି ସେ ପରିଚିତ। ଅନ୍ୟପକ୍ଷରେ ଡୁମିନି ୧୯୯ ମ୍ୟାଚ୍‌ରୁ ୮୪.୫୮ ଷ୍ଟ୍ରାଇକ୍ ରେଟ୍‌ରେ ୫୧୧୭ ରନ୍ କରିଥିଲେ। ତାଙ୍କ ନାମରେ ୬୯ ଉଇକେଟ ମଧ୍ୟ ରହିଛି।



ଇମ୍ରାନ ତାହିର, ଜେପି ଡୁମିନି

**ସଂକ୍ଷେପରେ ତାହିରଙ୍କ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ଉଇକେଟ୍ | ଶ୍ରେଷ୍ଠ ବୋଲିଂ | ୫ ଉଇକେଟ୍ | ରନ |
|---|---|---|---|---|---|
| ଟେଷ୍ଟ | ୨୦ | ୫୭ | ୫/୩୨ | ୨ | ୧୩୦ |
| ଦିନିକିଆ | ୧୦୭ | ୧୭୩ | ୭/୪୫ | ୩ | ୧୫୭ |
| ଟି୨୦ | ୩୮ | ୬୩ | ୫/୨୩ | ୨ | ୧୯ |

**ଡୁମିନିଙ୍କ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ରନ୍ | ସର୍ବାଧିକ | ଶତକ | ଅର୍ଦ୍ଧଶତକ | ଉଇକେଟ୍ |
|---|---|---|---|---|---|---|
| ଟେଷ୍ଟ | ୪୬ | ୨୧୦୩ | ୧୬୬ | ୬ | ୮ | ୪୨ |
| ଦିନିକିଆ | ୧୯୯ | ୫୧୧୭ | ୧୫୦ | ୪ | ୨୭ | ୬୯ |
| ଟି୨୦ | ୮୧ | ୧୯୩୪ | ୯୬ | ୦ | ୧୧ | ୨୧ |

# ଭୁବନେଶ୍ୱର ଆନ୍ତଃ ସ୍କୁଲ ଫୁଟ୍‌ବଲ ଅଗଷ୍ଟ ୫ରୁ

ଭୁବନେଶ୍ୱର, ୭।୭ (ସ୍ପୋର୍ଟ୍ସ ବ୍ୟୁରୋ)

ଅଗ୍ରଣୀ ଫୁଟ୍‌ବଲ କ୍ଲବ ୟୁନିଟ୍–୬ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଥିବା ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ୩୧ତମ ସଂସ୍କରଣ ଅଗଷ୍ଟ ୫ରୁ ଆରମ୍ଭ ହେବ। ସ୍ଥାନୀୟ ୟୁନିଟ୍–୬ ବାଳକ ବିଦ୍ୟାଳୟ ଖେଳ ପଡ଼ିଆରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଭୁବନେଶ୍ୱରର ସମସ୍ତ ଓଡ଼ିଆ ଓ ଇଂଲିଶ ମିଡିୟମ ସ୍କୁଲ ଅଂଶଗ୍ରହଣ କରିବେ। ଲିଗ୍ କମ୍ ନକ୍‌ଆଉଟ୍ ଭିତ୍ତିରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ଏଥିରେ ୧୭ ବର୍ଷରୁ କମ୍ ବାଳକ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ଅଧ୍ୟକ୍ଷଙ୍କ ଅନୁମୋଦନକ୍ରମେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ବିଦ୍ୟାଳୟଗୁଡ଼ିକୁ କୌଣସି ପ୍ରବେଶିକା ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ଆୟୋଜକ କ୍ଲବ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ରାଜ୍ୟରେ ବିଶେଷତଃ ଯୁବକ ମାନଙ୍କ ମଧ୍ୟରେ ଫୁଟ୍‌ବଲ ଖେଳର ପ୍ରଚାର ଓ ପ୍ରସାର ଜାରି ରଖିଥିବା ୟୁନିଟ୍–୬ ଆଥ୍‌ଲେଟିକ ଆସୋସିଏଶନ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଫୁଟ୍‌ବଲକୁ ଲୋକପ୍ରିୟ କରିବା ପାଇଁ ଚେଷ୍ଟା କରୁଅଛି। ଅଂଶଗ୍ରହଣକାରୀ ଇଚ୍ଛୁକ ବିଦ୍ୟାଳୟ ନିଜର ସର୍ବାଧିକ ୧୮ ଜଣ ଖେଳାଳି ଓ ୨ଜଣ ଅଫିସିଆଲଙ୍କ ନାମ ତାଲିକା ସହ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ କିମ୍ବା ଅଧ୍ୟକ୍ଷଙ୍କ ସ୍ୱୀକୃତି ସମ୍ବଳିତ ଚିଠି କ୍ଲବର ସମ୍ପାଦକ ଦିଲୀପ ଦାସଙ୍କୁ ଇମେଲ କରିବାକୁ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଜୁଲାଇ ୨୦ ସୁଦ୍ଧା ଜଣାଇବାକୁ ସମ୍ପାଦକ ଦାସ ଅନୁରୋଧ କରିଛନ୍ତି।

# ରୋହିତ ଭାରତର ଟ୍ରମ୍ପକାର୍ଡ

କୁମାର ସଙ୍ଗକାରା

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଓପନର ରୋହିତ ଶର୍ମାଙ୍କ ଉନ୍ନତ ପ୍ରଦର୍ଶନ ଜାରି ରହିଛି। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ମଧ୍ୟ ସେ ଶ୍ରୀଲଙ୍କା ବିପକ୍ଷରେ ଶତକ ହାସଲ କରିଛନ୍ତି। ୫ଟି ଶତକ ହାସଲ କରି ବିଶ୍ୱ ରେକର୍ଡ ସ୍ଥାପନ କରିବା ସହ ସେ ଭାରତକୁ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚାଇଛନ୍ତି। ସେମିରେ ପ୍ରବେଶ କରିଥିବା ୪ଟି ଦଳ ମଧ୍ୟରୁ ଭାରତ ଏବେ ସବୁଠାରୁ ଶକ୍ତିଶାଳୀ ମନେ ହେଉଛି। ଭାରତ ଓ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ରୋହିତ ପୂର୍ବରୁ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। କିନ୍ତୁ ଚଳିତ ବିଶ୍ୱକପ୍‌ରେ ତାଙ୍କ ପ୍ରଦର୍ଶନ ଏବେ ତାଙ୍କୁ ଭାରତର ଅନ୍ୟତମ ସର୍ବ ଶ୍ରେଷ୍ଠ ହ୍ୱାଇଟ୍‌ବଲ୍ ବ୍ୟାଟ୍ସମ୍ୟାନର ଆଖ୍ୟା ପ୍ରଦାନ କରିଛି।

ଶ୍ରୀଲଙ୍କା ବିପକ୍ଷରେ ତାଙ୍କର ଷ୍ଟ୍ରୋକ ପ୍ଲେ ଚମତ୍କାର ଥିଲା ଓ ଏହା ସମସ୍ତଙ୍କୁ ପ୍ରଭାବିତ କରିଛି। ଇଂଲଣ୍ଡରେ ଓ ସେଠାକାର ପରିବେଶରେ ଭିନ୍ନ ଦଳ ବିପକ୍ଷରେ ଶତକ ପରେ ଶତକ ହାସଲ କରିବା ନିଶ୍ଚିତ ଭାବେ ସ୍ୱତନ୍ତ୍ର ଓ କଷ୍ଟକର। ଆଗାମୀ ସପ୍ତାହରେ ଆହୁରି କେତୋଟି ରେକର୍ଡ ଭଙ୍ଗ କରି ନୂଆ କୀର୍ତ୍ତିମାନ ସୃଷ୍ଟି କରିବାର ସୁଯୋଗ ତାଙ୍କ ପାଖରେ ରହିଛି। ରୋହିତ ଯଦି ଏହି ଭଳି ବିସ୍ଫୋରକ ପ୍ରଦର୍ଶନ ଜାରି ରଖନ୍ତି ତାହେଲେ ଭାରତକୁ ହରାଇବା ନିଶ୍ଚିତ ଭାବେ କଷ୍ଟକର ହେବ। ସେ ଏବେ ଭାରତ ପାଇଁ ଟ୍ରମ୍ପକାର୍ଡ ସାବ୍ୟସ୍ତ ହୋଇଛନ୍ତି।

ସେମିଫାଇନାଲରେ ପହଞ୍ଚିବା ପୂର୍ବରୁ ଶ୍ରୀଲଙ୍କାର ବିଶ୍ୱକପ୍ ଅଭିଯାନ ଶେଷ ହୋଇଛି। ପୂର୍ବରୁ ଶ୍ରୀଲଙ୍କା ସେମିକୁ ଉଠିବ ବୋଲି କେତକେ କହୁଥିଲେ। ତେବେ ପଏଣ୍ଟ ଟେବୁଲର ଠିକ୍ ମଝିରେ ରହି ଶ୍ରୀଲଙ୍କା ଏବେ ବିଦାୟ ନେଇଛି ଯାହା ନିଶ୍ଚିତ ଭାବେ ନୈରାଶ୍ୟଜନକ। ତେବେ ଆମେ ଅଧିକ ଭଲ ପ୍ରଦର୍ଶନ କରିଥିଲେ ଚତୁର୍ଥ ସ୍ଥାନରେ ରହି ସେମିକୁ ଉଠିପାରିଥାନ୍ତୁ। ତେବେ ଦଳର ଏକାଧିକ ସମସ୍ୟା ଏଥିରେ ଅନ୍ତରାୟ ସୃଷ୍ଟି କରିଥିଲା। ଆଘାତ ସମସ୍ୟା ସହିତ ଦଳରେ କେହି ଜଣେ ସ୍ପେଶାଲିଷ୍ଟ ସ୍ପିନର ମଧ୍ୟ ନ ଥିଲେ। ଫଳରେ ଦଳରେ ସନ୍ତୁଳନ ରହିପାରି ନ ଥିଲା। ପୁଣି ଦଳରେ ଅଧିକାଂଶ ଖେଳାଳିଙ୍କ ନିକଟରେ ଗତ ୧୮ ମାସ ମଧ୍ୟରେ ଦିନିକିଆ ଖେଳିବାର ଅଭିଜ୍ଞତା ନ ଥିଲା।

ଗ୍ରୁପ୍ ପର୍ଯ୍ୟୟର ଅନ୍ତିମ ସପ୍ତାହରେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତ ଓ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ଶେଷରେ ସେମିଫାଇନାଲରେ ସ୍ଥାନ ହାସଲ କରିଥିଲା। ଏବେ ପୂରା ଆତ୍ମବିଶ୍ୱାସର ସହ ଇଂଲଣ୍ଡ ସେମିରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ଭେଟିବ। ନ୍ୟୁଜିଲାଣ୍ଡ ଉନ୍ନତ ନେଟ୍ ରନ୍‌ରେଟ୍ ମାଧ୍ୟମରେ ସେମିରେ ସ୍ଥାନ ହାସଲ କରି ବେଶ୍ ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଛି। ପାଗ ମଧ୍ୟ ନ୍ୟୁଜିଲାଣ୍ଡ ସପକ୍ଷରେ ଯାଇଥିଲା। ଟୁର୍ନାମେଣ୍ଟ ଆରମ୍ଭରୁ ନ୍ୟୁଜିଲାଣ୍ଡ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ତେବେ ପରେ ଚମକହୀନ ପ୍ରଦର୍ଶନ କରି କେତୋଟି ମ୍ୟାଚ୍ ହାରିଥିଲା। ଖାସ୍ କରି ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ଖରାପ୍ ପ୍ରଦର୍ଶନ କରିଥିଲା। ପାକିସ୍ତାନକୁ ଭାଗ୍ୟ ଟିକିଏ ସହାୟ ହେଲା ନାହିଁ। ପାଗ ମଧ୍ୟ ଏହି ଦଳକୁ ସହାୟ ହେଲାନାହିଁ। କିନ୍ତୁ ଅସ୍ଥିର ପ୍ରଦର୍ଶନ ପାଇଁ ପାକିସ୍ତାନକୁ ଶେଷରେ ମୂଲ୍ୟ ଦେବାକୁ ପଡିଲା। ବାଂଲାଦେଶ ଭଲ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ଅଲରାଉଣ୍ଡର ସାକିବ ଅଲ ହାସନଙ୍କ ପ୍ରଦର୍ଶନ ଦଳ ପାଇଁ ସାନ୍ତ୍ୱନା ଆଣିଦେଇଛି। ସବୁମ୍ୟାଚ୍‌ରେ ଚ୍ୟାଲେଞ୍ଜିଂ ପ୍ରଦର୍ଶନ କରି ବାଂଲାଦେଶ ଗର୍ବ ସହ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି।

ଆଗାମୀ ସପ୍ତାହରେ ଦୁଇଟି ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମ୍ୟାଚ୍ ଦେଖିବାର ସୁଯୋଗ ମିଳିବ। ତେବେ ନକ୍ ଆଉଟ୍ କ୍ରିକେଟରେ କେଉଁ ଦଳ ଫେଭରାଇଟ ତାହା କହିବା କଷ୍ଟକର। ଘରୋଇ ପରିବେଶରେ ଇଂଲଣ୍ଡକୁ ଘରୋଇ ଦର୍ଶକଙ୍କ ସମର୍ଥନ ମିଳିବ। ଭାରତୀୟ ଦଳରେ ଜବରଦସ୍ତ ସନ୍ତୁଳନ ରହିଛି। ସେହିପରି ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟ ଆରମ୍ଭରୁ ଉଚ୍ଚକୋଟୀର ପ୍ରଦର୍ଶନ କରିଆସିଛି। ଇଂଲଣ୍ଡ ମ୍ୟାଚ୍‌ରେ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ଓ ଏହା ଉପରେ ସମସ୍ତଙ୍କ ନଜର ରହିବ। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେବା ନିଶ୍ଚିତ ମନେହେଉଛି। ଟୁର୍ନାମେଣ୍ଟରେ ସବୁ ଦଳ ପ୍ରାୟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରୁଛନ୍ତି। ଏହି ଟ୍ରେଣ୍ଡ ଆଗକୁ ଜାରି ରହିବ ବୋଲି ଆଶା କରୁଛି। (ଗେମ୍ ପ୍ଲାନ୍)



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁଲାଇ ୮/୨୦୧୯ Bhubaneswar, Monday, July 8/2019

# ଭୁବନେଶ୍ୱରରେ ଲାଗିବ ୫୦୦ ୱାଇ-ଫାଇ ହଟ୍‌ସ୍ପଟ୍




ଭୁବନେଶ୍ୱର,୭।୭(ବ୍ୟୁରୋ)

ଭୁବନେଶ୍ୱର ସହର ଅଳ୍ପ କିଛି ଦିନ ମଧ୍ୟରେ ସମ୍ପୂର୍ଣ୍ଣ ୱାଇ-ଫାଇ ସହର ହେବ। ସହରର ବିଭିନ୍ନ ସ୍ଥାନରେ ୫୦୦ରୁ ଅଧିକ ୱାଇ-ଫାଇ ହଟ୍‌ସ୍ପଟ ଲଗାଯିବା ସହ ଲୋକଙ୍କୁ ୨ ଏମ୍‌ବିପିଏସ୍ ସ୍ପିଡରେ ଡାଟା ଯୋଗାଇ ଦିଆଯିବ। 'ଭୁବନେଶ୍ୱର ମି' ପକ୍ଷରୁ ଏହି ସେବା ଯୋଗାଇ ଦିଆଯିବ। ଖୁବଶୀଘ୍ର ଏହାକୁ ଆରମ୍ଭ କରାଯିବ ବୋଲି କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ସଚିବ ଦୁର୍ଗାଶଙ୍କର ମିଶ୍ର ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ସେ ଟୁଇଟର ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି ଯେ, ସ୍ମାର୍ଟସିଟି ଭୁବନେଶ୍ୱର ଖୁବଶୀଘ୍ର ମାଗଣା ୱାଇଫାଇ ସେବା ଆରମ୍ଭ ହେବ। ସ୍ମାର୍ଟସିଟିର ମୁଖ୍ୟ ରାସ୍ତାଗୁଡ଼ିକ ସହିତ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସ୍ଥାନରେ ଏହି ଫ୍ରି ୱାଇଫାଇ ସେବା ଉପଲବ୍ଧ ହେବ। ଏହାଦ୍ୱାରା ଭୁବନେଶ୍ୱର ବାସିନ୍ଦାମାନେ ଡିଜିଟାଲ ମାଧ୍ୟମରେ ଯୋଡ଼ି ହୋଇପାରିବେ, ଆଉ ଇଣ୍ଟରନେଟ ସେବା ଲାଗି ହଇରାଣ ହେବାକୁ ପଡିବନି ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନା ଥାଉକି, ୨୦୧୮ ନଭେମ୍ବର ୫ ରେ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ବୈଠକରେ ଏ ସମ୍ପର୍କରେ ଘୋଷଣା କରାଯାଇଥିଲା। ଉକ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧୦୦ଟି ହଟ୍‌ସ୍ପଟର ଉଦ୍‌ଘାଟନ କରାଯାଇଥିବା ବେଳେ ୨୭୫ଟି ଆକ୍ସେସ୍ ପଏଣ୍ଟରେ ଏହା କାର୍ଯ୍ୟ କରୁଥିଲା। ଆଗାମୀ ଦିନରେ ଏହି ହଟସ୍ପଟ ସଂଖ୍ୟା ୫୧୮ରେ ଓ ଆକ୍ସେସ ପଏଣ୍ଟ ସଂଖ୍ୟା ୧୮ଶହରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ରବିବାର କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ସଚିବଙ୍କ ଟୁଇଟ ପରେ ଖୁବ୍‌ଶୀଘ୍ର ଭୁବନେଶ୍ୱର ୱାଇ-ଫାଇ ସହର ହେବ ବୋଲି ଜଣାପଡ଼ିଛି।

# ଶ୍ରୀମନ୍ଦିରରେ ଭକ୍ତଙ୍କଠାରୁ ଚୋରି, ୪ଗିରଫ

ପୁରୀ ଅଫିସ, ୭।୭

ଶ୍ରୀମନ୍ଦିରରେ ଭକ୍ତଙ୍କ ଠାରୁ ଚୋରି ଅଭିଯୋଗରେ ସିଂହଦ୍ୱାର ପୋଲିସ ରବିବାର ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବାଲେଶ୍ୱରର ସତ୍ୟାନନ୍ଦ ଲେଙ୍କା(୪୫), ନୟାଗଡର ଇଟାମାଟିର ଆଲୋକ କୁମାର ମଲ୍ଲିକ(୨୦), ପଶ୍ଚିମବଙ୍ଗ ଉତ୍ତର ଚବିଶ ପ୍ରଗଣାର ରାହୁଲ ସେନ୍(୨୨) ଓ ଦକ୍ଷିଣ ଚବିଶ ପ୍ରଗଣାର ରାଜୁ ହାଲଦାର(୨୯)। ଖୋର୍ଦ୍ଧା ଅଞ୍ଚଳର ବଳରାମ ଲେଙ୍କା ତାଙ୍କ ସ୍ତ୍ରୀଙ୍କ ସହିତ ଗତ ଜୁଲାଇ ୩ତାରିଖରେ ଶ୍ରୀମନ୍ଦିର ଦର୍ଶନ ସାରି ଫେରୁଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ ଲୁଟ୍ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ସତ୍ୟାନନ୍ଦ ଓ ଆଲୋକଙ୍କୁ ଗିରଫ କରିଛି। ସେହିପରି ଦଶପଲ୍ଲା ସାତପାଟଣା ଅଞ୍ଚଳର ପ୍ରମୋଦ ଚନ୍ଦ୍ର ପୃଷ୍ଟିଙ୍କ ସ୍ତ୍ରୀ ଗତ ବୁଧବାର ଶ୍ରୀମନ୍ଦିରରୁ ସୁନାଚେନ ଲୁଟ୍ ନେଇ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ପୋଲିସ ରାହୁଲ ଓ ରାଜୁଙ୍କୁ ଗିରଫ କରିଛି।

# ଭୁବନେଶ୍ୱର ପୁସ୍ତକ ମେଳାର ପୁରସ୍କାର ଘୋଷଣା

ଭୁବନେଶ୍ୱର, ୭।୭(ବ୍ୟୁରୋ)

୩୫ତମ ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର ବିତରଣ ଉତ୍ସବ-୨୦୧୮ ଆସନ୍ତା ୧୪ ତାରିଖ ଦିନ ପ୍ରେସ କ୍ଲବରେ ଅନୁଷ୍ଠିତ ହେବ। ଏହାପୂର୍ବରୁ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଗଳ୍ପ ସଂକଳନ 'ତାରା ଭର୍ତ୍ତି ଆକାଶ' ପାଇଁ ବିରଜା ରାଉତରାୟ ଓ କବିତା ପୁସ୍ତକ 'ନିଆଁର କୋଲାଜ' ପାଇଁ ପ୍ରତୀକ୍ଷା ଜେନାଙ୍କୁ ପୁସ୍ତକ ମେଳା ସାହିତ୍ୟ ପୁରସ୍କାର ପାଇଁ ମନୋନୀତ କରାଯାଇଥିବାବେଳେ ଗାଳ୍ପିକ କ୍ଷୀରୋଦ ବିଶ୍ୱାଳଙ୍କୁ ରବି ପଟ୍ଟନାୟକ ସ୍ମୃତି ପୁରସ୍କାର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀଙ୍କୁ ବରେନ୍ଦ୍ରକୃଷ୍ଣ ଧଳ ସମ୍ମାନ, ଲେଖକ ମହେଶ୍ୱତା ସାହୁଙ୍କୁ ଉତ୍ତମଚରଣ ନାୟକ ଗଳ୍ପ ପୁରସ୍କାର, ଲେଖକ ମାନସ ରଞ୍ଜନ ସାମଲଙ୍କୁ ଶିଶୁ ସାହିତ୍ୟ ପୁରସ୍କାର ଓ ରାଜକିଶୋର ଦାସଙ୍କୁ ଶ୍ରେଷ୍ଠ ପ୍ରକାଶକ ସମ୍ମାନ ପ୍ରଦାନ କରାଯିବ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
-ଲେନିନ୍



## ସଂକ୍ଷେପରେ

### ବିନା ବାଜାରେ ଗଲେ ବର

### ୭ ଡିଜେ, ୫ ଜେନେରେଟର ଜବତ

**ପୁରୁଣା ଭୁବନେଶ୍ୱର, ୭।୭(ଡି.ଏନ.ଏ.)-** ରାଜଧାନୀରେ ବିନା ବାଜାରେ ରବିବାର ରାତିରେ ବର ଯାଉଥିବା ଦେଖିବାକୁ ମିଳିଛି। ସହରାଞ୍ଚଳରେ ରାତି ୧୦ ଟା ପରେ ଡିଜେ ବାଜିବାକୁ ବାରଣ ରହିଛି। ହେଲେ ଏହାକୁ କେହି ଖାତିର କରୁନାହାନ୍ତି। ୬୦ ଡେସିବଲରୁ ଉର୍ଦ୍ଧ୍ୱ ସାନ୍ଦ୍ରତାରେ ଡିଜେ ବଜାଇ ବରଯାତ୍ରୀ ଶୋଭାଯାତ୍ରା ଯାଉଥିଲା। ଏତେ ସାଉଣ୍ଡରେ କାନ ତାବଦା ହୋଇଯାଉଥିଲା। ବରିଷ୍ଠ ନାଗରିକ ଓ ରୋଗୀ ନିଜକୁ ନିରାପଦ ମଣୁ ନ ଥିଲେ। ରାଜଧାନୀ ସବୁ ମଣ୍ଡପରେ ଏଭଳି ପରିସ୍ଥିତିରେ ଲୋକେ ଅତିଷ୍ଠ ହୋଇପଡିଥିଲେ। ଡିସିପିଙ୍କ ନିର୍ଦ୍ଦେଶକ୍ରମେ ରାତିରେ ଲିଙ୍ଗରାଜ ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଥାନା ଅଧୀନ କେଉଟସାହି, ବିନ୍ଦୁସାଗର, ରଥଦାଣ୍ଡ, ଗୋଶାଗୋରେଶ୍ୱର ଛକ, ମାଉସୀ ମା' ଛକ ଆଦିରେ ଚଢାଉ କରାଯାଇଥିଲା। ରାତି ୧୧ଟା ସୁଦ୍ଧା ୭ଟି ଡିଜେ ଗାଡି ଏବଂ ୫ଟି ଜେନେରେଟର ପୋଲିସ ଜବତ କରିଥିଲା। ସମସ୍ତଙ୍କୁ ଜରିମାନା କରାଯିବ ସହ ଆଗକୁ ଏଭଳି ଅଧିକ ସାଉଣ୍ଡରେ ଡିଜେ ବଜାଇବାକୁ ବାରଣ କରାଯାଇଥିଲା। ପୋଲିସ ଡିଜେ ଗାଡି ଓ ଜେନେରେଟରକୁ ଜବତ କରିବାରୁ ବିଳମ୍ବିତ ରାତିରେ ବର ବିନା ବାଜାରେ ଶୋଭାଯାତ୍ରା ଯାଉଥିବା ଦେଖିବାକୁ ମିଳିଥିଲା।

### ଶ୍ରମିକ ନେତା ଅକ୍ଷୟ ମଲ୍ଲିକଙ୍କ ଶ୍ରାଦ୍ଧବାର୍ଷିକୀ

**ଟିଗିରିଆ,୭।୭(ଡି.ଏନ.ଏ.):** ସଂଗ୍ରାମୀ, ଜନସେବୀ ତଥା ଶ୍ରମିକନେତା ଅକ୍ଷୟ ମଲ୍ଲିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଟିଗିରିଆ ବ୍ଲକ ଅଧୀନ ପାଞ୍ଚଗାଁସ୍ଥିତ ତଳସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ବରିଷ୍ଠ ରାଜନେତା ଅଜିତ ଧୀରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ହିନ୍ଦ୍ ମଜଦୁର ସଭା ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଲଳିତେନ୍ଦୁ ସେନାପତି, ବ୍ଲକ ଅଧକ୍ଷା ରୂପା ଦଳେଇ, ଆଇନଜୀବୀ ରଘୁନାଥ ଦାଶ, ବ୍ଲକ ଉପାଧକ୍ଷ ଗୌରହରି ପରିଡ଼ା, ପାଞ୍ଚଗାଁ ଗ୍ରାମ ସଭାପତି ନରେନ୍ଦ୍ର ସାହୁ, ଆରତୀ ଷ୍ଟିଲ ଲେବର ୟୁନିୟନ ଉପସଭାପତି ସନ୍ତୋଷ ବେହେରା, ବେଣ୍ଟପଦା ସରପଞ୍ଚ ପବିତ୍ର ସାହୁ, ଆଠଗଡ଼ ଛାତ୍ର ଜନତା ଦଳର ସଭାପତି ଶ୍ୟାମ ପ୍ରସାଦ ପଣ୍ଡ ଓ ବୈକୁଣ୍ଠ ନାୟକ ପ୍ରମୁଖ ଯୋଗଦେଇ ମଲ୍ଲିକଙ୍କ କର୍ମମୟ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ।

### ବ୍ଲକ୍‌ସ୍ତରୀୟ ବନ ମହୋତ୍ସବ

**ସାଲେପୁର,୭।୭(ଡି.ଏନ.ଏ.):** ସାଲେପୁର ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନ ବିଭାଗ ଦ୍ୱାରା ଆୟୋଜିତ ସଭାରେ ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ବୃକ୍ଷ ହିଁ ଜୀବନ, ବୃକ୍ଷବିନା ଜୀବଜଗତ ବଞ୍ଚିବା ଅସମ୍ଭବ ବୋଲି କହିବା ସହ ବୃକ୍ଷର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପରେ ବିଧାୟକ ବେହେରା ହାଇସ୍କୁଲ ପରିସରରେ ଚାରାରୋପଣ କରି ଉପସ୍ଥିତ ଜନସାଧାରଣଙ୍କୁ ଚାରା ବଣ୍ଟନ କରିଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବନବିଭାଗ ଏ.ସି.ଏଫ୍ ବିକ୍ରମଦେବ ପଟ୍ଟନାୟକ ଉପସ୍ଥିତ ରହି ସବୁଜ ମହାନଦୀ ମିଶନ୍ ଯୋଜନାରେ ବାରବୋଡିଆ ସ୍ଥିତ ମହାନଦୀ ପଠାରେ ୭ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ବ୍ଲକ୍ ଯୁବ ବିଜେଡି ସଭାପତି ସଞ୍ଜିତ ଦାଶ, ରଜନୀକାନ୍ତ ଦାଶ, ବ୍ଲକ୍ ଉପାଧକ୍ଷ ରମେଶ ଚନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ବ୍ଲକ୍ ବିଜୁ ଯୁବବାହିନୀ ସଭାପତି ବିଶ୍ୱଜିତ୍ ଚାଟାର୍ଜୀ, ଯୁବନେତା ସଞ୍ଜୟ ବେହୁରା, ନନ୍ଦକିଶୋର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଫରେଷ୍ଟର ଶ୍ରୀକାନ୍ତ ବେହେରା, ଚନ୍ଦ୍ର ଶେଖର ପଣ୍ଡା, ବିପିନ୍ ପରିଡା, ଡେପୁଟି ରେଞ୍ଜର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ସିନ୍ଦୂର ପିନ୍ଧାଇ ବଳାତ୍କାର କରିବା ଘଟଣାର ଭିନ୍ନମୋଡ଼

# ଟଙ୍କା ପାଇଁ ବ୍ଲାକ୍‌ମେଲ୍ କରୁଛନ୍ତି ଯୁବତୀ

■ଡିସିପିଙ୍କୁ ଭେଟି ପାଲଟା ଅଭିଯୋଗ ଆଣିଲେ ଅଭିଯୁକ୍ତ
■ପୂର୍ବରୁ ୩ଜଣଙ୍କୁ ମିଥ୍ୟା ଅଭିଯୋଗରେ ଜେଲ୍ ପଠାଇଛନ୍ତି
■ଜଣେ ସରକାରୀ କର୍ମଚାରୀ ମଧ ଚାକିରି ହରାଇଛନ୍ତି

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ଜଣେ ଯୁବତୀଙ୍କୁ ମଥାରେ ସିନ୍ଦୁର ଦେଇ ବଳାତ୍କାର ହୋଇଥିବା ନେଇ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ଏବେ ଏହି ଘଟଣା ଭିନ୍ନମୋଡ଼ ନେଇଛି। ଯୁବତୀ ଜଣକ ତାଙ୍କୁ ପ୍ରେମ ଜାଲରେ ଫସାଇ ଟଙ୍କା ପାଇଁ ବ୍ଲାକ୍‌ମେଲ୍ କରୁଥିବା ଓ ମିଥ୍ୟା ଅଭିଯୋଗ ଆଣିଥିବା ଅଭିଯୁକ୍ତ ପାଲଟା ଅଭିଯୋଗ ଆଣିଛନ୍ତି। ସେ ଏନେଇ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନାରେ ଉକ୍ତ ଯୁବତୀଙ୍କ ନାମରେ ଏପରି ଅଭିଯୋଗ ଆଣିବା ସହ ଭୁବନେଶ୍ୱର ଡିସିପିଙ୍କୁ ଭେଟି ଜଣାଇଛନ୍ତି। ଫଳରେ ଭୁବନେଶ୍ୱର ମହିଳା ଥାନାରେ ଯୁବତୀଜଣକ କରିଥିବା ଅଭିଯୋଗକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଅଞ୍ଚଳର ଦେବବ୍ରତ ଦାସଙ୍କ ଅଭିଯୋଗ ମୁତାବକ, ଯୁବତୀ ଜଣକ ଏକ ଏନଜିଓରେ କାର୍ଯ୍ୟ କରୁଥିବା ବେଳେ ତାଙ୍କସହ ଭେଟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢିଥିଲା। ମାତ୍ର ଯୁବତୀ ଜଣକ ଅନେକ ସମୟରେ ବିଭିନ୍ନ ଆଳ ଦେଖାଇ ତାଙ୍କଠାରୁ ଟଙ୍କା ପଇସା ମାଗିବାରୁ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଯୁବତୀ ଜଣକ ତାଙ୍କୁ ବିବାହ କରିବାକୁ ବାଧ କରୁଥିଲେ। ଏପରିକି ବିବାହ ନ କଲେ ବିଷ ପିଇଦେବେ ବୋଲି କହି ତାଙ୍କୁ ଡାକିଥିଲେ। ଦେବବ୍ରତ ପହଞ୍ଚିବା ପରେ ଯୁବତୀ ଓ ତାଙ୍କ ସହ ଥିବା ପୁରୁଷ ବନ୍ଧୁ ତାଙ୍କୁ ୫ଲକ୍ଷ ଦେବାକୁ ଧମକ ଦେଇ ବ୍ଲାକ୍‌ମେଲିଂ ଆରମ୍ଭ କରିଥିଲେ। ମାମଲା ରୁଜୁ ପରେ ବି ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଫୋନ୍ କରି ଏବେବି ଟଙ୍କା ଦେଇଦେଲେ ରଫାଦଫା କରିଦେବେ ବୋଲି କହୁଥିବା ଦେବବ୍ରତ ଗଣମାମଧମକୁ ଜଣାଇଛନ୍ତି। ଏଥିସହ ଯୁବତଙ୍କ ସମ୍ପର୍କରେ ଆହୁରି ଅନେକ ଅଭିଯୋଗ ଆଣିଛନ୍ତି ଦେବବ୍ରତ। ସେ କହିଛନ୍ତି, ଯୁବତୀ ଜଣକ ସୋସିଆଲ ମିଡିଆ ଜରିଆରେ ଯୁବକମାନଙ୍କୁ ପ୍ରେମ ଜାଲରେ ଫସାନ୍ତି। ପରେ ଭେଟିବାକୁ ପ୍ରସ୍ତାବ ଦେଇ ସମ୍ପର୍କ ବଢ଼ାନ୍ତି। ବିଭିନ୍ନ ସ୍ଥାନରେ ବୁଲାବୁଲି କରିବା ଭିତରେ ବିବାହ ପ୍ରସ୍ତାବ ଦିଅନ୍ତି। ଏପରିକି ଯୁବକଙ୍କ ହାତରୁ ସିନ୍ଦୁର ପିନ୍ଧିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ନେଇ ବ୍ଲାକ୍‌ମେଲ କରନ୍ତି। ଏହାପରେ ଯୁବତୀ ଜଣକ ନିଜର ଅସଲ ଉଦ୍ଦେଶ୍ୟ ସଫଳ କରନ୍ତି। ମୋଟା ଅଙ୍କର ଅର୍ଥ ଦାବି କରନ୍ତି। ଚାହିଁବା ମୁତାବକ ଅର୍ଥ ନ ମିଳିଲେ ଭିନ୍ନ ଭିନ୍ନ ଥାନାରେ ଅଭିଯୋଗ ଆଣି ସମାଧାନ ପାଇଁ ଆହୁରି ଅଧିକ ଅର୍ଥ ଅସୁଲ କରନ୍ତି। ଟଙ୍କା ନ ମିଳିଲେ ଜେଲ୍ ଯିବା ପର୍ଯ୍ୟନ୍ତ ପୋଲିସ ଉପରେ ଚାପ ପକାନ୍ତି। ଏହିପରି ଯୁବତୀ ଜଣକ ପୂର୍ବରୁ ଭୁବନେଶ୍ୱରର ୩ ଥାନାରେ ସମାନ ଅଭିଯୋଗ ଆଣିଛନ୍ତି। ଯୁବତୀଙ୍କ ଅଭିଯୋଗକ୍ରମେ ଜଣେ ଯୁବକ ସରକାରୀ ଚାକିରି ହରାଇବା ସହ ଜେଲ୍ ଯାଇଛନ୍ତି। ସେହିଭଳି ଆଉ ଦୁଇଜଣ ଯୁବକ ମଧ୍ୟ ଗିରଫ ହୋଇ ଜେଲ୍ ଯାଇଥିବା ସେ କହିଛନ୍ତି। ଏ ସଂକ୍ରାନ୍ତରେ ଡିସିପି ଅନୁପ ସାହୁ କହିଛନ୍ତି, ଯୁବତୀ ଜଣକ ମହିଳା ଥାନାରେ କରିଥିବା ଅଭିଯୋଗ ଓ ଅଭିଯୁକ୍ତ ଯୁବକ ଆଣିଥିବା ଅଭିଯୋଗର ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିଯିବ।

## ବନ ମହୋତ୍ସବରେ ଚାରା ବଣ୍ଟନ



ବନ ମହୋତ୍ସବ ଅବସରରେ ଚାରା ବଣ୍ଟନ କରାଯାଉଛି।

**ବାଙ୍କୀ, ୭।୭(ସ୍ୱ.ପ୍ର.)**

ବନ ମହୋତ୍ସବ ସପ୍ତାହ ପାଳନର ଉଦ୍‌ଯାପନୀ ଦିବସରେ ବାଙ୍କୀ ଡମପଡ଼ା ବ୍ଲକର ପାଥପୁର, ଘାସିପୁଟ, ଚକୁଳେଶ୍ୱର, ଇନ୍ଦୁମତି ପାଟଣା, ଚାରିଘରିଆ ଏବଂ ବାଙ୍କୀ ଏନ୍‌ଏସିର ଆଦିମାତା ଛକଠାରେ ଚାରାବଣ୍ଟନ କରାଯାଇଛି। ସାମାଜିକ କର୍ମୀ ଗୌତମ ମିଶ୍ର ଯୋଗଦେଇ ଜନସାଧାରଣଙ୍କୁ ବିଭିନ୍ନ ପ୍ରଜାତିର ଚାରାବଣ୍ଟନ କରିଛନ୍ତି। ଏଥିସହିତ ସାମାଜିକ କର୍ମୀ ମିଶ୍ର ଜନସାଧାରଣଙ୍କୁ ନିଜ ଉଦ୍ୟମରେ ଚାରାରୋପଣ କରି ପରିବେଶକୁ ସୁସ୍ଥ ରଖିବା ପାଇଁ କହିଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ରବାସୀ ଦାଶ, ସାମାଜିକ କର୍ମୀ ଉଲ୍ଲାସ ଚନ୍ଦ୍ର ବେହେରା, ଦୁର୍ଗା ପ୍ରସାଦ ଦାଶ, ଦେବୀ ପ୍ରସାଦ ପଣ୍ଡା ଓ ବହୁ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।



ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ବନ ମହୋତ୍ସବ ଅବସରରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ରହି ଚାରା ରୋପଣ କରୁଛନ୍ତି।

## ବନ ମହୋତ୍ସବ ଉଦ୍‌ଯାପିତ

**ଖୁଣ୍ଟୁଣୀ, ୭।୭(ଡି.ଏନ୍.ଏ.)**

ସମାଜକୁ ସୁସ୍ଥ ପରିବେଶ ମଧ୍ୟରେ ବଞ୍ଚିବାକୁ ହେଲେ ବ୍ୟାପକ ଚାରା ରୋପଣ ଜରୁରୀ ବୋଲି ରବିବାର ଓରନ୍ଦା ସମ୍ମେଶ୍ୱର କ୍ଲବ ପକ୍ଷରୁ ଆୟୋଜିତ ବନ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଠଗଡ ଅତିରିକ୍ତ ଜିଲା ବୌରାଜଜ୍ ଅମୃତ ରଞ୍ଜନ ନନ୍ଦ କହିଛନ୍ତି। ଉତ୍ସବରେ ଓରନ୍ଦା ଗ୍ରାମ ସଭାପତି ଇଂ. ପ୍ରତାପ ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରେମାନନ୍ଦ ବେଉରା ବିବରଣୀ ପାଠ, ବିଜୟ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୌମ୍ୟଶଙ୍କର ମହନ୍ତ, ଆଠଗଡ ଉପଜିଲାପାଳ ଅମିୟ ସାହୁ, ଗୁରୁଡିଝାଟିଆ ଥାନା ଆଇଆଇସି ବିଜୟ ବିସି, ଶ୍ୟାମସୁନ୍ଦର ପରିଡା, ଶ୍ୱେତକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଆଇଙ୍କ ରିପୋର୍ଟ ବଳରେ ସରକାରୀ ଜମି ହସ୍ତାନ୍ତର

**କଟକ ସଦର, ୭।୭(ଡି.ଏନ୍.ଏ.)**

ଓଡ଼ିଶା ସରକାରୀ ଜମି ବନ୍ଦବୋସ୍ତ ଆଇନରେ ତହସିଲଦାରଙ୍କ କ୍ଷମତା ଉଲ୍ଲେଖ ରହିଛି। ଭୂମିହୀନ ପରିବାରଙ୍କୁ ବାସ ଉପଯୋଗୀ ଜମି ଦେବା ବ୍ୟତୀତ ଅନ୍ୟମାନଙ୍କୁ ସରକାରୀ ଜମି ହସ୍ତାନ୍ତର କରିବାର କ୍ଷମତା ତହସିଲଦାରମାନଙ୍କୁ ଦିଆଯାଇନାହିଁ ବୋଲି ରାଜସ୍ୱ ବିଭାଗ, କଟକ ଜିଲାପାଳ ଓ କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ(ଆରଟିଆଇ)ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ମାତ୍ର କିଶନନଗର ତହସିଲ ଅଞ୍ଚଳର ବିଭିନ୍ନ ମୂଲ୍ୟବାନ କିସମ ଆବାଦ ଅଯୋଗ୍ୟ ଜମିକୁ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ ରିପୋର୍ଟ ବଳରେ ତହସିଲଦାର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ହସ୍ତାନ୍ତର କରାଯିବା ଭଳି ବେଆଇନ କାର୍ଯ୍ୟ ସମ୍ପର୍କରେ କଟକ ସଦର ବ୍ଲକ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଯଶପଡ଼ା, ସୋମପୁର, ଅରିଲୋ, ବାରଦା, ପ୍ରହରାଜପୁର, ଧରିଣା, କିଶୋରନଗର ପଞ୍ଚାୟତରେ କ୍ଲବ ଘର, କୋଠ ଘର, ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ସରକାରୀ ଜମିକୁ ଆରଆଇଙ୍କ ରିପୋର୍ଟ ବଳରେ ହସ୍ତାନ୍ତର କରାଯାଉଛି। ଏହି ସବୁ ଜମି ଉପରେ ସ୍ଥାୟୀ ପକ୍କା ଘର ନିର୍ମାଣ ଚାଲିଛି। ତହସିଲଦାରଙ୍କ ସରକାରୀ ଜମିକୁ ହସ୍ତାନ୍ତର କରିବା କ୍ଷମତା ନାହିଁ ବୋଲି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପତ୍ର ସଂଖ୍ୟା ୩୯୪୦୩/୧୫–୧୨–୧୬ ରେ ସୂଚନା ପ୍ରଦାନ କରିଥିଲେ। ସେହିପରି କଟକ ଜିଲାପାଳଙ୍କ ଜନ ସୂଚନା ଅଧିକାରୀ ପତ୍ର ସଂଖ୍ୟା ୩୫୬୦/ ୨୮–୧୧–୧୭ ରେ ତହସିଲଦାର କୌଣସି ସରକାରୀ ଜମିରେ ସ୍ଥାୟୀ ନିର୍ମାଣ କରିବା ପାଇଁ ଅନୁମତି ଦେଇପାରିବେ ନାହିଁ ବୋଲି ଅବଗତ କରାଇଛନ୍ତି। ପୂର୍ବରୁ ଏ କଥା କିଶନନଗର ତହସିଲଦାର ମାନି ନ ଥିବା ଅଭିଯୋଗ ହୋଇଛି। ଯେପରି ଯଶପଡ଼ା ଆର୍‌ଆଇଙ୍କ ରିପୋର୍ଟକୁ ଆଧାର କରି ମେଲଣ ପଡିଆ ଜମିକୁ ପତ୍ରସଂଖ୍ୟା ୧୯୫୪/୧୧–୧୧–୨୦୧୩ ରେ ଯଶପଡ଼ା ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ଏହି ତଥ୍ୟ କଟକ ସଦର ବ୍ଲକର ଜନ ସୂଚନା ଅଧିକାରୀ ୨/୭/୧୭ରେ ଜଣେ ସୂଚନା ଅଧିକାର କର୍ମୀଙ୍କୁ ଜଣାଇଛନ୍ତି। ଫଳରେ କିଶନନଗର ତହସିଲଦାରଙ୍କ ଜମି ହସ୍ତାନ୍ତର କ୍ଷମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ କିଶନନଗର ବର୍ତ୍ତମାନ ତହସିଲଦାର ସୁଚେତା ମହାପାତ୍ର କୁହନ୍ତି, ସରକାରୀ ଜମିକୁ ହସ୍ତାନ୍ତର କ୍ଷମତା ତହସିଲଦାରଙ୍କ ନାହିଁ ବୋଲି ସ୍ୱୀକାର କରିଥିଲେ। ଅତୀତରେ କିଏ କ'ଣ କରିଛି ସେ କହିପାରିବେ ନାହିଁ ବୋଲି କହିଥିଲେ।

■ ଟ୍ରାଫିକ୍ ପୋଲିସର ଚଢାଉ, ଗାଡ଼ି କାଗଜପତ୍ର ଯାଞ୍ଚ

# ଧରାପଡ଼ିଲେ ୮୫ ବେପରୁଆ ଅଟୋଚାଳକ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ରାଜଧାନୀରେ ଏକାଧିକ ଅଟୋ ଚାଳକ ବେପରୁଆ ଗାଡି ଚାଳନା କରୁଛନ୍ତି। ମନ ଇଚ୍ଛା ଗାଡିକୁ ରଙ୍ଗ ସାଇଡ୍‌ରେ ନେବା ସହ ରାସ୍ତା ଉପରେ ଛିଡା କରି ଯାତ୍ରୀଙ୍କୁ ଉଠାଇଛନ୍ତି। ତେଣୁ ଏଭଳି ବେପରୁଆ ଅଟୋ ଚାଳକଙ୍କୁ ବାଟକୁ ଆଣିବାକୁ ଯାଇ ଟ୍ରାଫିକ୍ ପୋଲିସ ପକ୍ଷରୁ ରବିବାର ଚଢାଉ ହୋଇଛି। ଏଜି ଛକରୁ ରାଜମହଲ ଯାଉଥିବା ଅଟୋକୁ ଅଟକାଇ ଫିଟ୍‌ନେସ୍, ଇନ୍ସୁରାନ୍ସ ଓ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଆଦି ଯାଞ୍ଚ କରାଯାଇଥିଲା। ପ୍ରଥମେଦିନରେ ୮୫ ଅଟୋର କାଗଜପତ୍ର ଠିକ୍ ନ ଥିବାବେଳେ କେତେଜଣ ଚାଳକଙ୍କ ଡ୍ରାଇଭିଂ ଲଇସେନ୍ସ ଠିକ୍ ନ ଥିବା ଜଣାପଡିଛି। ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଅନେକ ଗାଡି ଚାଳକ ଫାଇନ ନ ଦେବାରୁ ସେମାନଙ୍କ ଗାଡିକୁ ଜବତ କରାଯାଇ ଟ୍ରାଫିକ୍ ଥାନାକୁ ନିଆଯାଇଥିଲା। ଗାଡିର କାଗଜପତ୍ର ଦେଖାଇବା ପରେ ଗାଡି ଛଡାଯିବ ବୋଲି ପୋଲିସ କହିଥିଲା।

ସୂଚନା ଅନୁଯାୟୀ, ରାଜଧାନୀରେ ଅଟୋ ଚଳାଉଥିବା କେତେଜଣ ରାତିରାତି ଧନୀ ହେବାର ସ୍ୱପ୍ନ ଦେଖୁଛନ୍ତି। ଏଥିଯୋଗୁ ସେମାନେ ଅପରାଧୀଙ୍କ ସହ ସାମିଲ ହେଉଛନ୍ତି। ଭୁବନେଶ୍ୱର ରେଳ ଷ୍ଟେଶନରେ କେତେଜଣ ନିଶାଦିଆ ଲୁଟେରାଙ୍କ ସହ ହାତ ମିଶାଇ ଯାତ୍ରୀଙ୍କୁ ପାନୀୟରେ ନିଶା ଦେଇ ଲୁଟପାଟ କରୁଛନ୍ତି। ରେଳ ଷ୍ଟେଶନରେ ଜଣେ ଯାତ୍ରୀ ପହଞ୍ଚିବା ପରେ ସେମାନଙ୍କୁ ଲୁଟେରା ପ୍ରଥମେ ମିଠା ମିଠା କଥା କହି ଫସାଇ ଥାନ୍ତି। ପରେ ଥଣ୍ଡା ଓ ଚା'ରେ ନିଶା ମିଶାଇ ପିଇବାକୁ ଦେଇଥାନ୍ତି। ଯାତ୍ରୀଙ୍କୁ ନିଶା ଘାରିବା ପରେ ସେ ଅଚେତ ହୋଇ ପଡିଥାନ୍ତି। ଏହାର ସୁଯୋଗରେ ଲୁଟେରାଙ୍କ ସହ ସମ୍ପୃକ୍ତ ଥିବା ଅଟୋ ଚାଳକ ଚେତା ହରାଇଥିବା ଯାତ୍ରୀଙ୍କୁ ଗାଡିରେ ବସାଇ ଲୁଟପାଟ୍ କରିଥାନ୍ତି। ଲୁଟ ପରେ ଏକ ଅନ୍ଧାରୁଆ ସ୍ଥାନରେ ଯାତ୍ରୀଙ୍କୁ ଫିଙ୍ଗି ଚାଲି ଯାଇଥାନ୍ତି। କେବଳ ଏହି ଗୋଟିଏ ପକାର ଅପରାଧ ନୁହେଁ ରାଜଧାନୀରେ ଘଟୁଥିବା ଅଧିକାଂଶ ଅପରାଧରେ ଅଟୋ ଚାଳକଙ୍କ ଭୂମିକା ରହିଛି। ତେଣୁ ଅପରାଧୀଙ୍କ ସହ ସମ୍ପୃକ୍ତ ଥିବା ଅଟୋ ଚାଳକଙ୍କୁ ସେମାନଙ୍କ ସାଥୀମାନେ ଚିହ୍ନଟ କରି ବାଟକୁ ଆଣନ୍ତୁ। ନ ହେଲେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଥିବା ଅଟୋ ଆସୋସିଏଶନ ସେମାନଙ୍କ ସଂଘରୁ ବାହାର କଲେ ଅଟୋ ଚାଳକଙ୍କ ପ୍ରତି ସାଧରଣ ଲୋକଙ୍କ ଥିବା ଖରାପ ଭାବମୂର୍ତ୍ତିରେ ପରିବର୍ତ୍ତନ ଆସିବ। ଏ ସବୁ ଦୃଷ୍ଟି କୋଣରୁ ଅଟୋର କାଗଜପତ୍ର ସହ ଚାଳକଙ୍କ ଲାଇସେନ୍ସ ଓ ପରିଚୟପତ୍ରକୁ ଟ୍ରାଫିକ ପୋଲିସ ଯାଞ୍ଚ କରିଛି। କେତେକ ସ୍ଥାନରେ ଅଟୋ ଚାଳକ ମନ ଇଚ୍ଛା ଯାତ୍ରୀଙ୍କଠାରୁ ଅଧିକ ଟଙ୍କା ଦାବି କରି ହଇରାଣ କରୁଛନ୍ତି। ଯଦି ଯାତ୍ରୀ ଏହାର ବିରୋଧ କରୁଛନ୍ତି ସେମାନେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ତେଣୁ ଯେଉଁଠି ଏଭଳି ଘଟଣା ଘଟୁଛି ତୁରନ୍ତ ପୋଲିସକୁ ଫୋନ୍ କରି ଜଣାଇବାକୁ ଟ୍ରାଫିକ ଏସିପି କହିଛନ୍ତି। ଆଗାମୀଦିନରେ ଯାଞ୍ଚ କଡାକଡି କରାଯିବ ବୋଲି ମଧ କୁହାଯାଇଛି। ଏ ସଂକ୍ରାନ୍ତରେ ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ କହିଛନ୍ତି, ରାଜଧାନୀରେ ବିଶେଷ କରି ଟ୍ରାଫିକ ସମସ୍ୟା କେତେଜଣ ଅଟୋ ଚାଳକ ବଢାଉଛନ୍ତି। ସେମାନେ ମନଇଚ୍ଛା ଜୁଆଡେ ପାରେ ସେ ଆଡେ ରାସ୍ତାରେ ବେପରୁଆ ଭାବେ ଗାଡି ଚଳାଉଛନ୍ତି। ସେମାନଙ୍କୁ ଏ ନେଇ ପ୍ରଥମେ ଟ୍ରାଫିକ ପୋଲିସ ବୁଝାଇଥିଲେ ମଧ ସେମାନେ ସୁଧୁରି ନ ଥିଲେ। ଫଳରେ ଆମକୁ କଠୋର ହେବାକୁ ପଡିଥିଲା। ଯାହାଦ୍ୱାରା ବେପରୁଆ ଗାଡି ଚାଳକଙ୍କୁ ବାଟକୁ ଆଣିବାକୁ ଏଭଳି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

## ଆର୍‌ଟିଓଙ୍କୁ ନାଲିଆଖି ଦେଖାଇ ଡ୍ରାଇଭର ଗିରଫ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ବେପରୁଆ ଗାଡ଼ି ଚଳାଇ ସିରିଜ ଦୁର୍ଘଟଣା ଘଟାଇବା ପରେ ଖସି ଯାଉଥିଲେ ଜଣେ କଣ୍ଟେନର ଡ୍ରାଇଭର। ବାଟରେ ଗାଡ଼ିକୁ ଅଟକାଇବାରୁ ଆର୍‌ଟିଓଙ୍କୁ ଗାଳିଗୁଲଜ କରିବା ସହ ନାଲିଆଖି ଦେଖାଇଥିଲେ। ଏପରିକି ଅଧିକାରୀଙ୍କ ଶାର୍ଟ କଲର ଧରିବାକୁ ବି ପଛାଇ ନ ଥିଲେ। ଶେଷରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରିବା ସହ ଆଇପିସି ଦଫା ୩୫୩, ୫୦୬ ଓ ଏମ୍‌ଭି ଆକ୍ଟରେ ମାମଲା (ନଂ.୩୦୨/୧୯) ରୁଜୁ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗର ମିଥୁ ସେକ୍(୨୮)। ଏଥିସହ ପୋଲିସ କଣ୍ଟେନର (ଏନ୍‌ଏଲ–୦୨କେ–୨୩୭୬)କୁ ଜବତ କରି ତଦନ୍ତ ଚଳାଇଛି। କଣ୍ଟେନରଟି ଶନିବାର ଖଣ୍ଡଗିରିରୁ ମଞ୍ଚେଶ୍ୱର ଯାଉଥିଲା। ଡ୍ରାଇଭର ମିଥୁ ନିଶାରେ ଗାଡିଚାଳନା କରୁଥିବାରୁ ଖଣ୍ଡଗିରି ଛକ ନିକଟରେ ଦୁର୍ଘଟଣା ଘଟାଇଥିଲେ। ଗାଡିକୁ ନ ଅଟକାଇ ଦ୍ରୁତଗତିରେ ଚାଳନା କରି ଖସିଯିବାକୁ ଉଦ୍ୟମ କରିଥିଲେ। ନୟାପଲ୍ଲୀ ଓଭରବ୍ରିଜ୍ ଉପରେ ଆର୍‌ଟିଓ ଚେକିଂ ଚାଲିଥିଲା। ଅଧିକାରୀ ଗାଡିକୁ ଅଟକାଇଥିଲେ। ଡ୍ରାଇଭର ଆରଟିଓ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ଯାଞ୍ଚ କରୁଥିବା କର୍ମଚାରୀ ପୋଲିସକୁ କହିଥିଲେ।

## ରାଜଗୁରୁ ନରସିଂହ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ

**ବାଙ୍କୀ, ୭।୭(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ମମତା ନରସିଂହ ଆଳୟ ପରିସରରେ ବାଙ୍କୀ ବରପୁତ୍ର ତଥା ରାଜଗୁରୁ ନରସିଂହ ମହପାତ୍ରଙ୍କ ୫୦ତମ ପାର୍ବଣ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗ ଦେଇଥିଲେ। ପଣ୍ଡିତ ନଗେନ୍ଦ୍ର ମହାପାତ୍ର ବେଦପାଠ କରିଥିଲେ। ପୂର୍ବତନ ନଗରପାଳ ସୁବାସ ଚନ୍ଦ୍ର ମିଶ୍ର, ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା, ଗୌରାଙ୍ଗ ଚରଣ ସ୍ୱାଇଁ, ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ଡ.ଗଣେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ମହାପାତ୍ରଙ୍କ ଆଦର୍ଶ ଜୀବନାବଳୀ ଉପରେ ଆଲୋକପାତ କରିଥିଲେ। ମହାପାତ୍ରଙ୍କ ଜ୍ୟେଷ୍ଠପୁତ୍ର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାରେ ଅଧକ୍ଷତା କରିଥିବା ବେଳେ ବି.କେ. ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ସହ ସଭାପରିଚାଳନା କରିଥିଲେ। ସାମାଜିକ କର୍ମୀ କୃତିବାସ ପଣ୍ଡା ସ୍ୱାଗତଭାଷଣ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା 'ସ୍ମୃତିରେ ନନା' ଶ୍ରଦ୍ଧାଞ୍ଜଳି ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭାରେ ବାଙ୍କୀର ବହୁ ବୁଦ୍ଧିଜୀବୀ, ସାହିତ୍ୟକ, କବି, ଅବସରପ୍ରାପ୍ତ ଅଧିକାରୀ ଓ ସାମାଜିକ କର୍ମୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷକ ପଣ୍ଡିତ ନଗେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଶ୍ରାଦ୍ଧୋତ୍ସବରେ ଯୋଗ ଦେଇଥିବା ଅତିଥି ସ୍ମରଣିକା ଉନ୍ମୋଚନ କରୁଛନ୍ତି।

■ ଚକାପଦା-ମନ୍ତ୍ରୀସାହି ରାସ୍ତା ମରଣଯନ୍ତା

# ହେଉନି ମରାମତି, ଯାତାୟାତ ବାଧାପ୍ରାପ୍ତ

**ବାଙ୍କୀ, ୭।୭(ସ୍ୱ.ପ୍ର.)**

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା–ମନ୍ତ୍ରୀସାହିରାସ୍ତା (୨କି.ମି.)ମରଣଯନ୍ତା ପାଲଟିଛି। ରାସ୍ତାରେ ଖାଲଖମା ଯୋଗୁ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଛି। ଏହି ରାସ୍ତାରେ ପ୍ରତ୍ୟେହ ଶତାଧିକ ଜନସାଧାରଣ ଯାତାୟାତ କରିଥାନ୍ତି। ସେହିପରି ରାସ୍ତାଦେଇ ବାଙ୍କୀ ଜନସାଧାରଣ ହଳଦିଆ–ଖୋର୍ଦ୍ଧା ଦେଇ ଭୁବନେଶ୍ୱର ଯାଇଥାନ୍ତି। କିନ୍ତୁ ରାସ୍ତାର ମରାମତି ଅଭାବରୁ ଏହା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଥିସହିତ ଫନୀ ବାତ୍ୟାରେ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଗୁଡିକ ନଇଁ ବିଲ ଉପରକୁ ଓହଳି ପଡିଥିବାରୁ ଜନସାଧାରଣଙ୍କ ପ୍ରତି ବିପଦ ଦେଖାଦେଇଛି। ବିଲରେ ଚାଷୀ କାମ କରୁଥିବା ସମୟରେ ଯଦି ବିଦ୍ୟୁତ୍ ଖୁଣ୍ଟ ପଡିଯାଏ ତେବେ ବହୁ ଜୀବନ ହାନୀ ହେବା ଆଶଙ୍କା ଦେଖାଦେଇଛି। ବାଙ୍କୀ ସହରଠାରୁ ମାତ୍ର ୩/୪କି.ମି ଦୂରରେ ଏହି ରାସ୍ତାଟି ଅବସ୍ଥିତ ହୋଇଥିଲେ ମଧ ଏନଏସି ଓ ବିଦ୍ୟୁତ୍ ବିଭାଗର ଦୃଷ୍ଟି କିପରି ପଡୁନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ତେଣୁ ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ସେହିପରି ବିଦ୍ୟୁତ୍ ବିଭାଗ ମଧ ଖୁଣ୍ଟଗୁଡ଼ିକର ମରାମତି କରିବା ପାଇଁ ଦାବି ହୋଇଛି। ଏହା କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ଗଢ଼ିତୋଳିବା ଆଶଙ୍କା ସୃଷ୍ଟି ହୋଇଛି। ରାସ୍ତା ମରାମତି ସମ୍ପର୍କରେ କୌଣସି ବିଭାଗୀୟ ଅଧିକାରୀଙ୍କ ମତାମତ ମିଳି ପାରିନାହିଁ। ବିଦ୍ୟୁତ୍ ଖୁଣ୍ଟ ମରାମତି ସମ୍ପର୍କରେ ବାଙ୍କୀ ଫେଡ୍‌କୋ ସହକାରୀ ଯନ୍ତ୍ରୀ ବିଚିତ୍ରାନନ୍ଦ ପରିଡା କହିଛନ୍ତି, କନିଷ୍ଠ ଯନ୍ତ୍ରୀଙ୍କ ସହିତ ପରାମର୍ଶ କରି ତୁରନ୍ତ ପଦକ୍ଷେପ ନେବି। ଏବେ ଦେଖିବାକୁ ଅପେକ୍ଷା, କେବେ ଏହା କାର୍ଯ୍ୟକାରୀ ହେଉଛି।



ଚକାପଦା–ମନ୍ତ୍ରୀ ସାହି ରାସ୍ତା ଫାଟି ଆଁ କରିଛି।

■ଫନୀ ବାତ୍ୟାର ୨ମାସ ପରେ ବିଦ୍ୟୁତ୍ ଖୁଣ୍ଟ ସଳଖ ହୋଇନି
■ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକଙ୍କ ଦାବି
■ଅସୁବିଧା ଭୋଗ କରୁଛନ୍ତି ଶତାଧିକ ଜନସାଧାରଣ



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
- ଲେନିନ୍



## ସଂକ୍ଷେପରେ

### ବିଦ୍ୟାଳୟରେ ଚାରାରୋପଣ

**ଖୋର୍ଦ୍ଧା ଅଫିସ,୭।୭:** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର ରତନପୁର ପ୍ରାଥମିକ ବିଦ୍ୟାଳୟ, ଭଗବତୀ ବିଦ୍ୟାପୀଠ ସୋରଣ, କାଳଜାଈ ମଇ ସ୍କୁଲ ମାନସିଂହପୁର ପରିସରରେ ବଉଳ, ଅଗସ୍ତି, ଅଁଳା, କଦମ୍ବ, ଅଶୋକ, ଜାମୁକୋଳି ଗଛ ରୋପଣ କରାଯାଇଛି । ଏ ଅବସରରେ କାଳଜାଈ ମଇ ସ୍କୁଲ ମାନସିଂହପୁରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ସରପଞ୍ଚ ସନାତନ ବେହେରା, ଶିକ୍ଷକ ଅଶୋକ ମାନସିଂହ, ରବୀନ୍ଦ୍ର କଳସ, ପ୍ରଭାତ ବେହେରା, କାଗଜି ବେହେରା, ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ସାହୁ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ ନିହାତି ଦରକାର ବୋଲି ଟିପ୍ପଣୀ ଦେଇଥିଲେ। ଆହ୍ୱାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବନବିହାରୀ ବେହେରା ସଭାପତିତ୍ୱ କରିଥିଲେ।

### ସ୍ମୃତିଚାରଣ ସଭା

**ଖୋର୍ଦ୍ଧା ଅଫିସ,୭।୭:** ଖୋର୍ଦ୍ଧା ଡିଏଭି ପବ୍ଲିକ୍ ସ୍କୁଲର ସଭାପତି, ଖବରଦାତା ତଥା ଖୋର୍ଦ୍ଧା ଜିଲା ଗଠନର ପ୍ରମୁଖ ବିନ୍ଧାଣୀ ଓ ପୂର୍ବତନ ଖୋର୍ଦ୍ଧା ନଗରପାଳ ରାଜକିଶୋର ରାମଙ୍କ ପରଲୋକରେ ଏକ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଡିଏଭି ସ୍କୁଲ ପରିସରରେ ନନ୍ଦକିଶୋର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଆମରିସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ, ଅଧକ୍ଷା ଦୀପ୍ତିମୟୀ ମହାନ୍ତି, ଅଭିଭାବକ ଆଶିଷ କୁମାର ରାୟ, ଛାତ୍ରୀ ବିଶ୍ୱବନ୍ଦିତା ଦାସ, ସଙ୍ଗୀତଜ୍ଞ ଜଳଧର ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଗ୍ରୀଷ୍ମ ଅବକାଶ ଯୋଗୁ ଛୁଟି ଥିବାରୁ ସ୍କୁଲ ଖୋଲିବା ପରେ ସ୍ମୃତିଚାରଣ କରାଯାଇଥିଲା। ସମୟାନୁବର୍ତ୍ତିତା, ପ୍ରତିବଦ୍ଧତା, ସରଳତା ଆଦି ବହୁ ମାନବୀୟ ମୂଲ୍ୟବୋଧ ପାଇଁ ସେ ଯଶସ୍ୱୀ ଥିଲେ। ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ପର୍ଯ୍ୟଟକଙ୍କ ବ୍ୟାଗ ଚୋରି, ଜଣେ ଗିରଫ

**ପୁରୀ ଅଫିସ, ୭।୭:** ବେଳାଭୂମିରେ ଜଣେ ପର୍ଯ୍ୟଟକଙ୍କ ବ୍ୟାଗ ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ରବିବାର ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ଚାଉଳିଆ ଗଞ୍ଜର ନରେନ୍ଦ୍ର ଓରଫ ନାଳିଆ ମହାନ୍ତି(୧୮)। ମିଳିଥିବା ସୂଚନା ପ୍ରକାରେ, ଭଦ୍ରକ ଆଗରପଡା ଥାନା ଅନ୍ତର୍ଗତ ବିଟିପୁର ମହାନ୍ତିପଡାର ଲିପନ କୁମାର ପୁହାଣ ଗତ ୩ତାରିଖରେ ପୁରୀ ବୁଲିବାକୁ ଆସି ଏକ ହୋଟେଲରେ ରହିଥିଲେ। ୫ତାରିଖ ପୂର୍ବାହ୍ନ ୧୧ଟାରେ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ବ୍ୟାଗ ରଖି ସମୁଦ୍ରରେ ମଜା ନେଉଥିଲେ। ଏହି ସମୟରେ କୌଣସି ଦୁର୍ବୃତ୍ତ ତାଙ୍କ ବ୍ୟାଗ ଚୋରି କରି ନେଇଯାଇଥିଲେ। ସେଥିରେ ତାଙ୍କ ଟଙ୍କା, କାଗଜପତ୍ର ଓ ପ୍ୟାଣ୍ଟ ସାର୍ଟ ରହିଥିବା ନେଇ ଅଭିଯୋଗ କରିଥିଲେ।

## ■ ମ୍ୟାଲେରିଆ ମୁକ୍ତ ହୋଇପାରୁନି ଖୋର୍ଦ୍ଧା ଜିଲା

# ୪ ବର୍ଷରେ ୩୨୩୨ ରକ୍ତ ନମୁନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୭।୭**

ଖୋର୍ଦ୍ଧା ଜିଲାରେ ମଶାଙ୍କ ଉତ୍ପାତ ଯୋଗୁ ମ୍ୟାଲେରିଆ ରୋଗ କମିବା ପରିବର୍ତ୍ତେ ବଢ଼ି ଚାଲିଛି। ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ପ୍ରଣାଳୀରେ ତ୍ରୁଟି ଯୋଗୁ ମଶା ବାହକ ରୋଗ ମ୍ୟାଲେରିଆକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ୪ ବର୍ଷ ମଧ୍ୟରେ ଜିଲାରେ ୧୦,୫୯,୮୮୫ ଜ୍ୱର ରୋଗୀଙ୍କ ରକ୍ତ ନମୁନାରୁ ୩,୨୩୨ ଜଣଙ୍କର ପଜିଟିଭ୍ ବାହାରିଛି। ବେସରକାରୀ ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଥିବାବେଳେ କେତେଜଣ ରୋଗୀଙ୍କ ମଧ୍ୟ ମୃତ୍ୟୁ ବି ଘଟିଛି। ତେବେ ସବୁ ରେକର୍ଡ ଭୁକ୍ତ ହୋଇପାରନି। ମ୍ୟାଲେରିଆକୁ ରୋକା ନ ଗଲେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବ ଏଥିରେ ସନ୍ଦେହ ନାହିଁ। ଏଣୁ ରୋଗର କାରଣ ତଦନ୍ତରେ ଭିନ୍ନ ଦର୍ଶାଇ ସରକାରଙ୍କ ଯୋଜନା ଠିକ୍ ଭାବେ ଚାଲୁଥିବା କୁହାଯାଉଥିବା ଅଭିଯୋଗ ହେଉଛି। ଦୁର୍ଗମ ଓ ପାଖ ଅଞ୍ଚଳରେ ମ୍ୟାଲେରିଆ ମୃତ୍ୟୁକୁ ହିସାବକୁ ନିଆଯାଉ ନ ଥିବା ଅଭିଯୋଗ ମଧ୍ୟ ରହିଛି।

୨୨, ୫୧, ୬୭୩ ଜନସାଧାରଣ ବିଶିଷ୍ଟ ଖୋର୍ଦ୍ଧା ଜିଲାର ୧୧, ୬୭, ୩୫୭ ଲୋକ ଗ୍ରାମାଞ୍ଚଳରେ ବାସ କରୁଛନ୍ତି। ଭୁବନେଶ୍ୱର ସମେତ ଖୋର୍ଦ୍ଧା, ଜଟଣୀ, ବାଲୁଗାଁ, ବାଣପୁର ସହରାଞ୍ଚଳ ଜିଲାରେ ରହିଛି। ସବୁ ସତ୍ତ୍ୱେ ଜିଲାରେ ମ୍ୟାଲେରିଆ କବଳରୁ ମୁକ୍ତ ହୋଇପାରୁନି। ମ୍ୟାଲେରିଆ ସାଧାରଣତଃ ମାଈ ଏନୋଫିଲିଶ ମଶା କାମୁଡିବା ଦ୍ୱାରା ହୋଇଥାଏ। ରୋଗୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ମାଗଣାରେ ରକ୍ତ ପରୀକ୍ଷା ଓ ଚିକିତ୍ସା ସୁବିଧା ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ରହିଛି। ଆବଶ୍ୟକ ତାଲିମପ୍ରାପ୍ତ କର୍ମଚାରୀ ମଧ୍ୟ ରହିଛନ୍ତି। ତେବେ ଔଷଧୀୟ ମଶାରି ସମସ୍ତଙ୍କୁ ଦିଆଯାଉ ନ ଥିବାରୁ ରୋଗକୁ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଯେଉଁମାନେ ଔଷଧୀୟ ମଶାରି ପାଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହାକୁ ବ୍ୟବହାର କରୁନାହାନ୍ତି। ଜିଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ସେରିବ୍ରାଲ ମ୍ୟାଲେରିଆ (ପିଏଫ୍ଆର)ରେ ପୀଡିତ ଥିବା ଜଣାପଡିଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ୨୦୧୫ ରେ ଜିଲାରେ ୨,୬୯ , ୬୭୮ ଜ୍ୱର ରୋଗୀଙ୍କ ରକ୍ତ ନମୁନାରୁ ୧, ୩୯୬ ଜଣ ମ୍ୟାଲେରିଆରେ ପୀଡିତ ଥିଲେ। ସେହିଭଳି ୨୦୧୬ରେ ୨, ୭୨, ୨୭୮ ରୁ ୭୫୮ ଜଣ , ୨୦୧୭ରେ ୨,୬୩ , ୯୨ରୁ ୭୪୫ ଜଣ, ୨୦୧୮ରେ ୨, ୫୪, ୯୩୭ ରୁ ୩୩୩ ଜଣଙ୍କର ରକ୍ତ ନମୁନା ପଜିଟିଭ ବାହାରିଛି। ଅନ୍ୟପକ୍ଷରେ ଜିଲାର ବାଣପୁର ବ୍ଲକ ହେଉଛି ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ଅଞ୍ଚଳ। ବ୍ଲକରେ ୫୧ଟି ଗାଁ ମଧ୍ୟରୁ ନୀଳାଦ୍ରିପ୍ରସାଦ ଓ ବରବରା ପଞ୍ଚାୟତରେ ମ୍ୟାଲେରିଆ ରୋଗୀଙ୍କୁ ସବୁବେଳେ ଦେଖିବାକୁ ମିଳେ। ଏଠାରେ ୨୦୧୩ରେ ୧୮୬ଜଣ ମ୍ୟାଲେରିଆରେ ପୀଡିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସେରିବ୍ରାଲ ମ୍ୟାଲେରିଆରେ ପୀଡିତ ହୋଇଥିଲେ। ଜିଲାର ସବୁଠାରୁ ପଛୁଆ ଅଞ୍ଚଳ ଭାବେ ଖ୍ୟାତ ନୀଳାଦ୍ରିପ୍ରସାଦ ଓ ବରବରା ଅଞ୍ଚଳକୁ ଏବେବି ଉପଯୁକ୍ତ ଗମନାଗମନ, ବିଜୁଳି ଓ ପାନୀୟ ଜଳର ସୁବିଧା ନାହିଁ। ଏଠିକାର ଅଧିକାଂଶ ବାସିନ୍ଦା ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ସେମାନେ ସଚେତନ ନୁହନ୍ତି। ଏମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇରହିଛି। ତେଣୁ ମ୍ୟାଲେରିଆ ନିରାକରଣ ଲାଗି ଔଷଧ ମଶାରି ବଣ୍ଟନ ଏବଂ ଜନସଚେତନା ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ମହାପାତ୍ର କୁହନ୍ତି, ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ମଶାରିରେ କୀଟନାଶକ ବୁଡାଇ ଦିଆଯିବ। ପରିବେଶ ସୁରକ୍ଷା ପାଇଁ ଗାଁ କଲ୍ୟାଣ ସମିତି କାର୍ଯ୍ୟ କରୁଛି। ମ୍ୟାଲେରିଆ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ବେସରକାରୀ ମୃତ୍ୟୁ ସମ୍ପର୍କରେ ସେପରି କିଛି ଅଭିଯୋଗ ନାହିଁ। ମୃତ୍ୟୁର କାରଣ ଭିନ୍ନ ଦର୍ଶାଯାଉଥିବା ନେଇ କହିଥିଲେ। ସେପରି ଅଭିଯୋଗ ଆସିନି। ଯଦି ଆସେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିନା ବାଜାରେ ଗଲେ ବର

## ୭ ଡିଜେ, ୫ ଜେନେରେଟର ଜବତ

**ପୁରୁଣା ଭୁବନେଶ୍ୱର, ୭।୭ (ଡି.ଏନ.ଏ.)**




ରାଜଧାନୀରେ ବିନା ବାଜାରେ ରବିବାର ରାତିରେ ବର ଯାଉଥିବା ଦେଖିବାକୁ ମିଳିଛି। ସହରାଞ୍ଚଳରେ ରାତି ୧୦ ଟା ପରେ ଡିଜେ ବାଜିବାକୁ ବାରଣ ରହିଛି। ହେଲେ ଏହାକୁ କେହି ଖାତିର କରୁନାହାନ୍ତି। ୬୦ ଡେସିବଲରୁ ଊର୍ଦ୍ଧ୍ୱ ସାନ୍ଦ୍ରତାରେ ଡିଜେ ବଜାଇ ବରଯାତ୍ରୀ ଶୋଭାଯାତ୍ରା ଯାଉଥିଲା। ଏତେ ସାଉଣ୍ଡରେ କାନ ତାବଦା ହୋଇଯାଉଥିଲା। ବରିଷ୍ଠ ନାଗରିକ ଓ ରୋଗୀ ନିଜକୁ ନିରାପଦ ମଣୁ ନ ଥିଲେ। ରାଜଧାନୀର ସବୁ ମଣ୍ଡପରେ ଏଭଳି ପରିସ୍ଥିତିରେ ଲୋକେ ଅତିଷ୍ଠ ହୋଇପଡିଥିଲେ। ଡିସିପିଙ୍କ ନିର୍ଦ୍ଦେଶକ୍ରମେ ରାତିରେ ଲିଙ୍ଗରାଜ ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଥାନା ଅଧୀନ କେଉଟସାହି, ବିନ୍ଦୁସାଗର, ରଥଦାଣ୍ଡ, ଗୋଶାଗୋରେଶ୍ୱର ଛକ, ମାଉସୀ ମା' ଛକ ଆଦିରେ ଚଢାଉ କରାଯାଇଥିଲା। ରାତି ୧୧ଟା ସୁଦ୍ଧା ୭ଟି ଡିଜେ ଗାଡି ଏବଂ ୫ଟି ଜେନେରେଟର ପୋଲିସ ଜବତ କରିଥିଲା। ସମସ୍ତଙ୍କୁ ଜରିମାନା କରାଯିବା ସହ ଆଗକୁ ଏଭଳି ଅଧିକ ସାଉଣ୍ଡରେ ଡିଜେ ବଜାଇବାକୁ ବାରଣ କରାଯାଇଥିଲା। ପୋଲିସ ଡିଜେ ଗାଡି ଓ ଜେନେରେଟରକୁ ଜବତ କରିବାରୁ ବିଳମ୍ବିତ ରାତିରେ ବର ବିନା ବାଜାରେ ଶୋଭାଯାତ୍ରାରେ ଯାଉଥିବା ଦେଖିବାକୁ ମିଳିଥିଲା।

# ଶୋଚନୀୟ ଅବସ୍ଥାରେ ହାଟବସ୍ତ-ପାଟବନ୍ଧ ରାସ୍ତା



ରାସ୍ତା ନିର୍ମାଣ ପାଇଁ ପଡ଼ିରହିଥିବା ମେଟାଲ ।

**ବୋଲଗଡ଼,୭।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ହାଟବସ୍ତଠାରୁ ଖଲ୍ଲିକୋଟ ମଧ୍ୟ ଦେଇ ପାଟବନ୍ଧ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାଟି ବର୍ତ୍ତମାନ ନିର୍ମାଣ ନ ହୋଇ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ୧ ବର୍ଷ ପୂର୍ବରୁ ଟେଣ୍ଡର ମାଧ୍ୟମରେ ଏହି ରାସ୍ତାର ନିର୍ମାଣ ଆରମ୍ଭ କରାଯାଇଥିଲେ ମଧ୍ୟ କାମ ବନ୍ଦ ରହିଛି। ଏଥିଯୋଗୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତେଣୁ ଉକ୍ତ ରାସ୍ତାଦେଇ ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାମ ଆରମ୍ଭ ସମୟରୁ କେବଳ ରାସ୍ତାର ଅଳ୍ପ କେତେକ ସ୍ଥାନରେ ମେଟାଲ୍ ଓ ମୋରମ ପକାଯିବା ପରେ ନିର୍ମାଣ ବନ୍ଦରହିଛି। ରାସ୍ତା ପାର୍ଶ୍ୱରେ ବର୍ତ୍ତମାନ କେବଳ ମେଟାଲ୍ ଗଦା ହୋଇରହିଛି । ମାତ୍ର ନିର୍ମାଣ କାର୍ଯ୍ୟ ହେଉନାହିଁ । ତେଣୁ ଉକ୍ତ ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ସହ ଶୀଘ୍ର ସାରିବାକୁ ମଧ୍ୟ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ସୂଚନାରୁ ପ୍ରକାଶ ଯେ, ନାବାର୍ଡ ସହାୟତାରେ ପ୍ରାୟ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ

**ତୁରନ୍ତ କାମ ସାରିବାକୁ ଦାବି**

ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ଠିକ୍ ସମୟରେ କାର୍ଯ୍ୟ ଶେଷ କରିବାକୁ ଠିକାଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ଇତି ମଧ୍ୟରେ ୧ ବର୍ଷ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହେଉନାହିଁ। ଏଥିଯୋଗୁ ଦିନକୁ ଦିନ ସମସ୍ୟା ବୃଦ୍ଧି ପାଉଥିବାରୁ ତୁରନ୍ତ କାର୍ଯ୍ୟ ସାରିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଭାଜପାର ସଦସ୍ୟ ଅଭିଯାନ

### ଗଣମାଧ୍ୟମର ପ୍ରତିନିଧିଙ୍କୁ ଡାକି ପଳାଇ ଯିବାକୁ କହିଲେ

**ଖୋର୍ଦ୍ଧା ଅଫିସ, ୭।୭:** ଖୋର୍ଦ୍ଧା ଜିଲାରେ ଭାଜପା ପକ୍ଷରୁ ରବିବାର ସଦସ୍ୟ ଅଭିଯାନ ଶୁଭାରମ୍ଭ ହୋଇଛି। ୨୦ ହଜାର ସଭ୍ୟ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା କୁହାଯାଇଛି। ପୂର୍ବରୁ ୮୦ ହଜାର ସଭ୍ୟ ଥିବାବେଳେ ଏହା ଏକ ଲକ୍ଷରେ ପହଞ୍ଚାଇବାକୁ ପଡିବ ବୋଲି କୁହାଯାଇଛି। ଏ ଅବସରରେ ଖୋର୍ଦ୍ଧାରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଦସ୍ୟ ସହ ପ୍ରମୁଖ ସାରଦା ଶତପଥୀ, ଜିଲା ସଦସ୍ୟ ପ୍ରମୁଖ ସୁଦୀପ୍ତ ରାୟ, ଜିଲା ସଦସ୍ୟ ସହ ପ୍ରମୁଖ ଶ୍ରୀରଞ୍ଜନ ମଙ୍ଗରାଜ, ପୃଥ୍ୱିରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚରେ ୧୮ଟି ଚେୟାର ପଡିଥିବାବେଳେ ମଞ୍ଚାସୀନ ହେବା ପାଇଁ ଅଧିକ କର୍ମକର୍ତ୍ତାଙ୍କୁ ଦେଖିବାକୁ ମିଳିଥିଲା। କେତେଜଣ କର୍ମକର୍ତ୍ତା ଅପେକ୍ଷା କରି ବସିବାର ସୁଯୋଗ ପାଇଥିବାବେଳେ ଅନ୍ୟମାନେ ଅପେକ୍ଷା କରିବା ସତ୍ତ୍ୱେ ବସିବାର ସୁଯୋଗ ପାଇ ନ ଥିଲେ। ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସଭାକୁ ନିମନ୍ତ୍ରଣ କରି ଆଭ୍ୟନ୍ତରୀଣ ମିଟିଂ କହି ଜିଲା ସଭାପତି ସୁବାସ ଜେନା ପଳାଇ ଯିବାକୁ ପରାମର୍ଶ ଦେଇଥିଲେ। ଜିଲା ସଭାପତିଙ୍କଠାରୁ ଏଭଳି କଥା ଶୁଣି ଗଣମାଧ୍ୟମର ପ୍ରତିନିଧି ପଳାଇ ଆସିଥିଲେ। ଅନ୍ୟପକ୍ଷେ ସ୍ଥାନ ଅଭାବ ଦର୍ଶାଇ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ପଳାଇ ଯିବାକୁ କୁହାଯାଇଥିବା ଦେଖାଯାଇଥିଲା।

## ■ ନବବଧୂ ହତ୍ୟା ଘଟଣା, ଅଭିଯୁକ୍ତଙ୍କୁ ଗିରଫ ଦାବି

# ଥାନା ସମ୍ମୁଖରେ ବାପଘର ଲୋକଙ୍କ ଧାରଣା



ଥାନା ସମ୍ମୁଖରେ ମୋରଡ଼ା ନୂଆଗାଁ ଗ୍ରାମବାସୀଙ୍କ ଧାରଣା।

**କୃଷ୍ଣପ୍ରସାଦ,୭।୭(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିଆଳଗାଁରେ ଅଧିକ ଯୌତୁକ ଦାବି କରି ମାମାଲି ପଲେଇ ନାମକ ଜଣେ ନବବଧୂଙ୍କୁ ଶ୍ୱଶୁର ଘର ପରିବାର ତରଫରୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଚଳିତ ମାସ ୧ ତାରିଖରେ ଉକ୍ତ ଘଟଣା ଘଟିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ମୋରଡ଼ା ନୂଆଗାଁ ଗ୍ରାମସ୍ଥିତ ମୃତକଙ୍କ ବାପଘର ପରିବାର ଓ ଗ୍ରାମବାସୀ ପକ୍ଷରୁ ଉତ୍ତେଜନା ସୃଷ୍ଟିହୋଇଛି। ତେଣୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ବିବାହ ସମୟରେ ଦିଆଯାଇଥିବା ସମସ୍ତ ଯୌତୁକ ଅର୍ଥ ଓ ସାମଗ୍ରୀ ଫେରସ୍ତ ଦାବି ନେଇ ରବିବାର ମୋରଡା ନୂଆଗାଁର ଶତାଧିକ ମହିଳା, ପୁରୁଷ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି । ସୂଚନାଯୋଗ୍ୟ କି, ମାମାଲିଙ୍କ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ନାମରେ କୃଷ୍ଣପ୍ରସାଦ ଥାନାରେ ହତ୍ୟା ଅଭିଯୋଗ ହୋଇଥିଲା। ମୃତକଙ୍କ ଦାଦା ସଠିଆ ପ୍ରଧାନ ଏବଂ ମା' ସରୋଜିନୀ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ଆମେ ଧାରଣାରୁ ଉଠିବୁ ନାହିଁ । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନା ସବ୍‌ଇନ୍ସପେକ୍ଟର ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ବର୍ତ୍ତମାନ ପରିସ୍ଥିତିରେ ସେ କିଛି ଉତ୍ତର ଦେବାକୁ ଇଚ୍ଛା ପ୍ରକାଶ କରି ନ ଥିବା ଜଣାପଡ଼ିଛି।

# ବିକୁଡିଆରେ ଉତ୍ତେଜନା, ୪ ଆହତ

**ଖୋର୍ଦ୍ଧା ଅଫିସ, ୭।୭:** ସରକାରୀ ଜମିରେ ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ ନେଇ ଖୋର୍ଦ୍ଧା ଆଦର୍ଶ ଥାନାର ବିକୁଡିଆ ଗାଁରେ ରବିବାର ପୂର୍ବାହ୍ନରେ ମାରପିଟ୍ ହୋଇଛି। ଏହି ଘଟଣାରେ ଦୁଇଗୋଷ୍ଠୀ ହୋଇ ପରସ୍ପରକୁ ଶାବଳ, ଟାଙ୍ଗିଆ, କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ସିଲୁ

**ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ ନେଇ ମାରପିଟ୍**

ପଟ୍ଟନାୟକ, ଶିବରାମ ପାଢ଼ୀ ଓ ଆନନ୍ଦ ସାହୁ ଆହତ ହୋଇଛନ୍ତି। ଆହତମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ୩ ଜଣ ଜେଲ ଯାଇଛନ୍ତି। ୪ ଜଣଙ୍କ ନାଁରେ ପୋଲିସ ନଂ. ୧୯୨/୧୯ରେ ମାମଲା ରୁଜୁ କରିଛି। ସିଲୁ ପଟ୍ଟନାୟକ, ଶିବରାମ ପାଢ଼ୀ ଗିରଫ ହୋଇଛନ୍ତି। ୩ଜଣଙ୍କ ନାଁରେ ପୋଲିସ ନଂ. ୧୯୩ /୧୯ରେ ମାମଲା ରୁଜୁ କରି ଆନନ୍ଦ ସାହୁଙ୍କୁ କେବଳ ଗିରଫ କରିଛି।

## ■ ଦ୍ୱାଦଶ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

# ୧୦୩ ବିଦ୍ୟାର୍ଥୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ





ମନ୍ତ୍ରୀ ରଘୁନନ୍ଦନ ଦାସ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ।

**ଜଟଣୀ,୭।୭(ଡି.ଏନ.ଏ)**

ଜଟଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦ୍ୱାଦଶ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ପାଣ୍ଡବ ଜେନା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତ୍ରିଲୋଚନ ମହାପାତ୍ର ଅଧକ୍ଷତା କରିଥିଲେ। ଏଥିରେ ଜଟଣୀ ମ୍ୟୁନିସିପାଲିଟି ଓ ବ୍ଲକ ଅଞ୍ଚଳର ୧୦୩ ଜଣ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ସହ ବିଭିନ୍ନ ପାଠ୍ୟ ଉପକରଣ ଓ ସାଇକେଲ ଆଦି ପ୍ରଦାନ କରାଯାଇଥିଲା। ଚଳିତବର୍ଷ ଉଚ୍ଚବିଦ୍ୟାଳୟର ମାଧ୍ୟମିକ ପରୀକ୍ଷାରେ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୦ଜଣ ବିଦ୍ୟାର୍ଥୀଙ୍କ ସମେତ ଉତ୍ତୀର୍ଣ୍ଣ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଜୁ ଯୁବବାହିନୀ ଅଧକ୍ଷ ଅରୂପ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ପୂର୍ବପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପିତାମାତାଙ୍କୁ ସମ୍ମାନ କରିବା, ସମାଜର ବିକାଶ, ସଂସ୍କୃତିର ସୁରକ୍ଷା ଓ ଦେଶର ସ୍ୱାଭିମାନକୁ ବଜାୟ ରଖିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପାଣ୍ଡବ ଜେନା ଫାଉଣ୍ଡେଶନ ଅଧକ୍ଷ ସନ୍ତୋଷ ଜେନା କହିଥିଲେ, ଜଟଣୀ ନିର୍ବାଚନମଣ୍ଡଳୀରେ ଆର୍ଥିକ ଅଭାବ ଯୋଗୁ ମେଧାବୀ ଛାତ୍ରୀଛାତ୍ର ଯେପରି ପାଠପଢ଼ାରୁ ବଞ୍ଚିତ ନ ହେବେ ସେହି ଲକ୍ଷ୍ୟରେ ବାରବର୍ଷ ପୂର୍ବେ ଏହି ପ୍ରୟାସ ଆରମ୍ଭ କରାଯାଇଥିଲା। ଫାଉଣ୍ଡେଶନ ସହାୟତାରେ ବର୍ତ୍ତମାନ ସୁଦ୍ଧା ମାଟ୍ରିକରୁ ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ୪୦୦ରୁ ଅଧିକ ଛାତ୍ରୀଛାତ୍ର ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ସଂସ୍କୃତି ସୁରକ୍ଷା ସମିତିର ଆବାହକ କୈଳାସ ଚନ୍ଦ୍ର ପଟ୍ଟନାୟକ, ଚିତ୍ତରଞ୍ଜନ ସ୍ୱାଇଁ, ପ୍ରହ୍ଲାଦ ସାହୁ, ସୁଦୀପ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ବାଲୁଗାଁ, ୭।୭ (ଡି.ଏନ.ଏ.):** ସ୍ଥାନୀୟ ରୋଟାରୀ କ୍ଲବ୍ ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁସ୍ଥିତ ଶ୍ରୀ ଶ୍ରୀ ଉମାମହେଶ୍ୱର ବଣିକ ସଂଘ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ସଂଘର ସଭ୍ୟ ଓ ସ୍ଥାନୀୟ ଜନସାଧାରଣ ରକ୍ତଦାନ କରିଥିଲେ। ଶିବିରକୁ ବ୍ରହ୍ମପୁର ରୋଟାରୀ କ୍ଲବ୍‌ର ପୂର୍ବତନ ସଭାପତି ତାପସ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଶୋକ ନଗରସ୍ଥିତ ସଂଘ ସଭାଗୃହରେ ସଭାପତି ରବିନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୋଟ ୭୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ବ୍ରହ୍ମପୁର ଏମ୍‌କେସିଜିର ୬ଜଣିଆ ଟେକ୍ନିସିଆନଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଛି । ସମ୍ପାଦକ ହିମାଂଶୁ କୁମାର ପାତ୍ର, ପୂର୍ବତନ ସଭାପତି ଜଗଦୀଶ ଲାଖୋଟିଆ, ପୂର୍ବତନ ସମ୍ପାଦକ ଗଗନ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
-ଲେନିନ୍



## ସଂକ୍ଷେପରେ

### ପରିବେଶ ପାଇଁ ବୃକ୍ଷ ନିହାତି ଆବଶ୍ୟକ



ଡେଲାଙ୍ଗ, ୭।୭(ଡି.ଏନ୍.ଏ.):ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଓ ବେଲପଡା ପ୍ରାଥମିକ ବିଦ୍ୟାଳୟ ବିକାଶ ପରିଚାଳନା ସମିତି ପକ୍ଷରୁ ଶନିବାର ୭୦ ତମ ବନ ମହୋତ୍ସବ ଓ ସମାବେଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁନିନ୍ଦା ସରପଞ୍ଚ ସନ୍ଧ୍ୟାରାଣୀ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସମାବେଶରେ ଡେଲାଙ୍ଗ ବନାଞ୍ଚଳ ଅଧିକାରୀ ଶଶିଭୂଷଣ ବଳିୟାରସିଂହ, ବନପାଳ ଅକ୍ଷୟ କୁମାର ମୁଦୁଲି, ବନରକ୍ଷୀ ଶର୍ମୀଷ୍ଠା ନନ୍ଦ, ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଯୁଧିଷ୍ଠିର ପରିଡା, ପରିବେଶବିଦ୍ ଅପର୍ତି ମହାପାତ୍ର, ପ୍ରକୃତି ବନ୍ଧୁ ବିଶ୍ୱଜିତ୍ ପରିଡା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଫନୀରେ ଲକ୍ଷାଧିକ ଗଛ ଭାଙ୍ଗିଥିବାରୁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟୁନ ଗୋଟିଏ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ଜେନା ଅତିଥିଙ୍କ ପରିଚୟ କରାଇବା ସହ ସ୍ୱାଗତ କରାଇଥିଲେ। ଏହି ଅବସରରେ ଚାରାରୋପଣ, ଯତ୍ନ ଓ ସଚେତନତା ସୃଷ୍ଟି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଂପୃକ୍ତି ରଖିଆସିଥିବା ପରିବେଶବିଦ୍ ଅପର୍ତି ମହାପାତ୍ର, ବିଶ୍ୱଜିତ ପରିଡା ଓ ଦିବ୍ୟାଙ୍ଗ ସ୍ୱରାଜ ମହାପାତ୍ରଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଅଁଳା, ବେଲ, ଛତିଆନା, କଦମ୍ବ, ଶିଶୁ ଆଦି ବିଭିନ୍ନ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଅଙ୍ଗନଓ୍ୱାଡ଼ି କର୍ମୀ ଓ ଅଭିଭାବକମାନେ ଏଥିରେ ସହଯୋଗ କରିଥିଲେ।

### ୭ ଡିଜେ, ୫ ଜେନେରେଟର ଜବତ

ପୁରୁଣା ଭୁବନେଶ୍ୱର, ୭। ୭ (ଡି.ଏନ.ଏ.): ରାଜଧାନୀରେ ବିନା ବାଜାରେ ରବିବାର ରାତିରେ ବର ଯାଉଥିବା ଦେଖିବାକୁ ମିଳିଛି। ସହରାଞ୍ଚଳରେ ରାତି ୧୦ ଟା ପରେ ଡିଜେ ବାଜିବାକୁ ବାରଣ ରହିଛି। ହେଲେ ଏହାକୁ କେହି ଖାତିର କରୁନାହାନ୍ତି। ୭୦ ଡେସିବଲରୁ ଉର୍ଦ୍ଧ୍ୱ ସାନ୍ଦ୍ରତାରେ ଡିଜେ ବଜାଇ ବରଯାତ୍ରୀ ଶୋଭାଯାତ୍ରା ଯାଉଥିଲା। ଏତେ ସାଉଣ୍ଡରେ କାନ ତାବଦା ହୋଇଯାଉଥିଲା। ବରିଷ୍ଠ ନାଗରିକ ଓ ରୋଗୀ ନିଜକୁ ନିରାପଦ ମଣୁ ନ ଥିଲେ। ରାଜଧାନୀ ସବୁ ମଣ୍ଡପରେ ଏଭଳି ପରିସ୍ଥିତିରେ ଲୋକେ ଅତିଷ୍ଠ ହୋଇପଡିଥିଲେ। ଡିସିପିଙ୍କ ନିର୍ଦ୍ଦେଶକ୍ରମେ ରାତିରେ ଲିଙ୍ଗରାଜ ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଥାନା ଅଧୀନ କେଉଟସାହି, ବିନ୍ଦୁସାଗର, ରଥଦାଣ୍ଡ, ଗୋଶାଗୋରେଶ୍ୱର ଛକ, ମାଉସୀ ମା' ଛକ ଆଦିରେ ଚଢାଉ କରାଯାଇଥିଲା। ରାତି ୧୧ଟା ସୁଦ୍ଧା ୭ଟି ଡିଜେ ଗାଡି ଏବଂ ୫ଟି ଜେନେରେଟର ପୋଲିସ ଜବତ କରିଥିଲା।

■ ଭିଆଇପିଙ୍କ ସେବାରେ ପୋଲିସ

# ଟ୍ରାଫିକ ଜାମ୍ ଅଣାୟତ୍ତ

■ ସାଧାରଣ ଭକ୍ତ ଦର୍ଶନ ନ କରି ଫେରିଲେ

■ ଭିଆଇପି କଲ୍‌ଚର ବନ୍ଦ ନ ହେଲେ ଆନ୍ଦୋଳନ

ପୁରୀ ଅଫିସ,୭।୭:





ଆଡପ ମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ଲାଗି ରଥଯାତ୍ରା ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥାନ୍ତି । ରବିବାର ମଧ୍ୟ ଶ୍ରୀକ୍ଷେତ୍ରକୁ ହଜାର ହଜାର ଭକ୍ତ ଆସିଥିଲେ । ହେଲେ ପୋଲିସର ବେପରୁଆ ଏବଂ ଖାମଖିଆଲି ମନୋଭାବ ଯୋଗୁ ଟ୍ରାଫିକ୍ ଜାମ୍ ଅଣାୟତ୍ତ ହୋଇ ପଡିଥିଲା । ଭିଆଇପିଙ୍କ ସେବାରେ ବ୍ୟସ୍ତ ପୋଲିସ ସାଧାରଣ ଭକ୍ତ ଏବଂ ଯାତ୍ରୀଙ୍କ ପ୍ରତି ଆଖି ବୁଜି ଦେଇଥିଲା । ଫଳରେ ରବିବାର ଅନେକ ଭକ୍ତ ଦର୍ଶନ ନ ପାଇଁ ଫେରିଛନ୍ତି । ଘଣ୍ଟା ଘଣ୍ଟା ଧରି ଜାମ୍‌ରେ ଫସିରହିବା ଏବଂ ବଡ଼ଦାଣ୍ଡକୁ ବାହାରିବା ପରେ ପୋଲିସର କଟକଣା ଅନେକଙ୍କୁ ଫେରିଯିବା ଲାଗି ଏକପ୍ରକାର ବାଧ୍ୟ କରିଥିଲା । ରଥଯାତ୍ରା ସମୟରେ ୧୦ ହଜାର ପୋଲିସ କର୍ମଚାରୀ ପୁରୀରେ ରହିବେ । କାହାର କୌଣସି ଅସୁବିଧା ହେବ ନାହିଁ ବୋଲି ବିଭାଗୀୟ ଅଧିକାରୀ ଏକାଧିକ ବୈଠକରେ କହିଥିଲେ । ହେଲେ ଠିକଣା ବେଳକୁ ଏ ସବୁ ଫେଲ୍ ମାରିଛି । ସାଧାରଣ ଦିନରେ ଯଦି ପୋଲିସ ଠିକ୍ ଭାବେ ଟ୍ରାଫିକ ନିୟନ୍ତ୍ରଣ କରି ନ ପାରିଲା ତେବେ ଆଗକୁ ସନ୍ଧ୍ୟା ଦର୍ଶନ, ବାହୁଡା, ସୁନାବେଶରେ କିପରି ସୁବ୍ୟବସ୍ଥିତ ଢଙ୍ଗରେ ଟ୍ରାଫିକ ପରିଚାଳନା କରିବ ତାହାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି ।

ରବିବାର ଛୁଟିଦିନ ଥିବାରୁ ଦାରୁବିଗ୍ରହଙ୍କ ଦର୍ଶନ ପାଇଁ ଅନେକ ଲୋକ ସପରିବାର ପୁରୀ ଆସୁଥିଲେ। ବିଶେଷକରି ଭୁବନେଶ୍ୱର ଏବଂ କଟକରୁ ଶହ ଶହ ସଂଖ୍ୟାରେ କାର୍ ଆସିଥିଲା। ହେଲେ ପୂର୍ବାହ୍ନ ପ୍ରାୟ ୧୦ଟା ପରଠାରୁ ଟ୍ରାଫିକ ନିୟନ୍ତ୍ରଣ ଅଣାୟତ ହୋଇପଡିଥିଲା। ପୋଲିସର ବେପରୁଆ ମନୋଭାବ ଯୋଗୁ ଦିନ ଯେତେ ଗଡୁଥାଏ ଜାମ୍ ସେତେ ଲମ୍ବି ଲମ୍ବି ଯାଉଥାଏ । ପୁରୀ-ଭୁବନେଶ୍ୱର ରାସ୍ତାରେ ସ୍ଥିତି ଅଧିକ ଅସମ୍ଭାଳ ହୋଇପଡିଥିଲା। ପ୍ରଶାସନ ପକ୍ଷରୁ ହଜାର ହଜାର ସଂଖ୍ୟାରେ କାର୍ ପାସ୍ ବଣ୍ଟାଯାଇଥିଲା । ପାସ୍ ପାଇଥିବା ଅଧିକାରୀମାନେ ଦର୍ଶନ ପାଇଁ ଆସୁଥିବାରୁ ସେମାନଙ୍କ ସେବାରେ ରହିଥିଲା ପୋଲିସ । ଅର୍ଥାତ୍ ଯେଉଁ ଗାଡିରେ ପାସ୍ ରହିଥିଲା ସେମାନଙ୍କୁ ଆଗ ବାଟ କଢାଇ ଦେଉଥିଲା । କିନ୍ତୁ ଟ୍ରାଫିକ ସୁପରିଚାଳନା କେମିତି ହେବ ସେ ଦିଗରେ ବିଶେଷ ଧ୍ୟାନ ଦିଆଯାଇ ନ ଥିଲା। ଫଳରେ ଜାମ୍ ବାଟମଙ୍ଗଳା ମନ୍ଦିରକୁ ଡେଇଁ ଯାଇଥିଲା ।

ରଥ ସମନ୍ୱୟ ବୈଠକରେ ପୋଲିସ ଅଧିକାରୀମାନେ କହିଥିଲେ ୧୦ ହଜାର ପୋଲିସ କର୍ମଚାରୀ ସୁରକ୍ଷା ଏବଂ ଟ୍ରାଫିକ ଦାୟିତ୍ୱରେ ନିୟୋଜିତ ହେବେ। ତେବେ ରବିବାର ମେଡିକାଲ ଛକ, କୁମ୍ଭାରପଡ଼ା ଥାନା, ଅଠରନଳା ଯାଏ ଏକାଧିକ ପୋଲିସ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଥିଲା । ଫଳରେ ଗୋଟିଏ ଧାଡିରେ କାରଗୁଡ଼ିକ ଆଗପଛ ହୋଇ ବଡ଼ଦାଣ୍ଡକୁ ଆସୁଥିଲେ । ହେଲେ ଅଠରନଳା ପରଠାରୁ କାଁ ଭାଁ କେଉଁଠି ଜଣେ ପୋଲିସ ଠିଆ ହୋଇଥିଲେ। ତେଣୁ କାରଗୁଡ଼ିକ ୨/୩ ଲାଇନ୍ କରି ବେପରୁଆ ଭାବେ ଆସୁଥିବାରୁ ଜାମ୍ ଅଧିକ ହୋଇଥିଲା । ପୁରୀ ପଟୁ ଯାଉଥିବା ବସ୍ ଏବଂ ଅନ୍ୟାନ୍ୟ ଚାରିଚକିଆ ଗାଡ଼ିଗୁଡ଼ିକ ଠିକ୍ ଭାବେ ଯାଇପାରୁ ନ ଥିଲେ । ଫଳରେ ଧୀରେ ଧୀରେ ଜାମ୍ ବଢିଥିଲା । ଦିନ ପ୍ରାୟ ୧ଟା ସୁଦ୍ଧା ବାଟମଙ୍ଗଳା ମନ୍ଦିର ଡେଇଁଯାଇଥିଲା ଜାମ୍ । ଫଳରେ ଘଣ୍ଟା ଘଣ୍ଟା ଜାମ୍‌ରେ ଫସିଥିଲେ ବହୁ ଭକ୍ତ ଓ ଯାତ୍ରୀ । ବଡ଼ଦାଣ୍ଡକୁ ବାହାରିବା ପରେ ପୋଲିସ କଟକଣା ସେମାନଙ୍କୁ ଅଧିକ ଯନ୍ତ୍ରଣା ଦେଇଥିଲା । ପାର୍କିଂ କରିବା ପାଇଁ ଜାଗା ନ ପାଇ ଅନେକ ଗାଡ଼ି ଏଣେତେଣେ ବୁଲିଥିଲେ । ଫଳରେ ଅନେକ ଲୋକ ଠାକୁରଙ୍କୁ ଦର୍ଶନ ନ କରିପାରି ଫେରିଥିବା ଦେଖିବାକୁ ମିଳିଥିଲା । ତେବେ ଟ୍ରାଫିକ ନିୟନ୍ତ୍ରଣ କରିବାରେ ବିଫଳ ପୋଲିସ କିନ୍ତୁ ଭିଆଇପିଙ୍କ ସେବାରେ ବ୍ୟସ୍ତ ରହିଥିଲା । ଏ ସମ୍ପର୍କରେ ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, ରବିବାର ଛୁଟିଦିନ ଥିବାରୁ ପୁରୀକୁ ବହୁ ସଂଖ୍ୟାରେ ଭକ୍ତ ଆସିଥିଲେ। କିନ୍ତୁ ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା । ଫଳରେ ଅନେକ ଲୋକ ୩/୪ ଘଣ୍ଟା ଜାମ୍‌ରେ ଫସି ରହି ଠାକୁରଙ୍କୁ ଦର୍ଶନ ନ କରି ଫେରିଯାଇଛନ୍ତି। ଅପରପକ୍ଷେ ଭିଆଇପିଙ୍କ ସେବାକୁ ପୋଲିସ ପ୍ରାଥମିକତା ଦେଇଥିବା ବେଳେ ବାହାରୁ ଆସୁଥିବା ଜନସାଧାରଣ କିପରି ସୁରୁଖୁରରେ ଗାଡି ରଖି ଠାକୁରଙ୍କ ଦର୍ଶନ କରି ଫେରିବ ତାହା ଉପରେ ଗୁରୁତ୍ୱ ଦେଇନାହିଁ । ରବିବାର ସ୍ଥାନୀୟ ଲୋକଙ୍କୁ ପୋଲିସ ଛାଡି ନ ଥିବାବେଳେ ଶରଧାବାଲି ସମ୍ମୁଖରେ କିନ୍ତୁ ଶହ ଶହ ଚାରିଚକିଆ ଗାଡି ରହିଥିବା ଦେଖିବାକୁ ମିଳିଥିଲା । ମହାପ୍ରଭୁଙ୍କ ପାଖରେ ଏଭଳି ଭିଆଇପି କଲ୍‌ଚରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପଣ୍ଡା କହିଛନ୍ତି ।





ପୁରୀ ଶ୍ରୀବିହାର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ରବିବାର ଶରଧାବାଲିରେ ସଫେଇ କରୁଛନ୍ତି ।

## ଶ୍ରୀବିହାର ପକ୍ଷରୁ ଏନ୍‌ଏସ୍‌ଏସ୍ ଶିବିର

ପୁରୀ ଅଫିସ, ୭।୭:

ରଥଯାତ୍ରା ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ସେବା ଶିବିର ଆୟୋଜନ କରାଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ବସନ୍ତ କୁମାର ମିଶ୍ର, ପ୍ରଫେସର ଗୋବିନ୍ଦ ଚନ୍ଦ୍ର କର ପ୍ରମୁଖ ଯୋଗଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତା ଏହି ଶିବିରକୁ ଉଦ୍‌ଘାଟନ କରି ସେବା ମନୋଭାବ ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାଶାସ୍ତ୍ର ବିଭାଗର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ଡ. ଲକ୍ଷ୍ମୀଧର ପଣ୍ଡା, ସ୍ନାତକୋତ୍ତର ବିଭାଗର ଯୋଜନା ଅଧିକାରୀ ଦୋବଶିଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ଗୁଣ୍ଡିଚା ମନ୍ଦିର ରଥ ଚାରିପଟ ପରିଷ୍କାର କରିଥିଲେ। ରଥ ପାର୍ଶ୍ୱରେ ପଡ଼ିଥିବା ଅଳିଆ ହଟାଇଥିଲେ। ଏହି ଶିବିର ସପ୍ତାହେ ବ୍ୟାପୀ ଚାଲିବ।

## ବନ ମହୋତ୍ସବ ସପ୍ତାହ ଉଦ୍‌ଯାପିତ

କୋଣାର୍କ, ୭।୭(ଡି.ଏନ୍.ଏ.)

କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ନୂଆଗାଁ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ୭୦ତମ ବନ ମହୋତ୍ସବ ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଜାତୀୟସବୁଜ ବାହୀନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଣାର୍କ ବନାଞ୍ଚଳ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ର ଯୋଗଦେଇଥିଲେ। ଇକୋକ୍ଲବର ଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ତ୍ରିପାଠୀ, ପ୍ରଧାନ ଶିକ୍ଷକ ବାଲୁଙ୍କେଶ୍ୱର ବାରିକ, ଶିକ୍ଷକ ରବିନ୍ଦ୍ରନାଥ ବାହୀନପତି, ଆଶ୍ରମସ୍କୁଲର ଶିକ୍ଷକ ଲକ୍ଷ୍ମଣ ରଥ ଓ କାମଦେବ ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଥିଲେ। ବିଦ୍ୟାଳୟରେ ଗୋଟିଏ ଛାତ୍ର ଗୋଟିଏ ଗଛ ଲଗାଇବା ସହ ନିଜ ପରିବାର ସଦସ୍ୟଙ୍କୁ ଗଛ ଲଗାଇବା ପାଇଁ ପ୍ରବର୍ତ୍ତାଇବାକୁ ଆହ୍ୱାନ ଦେଇଥିଲେ। ଜିଲାଶିକ୍ଷାଧିକାରୀ ହୃଷିକେଶ କାଣ୍ଡିଙ୍କ ତତ୍ତ୍ୱାବଧାନରେ ଜାତୀୟ ସବୁଜ ବାହୀନ ଆନୁକୂଲ୍ୟରେ ପ୍ରତ୍ୟେକ ବିଦ୍ୟାଳୟକୁ ସବୁଜିମା କରାଯିବ। ଏହି କାର୍ଯକ୍ରମକୁ ଦିଲୀପ କୁମାର ନାୟକ, ରବିନ୍ଦ୍ର କୁମାର ଦ୍ୱିବେଦୀ, ନିହାରିକା ମହାନ୍ତି, କୃଷ୍ଣଚନ୍ଦ୍ର ଲେଙ୍କା, ଅଭୟ ଲେଙ୍କା, ସନାତନ ବିଶ୍ୱାଳ, ଦିଲୀପ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି ଓ ଛାତ୍ରୀଛାତ୍ରମାନେ ବ୍ୟାପକ ବୃକ୍ଷ ରୋପଣ କରିଥିଲେ।



ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଉଛି।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବିତରଣ

ଡେଲାଙ୍ଗ, ୭।୭(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ୍‌ର ବରିଷ୍ଠ ନାଗରିକ ସଂଘ ଓ ଆଭା ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଖେଲାଉର ଗ୍ରାମର ଶ୍ରୀ ଖେଲେଶ୍ୱର ମନ୍ଦିର ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ମାଗଣା ଔଷଧ ବିତରଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ତଥା ଡାକ୍ତର କ୍ଷେତ୍ରବାସୀ ପ୍ରଧାନ, ଫର୍ମାସିଷ୍ଟ ଯଦୁମଣି ରାଓ, ସଞ୍ଜୟ କୁମାର ରାଉତ, ନର୍ସ ସୁନୀତା ଲେଙ୍କା ଓ କମଳା ବରିହା ପ୍ରମୁଖ ୧୮୫ ଜଣ ବରିଷ୍ଠ ନାଗରିକ, ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଔଷଧ ବିତରଣ କରିଥିଲେ। ଆଭାର ସହସମ୍ପାଦକ ବାଲୁଙ୍କେଶ୍ୱର ପରିଡ଼ା, ବରିଷ୍ଠ ନାଗରିକ ସଂଘ ସଭାପତି ବଳଭଦ୍ର ବରେଇ, ସାମାଜିକ କର୍ମୀ ଚିନ୍ତାମଣି ସ୍ୱାଇଁ, ଚନ୍ଦ୍ରଶେଖର ପଣ୍ଡା, ଗୋପୀନାଥ ପ୍ରଧାନ, ଶରତ ଚନ୍ଦ୍ର ସାମନ୍ତରାୟ, ପରିବେଶବିଦ୍ ହୃଷୀକେଶ ପାଢ଼ୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଖପାଖ ଗ୍ରାମ ତଥା ପଞ୍ଚାୟତରେ କୌଣସି ଡାକ୍ତରଖାନା ନ ଥିବାରୁ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ପାଇଁ ଗ୍ରାମରେ ଆନନ୍ଦ ପ୍ରକାଶ ପାଇଥିଲା।

## ପର୍ଯ୍ୟଟକଙ୍କ ବ୍ୟାଗ ଚୋରି, ଜଣେ ଗିରଫ

ପୁରୀ ଅଫିସ, ୭।୭:

ବେଳାଭୂମିରେ ଜଣେ ପର୍ଯ୍ୟଟକଙ୍କ ବ୍ୟାଗ ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ରବିବାର ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ଚାଉଳିଆ ଗଞ୍ଜର ନରେନ୍ଦ୍ର ଓରଫ ନାଳିଆ ମହାନ୍ତି(୧୮)। ମିଳିଥିବା ସୂଚନା ପ୍ରକାରେ, ଭଦ୍ରକ ଆଗରପଡା ଥାନା ଅନ୍ତର୍ଗତ ବିଟିପୁର ମହାନ୍ତିପଡାର ଲିପନ କୁମାର ପୁହାଣ ଗତ ୩ତାରିଖରେ ପୁରୀ ବୁଲିବାକୁ ଆସି ଏକ ହୋଟେଲରେ ରହିଥିଲେ। ୫ତାରିଖ ପୂର୍ବାହ୍ନ ୧୧ଟାରେ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ବ୍ୟାଗ ରଖି ସମୁଦ୍ରରେ ମଜା ନେଉଥିଲେ। ଏହି ସମୟରେ କୌଣସି ଦୁର୍ବୃତ୍ତ ତାଙ୍କ ବ୍ୟାଗ ଚୋରି କରି ନେଇଯାଇଥିଲେ। ସେଥିରେ ତାଙ୍କ ଟଙ୍କା, କାଗଜପତ୍ର ଓ ପ୍ୟାଣ୍ଟ ସାର୍ଟ ରହିଥିବା ନେଇ ଅଭିଯୋଗ କରିଥିଲେ।

## ନିର୍ବାଚନ ପରେ ମନ୍ତ୍ରୀଙ୍କ ଦେଖା ମିଳୁନି: ତେଜୁଛି ଜନଅସନ୍ତୋଷ

ଗୋପ, ୭।୭(ଡି.ଏନ୍.ଏ.)

ଭୋଟ ପୂର୍ବରୁ ବାରମ୍ବାର ଆସିଲେ। ଘର ଘର ବୁଲି ପ୍ରଚାର କରି ଲୋକଙ୍କ ବିଶ୍ୱାସ ଜିତିଲେ। ମାତ୍ର ନିର୍ବାଚନରେ ବିଜୟୀ ହେବାପରେ ଭୁଲିଗଲେ। ଏପରି ଏକ ଘଟଣା ଦେଖିବାକୁ ମିଳିଛି କାକଟପୁର ନିର୍ବାଚନ ମଣ୍ଡଳୀ ଅଧୀନ ଗୋପ ବ୍ଲକର ୧୪ଟି ପଞ୍ଚାୟତରେ। ନିର୍ବାଚନପରେ ବିଜୟୀ ହୋଇ ବିଧାୟକ ପରେ ମନ୍ତ୍ରୀ ହୋଇଥିବା ତୁଷାରକାନ୍ତି ବେହେରା ନିର୍ବାଚନ ପରେ ଏହି ୧୪ଟି ପଞ୍ଚାୟତରେ ପାଦ ପକାଇ ନ ଥିବା ସ୍ଥାନୀୟ ଜନପ୍ରତିନିଧି ଏବଂ ବାସୀନ୍ଦା କ୍ଷୋଭର ସହ କହିଛନ୍ତି।

ସମସ୍ତ ବିଧାୟକ ଓ ମନ୍ତ୍ରୀମାନେ ନିଜ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗାଁକୁ ଗସ୍ତ କରିବା ସହ ଲୋକଙ୍କ ଭଲମନ୍ଦ ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ତେବେ କାକଟପୁର ନିର୍ବାଚନ ମଣ୍ଡଳୀରେ ଥିବା ଗୋପ ବ୍ଲକର ଏହି ୧୪ ପଞ୍ଚାୟତରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ବିଶେଷକରି ୧୪ ଗ୍ରାମ ପଞ୍ଚାୟତର ଜନ ପ୍ରତିନିଧିମାନଙ୍କ ମଧ୍ୟରେ ଅଧିକ ମାତ୍ରାରେ ଅସନ୍ତୋଷ ଦେଖାଦେଇଛି। ନିର୍ବାଚନ ପରଠାରୁ ମନ୍ତ୍ରୀ ବେହେରା କୌଣସି ପଞ୍ଚାୟତକୁ ନ ଆସିବାରୁ ସାଧାରଣ ଲୋକେ ଫନୀରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଅଭିଯୋଗ କରିପାରୁନାହାନ୍ତି। ଅଭିଯୋଗକୁ ନେଇ କ୍ଷତିଗ୍ରସ୍ତମାନେ ବ୍ଲକ ଏବଂ ତହସିଲ ଅଫିସ୍ ଦୌଡ଼ି ଦୌଡ଼ି ନିରାଶ ହେଉଥିବା ବନାଖଣ୍ଡି ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ପରିଡ଼ା, ବେଣୁଧର କାଣ୍ଡି, ମହଲପଡ଼ା ପଞ୍ଚାୟତର ଶରତ ନାୟକ, ପୂର୍ଣ୍ଣଚନ୍ଦ୍ର ଦଳେଇ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ବାରମ୍ବାର ଫୋନ୍ ନଂ ୯୭୭୬୩୩୮୬୧୫ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇଥିଲେ।

■ ନବବଧୂ ହତ୍ୟା ଘଟଣା, ଅଭିଯୁକ୍ତଙ୍କୁ ଗିରଫ ଦାବି

## ଥାନା ସମ୍ମୁଖରେ ବାପଘର ଗ୍ରାମବାସୀଙ୍କ ଧାରଣା

କୃଷ୍ଣପ୍ରସାଦ,୭।୭(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିଆଳଗାଁରେ ଅଧିକ ଯୌତୁକ ଦାବି କରି ମାମାଲି ପଲେଇ ନାମକ ଜଣେ ନବବଧୂଙ୍କୁ ଶ୍ୱଶୁର ଘର ପରିବାର ତରଫରୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଚଳିତ ମାସ ୧ ତାରିଖରେ ଉକ୍ତ ଘଟଣା ଘଟିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ମୋରଡ଼ା ନୂଆଗାଁ ଗ୍ରାମସ୍ଥିତ ମୃତକଙ୍କ ବାପଘର ପରିବାର ଓ ଗ୍ରାମବାସୀ ପକ୍ଷରୁ ଉତ୍ତେଜନା ସୃଷ୍ଟିହୋଇଛି। ତେଣୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ବିବାହ ସମୟରେ ଦିଆଯାଇଥିବା ସମସ୍ତ ଯୌତୁକ ଅର୍ଥ ଓ ସାମଗ୍ରୀ ଫେରସ୍ତ ଦାବି ନେଇ ରବିବାର ମୋରଡା ନୂଆଗାଁର ଶତାଧିକ ମହିଳା, ପୁରୁଷ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି । ସୂଚନାଯୋଗ୍ୟ କି, ମାମାଲିଙ୍କ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ନାମରେ କୃଷ୍ଣପ୍ରସାଦ ଥାନାରେ ହତ୍ୟା ଅଭିଯୋଗ ହୋଇଥିଲା । ମୃତକଙ୍କ ଦାଦା ସଠିଆ ପ୍ରଧାନ ଏବଂ ମା' ସରୋଜିନୀ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ଆମେ ଧାରଣାରୁ ଉଠିବୁ ନାହିଁ । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନା ସବ୍‌ଇନ୍ସପେକ୍ଟର ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ବର୍ତ୍ତମାନ ପରିସ୍ଥିତିରେ ସେ କିଛି ଉତ୍ତର ଦେବାକୁ ଇଚ୍ଛା ପ୍ରକାଶ କରି ନ ଥିବା ଜଣାପଡ଼ିଛି।



ଥାନା ସମ୍ମୁଖରେ ମୋରଡ଼ା ନୂଆଗାଁ ଗ୍ରାମବାସୀଙ୍କ ଧାରଣା।

## ବାତ୍ୟା ପ୍ରଭାବିତଙ୍କୁ ମଶାରି ବଣ୍ଟନ

ସାକ୍ଷୀଗୋପାଳ, ୭।୭(ଡି.ଏନ୍.ଏ.)

ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ପକ୍ଷରୁ ସ୍ଥାନୀୟ ମଧୁବନ ଗ୍ରାମ ପଞ୍ଚାୟତରେ ବାତ୍ୟା ପ୍ରଭାବିତ ପରିବାରଙ୍କୁ ମଶାରୀ ବଣ୍ଟନ କରାଯାଇଛି। ଗ୍ରାମବାସୀଙ୍କ ସହାୟତାରେ ପୋଖରୀରୁ ଦଳ ସଫେଇ କରିବା ସହିତ ସବୁଜ ପରିବେଶ ସୃଷ୍ଟି କରିବା ନିମନ୍ତେ ପରିଷଦର କର୍ମକର୍ତ୍ତାମାନେ ଚାରା ରୋପଣ କରିଥିଲେ। ସତ୍ୟବାଦୀ ଶାଖାର ସଭାପତି ସତ୍ୟବାଦୀ ଦାଶଙ୍କ ନେତୃତ୍ୱରେ ନବଘନ ଶତପଥୀ, ଭ୍ରମରବର ସ୍ୱାଇଁ, ନିହାର ରଞ୍ଜନ ସ୍ୱାଇଁ, ଶୁଶାନ୍ତ କୁମାର ରଥ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗ୍ରାମର ଦିବ୍ୟାଙ୍ଗ ଯୁବକଟିଏ ଗୋଟିଏ ହାତରେ ଗ୍ରାମବାସୀଙ୍କ ସହିତ ପୋଖରୀରୁ ଦଳ ସଫେଇ କରିଥିବା ଦେଖାଯାଇଥିଲା। ଜନ୍ମରୁ ତାଙ୍କର ଗୋଟିଏ ହାତ ନ ଥିବାରୁ ପିଲାଦିନେ ବାପା ମା' ଏହି ଦିବ୍ୟାଙ୍ଗ ଯୁବକ ନାମ ଜଗନ୍ନାଥ ରଖିଥିଲେ।

■ ଗୋପ ବ୍ଲକ ଅଧ୍ୟକ୍ଷ ବିଜେଡିରୁ ନିଲମ୍ବନ ପରେ

## ଜୋର ଧରୁଛି ଅନାସ୍ଥା ଚର୍ଚ୍ଚା

ଗୋପ, ୭।୭(ଡି.ଏନ୍.ଏ.)

ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କୁ ବିଜୁ ଜନତା ଦଳ ସଭାପତି ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଗତ ୨ତାରିଖରେ ଦଳବିରୋଧୀ କାର୍ଯ୍ୟ ପାଇଁ ବହିଷ୍କୃତ କରିଥିଲେ। ଦଳରୁ ବହିଷ୍କୃତ ହୋଇଥିଲେ ବି ପରିଡ଼ା ଅଧ୍ୟକ୍ଷ ପଦ ବଜାୟ ରଖିଛନ୍ତି। ମାତ୍ର ଖୁବ୍ ଶୀଘ୍ର ଏନେଇ ଅନାସ୍ଥା ପ୍ରସ୍ତାବ ଆସିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଏବେଠାରୁ ନିଜ ନିଜର ଗୋଟି ଚାଳନା ଆରମ୍ଭ କଲେଣି।

ଓଡ଼ିଶା ପଞ୍ଚାୟତ ସମିତି ଆଇନ ଅନୁସାରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେଲେ ସମିତି ସଦସ୍ୟମାନେ ଭୋଟ ଦେଇପାରିବେ। ସଦସ୍ୟମାନଙ୍କ ମଧ୍ୟରେ ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ, ଜିଲା ପରିଷଦ ସଭ୍ୟ, ବିଧାୟକ ଓ ଏମ୍‌ପିମାନେ ମଧ୍ୟ ଭୋଟ ଦେଇଥାନ୍ତି। ଗୋପ ବ୍ଲକର ୩୧ଟି ପଞ୍ଚାୟତ ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମାପଡ଼ା, କାକଟପୁର ଏବଂ ପୁରୀ ସହ ୨ଟି ଲୋକ ସଭା ନିର୍ବାଚନମଣ୍ଡଳୀ ପୁରୀ ଏବଂ ଜଗତ୍‌ସିଂହପୁର ମଧ୍ୟରେ ଆସୁଛି। ଏହି କ୍ରମରେ ସମିତିର ସଦସ୍ୟ ସଂଖ୍ୟା ୭୧ ରହିଛି। ତେଣୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ପଦବୀ ହାତେଇବା ପାଇଁ ଜନପ୍ରତିନିଧିଙ୍କ ସହ ସୁ-ସମ୍ପର୍କ ସ୍ଥାପନ କରାଯାଉଥିବା ଦେଖିବାକୁ ମିଳିଛି। ସମିତି ଅଧ୍ୟକ୍ଷ ପରିଡ଼ାଙ୍କୁ ନିର୍ବାଚିତ କରିବାରେ କାକଟପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସେଠୀ ଦଳୀୟ ଟିକେଟ୍‌ରୁ ବାଦ୍ ପଡ଼ିଛନ୍ତି। ଅଧ୍ୟକ୍ଷ ପଦ ଅନାସ୍ଥାକୁ ନେଇ ଏବେ ବିଭିନ୍ନ ସ୍ଥାନରେ ଗୁପ୍ତ ବୈଠକମାନ ବସୁଥିବା ଜଣାପଡ଼ିଛି। ଯଦି ସମିତି ଅଧ୍ୟକ୍ଷ ପଦ ପାଇଁ ଅନାସ୍ଥା ଆସେ ତେବେ ଘୋଡ଼ା ବେପାରର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ ଅଧ୍ୟକ୍ଷ ପରିଡ଼ାଙ୍କୁ ପଚାରିବାରେ ଅନାସ୍ଥା ଭୋଟକୁ ନେଇ ମୋ ପାଖରେ କୌଣସି ସୂଚନା ନାହିଁ। ଅଧିକାଂଶ ଜନପ୍ରତିନିଧିଙ୍କ ସମର୍ଥନ ମୋ ସହ ଅଛି ବୋଲି ସେ କହିଥିଲେ। ଏ ନେଇ କାକଟପୁର ଓ ନିମାପଡ଼ା ବିଧାୟକ ତଥା ଦୁଇ ମନ୍ତ୍ରୀଙ୍କୁ ପଚାରିବାରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଥିଲେ।